

କେଜ୍ରିଓ୍ୱାଲଙ୍କ ଘରେ ଏସିବି ଟିମ୍ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ସୋନୁ ସୁଦ୍‌ଙ୍କ ଅଡୁଆ ବଢ଼ିଲା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୧୦ Vol. 21 No-310 8 FEBRUARY 2025 SATURDAY BHUBANESWAR ଶନିବାର, ୮ ଫେବୃଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୧୦ରେ ଫ୍ରାନ୍ସ, ୧୨ରେ ଆମେରିକା ଗସ୍ତରେ ଯିବେ ମୋଦୀ

ନୂଆଦିଲ୍ଲୀ,୭।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ୧୦ରୁ ୧୨ ତାରିଖ ଯାଏ ଏକ ତିନିଦିନିଆ ଗସ୍ତରେ ଫ୍ରାନ୍ସ ଯିବେ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଁଙ୍କ ସହ ଏଆଇ ଆକ୍ସନ ସମିଟ୍‌କୁ ମିଳିତ ଭାବେ ଅଧ୍ୟକ୍ଷତା କରିବେ। ଏ ନେଇ ଶୁକ୍ରବାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ୧୦ ତାରିଖ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ୟାରିସରେ ପହଞ୍ଚିବେ। ଏହାପରେ ରାଷ୍ଟ୍ରପତି ମାକ୍ରୋଁଙ୍କ ଦ୍ୱାରା ଆୟୋଜିତ • ପୃଷ୍ଠା ୫ ଦେଖନ୍ତୁ

### ଆଜି ଦିଲ୍ଲୀ ନିର୍ବାଚନ ଫଳାଫଳ

ନୂଆଦିଲ୍ଲୀ,୭।୨: ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ଉପରେ ସାରା ଦେଶର ନଜର ରହିଛି। ଶନିବାର ଭୋଟଗଣତି ଆରମ୍ଭ ହୋଇ ଫଳାଫଳ ପ୍ରକାଶ କରାଯିବ। ଶନିବାର ସକାଳ ୮ଟାରୁ ଭୋଟଗଣତି ଆରମ୍ଭ କରାଯିବ। ଏଥିନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦିଲ୍ଲୀର ମୋଟ ୭୦ଟି ଆସନ ପାଇଁ ଗତ ୫ ତାରିଖରେ ମତଦାନ ଅନୁଷ୍ଠିତ ହୋଇଥିଲା। ଭୋଟ ହାର ୫୭.୭୦ ପ୍ରତିଶତ ରହିଥିଲା। • ପୃଷ୍ଠା ୫ ଦେଖନ୍ତୁ

## ୬,୩୯୦ ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

# ଚାକିରି ଜନସେବାର ମାଧ୍ୟମ



- ୯ଟି ବିଭାଗ ପାଇଁ ନିଯୁକ୍ତିପତ୍ର ବଣ୍ଟନ
- ୮ ମାସରେ ୨୬ ହଜାରରୁ ଅଧିକ ନିଯୁକ୍ତି
- ଜାରି ରହିବ ଦୁର୍ନୀତି ବିରୋଧୀ ଅଭିଯାନ

ଭୁବନେଶ୍ୱର,୭।୨(ଭାସ୍କର ନ୍ୟୁଜ): ସରକାରୀ ଚାକିରି କେବଳ ଏକ ଜୀବନ ଜୀବିକାର ସାଧନ ନୁହେଁ । ଏହା ଜନସେବାର ଏକ ମାଧ୍ୟମ । ସାଧାରଣ ଜନତା, ସରକାର ଏବଂ ସରକାରୀ ବିଧି ବ୍ୟବସ୍ଥାରୁ ଅନେକ ଆଶା ଆକାଂକ୍ଷା କରିଥାନ୍ତି ଏବଂ ସେ ସବୁକୁ ପୂରଣ କରିବା ପାଇଁ ଆପଣମାନେ ହେଉଛନ୍ତି ସବୁଠାରୁ ବଡ଼ ମାଧ୍ୟମ । କାରଣ, ତୃଣମୂଳ ସ୍ତରରେ ଯୋଜନା ଏବଂ କାର୍ଯ୍ୟକ୍ରମର ରୂପାୟନ ଦାୟିତ୍ୱ ଆପଣଙ୍କ କାନ୍ଧରେ । ମୁଁ ଆଶା କରୁଛି, ଏବଂ ମୋର ପୁରା ବିଶ୍ୱାସ ଯେ, ଏହାକୁ ପୂରଣ କରିବାରେ ଆପଣମାନେ ସମସ୍ତେ ସମର୍ଥ ହେବେ। ଶୁକ୍ରବାର ସ୍ଥାନୀୟ କ୍ୟାପିଟାଲ ହାଇସ୍କୁଲ ପଡିଆଠାରେ ଆୟୋଜିତ ନିଯୁକ୍ତି ମେଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଇ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ସାମର୍ଥ୍ୟ ଉପରେ ଆସ୍ଥା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଆଜି ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ୬,୩୯୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ନିଯୁକ୍ତି କାର୍ଯ୍ୟକ୍ରମରେ କେବଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୨,୮୭୮, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୨,୭୬୭, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗରେ ୨୩୨, ଅର୍ଥ ବିଭାଗରେ ୧୩୦, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୨୩, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗରେ ୧୦୪, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୬୨, ଜଳ ସମ୍ପଦ ବିଭାଗରେ ୫୭ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ୩୭ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ୭ ମାସ ମଧ୍ୟରେ ଆମେ ୬ ଥର ନିଯୁକ୍ତି ମେଳାର ଆୟୋଜନ କରି ୨୦ ହଜାରରୁ ଅଧିକ ନିଯୁକ୍ତି ପ୍ରଦାନ କରିଛୁ । ଏହି ନିଯୁକ୍ତି ମେଳାରେ ୯ ଟି ବିଭାଗର ପ୍ରାୟ ୬,୩୦୦ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି । ଏହାଦ୍ୱାରା ବର୍ତ୍ତମାନ ସୁଦ୍ଧା ୭ଟି ନିଯୁକ୍ତି ମେଳାରେ ୨୬ ହଜାରରୁ ଅଧିକ ନିଯୁକ୍ତି ଦିଆଯାଇଛି । ଆମ ସରକାରର ପ୍ରଥମ ଦୁଇ ବର୍ଷ ମଧ୍ୟରେ ୬୫ ହଜାରରୁ ଅଧିକ ନିଯୁକ୍ତି ଦିଆଯିବ ବୋଲି ସେ ଘୋଷଣା କରିଥିଲେ । ନବନିଯୁକ୍ତମାନଙ୍କୁ ଶୁଭେଚ୍ଛା ଜଣାଇ • ପୃଷ୍ଠା ୫ ଦେଖନ୍ତୁ



ଭୁବନେଶ୍ୱରରେ ପହଞ୍ଚିବା ପରେ ଟିମ୍ ଇଣ୍ଡିଆକୁ ଭବ୍ୟ ସମ୍ବର୍ଦ୍ଧନା

## ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା

# ଆଜି ମିଳିବ ସୁଭଦ୍ରା ସହାୟତା

ଭୁବନେଶ୍ୱର,୭।୨(ଭାସ୍କର ନ୍ୟୁଜ): ସୁଭଦ୍ରା ଯୋଜନାକୁ ନେଇ ବଡ଼ ଖବର। ଶନିବାର ସୁଭଦ୍ରା ଯୋଜନାରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା। ଯାଜପୁର ଜିଲ୍ଲା ବ୍ୟାସନଗର ଚାନ୍ଦମା ପଡ଼ିଆଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସହାୟତା ରାଶି ବଣ୍ଟନ କରିବେ। ଏ ନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି, ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନପିସିଆଇ) ସମସ୍ୟା ଯୋଗୁ ୩ଲକ୍ଷ ୩୮ ହଜାର ହିତାଧିକାରୀଙ୍କ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ଅଟକିଥିଲା। ଯେଉଁ ହିତାଧିକାରୀମାନଙ୍କର ଚଳିତମାସ ୮ ତାରିଖ ପୂର୍ବରୁ ଇ-କେଓ୍ୱାଇସି ଓ ଏନପିସିଆଇ କ୍ଲିୟର ହୋଇଥିବ ସେମାନଙ୍କୁ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ପ୍ରଦାନ କରାଯିବ। ଯେଉଁ ହିତାଧିକାରୀମାନେ ଫେବୃଆରୀ ୮ ପରେ ଓ ମାର୍ଚ୍ଚ ୮ ପୂର୍ବରୁ ଇ-କେଓ୍ୱାଇସି ଏବଂ ଏନପିସିଆଇ ଅପଡେଟ୍ କରିବେ ସେମାନଙ୍କୁ ମାର୍ଚ୍ଚରେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଏବଂ ଦ୍ୱିତୀୟ କିସ୍ତି ମୋଟ ୨ଟି କିସ୍ତିର ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ଶ୍ରୀମତୀ ପରିଡ଼ା। ତେବେ ଶନିବାର ୧୮ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଖାତାକୁ ଏହି ଟଙ୍କା ଯିବା ପରେ ହିତାଧିକାରୀଙ୍କ ସଂଖ୍ୟା ୯୮ ଲକ୍ଷରେ ପହଞ୍ଚିବ। ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଏବେ ବି କିଛି ଆବେଦନକାରୀଙ୍କର ଏନପିସିଆଇ ସମସ୍ୟା ରହିଛି। ସେମାନେ ବ୍ୟାଙ୍କ ଯାଇ ଯାଞ୍ଚ • ପୃଷ୍ଠା ୫ ଦେଖନ୍ତୁ




ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକ ପକ୍ଷରୁ ଆସିକା ତହସିଲ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।ବି ଏସ ଏସ ଓ ଆକାଶିନୀ ନାୟକଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଜିଲ୍ଲା ପରିଷଦ ପାର୍ଥିନି ଅନିମା ପରିଡା, ଆସିକା ବ୍ଲକ ଉପାଧକ୍ଷା ରେଶମା ଦୋରା,ଆସିକା ବିଧାୟକ ପ୍ରତିନିଧି ସଂଗୀତ ପାଢ଼ୀ, ବ୍ଲକ ଏଇ ଅଶୋକ ଶତପଥୀଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହିଥିଲେ।ଏହି ଶିବିରରେ ବହୁ ଭିନ୍ନକ୍ଷମ ଯୋଗଦେଇଥିଲେ। ଏହି ଶିବିରରେ ଦୃଷ୍ଟି ବାଧିତ-୧, ଶ୍ରବଣ ବାଧିତ-୩୪ ମାନସିକ ଅନଗ୍ରସର କିଟ-୧, କୃତିମ ଅଙ୍ଗ-୩, ତିନି ଚକିଆ ସାଇକେଲ -୯, ବ୍ୟାଟେରୀ ଚଳିତ ସାଇକେଲ-୧୯, ହୁଇଲ ଚେୟାର-୪, ଆଶା ବାଡ଼ି-୨, ସିପି ଚେୟାର-୧ ପ୍ରଦାନ କରିବାକୁ ଚିହ୍ନଟ ହୋଇଥିଲା ବେଳେଏହି ଶିବିରରେ ତିନିଚକିଆ ଚେୟାର -୫ଟି, ହୁଇଲ ଚେୟାର-୨ ପ୍ରଦାନ କରାଯାଇଛି ଏବଂ ରିସନକାର୍ଡ ୭୫ଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨୦ଟି, ଶୌଚାଳୟ ୨ଟି, ବହ ରିହାତି ୪୦, ଟ୍ରେନ ରିହାତି ୪୦, ଦିବ୍ୟାଙ୍ଗଙ୍କୁ ବିବାହିତ ନିମନ୍ତେ ପ୍ରୋତ୍ସାହନ ୧, ଦିବ୍ୟାଙ୍ଗଙ୍କ ନିମନ୍ତେ ମାସିକ ଭର୍ତ୍ତା ୧୪, ଡିଆରଆଇ ଲୋନ ୧୭, ଆୟ ପ୍ରମାଣପତ୍ର ୧୫, ରେସିଡେଣ୍ଟ ସାର୍ଟିଫିକେଟ ୨, ଜାତି ପ୍ରମାଣପତ୍ର ୪ ସକାଶେ ଆବେଦନ ହୋଇଥିଲା। ଶିବିରରେ ରୋଗୀମାନଙ୍କୁ ଚିହ୍ନଟ ସହିତ ସେମାନଙ୍କୁ ଆନୁସଙ୍ଗିକ ଭିତ୍ତି ଓ ବ୍ୟବସ୍ଥା କରାଯିବା ପାଇଁ କାର୍ଯ୍ୟକ୍ରମରେ ସ୍ଥିର କରାଯାଇଛି। ଉପରୋକ୍ତ ବାଧିତ ରୋଗୀଙ୍କୁ ସ୍ଥିତି ନିରୂପଣ ପାଇଁ ସମସ୍ତ ବିଭାଗୀୟ ଡାକ୍ତରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଆସିକା ବିଜ୍ଞାନ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ନିମିନା ବୃନ୍ଦାବନ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଚାଷୀଙ୍କ ଧାନରେ ମନ ଇଚ୍ଛା କଟ୍‌ନି ଛଟ୍‌ନି ଅଭିଯୋଗ

କୋରେଇ(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଚାଷୀଙ୍କ ଧାନ ପ୍ରତ୍ୟେକ ସମବାୟ ସମିତିରରେ ଖୋଲା ଯାଇଥିବା ମଣ୍ଡିରେ ଦେବା ପାଇଁ ଘୋଷଣା କରିଥିବା ବେଳେ ଏହା କେବଳ ସରକାରୀସ୍ତରରେ କାଗଜପତ୍ରରେ ଧାନ କିଣା ଚାଲିଛି। ବାସ୍ତବରେ ଚାଷୀ ଯେଉଁ ଅସୁବିଧାର ସମ୍ମୁଖିନ ହେଉଥିଲା ତାହା ମଧ ବର୍ତ୍ତମାନ ଭୋଗୁଛି।ଜିଲ୍ଲାପାଳଙ୍କଠାରୁ ନେତା ମନ୍ତ୍ରୀ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛନ୍ତି। କୋରେଇ ବ୍ଲକର ବିଭିନ୍ନ ସମବାୟ ସମିତିରେ ନାମ କୁ ମାତ୍ର ମଣ୍ଡି ଖୋଲିଥିଲା ବେଳେ କୌଣସି ସମବାୟ ସମିତି ନିଜ ମଣ୍ଡିରେ ଚାଷୀଙ୍କ ଧାନ କିଣୁନଥିବା ଦେଖିବାକୁ ମିଳୁଛି।ସମବାୟ ସମିତି କେବଳ ଟୁକନ ଚିଠା ଦେଇ ନିଜର ଦୋଷ ଚାଷୀଙ୍କ ମୁଣ୍ଡରେ ଲଦି ଦେଉଥିବା ଚାଷୀଙ୍କ ମହଲରେ ଅଭିଯୋଗ ହେଉଛି। ଚାଷୀଟି ନିଜସ୍ୱ ଖର୍ଚ୍ଚରେ ଧାନ ଗାଡ଼ିରେ ଲୋଡ୍ କରି ଭଡ଼ା ଦେଇ ମିଲକୁ ଯାଉଛି ୩ ରୁ ୪ ପରେ ମିଲରେ ଧାନ ବିକ୍ରି କରିବା ଶହ ମିଲରେ ମନ୍ ଇଚ୍ଛା କଟନୀ ଛଟନୀ କରିବା ସହ ଅଯଥା ହଇରାଣ ହେଉଥିବା ଅଭିଯୋଗ ହେଉଛି। କୋରେଇ ଅଞ୍ଚଳରେ ଦୁଇଟି ଧାନ ମିଲ ଥିବାବେଳେ




ଆଶିର୍ବାଦ ମିଲ ଚାଷୀଙ୍କ ଗାଡ଼ି ୪ରୁ ୫ ଦିନ ଠିଆ କରିବା ସହ ମିଲ ଗାଡ଼ିକୁ ଅଲୋଡ କରି ଚାଷୀଙ୍କୁ ହଇରାଣ କରିବା ସହ ଚାଷୀଙ୍କ ଧାନକୁ ବିଭିନ୍ନ ଆଳ ଦେଖାଇ ମନ୍‌ଇଚ୍ଛା କଟନୀ ଛଟନୀ କରୁଥିବା ଅଭିଯୋଗ ହେଉଛି। ଶୁଣିବାକୁ ମିଳୁଛି କୁଆଡେ ଆଶିର୍ବାଦ ମିଲ୍ ଓ ସମବାୟ ସମିତି ମିଶି ନିର୍ଦ୍ଧାରିତ ଧାନ କୁଇଣ୍ଟାଲ ପିଛା ୬ରୁ ୭ କେଜି ଲେଖା ଧାନ କାଟୁଛନ୍ତି। ଚାଷୀଙ୍କ ଝାଳ ବୁହା ମାସ ମାସ ଧରି ପରିଶ୍ରମ କରି ଅମଳ କରିଥିବା ଧାନରୁ ସମବାୟ ସମିତି, ମିଲର୍ ଓ ସରକାରୀ ଅଧିକାରୀଙ୍କ ସଂପୃକ୍ତିରେ ମନ୍ ଇଚ୍ଛା କଟନି ଛଟନି କରି ନିଜ ପ୍ୟାକେଟ ଗରମ କରୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। କୋରେଇ ଅଞ୍ଚଳରେ ଥିବା ୧୮ ଗୋଟି ସମବାୟ ସମିତିକୁ ଚାଷୀଙ୍କ ପ୍ରତ୍ୟେକ ଧାନ କୁଇଣ୍ଟାଲ ପିଛା ୫.୬୫ ପଇସା ମିଳୁଥିବା ବେଳେ କାହିଁକି ଅସାଧୁ ମିଲରଙ୍କ ସହ ମିଶି ଚାଷୀଙ୍କୁ ଶୋଷଣ କରୁଛନ୍ତି ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅସାଧୁ ସମବାୟ ସମିତି ସେକ୍ରେଟାରୀ, ସମ୍ପାଦକଙ୍କ ପ୍ରଥମ ପସନ୍ଦ ଗେହ୍ଲା ପୁଅ ସାଜିଛି ଆଶିର୍ବାଦ ମିଲ ନ କୁ ଛ କରି ନିମ୍ନମାନର ଧାନ ଦର୍ଶାଇ ଚାଷୀଙ୍କୁ ମାନସିକ ଭାବେ ଚାପ୍ ଦେବା ସହ ପ୍ରତ୍ୟେକ ଧାନ କୁଇଣ୍ଟାଲ ପିଛା ୬ ରୁ ୭ କେଜି ଧାନ କାଟୁଛି ଯାହା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଏସବୁର ମାଷ୍ଟର ମାଇଣ୍ଡ କୁଆଡେ କୋରେଇ ବ୍ଲକ ସି ଓ ପ୍ରସାନ୍ତ କୁମାର କର ବୋଲି ଶୁଣିବାକୁ ମିଳୁଛି। ଏହି ବାବୁ ଜଣକର ବଦଳି ହୋଇଥିଲା କିନ୍ତୁ ବାବୁ ଜଣକ ଏତେ କରିକ୍ରମା ଯେ ପୁଣି ନିଜ ବଦଳିକୁ ବଦଳାଇ ଏହି ବ୍ଲକ ଦାୟିତ୍ୱରେ ରହିଛନ୍ତି। ପ୍ରତ୍ୟେକ ସମବାୟ ସମିତି ରେ ଜଣେ ଜଣେ ନୋଡାଲ ଅଫିସର୍ ରହିବା କଥା ଓ ଯୋଗାଣ ବିଭାଗ ଅଧିକାରୀ ଏହାକୁ ପରିଚାଳନା କରିବାର ନିୟମ ରହିଛି କିନ୍ତୁ କୌଣସି ସମବାୟ ସମିତିରେ ଏମାନଙ୍କ ଦେଖା ନଥିବା ବେଳେ କେବଳ କାଗଜ ପତ୍ର ରେ ସରକାରୀ ନିୟମ କାର୍ଯ୍ୟକାରୀ ହେଉଥିବା ଶୁଣିବାକୁ ମିଳୁଛି। ଯଥାଶୀଘ୍ର ଏହିସବୁ ଦିଗ ଉପରେ ସ୍ୱତନ୍ତ୍ର ଧାନ ଦେଇ ଅସାଧୁ ମିଲ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନିରୀହ ଚାଷୀ ମାନେ ଉପକୃତ ହୋଇପାରିବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

# ୩ ବେଆଇନ ଇଟାଭାଟି ଉପରେ ତହସିଲଦାରଙ୍କ ଚଢଉ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡାରେ ଛତୁଫୁଟିଲା ପରି ଇଟାଭାଟି ଗଢିଉଠିବା ବେଳେ ସ୍ଥାନୀୟ ତହସିଲଦାର କଳାପାଞ୍ଚଣ ପଞ୍ଚାୟତରେ ଚଢଉ କରି ୩ ଇଟାଭାଟି ନଷ୍ଟ କରିଥିବା ଜଣାପଡିଛି। ଏହି ଚଢଉରେ ଅଗ୍ନିଶମ ବାହିନୀ ଓ ପୋଲିସ୍ ରହିଥିଲେ। ବେଆଇନ ଭାବେ ଇଟାଭାଟି ଗଢି ଉଠିଥିବାରୁ ପ୍ରଶାସନର ମୁଣ୍ଡବିନ୍ଧା କାରଣ ପାଲଟିଥିଲା। ସୂଚନା ଅନୁଯାୟୀ କଳାପାଞ୍ଚଣ ପଞ୍ଚାୟତରେ ବେଆଇନ ଇଟାଭାଟି ଗଢିଉଠିଥିବା ସଂପର୍କରେ ଅଭିଯୋଗ ହୋଇଥିଲା। ତହସିଲଦାର ବସନ୍ତ କୁମାର ହାତୀ ଅତିରିକ୍ତ, ତହସିଲଦାର ନିରଂଜନ ନାୟକ, ରାଜସ୍ୱ ନିରୀକ୍ଷକ, ଅଗ୍ନିଶମ ବାହିନୀ ପୋଲିସ୍ ସହାୟତାରେ ଚଢଉ କରି ୩ ଇଟାଭାଟି ନଷ୍ଟ କରିଥିବା ବେଳେ ଅନେକ ବ୍ୟକ୍ତିଙ୍କ ଇଟାଜାଲିକୁ ଜବତ କରିଛନ୍ତି। ପ୍ରତ୍ୟେକ ବର୍ଷ ଏହି ପଞ୍ଚାୟତରେ ଛତୁଫୁଟିଲା ପରି ଇଟାଭାଟି ଗଢିଉଠିଛି। ସେହିପରି ବିଷ୍ଣୁପୁର ମୌଜାରେ ମଧ ବ୍ୟାପକ ପରିମାଣରେ ଇଟାପକା ଚାଲିଛି। ଅରିଷଣ୍ଡ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ଇଟାଭାଟି ଗଢି ଉଠୁଥିବାରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ବସନ୍ତ କୁମାର ହାତୀ କହିଛନ୍ତି।

## କେନ୍ଦୁଝର ସିଟିଜେନ୍ ଫୋରମ୍‌ର ଧରଣୀଧର ବିଶ୍ୱ ବିଦ୍ୟାଳୟ ଓ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ସିଟିଜେନ ଫୋରମ୍ ତରଫରୁ ଫୋରମ୍ କୋର୍ଡିନେଟର ଚକ୍ରଧର ସାହୁଙ୍କ ନେତୃତ୍ୱରେ ସଦସ୍ୟ ଭରତ ଚନ୍ଦ୍ର ପାତ୍ର, ନିରଞ୍ଜନ ବାରିକ, ରାଜେନ୍ଦ୍ର କୁମାର ସାହୁ ଧରଣୀଧର ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ସାକ୍ଷାତ କରିଥିଲେ। ଦୀର୍ଘ ୬୭ ବର୍ଷଧରି ଉଚ୍ଚଶିକ୍ଷାର ଆଲୋକ ବର୍ତ୍ତିକା ଭାବେ ସୁନାମ ଅର୍ଜନ କରିଥିବା ସର୍ବ ପୁରାତନ ସରକାରୀ ମହାବିଦ୍ୟାଳୟର ସ୍ୱତନ୍ତ୍ରତା ବଜାୟ ରଖି ପୂର୍ବ ସ୍ଥିତି ଫେରାଇ ଆଣିବା ଓ ଧରଣୀଧର ବିଶ୍ୱ ବିଦ୍ୟାଳୟକୁ ଅଲଗା କରି ସୁଲେଇଖମା ସ୍ଥିତକୁ ସ୍ଥାନାନ୍ତର କରିବା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ରର ଏକ କପି ପ୍ରଦାନ କରାଯାଇଥିଲା । ବିଶ୍ୱ ବିଦ୍ୟାଳୟ ଘୋଷଣା ପରେ ଶୈକ୍ଷିକ ବାତାବରଣର ଉନ୍ନତି, ଅତିଥି ଅଧାପନାର ଶୃଙ୍ଖଳିତ ପରିଚାଳନା ଓ ବିଭିନ୍ନ କର୍ମଶାଳାର ଆୟୋଜନ ବାବଦରେ ବର୍ତ୍ତମାନ ଉପୁଜୁଥିବା ପ୍ରଶାସନିକ ସମସ୍ୟା ସଂପର୍କରେ ମଧ ଆଲୋଚନା ହୋଇଥିଲା। ସୁଲେଇଖମା ସ୍ଥିତ କ୍ୟାମ୍ପସର ଭିତ୍ତିଭୂମିର ସଂପ୍ରସାରଣ ପାଇଁ ଅଧିକ ଜମି ଗ୍ରହଣ ପ୍ରକ୍ରିୟାର ତ୍ୱରାନ୍ୱିତ ପାଇଁ ସିଟିଜେନ୍ ଫୋରମ୍ ପୂର୍ଣ୍ଣ ସହଯୋଗ କରିବ ବୋଲି ଚକ୍ରଧର ସାହୁ ପ୍ରତିଶ୍ରୁତି ଦେଇଥିଲେ। ତାପରେ ବରିଷ୍ଠ ସଦସ୍ୟ ରାମନାରାୟଣ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ଟିମ୍ ଧରଣୀଧର ମେଡିକାଲ କଲେଜରର ଗଭର୍ଣ୍ଣିଂ ବଡ଼ିରେ ସିଟିଜେନ୍ ଫୋରମ୍‌ର ଜଣେ ପ୍ରତିନିଧିଙ୍କୁ ସ୍ଥାନିତ କରିବାକୁ ଏକ ଦାବିପତ୍ର ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡ଼ଃ ମହେନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ସହରଠାରୁ ଦୂରରେ ନୂତନ ଭାବେ ପ୍ରତିଷ୍ଠିତ ମେଡିକାଲ କଲେଜକୁ ରୋଗୀମାନଙ୍କ ଗମନାଗମନ ସୁବିଧା ପାଇଁ ବସ୍ ଚଳାଚଳ, ନୂଆ ଅଧ୍ୟାପକ ନିଯୁକ୍ତି, ଭିତ୍ତିଭୂମିର ସଂପ୍ରସାରଣ ପାଇଁ ମଂଜୁରୀ ପ୍ରାପ୍ତ ଅର୍ଥର ସୁବିନିଯୋଗ ସଂପର୍କରେ ବିଶଦ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଫୋରମ୍ ତରଫରୁ ରାମନାରାୟଣ ଦ୍ୱିବେଦୀ, ଚକ୍ରଧର ସାହୁ, ରାଜୀବ କୁମାର ସାହୁ, ଭରତ ଚନ୍ଦ୍ର ପାତ୍ର, ପ୍ରଶାନ୍ତ କୁମାର ଦଳେଇ ଓ ମେଡିକାଲ କଲେଜ୍ ତରଫରୁ ଡ଼ଃ ମହେନ୍ଦ୍ର ନାୟକ, ହସ୍ପିଟାଲ ମ୍ୟାନେଜର ରାଜା ପ୍ରଧାନ, କୀର୍ତ୍ତି ମୋହନ ମହାନ୍ତ, ଏକାଉଣ୍ଟସ ମ୍ୟାନେଜର ରାଜେନ୍ଦ୍ର ଅଂଶ ଗ୍ରହଣ କରିଥିଲେ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमंडल, सरायकेला – खरसावाँ**
E-Mail Add :- rwdseraikelakharsawan@gmail.com,

**शुद्धि पत्र**

एतद् द्वारा सूचित किया जाता है कि इस कार्यालय द्वारा आमंत्रित की गई ई– निविदा संख्या– 28/2024-25/EE/RWD/SRK दिनांक 09.01.2025 {PR 343959 Rural Work Department (24-25). D} के द्वारा प्रकाशित निविदा को अपरिहार्य कारणवश अगले आदेश तक स्थगित किया जाता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल,
सरायकेला–खरसावाँ

PR 345976 (Rural Work Department)24-25*D

**राँची समाहरणालय,राँची**
**(समाज कल्याण शाखा)**
(जिला बाल संरक्षण इकाई)
गुमशुदा बालिका की सूचना
(बाल कल्याण समिति, राँची के आदेशानुसार)

. नाम– परी कुमारी
. लिंग– बालिका
. पिता का नाम– स्व० रोहित पोद्दार
. माता का नाम– स्व० सवित्री देवी
. पता– नया टोला, थाना–पंडरा, जिला–राँची।
. उम्र – 05 वर्ष 09 माह (लगभग)
. रंग – गोरा



एतद् द्वारा सर्वसाधारण को सूचित किया जाता है कि बाल कल्याण समिति, राँची के आदेशानुसार एक बालिका परी कुमारी को करूणा एन०एम०ओ०, राँची में आवासित किया गया है। बालिका के सामाजिक अन्वेशण प्रतिवेदन के आधार पर माता–पिता की मृत्यु हो गयी है। बालिका के रिस्तेदार एवं विधिक संरक्षक का पता लगाने हेतु राज्य स्तरीय एवं स्थानीय अखबार में विज्ञापन प्रकाशित की गयी है। उक्त बालिका के रिस्तेदार एवं विधिक संरक्षक का विज्ञापन प्रकाशन के 120 दिनों (04 माह) तक कोई दावा प्रस्तुत नहीं होने पर दत्तक ग्रहण मार्गदर्शिका 2017 के नियम, 6 के उपनियम, 13 के अन्तर्गत बालिका को दत्तक ग्रहण हेतु बाल कल्याण समिति, राँची द्वारा कानुनी रूप से मुक्त किया जा सकेगा।

दावा प्रस्तुत करने का पता एवं संपर्क नम्बर–
1. बाल कल्याण समिति, राँची
राँची समाहरणालय, राँची, भवन–ब्लॉक बी,
कमरा संख्या–110
2. जिला बाल संरक्षण इकाई, राँची।
राँची समाहरणालय, राँची, भवन–ब्लॉक बी,
कमरा संख्या–111 सम्पर्क सूत्र–6513505516

जिला बाल संरक्षण पदाधिकारी, राँची। जिला समाज कल्याण पदाधिकारी, राँची।

PR.NO.346023 Social Welfare,Women and Child Development(24-25):D

## ‘ବିଡିଓଙ୍କ ବଦଳି ନ ହେଲେ ଅନଶନ’



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ): ବିଗତ ୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଯେଉଁ ବିଡିଓ ଦଳୀୟ ପ୍ରୀତି ଆଧାରିତ କାର୍ଯ୍ୟକରି ବିଜେଡି ଦଳର ଗେହ୍ଲାପୁଅ ମାନ୍ୟତା ପାଇଥିଲେ ଓ ନିଜର ବ୍ୟକ୍ତିଗତ ଲାଳସା ଚରିତାର୍ଥ କରୁଥିଲେ, ଆଜି ସେହି ବିଡିଓ ବିଜେଡି ଦଳ ପାଇଁ ବୋଝ ହୋଇ ପଡିଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନ ସହ ତାଳ ଦେଇ ବିଡିଓ ଦେବଦତ୍ତ ଦାଶ ବିଜେଡିକୁ ଆଡେଇ ବିଜେପି ଦଳ ପ୍ରତି ଆଉଜି ଯାଇଛନ୍ତି। ମାତ୍ର ଏହାକୁ ହଜମ କରିପାରିନାହିଁ ବିଜେଡି । ଗତ ବୁଧବାର ବ୍ଲକ ପରିସରରେ ଆୟୋଜିତ ସରକାରୀ ଉତ୍ସବ ପାଳନର ଚାରିତ୍ରିକ ସ୍ୱରୂପକୁ ନେଇ ବିରୋଧି ବିଜେଡି ଚିହିଁକି ଉଠିଛି। ଗୁରୁବାର ଜିଲ୍ଲାପାଳଙ୍କ ନିକଟରେ ଏଥିନେଇ ଫେରାଦ ହେବା ପରେ ଶୁକ୍ରବାର ବ୍ଲକକୁ ଦଳବଳ ସହ ଧସେଇ ପଶି ବିଡିଓଙ୍କ ଠାରୁ ଜବାବ ଲୋଡିଛି। ଏଥିପାଇଁ ବିଡିଓଙ୍କୁ ଧିକ୍କାର ମଧ କରିଛି। ତୁରନ୍ତ ଏଠାରୁ ବଦଳି ନହେଲେ ଅନଶନ ଚଳାଇବ ବୋଲି ଧମକ ମଧ ଦେଇଛି। ପଞ୍ଚାୟତ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବିଡିଓ ଅଧକ୍ଷା ସୁମତୀ ସେଠୀଙ୍କ ଅନୁମତି ଲୋଡୁଥିଲେ ତାଙ୍କୁ ମଧ ବ୍ଲକକୁ ଯିବାକୁ ଅନୁମତି ମିଳିନଥିଲା। ବିଜେଡି ଦଳବଳ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଆଗୁଆ ଖବର ପାଇ ବିଡିଓ ପୋଲିସ ଜଗାଇଥିଲେ ଓ ବ୍ଲକ ପ୍ରବେଶ ଦ୍ୱାରକୁ ତାଲା ପକାଇ ଦେଇଥିଲେ। ହେଲେ ଅଧକ୍ଷା ଶ୍ରୀମତୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସମିତି ସଭ୍ୟ ସନ୍ତୋଷ କୁମାର ନାୟକଙ୍କ ସମେତ ବହୁ ନେତା ଓ କର୍ମୀମାନେ ବିଡିଓ କାର୍ଯ୍ୟାଳୟକୁ ପ୍ରବେଶ ପାଇଁ ଜିଦ୍ କରି ସଫଳ ହୋଇଥିଲେ। ବିଡିଓଙ୍କୁ ନାନା ପ୍ରଶ୍ନବାଣରେ ଘାଇଲା କରି ତୁରନ୍ତ ଏଠାରୁ ବଦଳି ହୋଇ ଚାଲିଯିବାକୁ ତାଗିଦ୍ କରିଥିଲେ। ସରକାରୀ ଉତ୍ସବ ମଞ୍ଚରେ ବିଜେପିର ଦଳୀୟ ନେତାଙ୍କୁ ବସାଇ ବ୍ଲକ ମହିଳା କର୍ମଚାରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରିବା, ମଞ୍ଚ ଆହ୍ୱାନ ଦାଇତ୍ୱ ଦଳୀୟ ନେତାଙ୍କୁ ଦେବା ଓ ଶେଷରେ ଧନ୍ୟବାଦ ଅର୍ପଣ ଦାଇତ୍ୱ ମଧ ଦଳୀୟ ନେତାଙ୍କୁ ଦେଇ ବିଡିଓ ସରକାରୀ କର୍ମଚାରୀ ଆଚରଣ ନିୟମକୁ ଉଲଙ୍ଘନ କରିଛନ୍ତି ବୋଲି ଭର୍ତ୍ସନା କରିଥିଲେ। ହେଲେ ନିର୍ଭୀକ ବିଡିଓ ଶ୍ରୀ ଦାଶ ‘ବିଜେଡି ଦଳକୁ ଗତ ୨ ବର୍ଷ ହେଲା ଯେପରି ସହାୟତା କରୁଥିଲି ସେହିପରି ବିଜେପିକୁ ସହାୟତା କରୁଛି’ ବୋଲି ରୋକଠୋକ କହିଥିଲେ। ବେଶ କିଛି ସମୟ ବଚସା ହେବା ପରେ ବିଜେଡି ନେତାମାନେ ହତାସ ହୋଇ ବ୍ଲକ କାର୍ଯ୍ୟାଳୟ ପରିତ୍ୟାଗ କରିଥିଲେ।

## କରଞ୍ଜିଆ ବ୍ଲକ୍‌ରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ

କରଞ୍ଜିଆ(ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ସଭାଗୃହରେ ଶୁକ୍ରବାର କରଞ୍ଜିଆ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆଜିର ବୈଠକରେ ମୁଖ୍ୟଅତିଥି ରୂପେ ବ୍ଲକ ଅଧକ୍ଷା ସୁଭଦ୍ରା ମାର୍ଣ୍ଡି, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଦେବେନ୍ଦ୍ର କୁମାର ମହାନ୍ତ, କରଞ୍ଜିଆ ବିଧାୟକଙ୍କ ପ୍ରତିନିଧି ମନୋଜ କୁମାର ମହାନ୍ତ, ଜିଲ୍ଲାପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ନାଏକ, ବ୍ଲକ ସହକାରୀ ଯନ୍ତ୍ରୀ ଇ ଇମ୍‌ତିଆଜ ଅଲ୍ଲି ଯୋଗଦେଇ ବ୍ଲକର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନାରେ ନେଇଥିଲେ। ଏହି ଅବସରରେ କରଞ୍ଜିଆ ବ୍ଲକର ୧୫ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ମାନେ ଯୋଗଦେଇଥିଲେ। ସେହିପରି ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ପଞ୍ଚାୟତ ସମିତି ବୈଠକକୁ ନେଇ ସଦସ୍ୟ, ସଦସ୍ୟାମାନେ ବେଶ ଉତ୍ସାହିତ ଥିବାବେଳେ ବ୍ଲକ ଅଞ୍ଚଳର ମନରେଗା, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗମନାଗମନ, ସ୍ୱାସ୍ଥ୍ୟ ସମସ୍ୟା ସହିତ ଜନସାଧାରଣଙ୍କ ସମସ୍ୟା ଓ ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ମଧ ବୈଠକରେ ବିଶଦ ଭାବେ ଆଲୋଚନା ହୋଇଥିଲା। ବୈଠକରେ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ମାନଙ୍କ ସହିତ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଜଙ୍ଗଲ, ପାନୀୟ ଜଳ, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ମାନେ ବୈଠକରେ ଉପସ୍ଥିତ ଥିଲେ। କରଞ୍ଜିଆ ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଖଣି ନିରାପତ୍ତା କ୍ଷେତ୍ରରେ କାଶିଆ ମାଇନ୍ସର ଉଲ୍ଲେଖନୀୟ କୀର୍ତ୍ତିମାନ



କେନ୍ଦୁଝର(ଭାସ୍କର ନ୍ୟୁଜ): ଖଣି ନିରାପତ୍ତାକୁ ସର୍ବାଧିକ ଗୁରୁତ୍ୱ ଯୋଗୁ ଜିନ୍ଦଲଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର କାଶିଆ ଆଇରନ ଏଣ୍ଡ ଡୋଲମାଇଟ ମାଇନ୍ସରେ ଖନନ ଆରମ୍ଭ ଦିନ ଠାରୁ ଏପର୍ଯ୍ୟନ୍ତ କୌଣସି ଦୁର୍ଘଟଣା ଘଟିନାହିଁ। କୌଣସି ଦୁର୍ଘଟଣା ନ ଘଟି ୪ନିୟୁତ ଶ୍ରମ ଘଣ୍ଟାର କାର୍ଯ୍ୟ ହାସଲ ଦ୍ୱାରା କାଶିଆ ମାଇନ୍ସ ନୂଆ କୀର୍ତ୍ତିମାନ ପ୍ରତିଷ୍ଠା କରିଛି। ୨୦୨୧, ନଭେମ୍ବରରୁ ଆରମ୍ଭ ହୋଇଥିବା କାଶିଆ ମାଇନ୍ସ ପାଇଁ ଏହି ସଫଳତା କମ୍ପାନିର ସାମଗ୍ରିକ ଉତ୍ତରଦାୟିତ୍ୱ, ଅକ୍ଳାନ୍ତ ପରିଶ୍ରମ, ନିରାପଦ କାର୍ଯ୍ୟସ୍ଥଳ ଓ ନିରାପତ୍ତା ହିଁ ପ୍ରଥମ ଭଳି କାର୍ଯ୍ୟ ସଂସ୍କୃତିର ପ୍ରତିଷ୍ଠାକୁ ସ୍ୱୀକୃତି ପ୍ରଦାନ କରିଛି। ଖଣି ନିରାପତ୍ତାର ସମସ୍ତ ନିୟମ, ସତର୍କତା ନୀତିକୁ ପାଳନ କରିବା ଜେଏସପିର ମୌଳିକ ମୂଲ୍ୟବୋଧ। ଏଠାରେ କାର୍ଯ୍ୟରତ ସମସ୍ତଙ୍କ ଖଣି ସୁରକ୍ଷା ପ୍ରତି ବ୍ୟକ୍ତିଗତ ଉତ୍ତରଦାୟିତ୍ୱକୁ ବି ଏଠାରେ ସୁନିଶ୍ଚିତ କରାଯାଏ। ନିରାପତ୍ତା କ୍ଷେତ୍ରରେ ଶୂନ ସାଲିସ ଓ ଖଣି ନିରାପତ୍ତା ନିୟମ ଅନୁପାଳନର ନିୟମିତ ଯାଞ୍ଚ ହିଁ କାଶିଆ ଖଣି କ୍ଷେତ୍ରରେ ଏହି କୀର୍ତ୍ତିମାନ ପ୍ରତିଷ୍ଠା କରିବାରେ ସହାୟକ ହୋଇଛି। ଏହି ଉପଲବ୍ଧି ପାଇଁ କାଶିଆ ମାଇନ୍ସ ୟୁନିଟ ହେଡ୍ ପ୍ରମୋଦ କୁମାର ପାତ୍ର ଖୁସି ପ୍ରକାଶ କରିବା ସହ ଖଣିର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଜେଏସପିର ଅଧକ୍ଷ ନବୀନ ଜିନ୍ଦଲ ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ତାଙ୍କ ନେତୃତ୍ୱରେ କାଶିଆ ମାଇନ୍ସ ଏହି କୀର୍ତ୍ତିମାନ ହାସଲ କରିପାରିଛି। ଏହି ସଫଳତା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ପାଇଁ କେବଳ ଏକ ସଂଖ୍ୟା ନୁହେଁ, ବରଂ ନିରାପତ୍ତାର ସହ କାର୍ଯ୍ୟ କରିବାପାଇଁ କମ୍ପାନିର ପ୍ରତିଶ୍ରୁତିବଦ୍ଧତାକୁ ପ୍ରତିଫଳିତ କରିଛି। କାର୍ଯ୍ୟକ୍ଷେତ୍ରର ପ୍ରତ୍ୟେକ ସୋପାନରେ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଧାନ୍ୟ ଦେବା ହିଁ ସୁରକ୍ଷିତ ଶ୍ରମଘଣ୍ଟା ହାସଲ କରିବା କ୍ଷେତ୍ରରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରକୁ ଅଗ୍ରଣୀ କରିଛି।

## ସମଗ୍ର ଶିକ୍ଷା ଯୋଜନା ଦିଗହରା

## ୮ ଶ୍ରେଣୀକୁ ୩ ଶିକ୍ଷକ

ଭଦ୍ରେଶ୍ୱର(ଭାସ୍କର ନ୍ୟୁଜ): ମାହାଙ୍ଗା ବ୍ଲକ ଗୋତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ଦିଗହରା ହୋଇପଡିଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟର ୮ ଶ୍ରେଣୀରେ ମାତ୍ର ୩ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଥିବା ଅଭିଯୋଗ ହୋଇଛି। ଗୋତରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗତ ୧୯୪୮ ମସିହାରେ ସ୍ଥାପନ କରାଯାଇଥିଲା।ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୮ ଶ୍ରେଣୀରେ ୯୭ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ୮ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପ୍ରଦାନ ନିମନ୍ତେ ମାତ୍ର ୩ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ଶିକ୍ଷକ ମନୋଜ ଦାସଙ୍କୁ ସିଆରସିସି ରୂପେ ନିଯୁକ୍ତି ପ୍ରଦାନ କରାଯାଇଥିବା କାରଣରୁ ସେ ନାମକୁ ମାତ୍ର କେବେ କେମିତି ବିଦ୍ୟାଳୟକୁ ଆସିଥାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ସାହୁ ଚଳିତ ଫେବୃଆରୀ ମାସର ଶେଷ ସପ୍ତାହରେ କାର୍ଯ୍ୟରୁ ଅବସର ଗ୍ରହଣ କରିବେ। ତାଙ୍କର ଅବସର ପରେ ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିବେ । ତେବେ ୮ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ୩ ଶିକ୍ଷକ ଶିକ୍ଷୟିତ୍ରୀ କିପରି ଶିକ୍ଷା ପ୍ରଦାନ କରୁଥିବେ ତାହା ସହଜେ ଅନୁମେୟ।

## ରକ୍ତଦାନ ଶିବିରରେ ୫୩ ୟୁନିଟ୍ ସଂଗ୍ରହ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମହରମପୁର ପଞ୍ଚାୟତ ଅଧୀନ ମହାବୀର ସାହିରେ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ପୀରହାଟ ପ୍ରଦେଶ ସେବା ସଂଗଠନ, ମନ୍ଦିର ପରିଚାଳନା କମିଟି ଓ ସମ୍ବାଦ ଆମ ଓଡ଼ିଶା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରରେ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ଇଂ ତାପସ ଜେନା, ପଣ୍ଡିତ ପ୍ରସନ୍ନ କର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭଦ୍ରକ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଡା. ଗୌର ଚରଣ ସାହୁ, ଟେକ୍‌ନିସିଆନ ଲିଲିମା ସ୍ୱାଇଁ, ରବିନ୍ଦ୍ର ଜେନା, ଯାଜ୍ଞସେନୀ ସାହୁ, ବଳରାମ ପୁହାଣ, ପ୍ରକାଶ ଚନ୍ଦ୍ର ବେହେରା ରକ୍ତ ସଂଗ୍ରହ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୃନ୍ଦଦେବ ଜେନା, ଭୋଳାନାଥ ସାହୁ, ଅଲେଖ ଚନ୍ଦ୍ର ବେହେରା, ଆଲୋକ ବିକାଶ ପ୍ରିୟଦର୍ଶୀ, ମନୋଜ ଦାଶ, ଗୋଲକ ନାୟକ, ପ୍ରଫୁଲ୍ଲ ହୋତା, ଦୟାନିଧି ସାହୁ, ମାଧବନାନନ୍ଦ ପଶୁପାଳକ, ଧୀରେନ୍ଦ୍ର ସାହୁ, ମନୋଜ ରାଉତ, ତାପସ ଜେନା, ସୀତାକାନ୍ତ ସାହୁ, ପ୍ରିୟରଂଜନ ସାହୁ, କାଳନ୍ଦୀ ବେହେରା, ଜ୍ଞାନରଂଜନ ବେହେରା, ଗୌରବ ଦାସ, କୃଷ୍ଣ ଚନ୍ଦ୍ର ସାହୁ, ସନାତନ ନାୟକ, ପ୍ରଦେଶ ସେବା ସଂଗଠନର ଉପଦେଷ୍ଟା ଧ୍ରୁବ ଚରଣ ପାଣିଗ୍ରାହୀ, ସଦସ୍ୟ ସୁପ୍ରଭା ମିଶ୍ର, ସୁନିଲତା ନାୟକ, ଅକ୍ଷୟ ରଣା, ଭାଗିରଥି ମହାନ୍ତି, ରାଜେନ୍ଦ୍ର ବାରିକ, ସମ୍ବାଦ ଆମ ଓଡ଼ିଶା ଆବାହକ ପ୍ରଭାତ କୁମାର ରାଉଳ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବିଏନ୍‌ଏମ୍‌ଏ କଲେଜର ଯୁକ୍ତ ୩ ବାଳିକା ଆତ୍ମରକ୍ଷା ଶିବିର




ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ କଲେଜର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଆଠଦିନିଆ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ଆସନ୍ତା ୧୫ ତାରିଖ ଯାଏ ଚାଲିବ। ଶିବିରରେ ଗଣିତ ବିଭାଗ ମୁଖ୍ୟ ପ୍ରିୟଙ୍କା ସାହୁ କାର୍ଯ୍ୟକ୍ରମ ଅଧିକାରିଣୀ ରୂପେ ଯୋଗ ଦେଇ ବାଳିକା ଆତ୍ମରକ୍ଷା କୌଶଳ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିବିରରେ ଅଧାପିକା ଜ୍ୟୋତିର୍ମୟୀ ପ୍ରଧାନ, ଅଧାପକ ରାଜେଶ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ଭାବେ ଜ୍ୟୋତିର୍ମୟୀ ଜେନା, ପ୍ରିୟଦର୍ଶିନୀ ନାୟକ, ମଧୁସ୍ମିତା ନାୟକ ଓ ହିମାଶ୍ରୀ ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଏମ୍‌କେସିଜି ଓପିଡି ଟିକେଟ୍ କାଉଣ୍ଟରରେ ଛଟେଇ ଡାଟାଏଣ୍ଟ୍ରି ଅପରେଟରଙ୍କ ପୁନଃ ନିଯୁକ୍ତି ଦାବି




ବ୍ରହ୍ମପୁର(ଭାସ୍କର ନ୍ୟୁଜ): ସ୍ଥାନୀୟ ଏମ୍‌କେସିଜି-ଏମ୍‌ସିଏଚ୍ ବ୍ରହ୍ମପୁରର ଓପିଡି ଟିକେଟ କାଉଣ୍ଟର ଓ ଓପିଡିର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ମାନେ ଦୀର୍ଘ ଦିନ ହେବ ମଲ୍ଟିସଫ୍ଟ ପ୍ରାଇଭେଟ ଲିମିଟେଡ଼, କଟକ ଅଧୀନରେ କାର୍ଯ୍ୟ କରି ଆସୁଥିବା ବେଳେ ମିଳିଥିବା ସୂଚନା ପ୍ରକାରେ ବର୍ତ୍ତମାନ ଓପିଡି ଟିକେଟ କାଉଣ୍ଟର ପାଇଁ ସିଡ଼ାକ ନାମକ ନୂତନ ସଂସ୍ଥା ଅନୁବନ୍ଧିତ ହୋଇଛି । ଫଳରେ ମୋଟ ୩୩ କର୍ମଚାରୀ ମଧ୍ୟରୁ ୧୮ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ମିଳିନି । ଫଳରେ ସକାଳୁ କର୍ମଚାରୀମାନେ ଡ୍ୟୁଟିକୁ ଆସି ଅପେକ୍ଷା କରିଥିଲେ । କିନ୍ତୁ ପୁରୁଣା ସଂସ୍ଥା ଓ ମେଡିକାଲ ପ୍ରଶାସନ ତରଫରୁ ତୁମ ଚାକିରି ନାହିଁ କହି ଘଉଡ଼ାଇ ଦିଆଯାଇଥିଲା । ଏହାକୁ ନେଇ ସମସ୍ତ କର୍ମଚାରୀ ଓପିଡି କାଉଣ୍ଟର ଆଗରେ ଅପେକ୍ଷା କରିବା ସହିତ ଛଟେଇର ପ୍ରତିବାଦ କରିଥିଲେ । ମେଡିକାଲର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା ଆସି ଆଲୋଚନା ନ କରି ମହିଳା କର୍ମଚାରୀଙ୍କୁ ରୁକ୍ଷ ବ୍ୟବହାର କରିବା ସହିତ ସମସ୍ତ କର୍ମଚାରୀଙ୍କୁ ବାହାରକୁ ଘଉଡ଼ାଇ ଥିଲେ । ଯାହାକୁ ନେଇ କର୍ମଚାରୀ ସଂଘ ପକ୍ଷରୁ ଏହାକୁ ଦୃଢ଼ଭାବେ ନିନ୍ଦା କରାଯାଇଛି । ନୂତନ ସଂସ୍ଥା ଦ୍ୱାରା ଅଧା କର୍ମଚାରୀରେ ମାତ୍ରାଧିକ ଗହଳିରେ ଟିକେଟ କାଉଣ୍ଟର ଚାଲିଥିବା ବେଳେ ସବୁ ବର୍ହି ବିଭାଗର ସ୍କାନିଂ କାମ ପ୍ରାୟତଃ ବନ୍ଦ ରହିଥିଲା । ଏପରିକି କାଜୁଆଲିଟିରେ ଦୀର୍ଘସମୟ ପର୍ଯ୍ୟନ୍ତ ପୁରୁଣା ସଂସ୍ଥା ଦ୍ୱାରା ଟିକେଟ ଦେବା ବନ୍ଦ ହୋଇଥିଲା । କିଛି ସମୟ ପରେ ସ୍ୱାଭାବିକ ହୋଇଥିଲା ଓ ମଧ୍ୟାହ୍ନରେ ମେଡିକାଲ ସୁପରିଟେଣ୍ଡେଣ୍ଟ ସୁଚିତ୍ରା ଦାସ ଓ ନୋଡାଲ ଅଫିସର ମନୋଜ ପାତ୍ରଙ୍କ ସହ ଆଲୋଚନା ପରେ ଆସନ୍ତା ସୋମବାର ଭିତରେ ପୁନଃ ନିଯୁକ୍ତି କଥା ବିଚାର କରାଯିବାକୁ ପ୍ରତିଶୃତି ମିଳିବା ପରେ କର୍ମଚାରୀ ମାନେ ଆସନ୍ତାକାଲି ଡ୍ୟୁଟିରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ବିନା ନୋଟିସରେ ଏପରି ଅମାନବୀୟ ଭାବେ ଛଟେଇ କରିବା ଓ ମେଡିକାଲ କର୍ତ୍ତୃପକ୍ଷ ବିନା ଆଲୋଚନାରେ ରୁକ୍ଷ ବ୍ୟବହାରରେ ଘଉଡ଼ାଇବାକୁ ସାଧାରଣରେ ନିନ୍ଦା କରାଯାଉଥିବା ବେଳେ ଓ ମେଡିକାଲ ଟିକେଟ କାଉଣ୍ଟରରେ ମାତ୍ରାଧିକ ଗହଳିକୁ ସମ୍ଭାଳିବାକୁ କର୍ମଚାରୀ ସଂଖ୍ୟା ବଢାଇବା ବଦଳରେ କର୍ମଚାରୀ କମାଇ ସେବା କିଭଳି ସରଳୀକରଣ ହେବ ତାହାଲେ ମଧ ପ୍ରଶ୍ନବାଚୀ ? ବେଆଇନ ଭାବେ ଏଜେନ୍ସି ମାନଙ୍କ ଦ୍ୱାରା ସିକ୍ୟୁରିଟି ଡିପୋଜିଟ ନାମରେ ହଜାର ହଜାର ଟଙ୍କା କାରବାର କରି ନୂତନ କର୍ମଚାରୀଙ୍କୁ ନିଯୁକ୍ତି କରିଥିଲେ ମଧ ଏଭଳି ଅଭିଜ୍ଞ କର୍ମଚାରୀଙ୍କୁ ଛଟେଇ ନ କରାଯାଇ ଅଭିଜ୍ଞତା ଭିତ୍ତିରେ ନିଯୁକ୍ତି ନ ଦିଆଗଲେ ଆଗାମୀ ଦିନରେ ପୁନଶ୍ଚ ଆନ୍ଦୋଳନ କରିବାକୁ ସଂଘ ତରଫରୁ ଓଡିଶା ମେଡିକାଲ ଆଉଟସୋର୍ସିଂ କର୍ମଚାରୀ ସଂଘ ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ସୂଚନା ଦେଇଛନ୍ତି ।

**URBAN DEVELOPMENT & HOUSING DEPARTMENT**
**JHARKHAND GOVT.**
**OFFICE OF THE NAGAR PARISHAD MADHUPUR**

**Notice Inviting Tender**
**E-Tender Reference no-UDD/MMC/18/2024-25, Dated :-**

| Sl. No. | Name of Work | BOQ Amount Cost (Rs.) | Earnest Money or BID Security (Rs.) | Cost of Tender Paper (Rs.) | Class of Contractor Eligibility | Time of Completion | Name of the Concerned Officer |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Bitumen road & Laying of Paver Block at ward No.- 9 & 10, From Sarath Main Road to Lalgarh Masjid Main Road. | Rs. 9519958.08 | Rs. 1,91,000.00 | Rs.10,000.00 (Non refundable) | Class-I & Class-II | 04 Months | Administrator, Nagar Parishad, Madhupur. |

| Sl. No. | 1 | 2 |
|---|---|---|
| 1. | Tender Inviting Officer Name | Administrator, Nagar Parishad, Madhupur |
| 2. | Date of Publication of Tender in newspaper | 13.02.2025 (Thrusday) |
| 3. | Date/Time for receiving of Bid online | 13.02.2025 to 19.02.2025 (10 :00 am to 6:00 pm) |
| 4. | Date & Time of Bid Opening | 20.02.2025 after 2:00 pm |
| 5. | Only E-Tender will be accepted further details can be seen on Website- | http://jharkhandtender.gov.in |

**Help line No.- 7368005128**
Administrator, Nagar Parishad, Madhupur.
PR.NO.346041 Deoghar(24-25):D

**Government of Jharkhand**
Department of Higher and Technical Education
(Jharkhand Council on Science, Technology and Innovation)
Yojna Bhawan, Nepal House Campus, Doranda,
Ranchi, Jharkhand - 834002
Email- jharkhandcouncilonsct@gmail.com

Ref No: Vi.Pra/Kau.-23/2023-35 Date: 07.02.2025

**ADVERTISEMENT FOR ENGAGEMENT OF GRADUATE AND TECHNICIAN AS APPRENTICE UNDER NATIONAL APPRENTICESHIP TRAINING SCHEME**

Online applications are invited for engagement of Degree/Diploma holders as Graduate/Technician Apprentice at Jharkhand Council on Science, Technology and Innovation for a period of 1 year under provisions of Apprentices Act, 1961 (as amended). The candidates who have graduated / passed diploma in the field of Mechanical, Civil, Electrical and Computer Engineering / Computer Science Engineering from any recognized University/ College/Polytechnic of Jharkhand State between the years 2022 to 2024 are eligible to apply. The category wise details of apprentice positions shall be as follows: -

| Sl | Establishment | Total Seats | Graduate Apprentice (Engineering) | Technician Apprentice | Stipend per month (INR) |
|---|---|---|---|---|---|
| 1 | Jharkhand Council on Science, Technology and Innovation | 8 | 4 (02 UR, 01 ST, 01 BC-I) | 4 (02 UR, 01 ST, 01 BC-I) | 15000 for Graduate Apprentice (Engineering) and 10000 for Technician Apprentice |

**Note:** 01 Seat each under Graduate and Technician Apprentice shall be horizontally reserved for Divyangjan Applicants. The location of posting after selection will be anywhere in Jharkhand.
The link for submission of Online Application shall be as follows: -
https://forms.gle/tQgt7QgL5fGFPK637

**General Instructions:**
1.JCSTI reserves the right to modify/cancel the advertisement without assigning any reason and its decision in this regard will be final.
2.The above engagement as Apprenticeship Trainee is purely temporary and does not confer any right/claim whatsoever, either explicitly or implicitly for regular appointment in any post of JCSTI.
3.For detailed advertisement and further updates, please visit **https://jcsti.jharkhand.gov.in/**
4 Candidates can also apply online by scanning the QR Code mentioned below.

-Sd/-
Executive Director
JCSTI

PR 346040 (Higher Education,Technical Education and Skill Development Department)24-25*D



କଟକ(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ପ୍ରସ୍ତୁତି ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଶୁକ୍ରବାର ଅପରାହ୍ନରେ ଜିଲ୍ଲା ସ୍ୱାସ୍ଥ୍ୟ ଭବନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା ଜଣାଇଥିଲେ ଯେ, ଚଳିତ ବର୍ଷ କଟକ ଜିଲ୍ଲାର ମୋଟ ୭, ୩୧, ୮୮୨(୧-୧୯ ବର୍ଷ ) ପିଲାଙ୍କୁ ଓ ମୋଟ ୧, ୨୯, ୮୭୨ ମହିଳାଙ୍କୁ (୨୦-୨୪ ବର୍ଷର ଯେଉଁମାନେ ଗର୍ଭବତୀ ଓ ସ୍ତନ୍ୟପାନ କରାଉନଥିବେ ) କୃମି ବଟିକା ଦିଆଯିବାକୁ ଧାର୍ଯ୍ୟ କରାଯାଉଛି । ଜିଲ୍ଲାର ସମସ୍ତ ୨୨୩୪ ସରକାରୀ ଓ ୫୨୨ ବେସରକାରୀ ବିଦ୍ୟାଳୟ ସହିତ ୩୩୪୩ ଅଙ୍ଗନବାଡି ସେଣ୍ଟରରେ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଦ୍ୱାରା କୃମି ବାଟିକା ଦିଆଯିବ । ଯେଉଁ ପିଲାମାନେ ୧୦ରେ ଔଷଧ ଖାଇ ନ ଥିବେ ସେମାନଙ୍କୁ ୧୭ରେ ଔଷଧ ଖୁଆଯିବ । ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ତ୍ୱରାନ୍ୱିତ କରିବା ପାଇଁ ୫୨୨ସ୍ୱାସ୍ଥ୍ୟ କର୍ମୀ, ୨୨୧୫ଆଶା କର୍ମୀ ଓ ୩୩୪୩ ଅଙ୍ଗନବାଡି କର୍ମୀ, ୨୬୦ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ସେହିପରି ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ୧୦ରୁ ୧୯ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଚାଲିବ ।



କଟକ ବାରବାଟୀରେ ଦିନିକିଆ କ୍ରିକେଟ୍ ମ୍ୟାଚ୍ ପାଇଁ ଭୁବନେଶ୍ୱରରେ ଟିମ୍ ଇଣ୍ଡିଆ ଓ ଇଂଲଣ୍ଡ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି ।

### ଗୃହ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଗ୍ରେଟର ଭୁବନେଶ୍ୱର ଗଠନ ସମ୍ପର୍କିତ ତଥ୍ୟ ଉପସ୍ଥାପନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଗୃହ ଓ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିଛନ୍ତି । ବୈଠକରେ ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ନେଇ ପ୍ରସ୍ତାବିତ ଅର୍ଥନୈତିକ ରିଜିଅନ୍ ଗ୍ରେଟର ଭୁବନେଶ୍ୱର ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ୨୦୩୬ ବିକଶିତ ଓଡିଶା ଗଠନ ପାଇଁ ଉଭୟ ସହରୀକରଣ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମୁଦାୟ ୮୫୦୦ ବର୍ଗ କିଲୋମିଟର ଅଂଚଳକୁ ସମାବେଶୀ, ବାସଯୋଗୀ ଏବଂ ଦୀର୍ଘସ୍ଥାୟୀ ଅର୍ଥନୈତିକ ରିଜିଅନ ଭାବେ ବିକଶିତ କରିବା ପାଇଁ ଯୋଜନା ରହିଛି । ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଆବଶ୍ୟକସ୍ଥଳେ ଆଉ ଅଧିକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ଅନ୍ୟ ରାଜ୍ୟ ମାନଙ୍କୁ ଯାଇ, ସେମାନଙ୍କ ଯୋଜନାକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ନିକଟବର୍ତ୍ତୀ ଅଂଚଳରେ ଆଉ ଏକ ନୂତନ ସହର ନିର୍ମାଣ ଏବଂ ମେଟ୍ରୋ ରେଳ ଚଳାଚଳ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରାଜ୍ୟର ସହରାଂଚଳ ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।



ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ନୂତନ ଜିମ୍ ସେଣ୍ଟର ଉଦ୍‌ଘାଟନ କରୁଛନ୍ତି ପୋଲିସ କମିଶନର ଡ.ଏସ୍.ଦେବଦତ୍ତ ସିଂ । ନିକଟରେ ଅତିରିକ୍ତ ପୋଲିସ କମିଶନର ଡ.ଉମାଶଙ୍କର ଦାସ ଏବଂ ଡିସିପି ପିନାକ ମିଶ୍ର ଉପସ୍ଥିତ ।

## ଖଣ୍ଡଗିରି ମେଳାରେ ବିଏମ୍‌ସିର ଚଢାଉ, ୬୦ କେଜି ଖାଦ୍ୟ ଜବତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖଣ୍ଡଗିରିଠାରେ ଚାଲିଥିବା ମାଘ ମେଳାରେ ବାସି ଓ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ବିକ୍ରି କରୁଥିବା ଦୋକାନ ଉପରେ ଚଢଉ କରି ଭୁବନେଶ୍ୱର ମହାନଗର ନିଗମ ଖାଦ୍ୟ ନିରୀକ୍ଷକ ପ୍ରାୟ ୬୦ କେଜି ଖାଦ୍ୟ ଜବତ କରିବା ସହ ସେଗୁଡିକୁ ନଷ୍ଟ କରିଦେଇଛନ୍ତି । ଶୁକ୍ରବାର ୪୦ରୁ ୫୦କେଜି ଏବଂ ଗତ କାଲି ୧୫-୨୦କେଜି ଖାଦ୍ୟ ଜବତ କରାଯାଇଥିଲା । ଏହି ଦୁଇ ଦିନ ମଧ୍ୟରେ ୬୦ଟି ଦୋକାନ ଯାଞ୍ଚ କରାଯାଇଛି । ପ୍ରାୟ ୨୪ଟି ଖାଦ୍ୟ ନମୂନା ସଂଗ୍ରହ କରି ସେଗୁଡିକୁ ଭ୍ରାମ୍ୟମାଣ ଫୁଡ୍ ଟେଷ୍ଟି ଲାବୋରେଟାରୀରେ ପରୀକ୍ଷା କରାଯାଉଛି । କେତେକ ଫାଷ୍ଟଫୁଡ୍ ଦୋକାନ, ଗୁପ୍ ଚୁପ୍ ଦୋକାନ, ହୋଟେଲ ଆଦିରେ ଖାଦ୍ୟ ଯାଞ୍ଚ କରିଥିଲେ । ଖାଦ୍ୟ ଉପଯୋଗୀ ହୋଇ ନଥିବା ରନ୍ଧା ଖାଦ୍ୟକୁ ଜବତ କରିବା ସହ ସେଗୁଡିକୁ ନଷ୍ଟ କରିଦେଇଛନ୍ତି । ସେମାନଙ୍କଠାରୁ ପ୍ରାୟ ୩୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବା ସହ ନୋଟିସ ଜାରି କରାଯାଇଛି । ସଂପ୍ରତି ଖଣ୍ଡଗିରି ମାଘ ମେଳାକୁ ଦୈନିକ ହଜାର ହଜାର ଲୋକଙ୍କର ସମାଗମ ହେଉଛି । ଲୋକମାନେ ଗୁପ୍ ଚୁପ୍, ଚାଟ୍, ଫାଷ୍ଟଫୁଡ୍ ଆଦି ଖାଇବାକୁ ପସନ୍ଦ କରୁଥିବା ବେଳେ ଚଟପଟି ଖାଦ୍ୟ ଦୋକାନ ଆଗରେ ଗ୍ରାହକଙ୍କର ଭିଡ ଲାଗୁଛି । ଏହି ଚଢାଉ ଜାରି ରହିବ ବୋଲି କୁହାଯାଇଛି ।

## ଝାମ୍ପି ନେଲେ ଟଙ୍କା ଭର୍ତ୍ତି ବ୍ୟାଗ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦିନ ଦ୍ୱିପହରରେ ମାତିଲେ ଲୁଟେରା । ଇନଫୋସିଟି ଅଂଚଳରୁ ଝାମ୍ପି ନେଲେ ଟଙ୍କା ଭର୍ତ୍ତି ବ୍ୟାଗ । ଅଢେଇ ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ । ଟଙ୍କା ନେଇ ବ୍ୟାଙ୍କରୁ ଫେରିବା ବେଳେ ଝାମ୍ପିନେଇଛନ୍ତି ଦୁର୍ବୃତ୍ତ । ଇନଫୋସିଟି ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରିଛି ପୋଲିସ । ସିସିଟିଭିରେ କଏଦ ହୋଇଛି ଲୁଟ ବେଳର ଚିତ୍ର ।

## ବାରବାଟୀରେ ଦିନିକିଆ କ୍ରିକେଟ୍ ମ୍ୟାଚ୍ ନିମନ୍ତେ ଜିଲ୍ଲାପାଳଙ୍କ ପ୍ରସ୍ତୁତି ସମୀକ୍ଷା



କଟକ(ଭାସ୍କର ନ୍ୟୁଜ): ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖ ରବିବାର ହେବାକୁ ଥିବା ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚର ସଫଳ ଆୟୋଜନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ସମ୍ପର୍କରେ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ , ଓଡିଶା କ୍ରିକେଟ ସଂଘ ଓ ଓଡିଶା ଅଲମ୍ପିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଷ୍ଟାଡିୟମ ପରିସରରେ ଏକ ସମୀକ୍ଷା ବୈଠକ କରିଥିଲେ । ପର୍ଯ୍ୟାପ୍ତ ପରିମାଣର ଔଷଧ ଓ ମେଡିକାଲ ଟିମ ସହ ଆମ୍ବୁଲାନ୍ସ ଏବଂ ମେଡିକାଲ ଷ୍ଟଲ୍ ଓଭୟ ପଡିଆ ବାହାରେ ଏବଂ ଭିତରେ ସ୍ଥାପନ କରାଯିବା ନେଇ ସୁନିଶ୍ଚିତ କରାଇଥିଲେ । ଯଥେଷ୍ଟ ପରିମାଣର ପିଇବା ପାଣି ମହଜୁଦ ରଖିବା, ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥା, ବ୍ୟବହୃତ ବିଦ୍ୟୁତ ଉପକରଣର ପ୍ରମାଣପତ୍ର ହାସଲ, ଅସ୍ଥାୟୀ ନିର୍ମାଣର ପ୍ରମାଣପତ୍ର ହାସଲ, ଖାଦ୍ୟ ସୁରକ୍ଷା ନିମନ୍ତେ ଖାଦ୍ୟର ମାନ ପରୀକ୍ଷା ପୂର୍ବକ ପ୍ରମାଣପତ୍ର ହାସଲ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସମ୍ପୃକ୍ତ ଅଧିକାରୀଙ୍କୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଶିନ୍ଦେ ଷ୍ଟାଡିୟମରେ ବିଭିନ୍ନ ଅଞ୍ଚଳ ବୁଲି ସମସ୍ତ ବ୍ୟବସ୍ଥା ଯାଞ୍ଚ କରିଥିଲେ । ମ୍ୟାଚ ପରଦିନ ପରିମଳ ବ୍ୟବସ୍ଥା ଷ୍ଟାଡିୟମ ଭିତରେ ଓସିଏ ଦ୍ୱାରା ଏବଂ ବାହ୍ୟ ଅଞ୍ଚଳରେ କଟକ ମହାନଗର ନିଗମ ଦ୍ୱାରା ସୁନିଶ୍ଚିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଆନ୍ତର୍ଜାତୀୟ ମ୍ୟାଚ ସମଗ୍ର ବିଶ୍ୱବାସୀ ଦେଖିବାକୁ ଥିବାବେଳେ କୌଣସି ପ୍ରକାରର ଅବହେଳା କୁ ସୁଯୋଗ ନ ଦେଇ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ବହନ କରିବା ନିମନ୍ତେ ସେ ସମ୍ପୃକ୍ତ ସମସ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସଦର ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, କଟକ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ଶ୍ୱେତପଦ୍ମା ଶତପଥୀ, ସଦର ତହସିଲଦାର ସୁଜୟ କୁମାର ପତି, ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ଅଧିକାରୀ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଆଶିଷ ନାୟକ, ଓଡିଶା ଅଲମ୍ପିକ ସଂଘ ଓ ଓଡିଶା କ୍ରିକେଟ ସଂଘ ର କର୍ମକର୍ତ୍ତା ତଥା ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଭାଗ ନେଇଥିଲେ ।

### ଦେବନାରାୟଣ ପଣ୍ଡାଙ୍କ ଆତ୍ମହତ୍ୟା ଘଟଣା

## ମାଲକାନଗିରି ଜିଲ୍ଲାପାଳ ମନୀଶ୍ ଅଗ୍ରୱାଲ୍‌ଙ୍କୁ ଆଶ୍ୱସ୍ତି

କଟକ(ଭାସ୍କର ନ୍ୟୁଜ): ମାଲକାନଗିରିର ଜିଲ୍ଲାପାଳ ମନୀଶ୍ ଅଗ୍ରୱାଲ୍‌ଙ୍କ ବ୍ୟକ୍ତିଗତ ସହାୟକ (ପି.ଏ) ଦେବନାରାୟଣ ପଣ୍ଡାଙ୍କ ଆତ୍ମହତ୍ୟା ଅଭିଯୋଗ ଘଟଣାରେ ନିମ୍ନ ଅଦାଲତଙ୍କ ଜାମିନ ବିହୀନ ଗିରଫ ପରୱାନା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ ଜାମିନ ବିହୀନ ଗିରଫ ପରୱାନା ଆଦେଶ ବିରୋଧରେ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ଏହା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ଉକ୍ତ ଘଟଣାରେ ମାଲକାନଗିରି ଏସ୍‌ଡିଜେଏମ୍ ତତ୍‌କାଳୀନ ଜିଲ୍ଲାପାଳ ମନୀଶ୍ ଅଗ୍ରୱାଲ୍ ଓ ଅନ୍ୟ ତିନି ଜଣଙ୍କୁ ହାଜର ହେବାକୁ ସମନ ଜାରି କରିଥିଲେ । ଅଦାଲତ ଦୁଇ ଦୁଇ ଥର ସମନ ଜାରି କରିବା ପରେ ମଧ୍ୟ ଶ୍ରୀ ଅଗ୍ରୱାଲ୍ କୋର୍ଟରେ ହାଜର ହୋଇନଥିଲେ । ଫଳରେ ଅଦାଲତ ଶ୍ରୀ ଅଗ୍ରୱାଲ୍‌ଙ୍କ ସମେତ ଅବସରପ୍ରାପ୍ତ ଓଆର୍‌ଏସ୍ ଅଧିକାରୀ ଭଗବାନ ପାଣିଗ୍ରାହୀ, ଡାଟାଏଣ୍ଟ୍ରି ଅପରେଟର୍ ଭି. ବେଣୁ ଓ ଷ୍ଟେନୋ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ । ତେବେ ନିମ୍ନ ଅଦାଲତଙ୍କ ଏହି ଜାମିନ ବିହୀନ ଗିରଫ ପରୱାନା ଆଦେଶ ବିରୋଧରେ ଶ୍ରୀ ଅଗ୍ରୱାଲ୍ ହାଇକୋର୍ଟରେ ଆବେଦନ କରିଥିଲେ । ହାଇକୋର୍ଟ ଶ୍ରୀ ଅଗ୍ରୱାଲ୍‌ଙ୍କ ଆବେଦନର ଶୁଣାଣି କରି ତାଙ୍କୁ ମଧ୍ୟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ ।

### ସତ୍ୟବାଦୀ ବକୁଳବନର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଯୋଜନା

## ପଣ୍ଡିତ ଗୋପବନ୍ଧୁ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୁଣ୍ୟାତ୍ମା ପଞ୍ଚସଖାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସତ୍ୟବାଦୀ ବକୁଳବନ ବିଦ୍ୟାଳୟର ଐତିହ୍ୟକୁ ସୁରକ୍ଷିତ ରଖାଯାଇ ଏହାର ପୁନରୁଦ୍ଧାର ଓ ବିକାଶ କରିବା ଦିଗରେ ରାଜ୍ୟ ସରକାରଙ୍କ ଯୋଜନାକୁ ପ୍ରଶଂସା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଐତିହ୍ୟସମ୍ପନ୍ନ ଦୃଷ୍ଟିରୁ ଗୁରୁତ୍ୱ ବହନ ରଖୁଥିବା ଏହି ପବିତ୍ର ସ୍ଥାନର ପୁନରୁଦ୍ଧାର ହୋଇପାରିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତି ପାଇଁ ଦେଖିଥିବା ସ୍ୱପ୍ନ ସାର୍ଥକ ହେବ ବୋଲି ସେ କହିଛନ୍ତି । ସତ୍ୟବାଦୀର ବକୁଳବନର ଉନ୍ନତିକରଣ ନେଇ ନିର୍ଦ୍ଦେଶ ଦେଇଥିବାରୁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଶାରେ ସ୍ୱତନ୍ତ୍ରତା ସଂଗ୍ରାମର ନେତୃତ୍ୱ ନେବା ସହ ଦେଶ ସ୍ୱାଧୀନତା ପାଇଁ ଯେଉଁ ଯୋଜନା ଓ ପରିକଳ୍ପନା କରିଥିଲେ, ତା'ର ପ୍ରୟୋଗଶାଳା ଥିଲା ସତ୍ୟବାଦୀ ବକୁଳବନ ବିଦ୍ୟାଳୟ । ଏହି ପବିତ୍ର ସ୍ଥାନରୁ ହିଁ ପଣ୍ଡିତ ଗୋପବନ୍ଧୁଙ୍କ କଳ୍ପନାରେ ହିଁ ନୂଆ ଜାତୀୟ ଶିକ୍ଷା ନୀତିର ଅଭ୍ୟୁଦୟ ହୋଇଥିଲା । ତାଙ୍କ ତ୍ୟାଗପୂତ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ର ଆଦି ମହାପୁରୁଷମାନେ ବକୁଳବନରେ ଛାତ୍ରଛାତ୍ରୀଙ୍କୁ ମୌଳିକ ଶିକ୍ଷା ସହ ରୋଜଗାର ଦେବା ଭଳି ଶିକ୍ଷା ପ୍ରଦାନ କରୁଥିଲେ ।

## ସାମ୍ନାକୁ ଆସିଲା ମୋ ବସ୍ ସହିତ ଲୁନା ଦୁର୍ଘଟଣାର ସିସିଟିଭି ଫୁଟେଜ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କଟକ ଖାନନଗରରେ ମୋ ବସ୍ ସହ ଏକ ଲୁନାର ଦୁର୍ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି । ସିସିଟିଭି ଫୁଟେଜରେ ପରିବା ବୋଝେଇ ଲୁନା ଦ୍ରୁତ ଗତିରେ ଆସି ନିଜର ଭାରସାମ୍ୟ ହରାଇ ନିଜେ ମୋ ବସ୍ ସହ ମାଡ଼ ହୋଇ ଦୁର୍ଘଟଣାର ଶିକାର ହୋଇଛି । କ୍ରୁଟ ପକ୍ଷରୁ ଦୁର୍ଘଟଣା ବେଳର ଭିଡିଓ ସେୟାର କରାଯାଇଛି । ଭିଡିଓରେ ଲୁନା ଭାରସାମ୍ୟ ହରାଇ ମୋ ବସରେ ମାଡ ହୋଇଥିବା ଦେଖିବାକୁ ମିଳିଛି ।

## ବାରବାଟୀ ମ୍ୟାଚ୍ ଟିକେଟ୍ କଳାବଜାରୀ ଅଭିଯୋଗରେ ୭ ଗିରଫ

କଟକ(ଭାସ୍କର ନ୍ୟୁଜ): ଭାରତ ଓ ଇଂଲଣ୍ଡ ମଧ୍ୟରେ ୯ରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଦିନିକିଆ କ୍ରିକେଟ ମ୍ୟାଚ ଟିକେଟ କଳାବଜାରି ଅଭିଯୋଗରେ କଟକରେ ପୋଲିସ ୭ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ୩ ବ୍ୟକ୍ତି ମ୍ୟାଚର ୮ ଗ୍ୟାଲେରୀ ଟିକେଟ ଅଧିକ ଟଙ୍କାରେ ବିକ୍ରି କରୁଥିଲେ । ସେମାନେ ଟିକେଟର ଫଟୋ ଅନଲାଇନରେ ପୋଷ୍ଟ କରିଥିଲେ ଏବଂ କିଣିବା ପାଇଁ ଲୋକ ଖୋଜୁଥିଲେ । ଯେତେବେଳେ ବକ୍ସିବଜାରର ଜଣେ ବ୍ୟକ୍ତିଙ୍କୁ ଟିକେଟ ଦେଉଥିବା ବେଳେ ସେମାନଙ୍କୁ ପୋଲିସ ମାଡି ବସିଛି ।

## ଖଣ୍ଡଗିରି ଛକରେ ଟ୍ରାଫିକ୍ ପୋଷ୍ଟ ଉଦ୍‌ଘାଟନ କଲେ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଖଣ୍ଡଗିରି ଛକରେ ଟ୍ରାଫିକ ସହାୟତା ଟ୍ରାଫିକ ପୋଷ୍ଟ ଉଦ୍‌ଘାଟନ କରିଛନ୍ତି ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର । ବିଡିଏ ପକ୍ଷରୁ ୨୨ ସ୍ଥାନରେ ୨ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଯାହା ଟ୍ରାଫିକ ପୋଷ୍ଟ ଅଧିକାରୀଙ୍କୁ ସହାୟତା ହେବ । କେବେ କେବେ ଅସୁସ୍ଥତା ଅନୁଭବ କଲେ ସେ ସବୁକୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା କରାଯାଇଛି ।

## ଓଡ଼ିଶା ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନୀତି ଖସଡ଼ା ପ୍ରସ୍ତୁତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାର ପୂର୍ବରୁ ଓଡ଼ିଶା ନବୀକରଣୀୟ ଶକ୍ତି ନୀତି, ୨୦୨୨ ବିଷୟରେ ଅଧିସୂଚିତ କରିଥିଲେ । ବର୍ତ୍ତମାନ, ନବୀକରଣୀୟ ଶକ୍ତି ବିକାଶ ପାଇଁ ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରିବା ଏବଂ ସ୍ୱଚ୍ଛ ଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରିବା, ଶକ୍ତି କ୍ଷେତ୍ରର ଡିକାର୍ବନାଇଜେସନ୍ କରିବା, ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ରେ ନିବେଶକୁ ଆକର୍ଷିତ କରିବା ଲକ୍ଷ୍ୟରେ ସରକାର ଓଡ଼ିଶା ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନୀତି ୨୦୨୫ ନାମକ ଖସଡ଼ା ପ୍ରସ୍ତୁତ କରୁଛନ୍ତି । ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ଏବଂ କୃଷି ଏବଂ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟ ଦ୍ୱାରା-ଚିହ୍ନଟ ପମ୍ପଡ଼ ଷ୍ଟୋରେଜ ପ୍ରୋଜେକ୍ଟ ଏବଂ ସଂସ୍ଥା ଦ୍ୱାରା-ଚିହ୍ନଟ ପମ୍ପଡ଼ ଷ୍ଟୋରେଜ ପ୍ରୋଜେକ୍ଟ ପାଇଁ ପୃଥକ ଏସଓପି ପ୍ରସ୍ତୁତ କରିବା ପାଇଁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ । ପିଏସପି ପାଇଁ ବିସ୍ତୃତ ଏସଓପି ଏବଂ କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଏହି ଅଧୀନରେ ଜାରି କରାଯିବ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ, ବିଦ୍ୟୁତ ପ୍ୟାରୀମୋହନ ମିଶ୍ର, ଏବଂ ଓଏଚପିସି, ଗ୍ରୀଡ଼କୋ, ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

### ଓସିଏସ୍-୨୦୨୩ର ପ୍ରିଲିମ୍ସ ପରୀକ୍ଷା ଫଳ ପ୍ରକାଶିତ

## ମେନ୍ସ ପରୀକ୍ଷା ଦେବେ ୪୭୯୯ ପ୍ରାର୍ଥୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍?ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପ୍ରିଲିମ୍ ପରୀକ୍ଷା-୨୦୨୩ର ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶିତ ହୋଇଛି । ଏହି ପ୍ରିଲିମ୍ ପରୀକ୍ଷାରେ ମୋଟ୍ ୪୭୯୯ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଏଥିରେ ମୋଟ୍ ୧୫୭୩ ମହିଳା ଅଛନ୍ତି । ସମସ୍ତ ୪୭୯୯ ପ୍ରାର୍ଥୀ ଓସିଏସ୍-୨୦୨୩ର ମୁଖ୍ୟ ପରୀକ୍ଷା ପାଇଁ ଚୟନିତ ହୋଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଏହି ପରୀକ୍ଷା ଗତବର୍ଷ ଡିସେମ୍ବର ୧୫ରେ ଅନୁଷ୍ଠିତ ହୋଇଥିଲା । ଓପିଏସ୍‌ସି ପକ୍ଷରୁ କୁହାଯାଇଛି ଯେ, ଓସିଏସ୍ (ମୁଖ୍ୟ) ପରୀକ୍ଷା-୨୦୨୩ ପାଇଁ ଆଗାମୀ ଦିନରେ ବିଜ୍ଞପ୍ତି ପ୍ରକାଶ ପାଇବ । ଏହି ବିଜ୍ଞପ୍ତି ଓପିଏସ୍‌ସିର ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ ।

## ଶ୍ରମ ଆୟୁକ୍ତଙ୍କ ଦ୍ୱାରା ଶ୍ରମିକ ସଚେତନତା ରଥର ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଶୁକ୍ରବାର 'ଶ୍ରମିକ ସଚେତନତା ରଥ' ର ଶୁଭାରମ୍ଭ କରିଛନ୍ତି । ରାଜଧାନୀ ଭୁବନେଶ୍ୱରର ୟୁନିଟ-୩ ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ହଲାଇ ଶ୍ରୀ ତ୍ରିପାଠୀ 'ଶ୍ରମିକ ସଚେତନତା ରଥ'ର ଶୁଭାରମ୍ଭ କରିଥିଲେ । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକରେ ଏକ ମାସ ବ୍ୟାପୀ ଏହି ସଚେତନତା ଅଭିଯାନ କରାଯିବ । ଶ୍ରମିକ ସଚେତନତା ରଥ ମାଧ୍ୟମରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ଶ୍ରମିକମାନଙ୍କ କଲ୍ୟାଣ ସାଧନ ପାଇଁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପଦକ୍ଷେପ, ଶ୍ରମ ସଂସ୍କାର, ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ଶିଶୁ ଶ୍ରମିକ ଆଇନ ସମ୍ବନ୍ଧରେ ଜିଲ୍ଲାର ଶ୍ରମିକମାନେ ସଚେତନ ଓ ଅବଗତ ହେବେ । ଏହି ଶୁଭାରମ୍ଭ ଅବସରରେ ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ, ଅତିରିକ୍ତ ଶ୍ରମ ଆୟୁକ୍ତ ମଦନ ମୋହନ ପାଇକ, ଯୁଗ୍ମ ଶ୍ରମ ଆୟୁକ୍ତ ବିଘ୍ନଜିତ ଏମ ମହାପାତ୍ର, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ର, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ନିବେଦିତା ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ବନାନୀ ମହାପାତ୍ର, ସୁଜିତ ପଟ୍ଟନାୟକ, ଅଜୟ କୁମାର ପ୍ରଧାନ, ବି ବି ଆଚାର୍ଯ୍ୟ, ପ୍ରଭାକର ବିଶ୍ୱାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ୨୧ତମ ଧଉଳୀ କଳିଙ୍ଗ ମହୋତ୍ସବ ୨୦୨୫ ଉଦ୍‌ଘାଟିତ

## ଓଡ଼ିଶୀ, ଭାରତନାଟ୍ୟମ୍ ଏବଂ ସମରକଳା ନୃତ୍ୟରେ ଦର୍ଶକ ମନ୍ତ୍ରମୁଗ୍ଧ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଐତିହାସିକ ଧଉଳୀର ପାଦଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୨୧ତମ ଧଉଳୀ କଳିଙ୍ଗ ମହୋତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶରେ ଧଉଳି ଶାନ୍ତିସ୍ତୁପର ପାଦଦେଶରେ ଉଦ୍‌ଘାଟିତ ହୋଇଯାଇଅଛି । ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଯେଉଁ ସ୍ଥାନରୁ ସମ୍ରାଟ ଅଶୋକ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ ସେହି ସ୍ଥାନରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଝଙ୍କୃତ ହେବ ନୃତ୍ୟ ଓ ସଙ୍ଗୀତର ଅପୂର୍ବ ଛନ୍ଦ ଓ ମୂର୍ଚ୍ଛନା । ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ, କଳା, ସଂସ୍କୃତି, ଐତିହ୍ୟକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ପ୍ରସାର କରିବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ । ଭାରତୀୟ ନୃତ୍ୟ ଓ ସଙ୍ଗୀତ ପରମ୍ପରାରେ ସମ୍ପୃକ୍ତ ଥିବା ୨୦୦ରୁ ଅଧିକ କଳାକାରମାନେ ଏହି ଉତ୍ସବରେ ଅଂଶଗ୍ରହଣ କରି ଏହାର ବିବିଧତା ମଧ୍ୟରେ ଏକତାକୁ ପାଳନ କରିବେ । ଏହି ଧଉଳୀ କଳିଙ୍ଗ ମହୋତ୍ସବର ସିଧାପ୍ରସାରଣ ଡ଼ିଡ଼ି-ଭାରତୀ ଏବଂ ପୁନଃ ପ୍ରସାରଣ ଡ଼ିଡ଼ି-ଓଡ଼ିଆ ଚେନାଲରେ କରାଯାଉଅଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ଘୋଷିତ ହୋଇଥିବା ବିଶିଷ୍ଟ ଓଡ଼ିଶୀ ନୃତ୍ୟସାଧକ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଉଦ୍‌ଘାଟନୀ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା କଟକର ଗୁରୁ (ଡକ୍ଟର) ଜ୍ୟୋତ୍ସ୍ନା ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ସୁରମନ୍ଦିରର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ । ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଗଣେଶମ୍ ଯାହା ରାଗ ରାଗମାଳିକା ଓ ତାଳ ଖରୱା ଉପରେ ନିବଦ୍ଧ ଥିଲା ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ବର୍ଷାଭିଷାର ଯାହା ରାଗ ମାଳିକା ଓ ତାଳ ମାଳିକା ଉପରେ ପର୍ଯ୍ୟବେସିତ ଥିଲା ଯାହାର ସଙ୍ଗୀତ ସଂଯୋଜନା ଗୁରୁ ଅଗ୍ନିମିତ୍ର ବେହେରା, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ନୃତ୍ୟ ସଂରଚନା ଗୁରୁ ଜ୍ୟୋତ୍ସ୍ନା ସାହୁ କରିଥିଲେ । ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ଭାରତନାଟ୍ୟମ୍ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ମୁମ୍ବାଇରୁ ଆସିଥିବା ଗୁରୁ ପବିତ୍ର ଭଞ୍ଜଙ୍କ ଦ୍ୱାରା ପ୍ରତିଷ୍ଠିତ ପବିତ୍ର ଆର୍ଟ ଭିଜୁଆଲ୍ ଇନଷ୍ଟିଚ୍ୟୁଟର ଶିଳ୍ପୀମାନେ । ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଅଲାରିପୁ ଓ ଗଣେଶସ୍ତୁତି ସହ ମେଲାପ୍ର ପ୍ତି ପରେ ପରେ ନଟନମ୍ ଆଦିନାର ଓ ଶେଷରେ ତିଲନା ପରିବେଷଣ କରିଥିଲେ । ଶିଳ୍ପୀମାନଙ୍କର ଏହି ମନୋରମ ଉପସ୍ଥାପନରେ ଉପସ୍ଥିତ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ । ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଭୁବନେଶ୍ୱର ଏକାମ୍ରର ବିଧାୟକ ବାବୁ ସିଂ, ବିଶିଷ୍ଟ ସଙ୍ଗିତଜ୍ଞ ତଥା ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ (ପ୍ରଫେସର) ରାମହରୀ ଦାସ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ନିର୍ଦ୍ଦେଶକ ରଞ୍ଜନ ଦାସ, ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, ବିଶିଷ୍ଟ ନୃତ୍ୟ ସଂରଚକ ଜନାର୍ଦ୍ଦନ ରାଜୁୟରର୍ସ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସମ୍ପାଦିକା ଗୁରୁ (ଡକ୍ଟର) ଅରୁଣା ମହାନ୍ତି । କାର୍ଯ୍ୟକ୍ରମଟିକୁ ସଂଚାଳନା କରିଥିଲେ ଡକ୍ଟର ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



### ଅବୈଧ ପ୍ରବେଶକାରୀଙ୍କୁ ବିତାଡ଼ନ

# ଟ୍ରମ୍ପ ପ୍ରଶାସନର କଠୋର ଆଭିମୁଖ୍ୟ

ଯୁକ୍ତରାଷ୍ଟ୍ର ଆମେରିକାରେ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରାୟ ପ୍ରତିଦିନ କିଛି ନା କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛନ୍ତି। ସେଥିମଧ୍ୟରୁ କେତେକ ପଦକ୍ଷେପ ତାଙ୍କ ନିଜ ଦେଶର ସ୍ୱାର୍ଥର ଅନୁକୂଳ ହୋଇଥିବା ବେଳେ ଅନ୍ୟ ଦେଶଗୁଡ଼ିକ ପାଇଁ କ୍ଷତିକାରକ ହୋଇଛି। ଆମେରିକାରେ ଅବୈଧ ଭାବରେ ପ୍ରବେଶ କରି ବସବାସ କରୁଥିବା ଅନ୍ୟ ଦେଶର ଲୋକମାନଙ୍କୁ ବିତାଡ଼ନ କରିବା ଲାଗି ଟ୍ରମ୍ପ ପ୍ରଶାସନ ଖୁବ୍ ତତ୍ପରତାର ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏହି କ୍ରମରେ ଆମେରିକାରେ ଅବୈଧ ବସବାସ କରୁଥିବା ଭାରତୀୟମାନଙ୍କୁ ମଧ ଏବେ ଜୋର ଜବରଦସ୍ତ ସେହି ଦେଶରୁ ବାହାର କରି ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୦୪ଜଣ ଭାରତୀୟ ବୁଧବାର ଆମେରିକାର ଟେକ୍ସାସ୍‌ରୁ ଆସି ପଞ୍ଜାବର ଅମୃତସର ଠାରେ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ ସର୍ବାଧିକ ପଞ୍ଜାବ, ଗୁଜରାଟ ଓ ହରିଆନା ଆଦି ରାଜ୍ୟର ଅଧିବାସୀ ବୋଲି ଜଣାପଡିଛି। ଆମେରିକାକୁ ଯାଇ ଅଧିକ ଆୟ କରିବା ଏବଂ ପିଲାଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ଲୋଭରେ ସେମାନେ କୌଶଳକ୍ରମେ ଆମେରିକାରେ ପହଞ୍ଚି ସେଠାରେ ବେଆଇନ ଭାବରେ ରହିଥିଲେ। ମାତ୍ର ସେମାନଙ୍କର ସବୁ ସ୍ୱପ୍ନ ଏବେ ଧୂଳିସାତ୍ ହେବା ସହିତ ପରିବର୍ତ୍ତିତ ପରିସ୍ଥିତିରେ ସେମାନଙ୍କୁ ସ୍ୱଦେଶକୁ ଫେରିବାକୁ ପଡିଛି। ଆମେରିକାର ଏହି ଅବୈଧ ବାସିନ୍ଦାମାନେ ଘରୋଇ ଏଜେଣ୍ଟଙ୍କ ସହାୟତାରେ ସେମାନଙ୍କୁ ବିପୁଳ ଅର୍ଥ ପ୍ରଦାନ କରି ବହୁ କଷ୍ଟସାଧ୍ୟ ମାର୍ଗରେ ଆମେରିକାରେ ପହଞ୍ଚିଥିଲେ। ତେବେ ନିଜ ଦେଶ ଭିତରେ ବେଆଇନ୍ ଭାବରେ ବାସବାସ କରୁଥିବା ବିଦେଶୀଙ୍କୁ ହଟାଇବାର ଅଧିକାର ଆମେରିକା ସରକାରଙ୍କର ଯେ ରହିଛି, ଏଥିରେ କାହାରି ଦ୍ୱିମତ ନାହିଁ। କିନ୍ତୁ ଯେଉଁଭଳି ଢ଼ଙ୍ଗରେ ସେମାନଙ୍କୁ ବିତାଡ଼ନ କରାଯାଇ ଚୋର ଓ ଡକାୟତଙ୍କ ଭଳି ବ୍ୟବହାର ପ୍ରଦର୍ଶନ କରାଗଲା ଏବଂ ହାତଗୋଡ଼ ବନ୍ଧାଯାଇ ଭାରତରେ ଆଣି ଛାଡ଼ି ଦିଆଗଲା, ତାହା ହିଁ ବର୍ତ୍ତମାନ ବିବାଦର ମୂଳ କାରଣ ହୋଇଛି। ଆମେରିକାର ସାମରିକ ବିମାନରେ ଯେଉଁ ୧୦୪ ଭାରତୀୟ ବୁଧବାର ଅମୃତସରରେ ଆସି ପହଞ୍ଚିଲେ, ପ୍ରତ୍ୟେକଙ୍କ ହାତରେ କଡ଼ି ଓ ଗୋଡ଼ରେ ବେଡ଼ି ପଡ଼ିଥିବାର ଦେଖାଯାଇଥିଲା। ବିମାନରୁ ଅବତରଣ କରିବା ମାତ୍ରେ ସେମାନଙ୍କ ହାତ ଓ ଗୋଡ଼ରୁ ବନ୍ଧନ ଖୋଲି ଦିଆଗଲା। ବେଆଇନ୍ ଭାବରେ ଆମେରିକାରେ ପ୍ରବେଶ କରିଥିବାର ଗୋଟିଏ ମାତ୍ର ଦୋଷ ପାଇଁ ଏଭଳି ଅମାନବୀୟ ବ୍ୟବହାର ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ଏବଂ ଗୁରୁବାର ଏହାକୁ ନେଇ ସଂସଦରେ ତୁମୁଳ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ଦଳର ସାଂସଦମାନେ ଗୃହର ସମସ୍ତ କାର୍ଯ୍ୟକୁ ବନ୍ଦ ରଖି ଏହା ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ଅଚଳାବସ୍ଥା ଜାରି ରହିଥିବାରୁ ବୈଠକକୁ ବାରମ୍ବାର ମୁଲତବୀ ରଖିବାକୁ ପଡିଥିଲା। ଶେଷରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ରାଜ୍ୟସଭାରେ ଏ ପ୍ରସଙ୍ଗରେ ବକ୍ତବ୍ୟ ରଖି ଭାରତ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ସେ କହିଥିଲେ ଯେ, ଯଦି କୌଣସି ନାଗରିକ ବିଦେଶରେ ବେଆଇନ ଭାବରେ ପ୍ରବେଶ କରନ୍ତି, ତେବେ ତାଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ସବୁଦେଶର ଦାୟିତ୍ୱ। ତା'ଛଡ଼ା ଆମେରିକାରୁ ଅବୈଧ ପ୍ରବେଶକାରୀ ଭାରତୀୟଙ୍କୁ ବିତାଡ଼ନ କରାଯିବା ଏହା ପ୍ରଥମ ନୁହେଁ, ୨୦୦୯ ମସିହାରୁ ଏହା ଜାରି ରହିଛି। ବିଗତ ୧୬ବର୍ଷ ଭିତରେ ୧୫ ହଜାର ୬୫୨ଜଣ ଭାରତୀୟଙ୍କୁ ସ୍ୱଦେଶ ଅଣାଯାଇଛି। ୨୦୧୯ ମସିହାରେ ସର୍ବାଧିକ ୨ହଜାର ୪୨ଜଣଙ୍କୁ ଭାରତକୁ ପଠାଇ ଦିଆଯାଇଥିଲା। ବୁଧବାର ଅମୃତସରରେ ପହଞ୍ଚିଥିବା ଭାରତୀୟଙ୍କୁ ଆତଙ୍କବାଦୀଙ୍କ ଭଳି ବ୍ୟବହାର ଦେଖା ଯାଇଥିଲା ବୋଲି ବିରୋଧୀ ଦଳର ଅଭିଯୋଗ ଉପରେ ବୈଦେଶିକ ମନ୍ତ୍ରୀ କହିଲେ ଯେ, ଭାରତ ସରକାର ଏଥିନେଇ ଆମେରିକା ପ୍ରଶାସନ ସହ କ୍ରମାଗତ ଭାବେ ଯୋଗାଯୋଗ ଚଳାଇଛନ୍ତି। ଆମ ଲୋକଙ୍କ ସହ ଯେପରି ଦୁର୍ବ୍ୟବହାର ପ୍ରଦର୍ଶନ କରାନଯାଏ, ତାହାକୁ ସୁନିଶ୍ଚିତ କରିବା ପାଇଁ ଆଲୋଚନା ଜାରି ରହିଛି। ଏଭଳି ଘଟଣାର ଯେପରି ପୁନରାବୃତ୍ତି ନହୁଏ ସେଥିପାଇଁ ଭାରତ ସରକାର ସାବଧାନତା ଅବଲମ୍ବନ କରୁଛନ୍ତି ବୋଲି ଜୟଶଙ୍କର ପ୍ରତିଶ୍ରୁତି ଦେଇଥିଲେ। ଏହି ଦୁର୍ଭାଗ୍ୟଜନକ ଘଟଣାକୁ ଅନୁଧ୍ୟାନ କଲେ ଭାରତ ସରକାରଙ୍କ ଦ୍ୱୈତ ଦାୟିତ୍ୱ ଥିଲା ଭଳି ମନେ ହେଉଛି। ପ୍ରଥମତଃ ଘରୋଇ ଏଜେଣ୍ଟଙ୍କ ପ୍ରଲୋଭନରେ ଭାରତୀୟ ନାଗରିକ ଯେପରି ଆଇନ ଆଖିରେ ଧୂଳି ଦେଇ ବିଦେଶକୁ ଖସି ପଳାଇ ଯାଇ ନପାରନ୍ତି, ସେଥିପ୍ରତି କଡ଼ା ନଜର ରଖିବାକୁ ପଡ଼ିବ। ଦ୍ୱିତୀୟତଃ ବିଦେଶରୁ ପ୍ରତ୍ୟର୍ପଣ ବେଳେ ସେମାନଙ୍କୁ ଯେପରି ଅସାମାଜିକ ବ୍ୟକ୍ତି ଭଳି ଆଚରଣ ପ୍ରଦର୍ଶନ କରାଗଲା, ତାକୁ ବନ୍ଦ କରିବାକୁ ପଡ଼ିବ। କେନ୍ଦ୍ର ସରକାର ଏହି ଘଟଣାକୁ ହାଲୁକା ଭାବରେ ବିଚାର କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ।

# ସାହିତ୍ୟ ଓ ସଂସ୍କୃତି




ପ୍ରଦୀପ୍ତ କୁମାର ଜେନା
ଅବସରପ୍ରାପ୍ତ ପୋଲିସ ଅଫିସର
ମୋ: ୮୨୪୯୨୮୧୫୬୭


ବ୍ୟକ୍ତି ନିଜର ଭାବନାକୁ ଭାଷା ମାଧ୍ୟମରେ ପରିପ୍ରକାଶ କରିଥାଏ। ଭାଷାର ଯାଦୁକରୀ ସଂଯୋଜନାରେ ସାହିତ୍ୟର ସୃଷ୍ଟି। କାବ୍ୟ ଓ କବିତା ସାହିତ୍ୟର ଏକ ପ୍ରମୁଖ ବିଭାଗ। କବିତା କବି ଆତ୍ମାର ଆତ୍ମନେପଦୀ, କବି ମନର ମୁକୁର, ଚିନ୍ତା ଓ ଚେତନାର ଇନ୍ଦ୍ରଜାଲ, ହୃଦୟ ଯମୁନାର କଳଗୀତି। ଜଣେ କବି ବା ସାହିତ୍ୟିକ ପଙ୍କ ଭିତରେ ପଦ୍ମର ସନ୍ଧାନ କରିଥାଏ। ଯେତେବେଳ ଲିପିର ଉଦ୍ଭାବନ ହୋଇନଥିଲା ସେତେବେଳେ ମଣିଷ ନିଜର ଭାବନାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରୁଥିଲା। ତାହା ଚିତ୍ରକଳା ବୋଲି କୁହାଯାଇପାରିବ ଓ ଏହା ମଧ ସାହିତ୍ୟ ଅର୍ନ୍ତଭୁକ୍ତ। ସାହିତ୍ୟ କେବଳ ଭାଷାର ଏକ ଉତ୍କୃଷ୍ଟ ରୂପ ନୁହେଁ; ବରଂ ଏହା ସମାଜ ଓ ସଂସ୍କୃତିର ଆଦର୍ଶ ଛବିକୁ ଲୋକଲୋଚନକୁ ଆଣିଥାଏ। ଏହା ଭୋକଭୁଲା ମଣିଷକୁ ଖୋରାକ ଯୋଗାଏ। କଙ୍କାଳ ତଳେ ପ୍ରାଣର ସଂଚାର କରେ, ପଥ ଭୁଲା ମଣିଷକୁ ପଥକୁ ଆଣେ ଓ ଅବସାଦଗ୍ରସ୍ତ ମଣିଷର ମନରେ ଚୁନାଏ ହସ ଭରିଦେଇଥାଏ। ସାହିତ୍ୟ ସମାଜର ଦର୍ପଣ ସ୍ୱରୂପ। ଇଂରାଜୀରେ କୁହାଯାଏ- Literature is the mirror of society. ଜଣେ ସାହିତ୍ୟିକ ତା'ର ଲେଖନୀ ମାଧ୍ୟମରେ ସମାଜର ଛବିକୁ ସୁନ୍ଦର ଭାବରେ ରୂପାୟିତ କରିବା ସହିତ ସାମାଜିକ ଅବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରି ସମାଜରେ ସୁଧାର ଆଣିବାର ପ୍ରୟାସ କରେ। ଦିନେ ସାହିତ୍ୟ କେବଳ ଆନନ୍ଦ ପାଇଁ ଉଦ୍ଦିଷ୍ଟ ଥିଲା ଓ ତାହା ରାଜା ଜମିଦାରମାନଙ୍କ ମନୋରଞ୍ଜନ ପାଇଁ ଲେଖା ଯାଉଥିଲା, ଯାହାକୁ ଦରବାରୀ ସାହିତ୍ୟ ବୋଲି ଅବିହିତ କରାଯାଏ, ଏପରିକି ସେହି ଲେଖା ମାଧ୍ୟମରେ ରାଜା ଜମିଦାରମାନଙ୍କ ସ୍ତୁତି ଗାନ କରାଯାଉଥିଲା। କବି ଦୀନକୃଷ୍ଣ ଦାସ ନିଜ କାବ୍ୟ ରସକଲ୍ଲୋଳରେ ଏହାକୁ କଠୋର ସମାଲୋଚନା କରିଛନ୍ତି। ପରବର୍ତ୍ତୀ ଅବସ୍ଥାରେ ସାହିତ୍ୟର ସ୍ୱରୂପରେ ପରିବର୍ତ୍ତନ ଆସିଥିଲା ଓ ସାହିତ୍ୟ କେବଳ କାବ୍ୟ କବିତା ଭିତରେ ସୀମିତ ନରହି ଗଳ୍ପ, ନାଟକ, ଉପନ୍ୟାସ, ପ୍ରବନ୍ଧ, ରମ୍ୟ ରଚନା ଆଦି ରୂପରେ ଆତ୍ମପ୍ରକାଶ କଲା, ଯେଉଁଥିରେ ସମାଜର ନିଖୁଣ ଚିତ୍ର ପ୍ରତିଫଳିତ ହେଲା। ସାହିତ୍ୟ ସାଧାରଣ ନିଷ୍ପେସିତର ସ୍ୱର ଭାବରେ ପାଠକୀୟ ଅଦୃତି ଲାଭ କଲା। ଯେଉଁ ଲେଖା ବା ସୃଷ୍ଟିଟି ସାର୍ବଜନୀନ ଓ ସାର୍ବ କାଳୀକ ହୋଇଥାଏ ବା ଯାହାକୁ ପାଠ କଲେ ବାରମ୍ବାର ପାଠ କରିବାର ଇଚ୍ଛାହୁଏ ତାହା ହିଁ ସାହିତ୍ୟ। ସାହିତ୍ୟିକ ତା'ର ସୃଷ୍ଟିର ସ୍ରଷ୍ଟା ଓ ସେ ଦ୍ୱିତୀୟ ପ୍ରଜାପତି। ତା'ର ସୃଷ୍ଟି ଯେତେ ସୁନ୍ଦର ହେବ ସେ ସେତେ ପାଠକୀୟ ଅଦୃତି ଲାଭ କରିପାରିବ। ଜଣେ ସାହିତ୍ୟିକ ତା'ର ଲେଖା ମାଧ୍ୟମରେ ଏକ ସାମାଜିକ ବିପ୍ଲବ ସୃଷ୍ଟି କରିପାରେ। କେତେଜଣ ସାହିତ୍ୟିକ ଓ ଦାର୍ଶନିକଙ୍କ ପାଇଁ ଫ୍ରାନ୍ସରେ ରାଷ୍ଟ୍ର ବିପ୍ଲବ ସଂଗଠିତ ହୋଇପାରିଥିଲା।

ସଂସ୍କୃତି ଗୋଟିଏ ଜାତିର ପରିଚୟ। ସଂସ୍କୃତି କହିଲେ ଗୋଟିଏ ଜାତିର ବା ଏକ ସମାଜର ଚାଲିଚଳଣି, ରୀତିନୀତି, ପୋଷାକ, ଅସ୍ଥା ବିଶ୍ୱାସ, ଧର୍ମୀୟ ଭାବନା, କଳା ସାହିତ୍ୟ, ବିଚାର ବ୍ୟବସ୍ଥା ଆଦିକୁ ବୁଝାଇଥାଏ। ସାହିତ୍ୟ ଓ କଳା ସଂସ୍କୃତିର ଏକ ପ୍ରମୁଖ ଅଙ୍ଗ। ଯେଉଁ ଦେଶର ସାହିତ୍ୟ ଓ କଳା ଯେତେ ସମୃଦ୍ଧ ସେ ଦେଶ ସେତେ ସଂସ୍କୃତି ସମ୍ପନ୍ନ। ସାହିତ୍ୟ ଓ ସଂସ୍କୃତି ମଧ୍ୟରେ ରହିଛି ଏକ ନିବିଡ ସମ୍ପର୍କ। ଉଭୟ ଉଭୟଙ୍କ ପରିପୂରକ। ସାହିତ୍ୟିକ ସଂସ୍କୃତିର ମହନୀୟତାକୁ ନିଜ ସୃଷ୍ଟିରେ ପରିପ୍ରକାଶ କରିଥାଏ ଓ ଏହା ସଂସ୍କୃତିର ଜାଗ୍ରତ ପ୍ରହରୀ। କଳା ଓ ସାହିତ୍ୟ ମାଧ୍ୟମରେ ସଂସ୍କୃତି ଲୋକ ଲୋଚନକୁ ଆସିଥାଏ। ଗୋଟିଏ ଜାତି ବା ସମାଜର ଏକ ନିର୍ଦ୍ଦିଷ୍ଟ ସମୟର ରୀତି ନୀତି, ଚାଲିଚଳନ, ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ଧାର୍ମିକ ଭାବନା, ଆସ୍ଥା ପରମ୍ପରା, ଭାଷା ସାହିତ୍ୟ, କଳା ଶିକ୍ଷା, ପ୍ରଣାଳୀ ଇତ୍ୟାଦିକୁ ବୁଝାଇଥାଏ। ଏହାକୁ ସାମାଜିକ ଜୀବନଶୈଳୀ ବୋଲି କୁହାଯାଏ। ବୈଦିକ ସଂସ୍କୃତିକୁ ଭାରତର ସବୁଠାରୁ ପ୍ରାଚୀନ ସଂସ୍କୃତି ବୋଲି କୁହାଯାଏ। ବୈଦିକ ଯୁଗରେ ସଂସ୍କୃତ ଭାଷା ମୌଖିକ ଭାବେ ପ୍ରଚଳିତ ଥିଲା। ଲୋକମନେ ପ୍ରକୃତିର ଉପାସକ ଥିଲେ। ଜଙ୍ଗଲରେ ବସବାସ କରୁଥିଲେ ଓ ଜଙ୍ଗଲରେ ଫଳମୂଳ ଆହାର କରି ଜୀବିକା ନିର୍ବାହ କରୁଥିଲେ। ଜପ, ତପ, ସାଧନ ଓ ଯଜ୍ଞ କରି ଭଗବାନଙ୍କ ଉପାସନା କରୁଥିଲେ। ଧୀରେ ଧୀରେ ମଣିଷର ଜୀବନଶୈଳୀରେ ପରିବର୍ତ୍ତନ ହୋଇଥିଲା। ନିଜର ଆବଶ୍ୟକତାକୁ ଅନୁଭବ କରି ଖାଦ୍ୟ, ବସ୍ତ୍ର, ପୋଷାକ, ଚାଲିଚଳଣୀ, ଶିକ୍ଷାଦୀକ୍ଷାରେ ପରିବର୍ତ୍ତନ ଆସିଥିଲା। ପ୍ରାଚୀନ ଭାରତରେ ଖ୍ରୀଷ୍ଟପୂର୍ବ ୨୬୦୦ ବେଳକୁ indus valley ସଭ୍ୟତା ମଣିଷକୁ ଏକ ସାମାଜିକ ଜୀବନଯାପନ କରିବାର ପ୍ରେରଣା ଦେଇଥିଲା ବୋଲି ଐତିହାସିକମାନେ ମତ ଦିଅନ୍ତି। ଏହାକୁ ଭାରତର ପ୍ରାଚୀନ ସାମାଜିକ ବ୍ୟବସ୍ଥା ବୋଲି କୁହାଯାଏ।

ଭାରତ ଏକ ବହୁ ଭାଷୀ, ବହୁ ଧର୍ମବଲମ୍ବୀ, ବହୁ ଜାତି, ବହୁ ସମ୍ପ୍ରଦାୟକୁ ନେଇ ଗଢି ଉଠିଛି। କୁହାଯାଏ ବିବିଧତା ଭିତରେ ଏକତା ହିଁ ଭାରତର ଆଦର୍ଶ। ହିନ୍ଦୁ, ଖ୍ରୀଷ୍ଟିଆନ, ମୁସଲମାନ, ଜୈନ, ବୁଦ୍ଧ ଇହୁଦି, ପାର୍ସି, ଶାକ୍ତ, ଗାଣପତ୍ୟ ଧର୍ମାବଲମ୍ବୀ ଲୋକ ଭାରତରେ ବାସ କରନ୍ତି। ମୁସଲମାନମାନେ ଅଲ୍ଲାହାଙ୍କୁ ପୂଜା କଲାବେଳେ, ମନ୍ଦିର ଓ ମୂର୍ତ୍ତି ପୂଜାକୁ ବିରୋଧ କରନ୍ତି। ଅରବୀ ଓ ଉର୍ଦ୍ଧୁ ଭାଷାକୁ ଗ୍ରହଣ କରିବା ସହିତ ମାଂସ ଭକ୍ଷଣକୁ ନିଜର ଧର୍ମ ସହିତ ଯୋଡିଥା'ନ୍ତି। ବୌଦ୍ଧ, ଜୈନ ଧର୍ମାବଲମ୍ବୀ ଲୋକମନେ ମାଂସ ଭକ୍ଷଣକୁ ସମ୍ପୂର୍ଣ୍ଣ ବିରୋଧ କରିଥା'ନ୍ତି। ହିନ୍ଦୁମାନେ ମନ୍ଦିର ଓ ମୂର୍ତ୍ତି ପୂଜାକୁ ପ୍ରାଧାନ୍ୟ ଦେଇଥାନ୍ତି। ପ୍ରତ୍ୟେକ ଧର୍ମର ଲୋକମାନଙ୍କ ଜୀବନଶୈଳୀ, ରୀତିନୀତି, ଭାଷା, ଖାଦ୍ୟ ଭିନ୍ନଭିନ୍ନ। କହିବାକୁ ଗଲେ ଗୋଟିଏ ପ୍ରଦେଶରେ ବାସ କରୁଥିବା ଲୋକଙ୍କ ଭିନ୍ନ ଭିନ୍ନ ସଂସ୍କୃତି। ଓଡ଼ିଶା କଥା ଯଦି ବିଚାର କରିବା ତା'ହେଲେ ଦେଖିବା ଓଡ଼ିଶାର ଆଦିବାସୀ ସମାଜ ହିନ୍ଦୁ ସତ; କିନ୍ତୁ ସେମାନଙ୍କ ବେଶ ପୋଷାକ, ଆସ୍ଥା ବିଶ୍ୱାସ, ଖାଦ୍ୟପେୟ, କଳା, ସଂଗୀତ, ଭାଷା, ଓଡ଼ିଆମାନଙ୍କ ଠାରୁ ଭିନ୍ନ ଏହା ଏକ ଅଲଗା ସଂସ୍କୃତିର ପରିଚୟ ବହନ କରିଥାଏ ବା ଏହାକୁ ଆଦିବାସୀ ସଂସ୍କୃତି ବୋଲି ଅବିହିତ କରାଯାଏ। ଓଡ଼ିଶାର ସଂସ୍କୃତିକୁ ଜଗନ୍ନାଥ ସଂସ୍କୃତି ବୋଲି ମଧ ଅବିହିତ କରାଯାଏ। ଓଡ଼ିଆର ପୋଷାକ, ଖାଦ୍ୟ, ବାରମାସରେ ତେର ପର୍ବ ପାଳନ କରିବାର ପରମ୍ପରା, ନୃତ୍ୟ ସଂଗୀତ ସବୁ କିଛି ଜଗନ୍ନାଥଙ୍କ ନିତିକାନ୍ତି ସହିତ ସମାନ। ଓଡ଼ିଆର ପ୍ରିୟ ପଖାଳ ଭାତ ମଧ ପ୍ରଭୁଙ୍କ ନିକଟରେ ଲାଗି ହୁଏ। ଓଡ଼ିଶାର ଓଡ଼ିଶୀ ନୃତ୍ୟ ମଧ ଜଗନ୍ନାଥଙ୍କ ନିକଟରେ ପ୍ରଦର୍ଶନ କରାଯାଏ। ଓଡ଼ିଶାର ସଂସ୍କୃତି ଯଥା- ଖାଦ୍ୟ, ଚରୁକଳା, ସଂଗୀତ, ପୋଷାକ ନିଆରା। ପୂର୍ବ ଓଡ଼ିଶାର ସଂସ୍କୃତି ଓ ପଶ୍ଚିମ ଓଡ଼ିଶାର ସଂସ୍କୃତି ଭିତରେ ମଧ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। ଭାରତୀୟ ସଂସ୍କୃତି କହିଲେ ମନ୍ଦିର ସଂସ୍କୃତି ଓ ତା'ର ଶିକ୍ଷା ବ୍ୟବସ୍ଥା ଗୁରୁକୁଳ ଆଧାରିତ। ଗୁରୁକୁଳରେ ରହି ବ୍ୟକ୍ତି ନିଜକୁ ଜଣେ ସଂସ୍କାରୀ ଓ ରାଷ୍ଟ୍ରପ୍ରେମୀ ବ୍ୟକ୍ତି ଭାବରେ ନିଜକୁ ଗଢି ତୋଳୁଥିଲେ। ଯେତେବେଳେ ବିଦେଶୀମାନେ ଭାରତକୁ ଅଧିକାର କଲେ ସେତେବେଳେ ସେମାନେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିବାକୁ ଯାଇ ସମସ୍ତ ହିନ୍ଦୁ ମନ୍ଦିର ଭାଙ୍ଗି ମସଜିଦ୍ ତିଆରି କଲେ। ଠିକ୍ ସେଇଭଳି ବ୍ରିଟିଶର୍ସମାନେ ଭାରତୀୟ ଗୁରୁକୁଳ ଶିକ୍ଷା ପଦ୍ଧତିକୁ ବନ୍ଦ କରିଦେଇ ଇଂରାଜୀ ପାଠ୍ୟକୁ ପ୍ରଚଳନ କଲେ। ଫଳରେ ଭାରତୀୟ ସଂସ୍କୃତି ଆମ ଲୋକମାନେ ଭୁଲିଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କଲେ। ଫଳରେ ଲୋକଙ୍କ ମନରେ ରାଷ୍ଟ୍ର ପ୍ରେମ ବଦଳରେ ସ୍ୱାର୍ଥପରତା ପ୍ରବେଶ କରିବାକୁ ଲାଗିଲା। ଓଡ଼ିଶାର ଲୋକମାନେ କିଭଳି ନିଜ ସଂସ୍କୃତିକୁ ଦୂରେଇ ଦେଇ ପାଶ୍ଚାତ୍ୟ ସଂସ୍କୃତି ପଛରେ ଗୋଡାଉଥିଲେ ତା'ର ନିଖୁଣ ଚିତ୍ର ଫକୀର ମୋହନ ସେନାପତିଙ୍କ କବିତା 'ମୁଁ ହାଟ ବାହୁଡ଼ା'ରେ ପ୍ରତିଫଳିତ ହୋଇଛି। ଉତ୍କଳ କଳାର ଦେଶ ହୋଇଥିବାରୁ ଏହାର ନାଁ ଥିଲା ଉତ୍କଳ। ହଜାର ହଜାର ବର୍ଷ ତଳେ ଓଡ଼ିଶାର ଚାରୁକଳା ଓ କାରୁକଳା, ବାଣିଜ୍ୟ କଳା ଥିଲା ଅତ୍ୟନ୍ତ ଉଚ୍ଚକୋଟିର। ଉତ୍କଳର ବଣିକ ବିଭିନ୍ନ ଦେଶକୁ ସମୁଦ୍ର ପଥରେ ନୌକା ମାଧ୍ୟମରେ ଯାଇ ବାଣିଜ୍ୟ କରୁଥିଲେ। ନୌକା ତିଆରି କରିବାର କଳା ଓଡ଼ିଆମାନଙ୍କୁ ଜଣାଥିଲା। ଓଡ଼ିଶାର ସଂସ୍କୃତି ଏତେ ସମୃଦ୍ଧ ଥିଲା, ତା'ର ପ୍ରତିଫଳନ ତତ୍କାଳୀନ ମନ୍ଦିରଗୁଡିକରେ ଦେଖିବାକୁ ମିଳେ। ଏପରିକି ଓଡିଶାର ବଣିକମାନେ ଜାଭା, ସୁମାତ୍ରା ଓ ସିଂହଳ ପ୍ରଭୃତି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ। ଆଜି ସେହି ଦେଶଗୁଡିକରେ ଓଡ଼ିଶାର ସଂସ୍କୃତି ଦେଖିବାକୁ ମିଳିଥାଏ। ପଥର ଦେହରେ ସୂକ୍ଷ୍ମ କଳାକୃତିକୁ ଦେଖିଲେ ଜଣାପଡ଼େଯେ ହଜାର ବର୍ଷ ତଳେ ଆମ କଳା ବା ସଂସ୍କୃତି କେତେ ମହାନ ଥିଲା। ଆଜିର ଯୁବସମାଜ ଭାରତୀୟ ସଂସ୍କୃତିକୁ ଭୁଲିଯାଇ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କରିବାକୁ ଯାଇ ଭାଲେଣ୍ଟାଇନ୍ ଡେ, ରୋଜ ଡେ, ଫାଦରର୍ସ ଡେ ଆଦି ପାଳନ କରୁଛି। ଜନ୍ମଦିନରେ ମନ୍ଦିର ଯିବା ପରିବର୍ତ୍ତେ କେକ୍ କାଟୁଛି। ବିବାହର ପବିତ୍ର ବନ୍ଧନକୁ ଭୁଲି ଲିଭ୍ ଇନ୍ ରିଲେସନ୍‌ରେ ରହିବାକୁ ପସନ୍ଦ କରୁଛି। କହିବାକୁ ଗଲେ ଭାରତୀୟ ସଂସ୍କୃତି ଆଜି ଅଲୋଡ଼ା ଓ ଅଖୋଜା ହୋଇଯାଇଛି, ଯାହାଫଳରେ ପାରିବାରିକ ବିଶୃଙ୍ଖଳା ଦେଖାଦେବା ସହିତ ବାପା-ମା' ବୁଢାବୁଢ଼ୀ ହେଲେ ସେମାନଙ୍କ ସେବା ପରିବର୍ତ୍ତେ ପୁଅମାନେ ତାଙ୍କୁ ବୃଦ୍ଧାଶ୍ରମକୁ ପଠେଇ ଦେବାକୁ ଉଚିତ ମନେ କରୁଛନ୍ତି। ପରିବାର ଭିତରେ ଥିବା ସ୍ନେହ, ମମତା ଓ ଭଲପାଇବା ଆସ୍ତେ ଆସ୍ତେ ହଜିଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ସଂସ୍କୃତି ପରିବର୍ତ୍ତନଶୀଳ। ସମୟ ସ୍ରୋତରେ ତାହାର ପରିବର୍ତ୍ତନ ଆସିଥାଏ। ମାତ୍ର ଆଜିର ଯୁବସମାଜ ଭାରତୀୟ ସଂସ୍କୃତିକୁ ଭୁଲିଯାଇ ପାଶ୍ଚାତ୍ୟ ସଂସ୍କୃତିର ଗୁଣଗାନ କରୁଛି। ଫଳରେ ବିଧର୍ମୀମାନଙ୍କ ଚକ୍ରାନ୍ତର ଶିକାର ହେଉଛି ଓ ନିଜ ଧର୍ମ ଓ ସଂସ୍କୃତିର ମହନୀୟତାକୁ ଭୁଲିଯାଇ ଅନ୍ୟ ଧର୍ମକୁ ଗ୍ରହଣ କରୁଛି। ଆସନ୍ତୁ ଆମେ ସମସ୍ତେ ଆମ ଦେଶର ଗୌରବମୟ ଓ ମହାନ୍ ସଂସ୍କୃତିକୁ ଆପଣାଇବା ସହିତ ନିଜକୁ ଜଣେ ଆଦର୍ଶ ଭାରତୀୟ ଭାବେ ଗର୍ବ କରିବା।

# ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ




ବିଶ୍ୱବିଜୟୀ ଦାଶ
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ: ୬୩୭୦୨୦୮୪୨୮


ଓଡ଼ିଶାରେ ସ୍ୱାଧୀନତା କାଳରେ ଯେଉଁ କେତେଜଣ ନାରୀ କବି, ଲେଖିକାଙ୍କର ଆବିର୍ଭାବ ହୋଇଥିଲା ସେମାନଙ୍କ ମଧ୍ୟରୁ ମହୀୟସୀ ମହିଳା କୁନ୍ତଳା କୁମାରୀ ସାବତ ଅନ୍ୟତମ। ସେ ଜଣେ ସୁଦକ୍ଷ ଡ଼ାକ୍ତର, ଯଶସ୍ୱୀ କବୟତ୍ରୀ, ଲେଖିକା, ସ୍ୱାଧୀନତା ସଂଗ୍ରାମୀ ଓ ସମାଜସେବୀ ଥିଲେ।

ସେ ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ବସ୍ତର ରାଜ୍ୟ (ବର୍ତ୍ତମାନ ଛତିଶଗଡ଼ର ବସ୍ତର ଜିଲ୍ଲା)ର ଜଗଦଲପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଡାନିଏଲ ସାବତ, ସେ ପେଶାରେ ଡାକ୍ତର ଥିଲେ। ତାଙ୍କର ମାତାଙ୍କ ନାମ ମୋନିକା ସାବତ ଥିଲା। ତାଙ୍କ ପିତାମହ ପୁରୀ ଜିଲ୍ଲାର ଦାଣ୍ଡମୁକୁନ୍ଦପୁରର ବାସିନ୍ଦା ଥିଲେ। କୌଣସି କାରଣବଶତଃ ତାଙ୍କ ପିତା ବସ୍ତର ଜିଲ୍ଲାକୁ ଚାଲି ଯାଇଥିଲେ ଓ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ। ତାଙ୍କ ଜନ୍ମର ଅଳ୍ପଦିନ ପରେ ତାଙ୍କ ପରିବାର ବର୍ମା ଚାଲି ଯାଇଥିଲେ ଓ କୁନ୍ତଳାଙ୍କୁ ୧୪ବର୍ଷ ହେବା ପର୍ଯ୍ୟନ୍ତ ସେଠାରେ ଥିଲେ। ପରବର୍ତ୍ତୀ ସମୟରେ କୁନ୍ତଳା କୁମାରୀ ସାବତ ତାଙ୍କ ମାତାଙ୍କ ସହ ଓଡ଼ିଶା ଫେରି ଆସିଥିଲେ।

ସେ ରେଭେନ୍ସା ବାଳିକା ବିଦ୍ୟାଳୟରେ ଶିକ୍ଷା ଲାଭ କଲା ପରେ କଟକ ଡାକ୍ତରୀ ବିଦ୍ୟାଳୟରେ (ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ବିଦ୍ୟାଳୟ) ଡାକ୍ତରୀ ଶିକ୍ଷା ଗ୍ରହଣ କରି ୧୯୨୧ ମସିହାରେ ସ୍ୱର୍ଣ୍ଣ ପଦକ ସହ ଏଲ୍.ଏମ୍.ପି, ଡିଗ୍ରୀ ପାଇ ଉତ୍ତୀର୍ଣ୍ଣ ହେଲେ। ସେ ଯୁଗରେ ନାରୀ ଶିକ୍ଷା ଆଦୌ ନଥିଲା। ଏହି ଶିକ୍ଷା ନିମନ୍ତେ ତାଙ୍କର ମାଆଙ୍କର ଅଦମ୍ୟ ଇଚ୍ଛା ଯୋଗୁ ସମ୍ଭବ ହୋଇଥିଲା। ଓଡ଼ିଆ ଭାଷା ଛଡ଼ା ସେ ବଙ୍ଗଳା, ଇଂରାଜୀ ଓ ବର୍ମାର ଭାଷା ଶିଖିଥିଲେ।



ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ମହୀୟସୀ ମହିଳା କୁନ୍ତଳା କୁମାରୀ ସାବତଙ୍କ କାବ୍ୟ ଚିନ୍ତନ ଏକ ବିଶିଷ୍ଟ ପର୍ବ, ତାଙ୍କ ଜୀବନର ସ୍ୱଳ୍ପାୟୁଷ ସତ୍ତ୍ୱେ ସେ କେବଳ ଓଡ଼ିଶାର ନୁହଁନ୍ତି ସମଗ୍ର ଭାରତ ବର୍ଷର ବିପୁଳ ମାନସିକତା ତାଙ୍କ ଠାରେ ପରିଲକ୍ଷିତ ହେଲା ବେଳେ ଜଣେ ସାହିତ୍ୟ ସ୍ରଷ୍ଟା ଭାବେ ସମାଜର ଭଲମନ୍ଦ ନାରୀ ଜୀବନର ବିବିଧତା ସ୍ୱକୀୟ ଜୀବନ ଦର୍ଶନ, ଦେଶପ୍ରୀତି ତଥା ସମସାମୟିକ ସାଂସ୍କୃତିକ ଚିତ୍ର ପ୍ରଦାନର କୁନ୍ତଳା କୁମାରୀ ସାବତଙ୍କ କଥା ଭାଗ ତଥା କଥା ସାହିତ୍ୟ ଯଦି ଦେଖିବା ତା' ସହ କବିତା ପର୍ବ, ଆଧୁନିକ ଓଡ଼ିଆ ସାହିତ୍ୟ ପରିପ୍ରକ୍ଷୀରେ ବେଶ ଉଲ୍ଲେଖନୀୟ ବୋଲି ମନେହୁଅନ୍ତି।

କୁନ୍ତଳା କୁମାରୀ ସାବତଙ୍କ ପ୍ରଥମ କବିତା ହେଉଛି 'ତାରା ପ୍ରତି'।

ତାଙ୍କର ଆହୁରି କବିତା ଗୁଡ଼ିକ ହେଲା ଅଞ୍ଜଳୀ, ଉଚ୍ଛ୍ୱାସ, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ଆଜି ବାପା ତୋତେ କହିବି କଥାଟି, ପ୍ରେମ ଚିନ୍ତାମଣି, ଓଡ଼ିଆଙ୍କ କାନ୍ଦଣା, ଗଡଜାତ କୃଷକ, ଶେଫାଳି ପ୍ରତି, କୋଟିକୋଟି କଣ୍ଠେ ଆଜି ଅବହେଳିତ ଦେଶ, ପୂଜା, ଅଭିଶପ୍ତର ଅଭିମାନ, ମଣିକାଞ୍ଚନ(ଅସମ୍ପୂର୍ଣ୍ଣ କାବ୍ୟ) (ସାହିତ୍ୟିକା ଜୀବନର ଆଦ୍ୟକାଳରେ ରଚିତ) (ସାବିତ୍ରୀ ଓ ସତ୍ୟବାନ ଉପାଖ୍ୟାନ), ବନଫୁଲ, ଉଦ୍ୟାନକୁସୁମ ଆଦି।

ତାଙ୍କ ଲେଖନୀ ନିସୃତ ଅଞ୍ଜଳୀ, ଅର୍ଚ୍ଚନା, ପ୍ରେମ ଚିନ୍ତାମଣି କାବ୍ୟ ଗ୍ରନ୍ଥରେ ଗଭୀର ଭାବବୋଧ, ସାଙ୍ଗିତିକତା, ଲାଳିତ୍ୟ, ଚମତ୍କାର ଆବେଗ ପ୍ରବଣତାରେ ଉଦ୍ବେଳିତ କରିଛନ୍ତି ତାଙ୍କ କାବ୍ୟ ଗୁଡ଼ିକୁ। ତାଙ୍କ ଲେଖନୀ ନିସୃତ ଅନ୍ୟ ଏକ ଉଚ୍ଛ୍ୱାସ କବିତା କବିଙ୍କ ପ୍ରକୃତି ପ୍ରୀତି, ନାନ୍ଦନୀୟ ଦୃଷ୍ଟିଭଙ୍ଗୀକୁ ସମ୍ପ୍ରସାରିତ କରିଛି। ତାଙ୍କର ଅନ୍ୟ ଦୁଇ କବିତା ସ୍ଫୁଲିଙ୍ଗ ଓ ଆହ୍ୱାନ। ଏହି କବିତା ଦ୍ୱୟରେ ଦେଶାତ୍ମଭାବନାବୋଧରେ ପ୍ରଜ୍ୱୋଳିତ।

ପରବର୍ତ୍ତୀ ସମୟରେ ସେ ମହାତ୍ମା ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି 'ଭାରତ ମାତା' କବିତା ଲେଖିଥିଲେ। ଏହି କବିତାରେ ଜାତୀୟତା, ଦେଶପ୍ରୀତିର କିପରି ଭାବରେ କୁନ୍ତଳା କୁମାରୀ ସାବତଙ୍କ ମନୋନିବେଶ ରହିଛି, ତାହାର ନିଦର୍ଶନ ଦେଖିବାକୁ ମିଳେ।

ତାଙ୍କର ଅନେକ ଉପନ୍ୟାସ ଗୁଡ଼ିକ ହେଲା-ଭ୍ରାନ୍ତି, ନଅତୁଣ୍ଡୀ, କାଳୀବୋହୁ, ରଘୁ ଅରକ୍ଷିତ, ପରଶମଣି, ଚିତ୍ରପଟ ଆଦି। ତାଙ୍କୁ ୧୯୨୫ ମସିହାରେ 'ଉତ୍କଳ ଭାରତୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଭାରତୀ ଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା।

ତାଙ୍କ ଲେଖନୀ ନିସୃତ କବିତା-

'ଆହାଃ କି ସୁନ୍ଦର ଶିଶୁ ଭାବନା ବିହୀନ,
ସୁଧାରସ ସିକ୍ତ ତବ ଏ ନବଜୀବନ,
ପ୍ରାତଃ ସମ ସୁମଧୁର ପ୍ରଶାନ୍ତ ଉଜ୍ଜ୍ୱଳ,
ଏ ନବଜୀବନେ ନାହିଁ ସଂସାର ଜଞ୍ଜାଳ'

ସେ ମହୀୟସୀ ମହିଳା ୧୯୩୮ ମସିହା ଅଗଷ୍ଟ ୨୩ ତାରିଖରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦୁନିଆ ଛାଡ଼ି ଚାଲିଗଲେ। ଆଜି ତାଙ୍କର ଜନ୍ମଜୟନ୍ତୀ ଅବସରରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ କୋଟି କୋଟି ପ୍ରଣାମ।

# ଏ ପଥର କଥାକହେ-୪




ମାୟାଧର ନାୟକ
ଯାଜପୁର ରୋଡ, ଯାଜପୁର
ମୋ: ୯୮୬୧୦୩୪୧୬୩


ପଥରର ଏ ମୂକ ଆତ୍ମାକୁ ଅନୁଭବ କରିଛ କେବେ? ବିଶାଳ ନଦୀବନ୍ୟାରୁ ତୁମ ସମାଜକୁ ଆଉ ଭାବୀ ବଂଶଧରବର୍ଗଙ୍କୁ ରକ୍ଷା କରିବାକୁ ଯାଇ କେଉଁ ଦୂରପର୍ବତର ପଥର ଆମେ ଆସି ପାଲଟିଛୁ ତୁମ ବିରାଟ ବନ୍ଧର ବିପୁଳାୟତନ। ଆମକୁ ନେଇ ନିର୍ମିତ ନାନାଦି ନଦୀବନ୍ଧ ତୁମ ଅଗ୍ରଗାମୀ ସଭ୍ୟତାର ଅବିସମ୍ବାଦିତ ମୁଖବନ୍ଧ। ଜଳସେଚନ ଠାରୁ ଆରମ୍ଭ କରି ଜଳବିଦ୍ୟୁତ୍ ପ୍ରକଳ୍ପ ପର୍ଯ୍ୟନ୍ତ ତୁମ କୃଷି ଓ ଶିଳ୍ପର କାହାଣୀ କହିଆସିଛି ସାରାଦୁନିଆର ଏ ନଦୀବନ୍ଧ – ଯେଉଁଠି ଜଡ଼ି ରହିଛି ଆମର କଙ୍କାଳ, ଆମର କବନ୍ଧ ! ତୁମ ଇତିହାସର ପ୍ରକାଣ୍ଡ ପ୍ରତିମୂର୍ତ୍ତି, ଉଦାତ୍ତ ଅନୁଶାସନ, ସମୁନ୍ନତ ସ୍ତମ୍ଭ, ମନୋଜ୍ଞ ମିନାର, ମହାମହଲ, କାରାଦୁର୍ଗ, ସପ୍ତାଶ୍ଚର୍ଯ୍ୟ- ଆମେ ସମାହିତ ସର୍ବତ୍ର। ତୁମ ଧର୍ମର ଧାମ, ପୀଠ, ତୀର୍ଥ, ସ୍ତୂପ, ମଣ୍ଡପ-ଆମେ ପରିଗୃହୀତ ସର୍ବତ୍ର। ତୁମ ରାଜନୀତିର ରଙ୍ଗବାଜିରେ ଶିଳାନ୍ୟାସ ହେଉ କି ଭିତ୍ତିପ୍ରସ୍ତର ହେଉ- ଖଣ୍ଡେଖଣ୍ଡେ ସନ୍ତକ ବା ସ୍ମାରକୀ ଭାବରେ ବ୍ୟବହୃତ ଆମେ। ତୁମ ରାଜପଥର ଧାରେ ଧାରେ ଆମ ନିଶାଣଖୁଣ୍ଟର ନିତ୍ୟନୈମିତିକ ଅବତାର ! ଅତୀତରୁ ଅଦ୍ୟାବଧି ଆମ ଆତ୍ମବଳିର ଅଧ୍ୟାୟଗୁଡ଼ିକୁ ଉନ୍ମୋଚନ କରିଛ କି କେବେ ?

ମଣିଷ। ତମର ଆକୃତି ନିର୍ଦ୍ଦିଷ୍ଟ, ନିର୍ଦ୍ଧାରିତ। ପଥର। ଆମର ଆକୃତି ଅନାଦି, ଅନନ୍ତ। କେମିତି ଥିଲୁ-କିଏ କହିବ ? କେମିତି ହେବୁ-କିଏ ବତେଇବ ? ଆମ ରୂପ ଅପେକ୍ଷା କରେ ରୂପାନ୍ତରକୁ। ରୂପାତୀତ, ସୀମାତୀତ ହେବାର ଭବିତବ୍ୟ ହିଁ ଆମର ଭାଗ୍ୟ।

ମଣିଷ। ତମର ପ୍ରକୃତି ଅସ୍ଥିର, ଚଞ୍ଚଳ। ପଥର। ଆମର ପ୍ରକୃତି ସ୍ଥିର, ନିଶ୍ଚଳ। ଆମକୁ 'ଅଚଳ' କୁହାଯାଏ ଏଥିପାଇଁ। ତୁମେ ବି ଆମକୁ ତାଚ୍ଛଲ୍ୟ କରି କହିଥାଅ- ଅକର୍ମା ଶିଳା – ନହେଲେ ମାଙ୍କଡ଼ା ପଥର – କାରଣ ତୁମ ପରି ଆମର ପ୍ରବୃତ୍ତି ନାହିଁ, କ୍ଷୁଧା ନାହିଁ, ତୃଷ୍ଣା ନାହିଁ। ଆମେ ନିବୃତ, ନିରାସକ୍ତ, ନିଷ୍କାମ।

ତୁମର ସବୁ ଥାଇ, କିଛି ନାଇଁ – ତୁମେ ରିକ୍ତ।

ଆମର କିଛି ନଥିବାର ଶୂନ୍ୟତାବୋଧରେ ବି ସବୁଥିବାର ପରିପୂର୍ଣ୍ଣତା-ଆମେ ଅତିରିକ୍ତ।

ଶତ ସମ୍ଭାବନା ସତ୍ତ୍ୱେ-ତୁମେ ମଣିଷ ହୋଇ ସୁଦ୍ଧା କ୍ଷୟିଷ୍ଣୁ। ବଞ୍ଚୁଥାଅ ମରିମରି।

ଶତ ବିଡ଼ମ୍ବନା ସତ୍ତ୍ୱେ-ଆମେ ପଥର ହୋଇ ସୁଦ୍ଧା ସହିଷ୍ଣୁ। ନାନା ରୂପ ନେଇଥାଉ ନ ଡରି, ନ ମରି।

ତୁମେ କ'ଣ ଆମ ପରି ପ୍ରେମୀ ବା ପ୍ରେମିକ ହୋଇପାରିବ କସ୍ମିନ୍ କାଳେ ? ଆମ ପରି ଭଲପାଇପାରିବ କଠୋର ନିଷ୍ଠାରେ ?

ଆମର ପ୍ରେମ ହିଁ ଆମର କାଠିନ୍ୟ।

ତୁମ ପ୍ରେମର ପୃଥିବୀ କିନ୍ତୁ କ୍ଷଣକ୍ଷଣକେ ଆନ।

ଏ କଥା ମୁଁ କହୁନି, କହୁଚି ତୁମ ପୃଥିବୀର ବେଙ୍ଗରଜା ତା' ବେଙ୍ଗୁଲୀରାଣୀକୁ !

ପଥରକୁ ଚାହଁ। ଦେଖ ଦିବ୍ୟଦୃଷ୍ଟିରେ। ତାହା ତୁମ ଦର୍ପଣ। ସେ ଦର୍ପଣରେ ତୁମ କଳା, କୃଷ୍ଟି, କାରିଗରିର କେତେନାକେତେ ପ୍ରମୂର୍ତ୍ତ ପ୍ରତିଫଳନ। ଯଦି ଆଉଟିକିଏ ଧ୍ୟାନ ଦେଇ କାନ ରଖିବ ପଥର ଛାତିରେ, ତା'ହେଲେ ଶୁଣିପାରିବ ସୂକ୍ଷ୍ମାତିସୂକ୍ଷ୍ମ ସ୍ପନ୍ଦନର ଶବ୍ଦ ! ସେ ସ୍ପନ୍ଦନ କାହା ପାଇଁ ? ଅନୁଭବ କର। ସଭ୍ୟତାର ଯେଉଁମାନେ ପ୍ରବଞ୍ଚିତ ନିର୍ମାତା, ଶ୍ରମଜୀବୀ ଦାସ, କର୍ତ୍ତବ୍ୟନିଷ୍ଠ କିଂକରକୁଳ- ସେଇମାନଙ୍କ ସକାଶେ ପଥର ଛାତିରେ ଏ ହୃତ୍‌ସ୍ପନ୍ଦନ...ହାହାକାର... ଦ୍ରବୀଭୂତ ଦୀର୍ଘଶ୍ୱାସ ! ହାତୀ ପିଠିରେ, ମଣିଷ ପିଠିରେ, ଯାନବାହନ ଉପରେ ବୁହା ହୋଇ ଆସୁଥିବା ବେଳେ ଲକ୍ଷକୋଟି ପଥରଙ୍କ ପଥଯାତ୍ରାକୁ ମନେପକାଇଛ କେବେ ? ଆମକୁ ଛେଚିପିଟି, କାଟିକୁଟି, ଭାଙ୍ଗିଚୂରି, ହାଣିମାରିବାର ମାତାଲ୍ ହତିଆରମାନଙ୍କୁ କେବଠୁ କ୍ଷମା କରିସାରିଛୁ ଆମେ। କାରଣ ଆମର ମୃତ୍ୟୁ ତୁମ ସଭ୍ୟତାର ମହାଜୀବନ – ଆମର ପତନ ତୁମ ଅଭ୍ୟୁଦୟୀ ସଂସ୍କୃତିର ଉତ୍ତୁଙ୍ଗ ଅଭ୍ୟୁତ୍ଥାନ।

ତୁମେ ମଣିଷ। ମହାର୍ଘ ମସ୍ତିଷ୍କର ମାଲିକ। ପାଞ୍ଚମନରୁ ପଚିଶ ପ୍ରକୃତିର ପ୍ରତିଭାଧର ପ୍ରତିଭୂ। ଅଥଚ କିଛି ଶିଖିଲ ନାହିଁ ପଥର ପାଖରୁ ? ଭୋଗ କଲ, ସଂଭୋଗ କଲ- ଜାଣିଲ ନାହିଁ ତ୍ୟାଗ କ'ଣ, ତିତିକ୍ଷା କ'ଣ ! ତୁମର ବିଡ଼ାବିଡ଼ା ପୋଥିପତ୍ର, ଥାକଥାକ ତତ୍ତ୍ୱଜ୍ଞାନ, ଦୁନିଆଯାକର ଦର୍ଶନ-ବିଜ୍ଞାନ ... ହେଲେ ପଥରର କଳ୍ପକଳ୍ପବ୍ୟାପୀ କଠିନ ସଂକଳ୍ପ ଆଉ କାଳକାଳର ମୌନତପସ୍ୟାରୁ ଆଜି ବି ଆତ୍ମଗତ କରିପାରିଲ ନାହିଁ କାଣିଚାଏ ?

ପଥର ଭଲପାଇଛି ମଣିଷକୁ। ମାତ୍ର ମଣିଷ କ'ଣ ଭଲପାଇ ପାରିଲା ପଥରକୁ ? ବନଭୂମିର ଆଦିବାସୀ ଯେଉଁ ବୃକ୍ଷକୁ ଦେବତୁଲ୍ୟ ଜ୍ଞାନ କରେ, ଜନବହୁଳ ସମୃଦ୍ଧ ସହରର ଅଧିବାସୀ ସେଇ ବୃକ୍ଷକୁ ପ୍ରତ୍ୟକ୍ଷ କଲାମାତ୍ରେ ମନର ଅତଳରେ ଆରମ୍ଭ କରିଦିଏ ବ୍ୟବସାୟଗତ ମୂଲ୍ୟ ଆକଳନ। ପଥର ପ୍ରତି ମଧ ସେଇ ଏକା ଦୃଷ୍ଟିଭଙ୍ଗୀ। ତୁମେ ଆମର ମାନ ନୁହେଁ, ମୂଲ୍ୟ ବୁଝ ଖାଲି। ଆମକୁ ଶସ୍ତାରେ କିଣି କେମିତି ମହଙ୍ଗାରେ ବିକିବ-ସେଥିପାଇଁ ହିସାବଖାତାର ମୋଟେଇ ବଢେଇ ଚାଲୁଥାଅ ବରାବର।

ତୁମେ ଆମକୁ କୋରୁଥାଅ, ବିଦାରୁଥାଅ – ଆମେ କିନ୍ତୁ ତୁମକୁ ସେମିତି ଭଲପାଉଥାଉ-ଆମ ପିଣ୍ଡ ଖଣ୍ଡବିଖଣ୍ଡ ହେଲା ପରେ ବି। ଆମ ଧ୍ୱଂସରେ ଯଦି ତୁମ ସୃଷ୍ଟି ହୋଇପାରେ ସୁନ୍ଦର, ଶ୍ରୀସଂପନ୍ନ – ତେବେ ତଥାସ୍ତୁ।

ଭୟ କେବଳ ଗୋଟିଏ କଥା ପାଇଁ। ତା' ହେଉଛି, ତୁମେ ତୁମ ପରିବେଶ, ପ୍ରତିବେଶୀ, ଆତ୍ମୀୟସ୍ୱଜନ, ନିଜ ଜାତି ଓ ଜନତାକୁ ଆତ୍ମସ୍ୱାର୍ଥ ପାଇଁ ବିପର୍ଯ୍ୟସ୍ତ କରିଦେବାରେ କୁଣ୍ଠିତ ହେଉନାହଁ ତିଳଟିଏ ମାତ୍ର। ତା' କରନା-କରନା କଦାପି। ମନେନାହିଁ, ମହାଭାରତର ଯଦୁବଂଶ କଥା ? ନିଜ ନିଜ ମଧ୍ୟରେ ଗୋଳଯୁଦ୍ଧ କରି କରି କିପରି ସମୂଳେ ନିଶ୍ଚିହ୍ନ ହୋଇଗଲେ ଦିନେ ? ଯୁଦ୍ଧ, ଗୃହଯୁଦ୍ଧ, ବ୍ୟୂହଯୁଦ୍ଧ, ମହାଯୁଦ୍ଧ-କ'ଣ ଦରକାର ? 'ବସୁଧୈବ କୁଟୁମ୍ବକମ୍'ର ମନ୍ତ୍ର ଉଚ୍ଚାରଣ କରି ପ୍ରେମର ପୃଥିବୀଟିଏ ଗଢ଼ିପାରିଲ ନାହିଁ ? ଯିଏ ଯୋଦ୍ଧା, ସିଏ ଘାତକ ନୁହେଁ – ପ୍ରେମିକ, ମହାପ୍ରେମିକ। ଲକ୍ଷକୋଟି ପ୍ରାଣର ତ୍ରାଣକର୍ତ୍ତା ସେ। ନିଜେ ମରିଯାଇପାରେ, ଅନ୍ୟସମସ୍ତଙ୍କୁ ବଞ୍ଚାଇ ରଖିବାର ପଣ କରି – ଠିକ୍ ଆମ ପଥର ଜାତି ପରି।

ଆମକୁ ଖଣ୍ଡେ ମାମୁଲି କଠିନ ଶୀତଳ ପିଣ୍ଡ ମଣିବାର ଭୁଲ୍ କର ନାହିଁ କେବେ ? ଆମର କ୍ରୋଧ, ଆମର ଉତ୍ତେଜନା, ଆମର ଉତ୍ତପ୍ତତା ଭାରି ଭୟଙ୍କର। ଶୁଣି ନାହଁ ଆଗ୍ନେୟଗିରିର ବିସ୍ଫୋରିତ ବିବରଣୀ-କଳ୍ପନା କରିନାହଁ ଉଦଗ୍ର ଉଦ୍‌ଗୀରଣ ବେଳର କରାଳ କରଣୀ ? ଜଳନ୍ତା ପାହାଡ଼ର ଆଁ'ରୁ ନିଆଁର ଝଲକ-ଆଉ ସେ ଝଲକରେ ପଥରର ଝଡ଼... କେତେ ପ୍ରଳୟଙ୍କର ! ମୃତ ଆଗ୍ନେୟଗିରି, ସୁପ୍ତ ଆଗ୍ନେୟଗିରିର ପଥରମାନଙ୍କୁ ପ୍ରଣିପାତ କର-ଜୀବନ୍ତ ଆଗ୍ନେୟଗିରିର ପଥରମାନଙ୍କୁ ପ୍ରଶାନ୍ତ ରହିବା ପାଇଁ ପ୍ରାର୍ଥନା କର ! ପ୍ରକୃତିକୁ ବିକୃତିରେ ବଦଳିଯିବାକୁ ମୁହୂର୍ତ୍ତଟିଏ ଲାଗିବନାହିଁ-ଯଦି ଚେତନା ଥାଇ ମଧ ତୁମେ ମଣିଷମାନେ ଜଡ଼ ହେବାକୁ ଚାହଁ !

ହେ ହୋହଲ୍ଲାରେ ମସ୍ତ ମଣିଷମାନେ, ପ୍ରକୃତି ଉପରେ ତୁମ ପୁରୁଷପଣ ଜାହିର କରି ତୁମେ ଆଉ ଦର୍ପ ଦେଖାଅନା। ଯେଉଁ ପଥରକୁ ପାଦ ତଳେ ପାହାଚ କରିଛ, ସେଇ ପଥରକୁ ରତ୍ନସିଂହାସନରେ ପ୍ରତିମା ରୂପରେ ବସାଇ ଯୋଡ଼ହସ୍ତରେ ପ୍ରଣାମ କରୁଛ ! ତମମାନଙ୍କୁ କହିବି ଆଉ କ'ଣ ? ମୋ ଭାଷା ପଥରର ଭାଷା-ନୀରବତା। ଆମେ ପଥରମାନେ ଯେ ଏଯାଏଁ ବିପ୍ଳବ କରିନୁ, ତମ ଭାଗ୍ୟ ଭଲ। ଏକଦା ଆମର ପକ୍ଷ ଥିଲା, ବଡ଼ବଡ଼ ପାହାଡ଼ ରୂପରେ ଗଗନପବନ ଖେଦିବୁଲୁଥିଲୁ ବୋଲି ଇନ୍ଦ୍ରଦେବତା ବି ଆମକୁ ସହି ନ ଥିଲା ସେଦିନ। ଆମର ପକ୍ଷଚ୍ଛେଦନର ଅଭିଯାନ ଆରମ୍ଭ କଲା ଦେବସମାଜ। ସମୁଦ୍ର ଶେଷକୁ ହେଲା ଆମର ଗୋପନ ଆଶ୍ରୟସ୍ଥଳ। ମଗ୍ନ ମୈନାକକୁ ପଚାର, ସେ କହିବ ଆମ ପଥରମାନଙ୍କର ଏଇ ପୌରାଣିକ ଅତୀତର ଦୁଃଖଦ ସ୍ମୃତିକଥା।

ତଥାପି ଆମେ ଦେବସମାଜକୁ ନୁହେଁ, ଭଲପାଉ ମାନବକୁଳକୁ। ସେଥିପାଇଁ ଦେବତାର ସ୍ୱର୍ଗ ନୁହେଁ-ଆମେ ବାଛି ନେଇଛୁ ମଣିଷର ମର୍ତ୍ତ୍ୟ, ଏ ଭୂତଳ-ଏ ପାତାଳ।

ଆଜି ମଣିଷ ଅପେକ୍ଷା ପଥରର ମୂଲ୍ୟ ବେଶି। ଦେବଦେବୀ ପ୍ରତିମାଠାରୁ ଆରମ୍ଭ କରି ପଥରଦୁର୍ଗ, ପଥର କାର୍ଯ୍ୟ, ଆନିକଟ ବ୍ରିଜ୍ ସବୁକାମରେ ଆମେ ବ୍ୟବହୃତ ହେଲୁ। ମଣିଷର ଭବିଷ୍ୟତ ଧ୍ୱଂସମୁଖୀ ହୋଇଚାଲିଥିବା ବେଳେ ଆମର ଭବିଷ୍ୟତ କିନ୍ତୁ ଉଜ୍ଜ୍ୱଳ। ମଣିଷ, ଜୀବଜନ୍ତୁ ଜନ୍ମ ହୋଇ ମାତ୍ର କେଇବର୍ଷ ମଧ୍ୟରେ ମୃତ୍ୟୁମୁଖରେ ପଡ଼ନ୍ତି। ଆମର ଜନ୍ମ ଲକ୍ଷଲକ୍ଷ ବର୍ଷ ତଳୁ ହୋଇଥିଲେ ମଧ ଆମେ ହଜାର ହଜାର ବର୍ଷ ବଞ୍ଚି ରହୁ- ଏପରିକି କେହିକେହି କଟାଇ ଦେଉ ଅପରିମାପ୍ୟ ଆୟୁଷ୍କାଳ। ଏଇ ପଥରରୁ ଦିଅଁ ଭଗବାନ ହୁଏ। ମନ୍ଦିର ତୋଳାଯାଏ। ମନ୍ଦିରର ଗାତ୍ରରେ ରୂପସୀ ମୂର୍ତ୍ତି ଶୋଭାପାଏ। ପୁଣି 'କାମଶାସ୍ତ୍ର' ମଧ ପଥରରେ ଗଢ଼ା ହୋଇ ମନ୍ଦିର ମିଉଜିୟମ୍‌ମାନଙ୍କରେ ସ୍ଥାନ ପାଏ। ଦେଶବିଦେଶରୁ ଲକ୍ଷଲକ୍ଷ ଦେଖଣାହାରିଙ୍କ ଆଖି ଲାଖିରହେ।

ନିହାଣ ମୂନରେ ପଥର କାରିଗର, ଶିଳ୍ପୀ ଆମ ଦେହରେ ଖୋଦେଇ କରି ଅବିକଳ ମୂର୍ତ୍ତି ଗଢ଼ି ଦିଅନ୍ତି। ସେ ମୂର୍ତ୍ତି ବହୁ ମୂଲ୍ୟରେ ବିକ୍ରି ହୁଏ। ପଥର ମୂର୍ତ୍ତି ମଧ ଚୋରି ହୋଇ ବିଦେଶକୁ ଚାଲାଣ ହୁଏ।

ଆଜି ମୋ ଦେଶର ମଣିଷମାନେ ପଥର ପାଲଟିଗଲେଣି।

ହେ ମୋର ଦେଶର ପଥରମାନେ, ତୁମେ ମୋତେ ବ୍ୟସ୍ତ ହୁଅନି। ତୁମେ ଯେଉଁଠି ଥିଲେ ବି ତୁମ ପ୍ରେମରେ ପ୍ରତ୍ନତାତ୍ତ୍ୱିକମାନେ ପାଗଳ। ମୁଁ ମଧ। କେବେ ବିଦେଶ ଗଲେ ସାକ୍ଷାତ ହେବ ନିଶ୍ଚୟ। ହଉ ! ତୁମେ ଯେଉଁମାନେ ରମଣୀୟ ସୁନ୍ଦରୀ ନାରୀ ରୂପରେ ଦେଶବିଦେଶରେ ଅଛ, ତୁମେମାନେ ବରଂ ମିଉଜିୟମ୍‌କୁ ପଳା – ମୁଁ ଯାଉଛି ଏଇ ଲଣ୍ଡନ୍ ମାଟିର ଅତ୍ୟାଧୁନିକ ଲାବୋରେଟୋରୀକୁ। କେବେ ଯଦି ଦେଖା ହେବା, କଥା ହେବା ଚୁପ୍‌ଚାପ୍।

# ଜୀବନର ମୂଳମନ୍ତ୍ର : ସହନଶୀଳତା




ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬


'ସହନଶୀଳତା' ହେଉଛି ଗୋଟିଏ ସୁନ୍ଦର ଶବ୍ଦ। 'ସହନଶୀଳତା'ର ଆକ୍ଷରିକ ଅର୍ଥ ହେଉଛି : ସ-ସହିବା, ହ-ହସିବା, ନ-ନଇଁବା। ଏହି ତିନୋଟିକୁ ଯିଏ ଗ୍ରହଣ କରିପାରେ ସେ ଉଚ୍ଚଭିଳାଷୀ ହୋଇଥାଏ। କାରଣ ସହନଶୀଳତା ହିଁ ଜଣେ ମନୁଷ୍ୟକୁ ଗୋଟିଏ ଛୋଟ ପଦବୀରୁ ବଡ଼ ପଦବୀରେ ପହଞ୍ଚାଇ ଦେଇଥାଏ। ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ସମନ୍ୱୟ ସୃଷ୍ଟି ହୁଏ। ଅସହିଷ୍ଣୁତା ପୃଥିବୀ ପାଇଁ ବିପଦ ସୃଷ୍ଟି କରେ। ସହନଶୀଳତା ଏକ ଉତ୍ତମ ଗୁଣ ଭାବେ ବିବେଚିତ। ଥରେ ମନ୍ଦିରରେ ଭଗବାନଙ୍କ ମୂର୍ତ୍ତିକୁ ଅର୍ପଣ କରାଯାଇଥିବା ଫୁଲ କ୍ରୋଧିତ ହୋଇ ପୂଜକଙ୍କୁ କହିଲା, ତୁମେ ପ୍ରତିଦିନ ମୋତେ ଅର୍ପଣ କରି ଏହି ପଥର ମୂର୍ତ୍ତିକୁ ପୂଜା କରୁଅଛ। ମୋତେ ପୂଜା କରିବା କଥା, କାରଣ ମୁଁ କୋମଳ, ସୁନ୍ଦର, ସୁବାସିତ। ଏହା ଏକ କଠୋର ପଥର। ପୂଜକ କହିଲେ, ଭଗବାନ ତୁମକୁ କୋମଳତା, ସୌନ୍ଦର୍ଯ୍ୟତା ଓ ସୁଗନ୍ଧତାର ଗୁଣ ଦେଇଛନ୍ତି। ଏଥିପାଇଁ ଆପଣଙ୍କୁ କୌଣସି ପରିଶ୍ରମ କରିବାକୁ ପଡେ ନାହିଁ। କିନ୍ତୁ ଏହି ପଥର ମୂର୍ତ୍ତିକୁ ବହୁ କଷ୍ଟରେ ନିର୍ମାଣ କରାଯାଇଛି। କଠୋର ପଥରକୁ... ଭଗବାନଙ୍କ ମୂର୍ତ୍ତିରେ ପରିଣତ କରିବା ପାଇଁ... କେତେ ଲିହଣ ହାତୁଡ଼ିର ମାଡ଼ ସହିବାକୁ ପଡିଛି। ଯଦି ପଥରଟି ଆଘାତ ପାଇବା ମାତ୍ରେ ଭାଙ୍ଗିଯାଏ , ତେବେ ଏହା କେବେ ବି ଭଗବାନଙ୍କ ମୂର୍ତ୍ତିରେ ପରିଣତ ହୋଇପାରିବ ନାହିଁ। କାରଣ ଏହାର ଖଣ୍ଡିଆ ହୋଇଗଲା। କଠୋର ପଥରକୁ ଭଗବାନଙ୍କ ମୂର୍ତ୍ତିରେ ପରିବର୍ତ୍ତନ ହେବା ପରେ ଲୋକମାନେ ଏହାକୁ ସମ୍ମାନର ସହିତ ମନ୍ଦିରରେ ସ୍ଥାପନ କରି ପୂଜା କରିଥାନ୍ତି। ଏହି ପଥରର ସହନଶୀଳତା ଧୈର୍ଯ୍ୟ ହିଁ ଭଗବାନଙ୍କ ମୂର୍ତ୍ତିତ୍ୱ ଭାବରେ ସମ୍ମାନିତ ଏବଂ ପୂଜିତ। ଏହା ଶୁଣି ଫୁଲ ହସିଦେଲା। ଧୈର୍ଯ୍ୟ ସହନଶୀଳତା କଠିନ ଓ କଠୋରତା ସଫଳତାର ସ୍ୱାଦ ଚଖାଏ। ସହନଶୀଳତା ଅତିକ୍ରମ ନକରି ଦେବତ୍ୱ ହାସଲ କରିବା ଅସମ୍ଭବ। ତେଣୁ ସଦା ନମ୍ର ଧୈର୍ଯ୍ୟବାନ୍ ସହିଷ୍ଣୁ ହେଲେ ଜୀବନରେ ପ୍ରକୃତ ସଫଳତାର ସ୍ୱାଦ ପାଇ ପାରିବ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ଦକ୍ଷିଣ ଓଡିଶାର ଅନ୍ୟତମ ଅଗ୍ରଣୀ ମହୋତ୍ସବ ବ୍ରହ୍ମପୁର ମହୋତ୍ସବ ୨୫ ଓ ୧୪ତମ ଜାତୀୟ ଓଡ଼ିଆ ସ୍ୱାଭିମାନ ସମ୍ମିଳନୀ ୬ଦିନବ୍ୟାପି ସ୍ଥାନୀୟ ଇଂଗିନୀୟରିଂ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ରଜନୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ଷ୍ଟଲରେ ଦର୍ଶକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମହୋତ୍ସବରେ ରାଜ୍ୟ ବାହାରୁ ବିଭିନ୍ନ କିସମର ଷ୍ଟଲ ସହ ୭୦ରୁ ଅଧିକ ବିଭିନ୍ନ ସାଂସ୍କୃତିକ ଦଳ କଳା ପ୍ରଦର୍ଶନ କରିଥିଲେ । ମହାନ ସଂଘ ସଭାପତି ସୁଶାନ୍ତ କୁମାର ସାବତଙ୍କ ପୌରହିତ୍ୟରେ ଦିଗପହଣ୍ଡି ବିଧାୟକ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଏସପି ଡ ଶ୍ରବଣ ବିବେକ ଏମ, ଏସଏମ ଆଟି ସଭାପତି ଡ଼ ଭଗବାନ ଗନ୍ତାୟତ, ସାହିତ୍ୟିକ ଇ ଯାମିନି କାନ୍ତ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇ ମହାନ ସଂଘର ଉଦ୍ୟମକୁ ପ୍ରଶଂସା କରିବା ସହ ମହୋତ୍ସବ ଆୟୋଜନ ଦ୍ୱାରା ଅଞ୍ଚଳର ସଂସ୍କୃତି ଓ ବାଣିଜ୍ୟର ବିକାଶ ଓ ପ୍ରଚାର ପ୍ରସାର ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ପାଦକ ଗୋପାଳ ପଟନାୟକ, ମହାନ୍ ସଂଘ ସମ୍ପାଦକ ଇ.ପ୍ରଶାନ୍ତ ପାତ୍ର, ଶ୍ରୀକାନ୍ତ ସାବତ, ପ୍ରକାଶ ଭାଜନୀ, ରେସମ୍ପାସ ମାର୍କେଟିଙ୍ଗ ଇଭେଣ୍ଟ ଏମଡି ଏନ ରବିଶଙ୍କର, ତପନ ପଣ୍ଡା, ମିନା ଦାସ, ନିବେଦିତା ପାଢ଼ୀ, ଶୁଭଶ୍ରୀ ସାବତ, ସାଧନା ପାଢ଼ୀ, ପୁଷ୍ପାଞ୍ଜଳି ମହାପାତ୍ର, ପ୍ରଶାନ୍ତ ସାହୁ, ରିତାଞ୍ଜଳୀ ସ୍ୱାଇଁ, ଅନନ୍ତ ପ୍ରଧାନ, ମନୋରଞ୍ଜନ ପାଢ଼ୀ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁଲାମ ରସୁଲ ସଂଯୋଜନା କରିଥିଲେ । ଏହି ଅବସରରେ କଳାକାର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା । ଶେଷରେ ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦିପ କୁମାର୍ ସାହୁ ଧନ୍ୟବାଦ ଦେଇଥିଲେ।



### ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

# ପିତାମାତାଙ୍କ ଆଶୀର୍ବାଦ ପିଲାଙ୍କ ଭବିଷ୍ୟତର ଅମୃତ ସମ୍ପତ୍ତି: ରାଜ୍ୟପାଳ




ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଏହାର ତିନିଦିନ ବ୍ୟାପି ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମହାମହିମ ରାଜ୍ୟପାଳ ଡ଼ଃ. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫେବୃଆରୀ ୭ ତାରିଖ ଶୁକ୍ରବାର ଦିନ ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହର ଶୁଭ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ରାଜ୍ୟପାଳଙ୍କ ମୂଲ୍ୟବାନ ପରାମର୍ଶ ଥିଲା ଯେ ଏକ ସୁସ୍ଥ ସମାଜ ଓ ସୁସ୍ଥ ଗଣତନ୍ତ୍ରର ମୂଳଦୁଆ ଆରମ୍ଭ ହୁଏ ପିତାମାତାଙ୍କ ଅନାବିଳ ଏବଂ ସହନଶୀଳ ଶ୍ରଦ୍ଧାପଣରେ । ଆଜିର ସମାଜରେ ଯେଉଁ ଭୟଙ୍କର ସାଂସ୍କୃତିକ ଓ ଭାବଗତ ସଙ୍କଟ ଦେଖାଦେଇଛି, ଯୁବକ ଯୁବତୀଙ୍କ ପାରିବାରିକ ସମ୍ପର୍କର ଅଧୋପତନ ହୋଇଛି । ଏଥିପ୍ରତି ବର୍ତ୍ତମାନ ଓ ଭବିଷ୍ୟତର ଯୁବପିଢ଼ି ଯଥେଷ୍ଟ ଯତ୍ନବାନ ହେବା ଉଚିତ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦଘାଟନୀ ସଭାରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ତଥା ପାରାଦୀପ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ କ୍ରୀଡା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜଗତସିଂହପୁର ସାଂସଦ ତଥା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଡ଼ଃ. ବିଭୁ ପ୍ରସାଦ ତରାଇ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଓ ଆଲୁମୁନି ଆସୋସିଏସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ପାଳନର ସଫଳତା ପାଇଁ ସମସ୍ତ ଆୟୋଜକଙ୍କୁ ପ୍ରଶଂସା କରିଥିଲେ । ତେବେ ମହାବିଦ୍ୟାଳୟର ଉନ୍ନତି ଓ ଉତ୍କର୍ଷତା ଉପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ସମସ୍ତ ଅତିଥି ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି ମାନଙ୍କ ଉପସ୍ଥିତିରେ କଲେଜର ମଲ୍ଟି ପର୍ପସ ଗୃହର ଶିଳାନ୍ୟାସ କରାଯାଇଥିଲା । ଶେଷରେ ଆଲୁମିନି ଆସୋସିଏସନର ସଭାପତି ବସନ୍ତ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିରଞ୍ଜନ ବେହେରା, ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ, ଆଲୁମିନି ଆସୋସିଏସନର ସଭାପତି ବସନ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଗୌତମ ନାୟକ, ପ୍ରାଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର, ଗଣେଶ୍ୱର ପାତ୍ର ପ୍ରମୁଖ ସଫଳତାର ସହ ପରିଚାଳନା କରିଥିବା ବେଳେ ଆଲୁମୁନି ସଦସ୍ୟ ଓ ସଦସ୍ୟା, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦିନତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ସନ୍ଧ୍ୟାରେ ପ୍ରତିଷ୍ଠିତ ଇଣ୍ଡିଆନ ଅଇଡ଼ଲର ଚର୍ଚ୍ଚିତ କଣ୍ଠଶିଳ୍ପୀ ପବନଦୀପ ଏବଂ ଅରୁଣିତା ସଙ୍ଗୀତ କାର୍ଯ୍ୟକ୍ରମ ଉପସ୍ଥିତ ଛାତ୍ରଛାତ୍ରୀ ବେଶ ଆକୃଷ୍ଟ କରିଥିବା ଦେଖିବାକୁ ମିଳିଥିଲା । ସେହିପରି ଅବଶିଷ୍ଟ ଦୁଇଦିନ ସନ୍ଧ୍ୟାରେ ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ।

## ପାରାଦୀପ ବନ୍ଦର ପରିଦର୍ଶନ କଲେ ରାଜ୍ୟପାଳ



ଓଡ଼ିଶାର ରାଜ୍ୟପାଳ ଡ଼ଃ. ହରିବାବୁ କମ୍ଭମପତିଙ୍କ ପାରାଦୀପ ଗସ୍ତରେ ଆସିଥିବା ବେଳେ ଶୁକ୍ରବାର ଦିନ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର ପରିଦର୍ଶନ କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଅନ୍ୟାନ୍ୟ ଅଧିକାରୀଙ୍କ ସହ ବନ୍ଦର ପ୍ରଶାସନିକ ଭବନଠାରେ ମହାମହିମ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିବା ବେଳେ ସିଆଇଏସଏଫ ୟୁନିଟ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ରାଜ୍ୟପାଳଙ୍କୁ ପାରାଦୀପ ବନ୍ଦରର ବିଭିନ୍ନ ଉନ୍ନୟନ କାର୍ଯ୍ୟ, ଯୋଜନା, ବନ୍ଦରର ଯାନ୍ତ୍ରିକରଣ, ପଣ୍ୟ ପରିଚାଳନା ଓ କାରବାରର ଅଭିବୃଦ୍ଧି ସମ୍ପର୍କରେ ବନ୍ଦରାଧକ୍ଷ ସୂଚନା ପ୍ରଦାନ କରିଥିଲେ । ରାଜ୍ୟପାଳ ବନ୍ଦରର ବିଭିନ୍ନ କାର୍ଯ୍ୟଦକ୍ଷତା, ବୈଷୟିକ କ୍ଷେତ୍ରରେ ସଫଳତା ଓ ଭିତ୍ତିଭୂମି ସୁଦୃଢ଼ତା ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ଏହାପରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ମହାମହିମ ରାଜ୍ୟପାଳଙ୍କୁ ବନ୍ଦର ପୋତାଶ୍ରୟ ବୁଲାଇ ଦେଖାଇଥିଲେ । ଏହାପରେ ସ୍ୱଚ୍ଛ ପାରାଦୀପ ଏବଂ ସବୁଜ ପାରାଦୀପ ଅଭିଯାନ ପରିପ୍ରେକ୍ଷୀରେ ରାଜ୍ୟପାଳ ବନ୍ଦର ନିଷିଦ୍ଧାଞ୍ଚଳ ୩ ନମ୍ବର ଗେଟ ନିକଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସୂଚନାଥାଉ କି ମହାମହିମ ରାଜ୍ୟପାଳ ଶୁକ୍ରବାର ପୂର୍ବାହ୍ନରେ ପାରାଦୀପ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

## ପୂର୍ବ ଶତ୍ରୁତାରୁ ଦୁଇଭାଇଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ

ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ମଣିଜଙ୍ଗ ଗ୍ରାମରେ ପୂର୍ବ ଶତୃତାକୁ ନେଇ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ୍ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ଆହତଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ଜଣାପଡିଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ଅଲଣ୍ଡା ପଞ୍ଚାୟତ ମଣିଜଙ୍ଗ ଗ୍ରାମର ମହିଳା ଚାନ୍ଦିନୀ ଦାସ ଅଭିଯୋଗ କରିଛନ୍ତି, ଗତ ୫ତାରିଖ ରାତ୍ର ୧୦ଟାରେ ତାଙ୍କ ସ୍ୱାମୀ ପପୁରଂଜନ ଛାଟୋଇ ଓ ଦିଅର ମନୋରଂଜନ ଛାଟୋଇ ଭୋଜି ଖାଇବାକୁ ନିମାପଡା ପିପିଲି ରାସ୍ତା ଶ୍ରୀମୁଖ ଛକ ଜୟଦୁର୍ଗା ମଣ୍ଡପକୁ ଯାଉଥିବା ବେଳେ ପୂର୍ବ ରାଗ ରଖି ମଣିଜଙ୍ଗ ଗ୍ରାମର ମୀନକେତନ ରାୟ, ପ୍ରେମାନନ୍ଦ ରାୟ, ପବିତ୍ର ରାୟ, ନବକିଶୋର ରାୟ, ଏକଜୁଟ ହୋଇ ହାତରେ ମାରଣାସ୍ତ୍ର ଧରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଦୁଇଭାଇ ଆହତ ହୋଇଥିବା ବେଳେ ଜୀବନରେ ମାରିଦେବାକୁ ଉଦ୍ଦେଶ୍ୟ ରଖି ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନ୍‌କୁ ଆକ୍ରମଣ କରିଥିଲେ । ତଳେ ଦୁଇଭାଇ ପଡି ସଂଜ୍ଞା ହରାଇଥିଲେ । କେତେକ ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ଦୁଇଭାଇ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ମହିଳାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ପୋଲିସ୍ ଚଢଉ ଜାରି ରଖି ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି ।

## ମା' ଚଣ୍ଡୀଙ୍କ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ



ଭୁବନ(ଭାସ୍କର ନ୍ୟୁଜ): ଭୁବନ ବ୍ଲକ ଅନ୍ତର୍ଗତ ଧଳପଡା ଗ୍ରାମ୍ୟ ଜଙ୍ଗଲ ନିକଟରେ ଅବିର୍ଭୁତା ମା' ଚଣ୍ଡୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅମର ବେହୁରାଙ୍କ କରକମଳରେ ଅନୁଷ୍ଠିତ ଭୂମି ପୂଜନ କାର୍ଯ୍ୟକ୍ରମରେ ପଣ୍ଡିତ ଅଭୟ କୁମାର ମିଶ୍ର ଓ ପବିତ୍ର କୁମାର ମିଶ୍ର ମନ୍ତ୍ର ପାଠ କରି ଶୁଭ ମୂହୁର୍ତ୍ତରେ ଭୂମି ପୂଜନ ସମ୍ପନ୍ନ କରିଥିଲେ । ଧଳପଡ଼ା, ଅନଳ, ଦର୍ଜନି, ମଝିପାଳ, ଯୋର ଗାଡିଆ, ସେନେଦା, ବାରୁଆଁ ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ପୁରୁଷ, ମହିଳା ଓ ମା' ଚଣ୍ଡୀ ସେବା ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସହଯୋଗରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚଳଚ୍ଚିତ୍ର 'ସନାତନୀ'କୁ ରକ୍ସି ପ୍ରେକ୍ଷାଳୟରେ ଶୁଭମୁକ୍ତି ପାଇଁ ଦାବିପତ୍ର



ବାରିପଦା(ଭାସ୍କର ନ୍ୟୁଜ): ସନାତନ ଧର୍ମ ଉପରେ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର ସନାତନୀକୁ ଖ୍ରୀଷ୍ଟିଆନ ସମୁଦାୟ ଦ୍ୱାରା ବିରୋଧ କରାଯାଇଥିଲା । ଏବଂ ବାରିପଦା ରକ୍ସୀ ସିନେମା ହଲରେ ନ ଚାଲିବା ପାଇଁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ତାହାକୁ ବିରୋଧ କରି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ମାନେ ଉପଜିଲ୍ଲା ପାଳ ବିଭୁତି ଭୂଷଣ ନାୟକଙ୍କୁ ଦେଖା କରି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହିତ ବାରିପଦା ରକ୍ସି ସିନେମା ହଲରେ ଯେଉଦିନ ଚଳଚ୍ଚିତ୍ରର ରିଲିଜ୍ ହେବାକୁ ଯାଉଛି ସେହିଦିନ ହିଁ ଚଳଚ୍ଚିତ୍ର ଚାଲିବା ପାଇଁ ଦାବି କରିଥିଲେ । କାରଣ ହିନ୍ଦୁ ସନାତନୀ ଧର୍ମ ଉପରେ ଚଳଚ୍ଚିତ୍ର ଯଦି ଚଲାଯାଇ ପାରିବ ନାହିଁ । ତେବେ ଏଭଳି ସିନେମା ହଲ୍ ନ ଚାଲିବା ଭଲ । ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ବହୁତ କାର୍ଯ୍ୟକର୍ତ୍ତା ଏକଜୁଟ ହେଇ ଜିଲ୍ଲାପାଳଙ୍କୁ ଦାବିପତ୍ର କରିବା ସହ ସିନେମା ରିଲିଜ ହେବା ଦିନ ହିଁ ବାରିପଦା ହଲରେ ଚଲେଇବା ପାଇଁ ହଲ୍ ମାଲିକଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର କରିଥିଲେ । ଦାବିପତ୍ର ଦେବା ସମୟରେ ସନୁ ରଣା, ବିଶ୍ୱକର୍ମା ଡାକୁଆ, ଦୀପକ ପାଣଗ୍ରାହୀ, ଶୁଭେନ୍ଦୁ ବେହେରା, ଶୁଭମ୍ ତ୍ରିପାଠୀ, ହରି ପଣ୍ଡା, କାଳୀ ଚରଣ ମାରାଣ୍ଡି, ଦେବାଶିଷ ଦତ୍ତ, ବାସୁଦେବ ପଣ୍ଡା, କାହ୍ନୁ ଦାସ, ସୁରଜ୍ ବେତାଳ ପ୍ରଶାନ୍ତ ନାୟେକ, ନନୀ ଗୋପାଳ ଦାସ ଇତ୍ୟାଦି ।

## ଫେରାର ଅଭିଯୁକ୍ତ କୋର୍ଟଚାଲାଣ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ବହୁଚର୍ଚ୍ଚିତ ତଣ୍ଟିକଟା କେସ୍‌ର ଅଭିଯୁକ୍ତକୁ ନିମାପଡା ଥାନା ପୋଲିସ୍ ଭୁବନେଶ୍ୱରରୁ ଗିରଫ କରିବାରେ ସଫଳ ହୋଇଛି । ପୋଲିସ୍ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ତା ଠାରୁ ପୋଲିସ୍ ଜମାନବନ୍ଦୀ ରେକର୍ଡ କରିବା ସହ ତଣ୍ଟି କାଟିଥିବା ସ୍ଥାନକୁ ଅଭିଯୁକ୍ତକୁ ନେଇ ରିକ୍ରିଏସନ୍ କରିଛି । ହଜାର ହଜାର ଲୋକଙ୍କ ଗହଣରେ ଅଭିଯୁକ୍ତ ସମସ୍ତ କଥା ମଧ୍ୟ ସ୍ୱୀକାର କରିଛି । ସୂଚନା ଅନୁଯାୟୀ ପାଟପୁର ମୁସଲମ୍ ବସ୍ତିର ଜାଗୁଆ ଓରଫ ସେକ୍ ସଲିମ୍ (୪୮) ବିଭିନ୍ନ ସମୟରେ ଲୋକମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ମଧ୍ୟ କରିଥାଏ । ଜାଗୁଆ ଉତ୍ପାତରେ ସ୍ଥାନୀୟ ଲୋକଙ୍କର ଶାନ୍ତିଭଙ୍ଗ ହେବାରୁ ଏହାକୁ ଅନେକ ବ୍ୟକ୍ତି ବିରୋଧ କରି ଆସୁଥିଲେ । ଗତ ୫ଦିନ ତଳେ ଜାଗୁଆ ଓରଫ ସେକ୍ ସଲିମ୍ ସେଠାରେ ଗାଳିଗୁଲଜ କରିବାରୁ ଜୈନାବାଦ ମଲିକସାହିର ଅଜୁ ମଲ୍ଲିକ ତାହାକୁ ପ୍ରତିବାଦ କରିବାରୁ ଜାଗୁଆ ହାତରେ ଏକ ଛୁରୀ ଧରିଥିବା ବେଳେ ଅନ୍ୟ ହାତରେ ଏକ ମଦ ଭଙ୍ଗା ମଦ ବୋତଲରେ ଅଜୁଙ୍କ ତଣ୍ଟିକୁ କାଟି ଦେଇଥିଲା । ଘଟଣାସ୍ଥଳରେ ଅଜୁ ରକ୍ତ ଜୁଡୁବୁଡୁ ହୋଇ ପଡିଥିବା ବେଳେ ସ୍ଥାନୀୟ ଲୋକମାନେ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ବର୍ତ୍ତମାନ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଅଛି । ଶୁକ୍ରବାର ଅପରାହ୍ନରେ ପୋଲିସ୍ ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ ଫୋର୍ସ ସହ ଜାଗୁଆକୁ କଡା ସୁରକ୍ଷାରେ ନେଇ ମଲିକ୍ ସାହିରେ ସିନ୍‌ର ରିକ୍ରିଏସନ୍ କରିଛି । ଜାଗୁଆ ନାମରେ ସଂଗୀନ ଦଫାରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ଚୋର ଫେରାଉଛି ଚୋରି ଜିନିଷ, ଫିଙ୍ଗା ସାମଗ୍ରୀ ଜବତ କରି ବାଃ ବାଃ ନେଉଛି ପୋଲିସ୍



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଚୋର ଫିଙ୍ଗିଦେଲା ଚୋରି ଜିନିଷ, ପୋଲିସ ଧରିପାରିଲାନି । ଚୋର ପୋଲିସକୁ ଚକମା ଦେଲାଭଳି ୧୯ଦିନ ପରେ ଚୋରି ସାମଗ୍ରୀକୁ ଅନ୍ୟ ଏକ ସ୍ଥାନରେ ଫିଙ୍ଗିଦେଲା । ଏଠାରେ ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠୁଛି । କାହିଁକି ଦୁର୍ବୃତ୍ତଙ୍କୁ ଧରି ପାରୁନି ପୁଲିସ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ମାତିଛନ୍ତି ଲୁଟେରା । ସିଧା ଟାର୍ଗେଟ କରୁଛନ୍ତି ମନ୍ଦିର, ବିଦ୍ୟାଳୟ । ଲୁଟି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଲୁଟ । କିଛି ଦିନ ହେବ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଅସୁରକ୍ଷିତ ହୋଇଥିବା ବେଳେ ଘଟିଚାଲିଛି ବିଭିନ୍ନ ସ୍ଥାନରୁ ଚୋରି । କିନ୍ତୁ ଦୁର୍ବୃତ୍ତ ଅଥବା ଚୋରଙ୍କୁ ଧରିବାରେ ପୋଲିସ ବିଫଳ । ଶେଷରେ ବିଦ୍ୟାଳୟରୁ ଚୋରି କରିଥିବା ସାମଗ୍ରୀକୁ ଚୋର ୧୯ଦିନ ରଖିବାପରେ ଅନ୍ୟଏକ ସ୍ଥାନରେ କିଛି ସମାଗ୍ରୀ ଫିଙ୍ଗି ଦେଇଯାଇଛି । ଗତ ୧୮ତାରିଖରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ନଈଗୁଆଁ ପଂଚାୟତ ଓସ୍ତପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ଶୁକ୍ରବାର ବିଳମ୍ବିତ ରାତ୍ରରେ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତ ବିଦ୍ୟାଳୟରୁ ୧୦ବସ୍ତା ଚାଉଳ, ଜେରକ୍ସ ମେସିନ, ଷ୍ଟାବାଲାଇଜର, ଆକ୍ୱାଗାର୍ଡ, ଟପ୍ ଓ ଚାପା, ୨ଟି ଏଲଇଡି ସ୍ମାର୍ଟଟିଭି, ଖେଳ ସାମଗ୍ରୀଠାରୁ ଆରମ୍ଭକରି ଆବଶ୍ୟକୀୟ ସାମଗ୍ରୀ ଚୋରି କରି ନେଇଥିବା ବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧରଣିଧର ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି କାକଟପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଅଭିଯୋଗ ପରେ କାକଟପୁର ଥାନା ଏଏସଆଇ ବିଷ୍ଣୁନାଥ ପଟ୍ଟନାୟକ ଘଟଣା ସ୍ଥିତି ଅନୁଧ୍ୟାନ କରି ଥାନା କେଶ ନମ୍ବର ୧୧/୨୦୨୫ମାମଲା ରୁଜୁ ସହ ଭାରତୀୟ ନ୍ୟାୟସଂହିତା ଧାରା ୩୦୫, ୩୩୧(୪) ରୁଜୁ କରି ପୋଲିସ ତଦନ୍ତ କେବଳ ତଦନ୍ତରେ ରହିଯାଇଥିଲା । କିନ୍ତୁ ଘଟଣାକୁ ୧୯ଦିନ ବିତିଯାଇଥିଲେ ମଧ୍ୟ ବିଦ୍ୟାଳୟରୁ ଚୋରି କରିଥିବା ଦୁର୍ବୃତ୍ତଙ୍କ ଟେର ପାଇନି ପୋଲିସ । ଅନ୍ୟ ପଟେ ପୋଲିସ ଚକମା ଦେବା ଭଳି ଦୁର୍ବୃତ୍ତ ଚୋରି ସାମଗ୍ରୀ ମଧ୍ୟରେ ୨ଟି ଏଲଇଡି ଟିଭି, ଜେରକ୍ସ ମେସିନ, ୨ଟି ବ୍ୟାଟେରି, ସାଉଣ୍ଡ ସ୍ପିକର ସହ ଅନ୍ୟାନ୍ୟ ସାମଗ୍ରୀ ଗୁରୁବାର ବିଳମ୍ବିତ ରାତ୍ରରେ ଅସ୍ତରଙ୍ଗ ବ୍ଲକ ଅଧୀନ କେନ୍ଦ୍ରାପଟି ପଂଚାୟତ ହରଡ଼ପଡିଆ ନିକଟସ୍ଥ ରାମଦାସ କଳ ଘର ପାର୍ଶ୍ୱବର୍ତ୍ତୀ ଖୋଲା ସ୍ଥାନରେ ଫିଙ୍ଗିଦେଇଥିଲେ । ସ୍ଥାନୀୟ ଲୋକେ ଦେଖି ପୁଲିସ ଖବର ଦେବା ପରେ ଅସ୍ତରଙ୍ଗ ଓ କାକଟପୁର ଥାନା ପୋଲିସ ପହଞ୍ଚି ଲୋକଙ୍କଠାରୁ ବୁଝିବା ସହ କାକଟପୁର ଥାନା ପୋଲିସ ଉକ୍ତ ଚୋରି ସାମଗ୍ରୀକୁ ଜବତ କରି ଥାନାକୁ ନେଇଛି, କିନ୍ତୁ ଦୁର୍ବୃତ୍ତଙ୍କ ଟେର ପାଉନି ପୋଲିସ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଲୁଟେରା ଗ୍ୟାଙ୍ଗ ଧରା ନ ପଡିବାରୁ ବାରମ୍ବାର ଏଭଳି ଲୁଟପାଟ କରି ଚାଲିଛନ୍ତି । ବର୍ଷ ବର୍ଷ ଧରି ଚୋରି ଘଟଣାରେ ଫାଇଲି ତଦନ୍ତ ନହୋଇ ପଡ଼ିରହିଛି । ତେବେ ପେଶାଦାର ଲୁଟେରା ନାଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ ହେଉଛି ନାଁ କୌଣସି ଗ୍ୟାଙ୍ଗ ଏ କାମ କରୁଛି ତାହା ଏବେ ପୋଲିସକୁ ଚ୍ୟାଲେଞ୍ଜ କରୁଛି ଲୁଟେରା ତାହା ବର୍ତ୍ତମାନ ସ୍ଥାନୀୟ ଲୋକଙ୍କ ପାଇଁ ସନ୍ଦେହ ସୃଷ୍ଟି କରିଛି ।

## ୬ ମାଓବାଦୀଙ୍କ ଆତ୍ମସମର୍ପଣ ଓ ୫ ସହଯୋଗୀ ଗିରଫ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଓ ସଂଗଠନକୁ ଦୀର୍ଘ ଦିନ ଧରି ସହଯୋଗ କରିବା ସହ ଆଇଇଡି ବିସ୍ଫୋରଣରେ ଜଡିତ ଥିବା ୫ ଜଣଙ୍କୁ ଗିରଫ କରିଛି କାଂକେର ପୋଲିସ । ସୂଚନା ଅନୁଯାଇ ଛତିଶଗଡର କାଂକେର ଜିଲ୍ଲାର କୋୟଲିବେଡ଼ା ଥାନା ଅନ୍ତର୍ଗତ ହେଟାରକସା, ଗୋନ୍ଦୁଲ ଏବଂ ଆଲପରସ ଅଞ୍ଚଳରେ ଗ୍ରାମବାସୀଙ୍କ ଭେଷଭୁଷାରେ କିଛି ସନ୍ଦିଗ୍ଧ ବ୍ୟକ୍ତି ବୁଲୁଥିବା ଗ୍ରାମବାସୀଙ୍କଠାରୁ ଖବର ମିଳିବା ପରେ ସୁରକ୍ଷାକର୍ମୀର ଏକ ଦଳ ହେଟାରକସା, ଗୋନ୍ଦୁଲ ଏବଂ ଆଲପରସରେ ପହଞ୍ଚି ୫ ସନ୍ଦିଗ୍ଧଙ୍କୁ ଘେରାବନ୍ଦୀ କରି ଧରି ପଚାରାଉଚାରା କରିଥିଲେ । ପରେ ସେମାନେ ମାଓ ସହଯୋଗୀ ହୋଇଥିବା ସ୍ୱୀକାର କରିବା ପରେ ୫ ଜଣଙ୍କୁ ଗିରଫ କରିଥିଲେ । ୫ଜଣ ହେଟାରକସା ଗ୍ରାମ ନିକଟରେ ସୁରକ୍ଷା କର୍ମୀ ଅଭିଯାନରେ ତାଲାସୀ କରିବା ବେଳେ ମାଓବାଦୀ ଆଇଇଡି ବିସ୍ଫୋରଣ କରିଥିଲେ । ଏହି ଆଇଇଡି ବୋମା ଖଞ୍ଜିବାରେ ୫ଜଣ ଜଡିତ ଥିବା ସ୍ୱୀକାର କରିଥିବା କାଂକେର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଗିରଫ ମାଓ ସହଯୋଗୀ ହେଲେ ବିଧୁରାମ କଡ଼ିଚି, ବୀରେନ୍ଦ୍ର ଉସେଣ୍ଡି, ସୁରେଶ କୁମେଟି, ବାଲସିଂ ନଡ୍ଡଗୋ, ଦଶରଥ ନଡ୍ଡଗୋ । ଗିରଫ ୫ଜଣ କୋୟଲିବେଡା ଥାନ ହେଟାରକସା ଗ୍ରାମର ବାସିନ୍ଦା ହୋଇଥିବା ଜଣାପଡିଛି । ସେହିଭଳି ଦାନ୍ତେୱାଡା ଜିଲ୍ଲାରେ ୫ମହିଳା ମାଓବାଦୀ ଏବଂ ଜଣେ ପୁରୁଷ ମାଓବାଦୀ ଲୋନ ୱାରାକୁ ଅଭିଯାନରେ ପ୍ରଭାବିତ ହୋଇ ମାଓ ସଂଗଠନ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀ ହେଲେ ମିଲିସିୟା କମାଣ୍ଡର ହରେନ୍ଦ୍ର କୁମାର ମାଣ୍ଡବି, ମିଲିସିୟ ସଦସ୍ୟା ଆୟତେ ମୁଚାକି, ସିଏନଏମ ସଦସ୍ୟା ଜିହ୍ନେ କୋରାମ, ଡିଏକେଏମଏସ ସଦସ୍ୟା ହୁଙ୍ଗୀ ସୋଡି, ଡିଏକେଏମଏସ ଉପାଧକ୍ଷ ହିଡ଼ମେ ମରକାମ, କେଏଏମଏସ ସଦସ୍ୟା ଯୋଗୀ ସୋଡି । ୬ ମାଓବାଦୀ ଦାନ୍ତେୱାଡ଼ା ଡିଆରଜି କାର୍ଯ୍ୟାଳୟରେ ମାଓ ସଂଗଠନ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସମସ୍ତଙ୍କୁ ଆତ୍ମସମର୍ପଣ ନୀତି ଅନୁଯାଇ ସମସ୍ତ ପ୍ରକାର ସରକାରୀ ସୁବିଧା ଆଗାମୀ କିଛି ଦିନ ମଧ୍ୟରେ ଯୋଗାଇ ଦିଆଯିବା ନେଇ ଦାନ୍ତେୱାଡ଼ା ପୁଲିସ ପକ୍ଷରୁ କୁହାଯାଇଛି ।

## ଶ୍ରୀ ଶ୍ରୀ ବାଙ୍କନିଧି ଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ଶମ୍ଭୁମିଳନ



ବାଲୁଗାଁ(ଭାସ୍କର ନ୍ୟୁଜ): ଚିଲିକା ବ୍ଲକ ଅଠରବାଟିଆ ପଞ୍ଚାୟତ ଅନ୍ତର୍ଗତ ଗବପଦର ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ବାଙ୍କନିଧି ଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ଶମ୍ଭୁମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଚାରିଦିନ ବ୍ୟାପି କାର୍ଯ୍ୟକ୍ରମରେ ମଙ୍ଗଳବାର ଅଙ୍କୁରାରୋପଣ ଓ ଅଧିବାସ କରାଯାଇଥିବା ବେଳେ ବୁଧବାର ଧାନ୍ୟାଧିବାସ, ଜଳଯାତ୍ରା, ନାମ ସଂକୀର୍ତ୍ତନ କରାଯାଇଥିଲା । ଗୁରୁବାର ପ୍ରାତଃ କାଳରୁ ସୂର୍ଯ୍ୟ ପୂଜା, ଶାଳା ପୂଜା ପରେ ବିଗ୍ରହ ମାନଙ୍କ ମହାସ୍ନାନ ସହ ପ୍ରାଣପ୍ରତିଷ୍ଠା ହୋଇଥିଲା । ଶୁକ୍ରବାର ପୂର୍ବାହ୍ନରେ ବିଗ୍ରହ ମାନଙ୍କୁ ନଗରଭ୍ରମଣ କରି ସିଂହାସନ ଆରୋହଣ କରାଯାଇଥିଲା । ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ଓ ଶମ୍ଭୁ ମିଳନ ଅନୁଷ୍ଠିତ ହୋଇଥିଲା । ଉକ୍ତ ଶମ୍ଭୁ ମିଳନରେ ବାଙ୍କନିଧି ଦେବଙ୍କ ନିମନ୍ତ୍ରଣ କ୍ରମେ ବଡ଼କୁଳ ରାମେଶ୍ୱର ଦେବ, ଗାଦିଶ୍ୱର ଦେବ, ପାଟଶାଣୀପୁର କଳିଯୁଗେଶ୍ୱର ଦେବ, ଚନ୍ଦ୍ରାପୁଟ ବାଳମୁକୁନ୍ଦ ଦେବ, ରଘୁନାଥ ପୁର ଗୁପ୍ତେଶ୍ୱର ଦେବ, ବିଧାରପୁର ଦଧିବାମନ ଦେବଙ୍କ ବିଜେ ପ୍ରତିମା ବିମାନ ମାନ ସାମିଲ ହୋଇଥିଲେ । ମେଳଣ ପଡିଆରେ ସୁରୁଖୁରୁରେ ମେଳଣ ପର୍ବ ସରିଥିବା ବେଳେ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା । ଲୋକଙ୍କ ଭିଡ଼କୁ ନିୟନ୍ତ୍ରିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ମନ୍ଦିର ଟ୍ରଷ୍ଟି, କମିଟି ସଦସ୍ୟ ଏବଂ ଗବପଦର ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

## ଆହତ ଚାଷୀଙ୍କୁ ଡାକ୍ତରଖାନାରେ ଭେଟିଲେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି



କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡିଶା ରେ ବିଜେପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଚାଷୀମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି । ଧାନ ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଛନ୍ତି । ଚାଷୀ ଧାନ ଦେବାର ୪୮ ଘଣ୍ଟା ଭିତରେ ତାର ପ୍ରାପ୍ୟ ପାଉଛି । ଧାନ କିଣା କାରବାରକୁ ରାଜ୍ୟ ସରକାର ଶୃଙ୍ଖଳାର ସହିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି । କିନ୍ତୁ ବିରୋଧୀ ବିଜେଡ଼ି ଦଳ ପକ୍ଷରୁ ସୁଚିନ୍ତିତ ଭାବେ ଚକ୍ରାନ୍ତ କରାଯାଇ ଧାନ କିଣା କାରବାରରେ ବ୍ୟାପକ ବିଭ୍ରାଟ କରାଯାଇ ସରକାରକୁ ବଦନାମ କରିବା ପାଇଁ ଅପଚେଷ୍ଟା କରାଯାଇଛି । ଗତକାଲି ଘସିପୁରା ବ୍ଲକ ଅନ୍ତର୍ଗତ ଶାଳଦେଇ ସେବା ସମବାୟ ସମିତିରେ ଖୋଲାଯାଇଥିବା ଧାନମଣ୍ଡିରେ ଶାଳଦେଇ ଗ୍ରାମର ଚାଷୀ ନରହରି ସାହୁଙ୍କ ପୁତ୍ର ଅନିରୁଦ୍ଧ ସାହୁ ତାଙ୍କର ଧାନ କାହିଁକି ନେଉନାହାନ୍ତି ପଚାରିବାକୁ ଆସିଥିବା ବେଳେ, ସମବାୟ ସମିତିର ସଭାପତି ତଥା ବିଜେଡ଼ି ନେତା ରଞ୍ଜନ କୁମାର ବେହେରା ଚାଷୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ନାନାଦିକୁ ଭାଷାର ଗାଳିଗୁଲଜ କରିଥିଲେ । ଏହି ଘଟଣା ବିଷୟରେ ଚାଷୀ ଅନିରୁଦ୍ଧ ସାହୁ ୭ ତାରିଖ ଦିନ ରାମଚନ୍ଦ୍ରପୁର ଥାନାରେ ଏତଲା ଦେଇଛନ୍ତି । ପୋଲିସ ଚାଷୀଙ୍କ ଡାକ୍ତରୀ ଚିକିତ୍ସା ପାଇଁ ସାଇଁକୂଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି । ଏହି ଖବର ପାଇ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଡାକ୍ତରଖାନା ଯାଇ ଚାଷୀ ଅନିରୁଦ୍ଧ ସାହୁଙ୍କୁ ଭେଟି ଘଟଣା ବିଷୟରେ ପଚାରି ବୁଝିଥିଲେ । ଜିଲ୍ଲା ପ୍ରଶାସନ ଯଥା ଶୀଘ୍ର ଏହାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଶାଳଦେଇ ସେବା ସମବାୟ ସମିତିର ସଭାପତି ରଞ୍ଜନ କୁମାର ବେହେରା ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଦାବୀ କରିଛନ୍ତି । ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥିରାଜ କୁଅଁର, ଘସିପୁରା ବିଜେପି ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ଘଟଣା ସ୍ଥଳକୁ ଯାଇ ପରିଦର୍ଶନ କରିଛନ୍ତି ।

## ସବୁଜ ଶକ୍ତି କ୍ଷେତ୍ରରେ ଯୁବପିଢିଙ୍କୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର(ଭାସ୍କର ନ୍ୟୁଜ ): ସବୁଜ ଶକ୍ତି ଏବଂ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ) ପକ୍ଷରୁ ନ୍ତହାଉସହୋଲ୍ଡ ସୋଲାର ଚାମ୍ପିଅନନ୍ତ ଶୀର୍ଷକ ସାର୍ଟିଫିକେଟ କୋର୍ସ ଆରମ୍ଭ କରିଛି । ଏଥିରେ ଯୁବପିଢିଙ୍କୁ ସୌର ଶକ୍ତି ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରାଯିବ । ଗଞ୍ଜାମ ଜିଲ୍ଲାର ଆସିକା ସ୍ଥିତ ନଳବନ୍ତ ପୁରୁଣା ପଞ୍ଚାୟତ ଭବନରେ ଉଦଘାଟନୀ ସେସନ୍ ଅନୁଷ୍ଠିତ ହୋଇଛି । ଏହି ପଦକ୍ଷେପରେ ଟିପିଏସ୍‌ଓଡିଏଲର ପ୍ରୋଜେକ୍ଟ ପାର୍ଟନର ନ୍ତପ୍ରଥମନ୍ତ ଦ୍ୱାରା ସୋଲାର ସିଷ୍ଟମର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ତାଲିମ ଦିଆଯାଉଛି । ଯାହା ଫଳରେ ଯୁବପିଢି ଦକ୍ଷ ହେବା ସହ ତୃଣମୂଳ ସ୍ତରରେ ଅକ୍ଷୟ ଶକ୍ତି ଆପଣାଇବାରେ ସହାୟକ ହୋଇପାରିବେ । ପ୍ରଥମ ବ୍ୟାଚରେ ୨୦ ଜଣ ଛାତ୍ରଛାତ୍ରୀ ଘରୋଇ ସୋଲାର ସିଷ୍ଟମ ସଂସ୍ଥାପନ ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ତାଲିମ ନେବେ । ସ୍ୱଚ୍ଛ ଶକ୍ତି ଦିଗରେ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ଆଧାରରେ ଏହି ପଦକ୍ଷେପ ସୌର ଶକ୍ତିକୁ ପ୍ରୋତ୍ସାହିତ କରୁଅଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଆସିକା ଡିଭିଜନ -୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପ୍ରଧାନ, ନଳବନ୍ତ ସରପଞ୍ଚ କେସି ପ୍ରଧାନ ଏବଂ ଟିପିଏସ୍‌ଓଡିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସିଏସଆର୍ ଟିମ୍ ଉପସ୍ଥିତ ଥିଲେ । ଏଭଳି ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ସବୁଜ ଶକ୍ତି ଦିଗରେ ପ୍ରତିବଦ୍ଧତା ଦର୍ଶାଇବା ସହ ଦକ୍ଷିଣ ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରୁଛି ।

## ଯୁବକର ଆତ୍ମହତ୍ୟା ଅଭିଯୋଗ

ବନ୍ଧୁଗାଁ(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ଚିନ୍ତାଗୁଡା ଗାଁର ଯୁବକ ଜଣକ ଆତ୍ମହତ୍ୟା କରିଥିବା ଜାଣିବାକୁ ମିଳିଛି । ଗାଁ ଠାରୁ ପ୍ରାୟ ପାଞ୍ଚ ଶହ ମିଟର ଦୂରରେ ଥିବା ଏକ କୁଡ଼ିଆ ଘରେ ସୁନ୍ଦାରାଓ ମେଲେକା ୩୫ ବର୍ଷ ରହି ଆସୁଥିଲେ । ସେ ବିବାହିତ ହୋଇଥିବା ବେଳେ ଦୁଇ ସନ୍ତାନଙ୍କ ସହିତ ରହି ଆସୁଥିଲେ । ଆଜକୁ ପ୍ରାୟ କିଛି ମାସ ହେଉଛି ସ୍ତ୍ରୀ ସାମାନ୍ୟ ପାଗଳ ହୋଇଥିବାରୁ ବାପା ଘରକୁ ଚାଲି ଯାଇଥିଲେ । ଆତ୍ମହତ୍ୟା କରିଥିବା ଯୁବକ ମିସ୍ତ୍ରୀ କାମ ସହ କୁଲି ମଜୁରୀ କାମ କରି ଯାହା ରଜଗାର କରନ୍ତି ଛୁଆଙ୍କ ସହିତ ଖୁସିରେ ରହି ଆସୁଥିଲେ । ଆଜି ସକାଳ ୯ ଘଣ୍ଟା ସମୟରେ କୁଡ଼ିଆ ଘର ଠାରୁ ଅଳ୍ପ ଦୂରରେ ଥିବା ଏକ ତେନ୍ତୁଳି ଗଛ ଡ଼ାଳରେ ଆତ୍ମହତ୍ୟା କରିଛନ୍ତି । ଯୁବକ ଜଣକ ଆତ୍ମହତ୍ୟା କରିବା ପରେ ନିଜ ଭାଇ ନାନ୍ଦୁ ମେଲେକା ବନ୍ଧୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବନ୍ଧୁଗାଁ ଥାନା ପୋଲିସ ଲିଖିତ ଅଭିଯୋଗ ପାଇବା ପରେ ପୋଲିସ ଏଏସଆଇ ସୁରେନ୍ଦ୍ର ହୁଇକା କେସ ହାତକୁ ନେଇ ଏକ ଅପମୃତ୍ୟୁ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବନ୍ଧୁଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବା ଜାଣିବାକୁ ମିଳିଛି ।

### ଏସ୍‌ୟୁଜେ ଓଡ଼ିଶାର ୫ମ ବାର୍ଷିକ ଉତ୍ସବ

# ବିପଦକୁ ନ ଡରି ସତ୍ୟର ସାମ୍ନା କର: ସୁରେଶ ପୂଜାରୀ




ଭୁବନେଶ୍ୱର/ଜଗତସିଂହପୁର/ଯାଜପୁର(ଭାସ୍କର ନ୍ୟୁଜ): ସତ୍ୟ, ଦ୍ୱାପର, ତ୍ରେତୟା ଓ କଳିଯୁଗରେ ସଦା ସତ୍ୟର ଜୟ । କଣ୍ଟକିତ ପଥରେ ସାମ୍ବାଦିକତା ବୃତ୍ତିରେ ଥିବା ସାମ୍ବାଦିକ ଜୀବନକୁ ବିପନ୍ନ ଖବର ପରିବେଷଣ କରୁଥିଲେ ମଧ୍ୟ ଉପଯୁକ୍ତ ମର୍ଯ୍ୟାଦା ନ ମିଳିବା ପରିତାପର ବିଷୟ । ଗଣମାଧ୍ୟମ ବିପନ୍ନ ହେଲେ ଗଣତନ୍ତ୍ର ଦୁର୍ବଳ ହୁଏ । ସତ୍ୟର ସାମ୍ନା କରି ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ଯାଇଥିଲେ ମଧ୍ୟ ସତ୍ୟରୁ ବିଚ୍ୟୁତ ନ ହେବା ସମସ୍ତଙ୍କ ପାଇଁ ଉଦାହରଣ । ୪ର୍ଥ ସ୍ତମ୍ଭ ଦୋଷ ଦୁର୍ବଳତା ପଦାକୁ ଆଣିଲେ ଅନ୍ୟ ୩ଟି ସ୍ତମ୍ଭ ସୁଦୃଢ ହୋଇଥାଏ । ସାମ୍ବାଦିକଙ୍କ ସର୍ବନିମ୍ନ ଦାବିକୁ ସରକାର ପୂରଣ କରିବା ସହିତ ସେମାନଙ୍କ ସୁରକ୍ଷା ଓ ଜୀବନ ଜୀବିକା ପ୍ରତି ସଚେତନ ରହିଲେ ସାମ୍ବାଦିକ ମାନେ ଅଧିକ ଉତ୍ସାହିତ ହେବା ସହିତ ସତ୍ୟ ଖବର ପରିବେଷଣ କରିବେ ବୋଲି ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶାର ୫ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ସୁରେଶ ପୂଜାରୀ ମତବ୍ୟକ୍ତ କରିଛନ୍ତି । ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତା କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନୟୁଜେର ରାଷ୍ଟ୍ରୀୟ ସଭାପତି ସୁରେଶ ଶର୍ମା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସାମ୍ବାଦିକତାରୁ ରାଜନୀକୁ ଅନେକ ଆସିଥାନ୍ତି କିନ୍ତୁ ରାଜନୀତିରୁ ସାମ୍ବାଦିକତାକୁ ଆପଣେଇବା ସମାଜସେବା ବିରଳ ନମୁନା । ମୁଖ୍ୟବକ୍ତା ଭାବେ ଧୁରିଣ ସାମ୍ବାଦିକ ରାଜାରାମ ଶତପଥୀ ଯୋଗଦେଇ ସାମାନ୍ୟ ଖବରଟିଏ ଏକ ଅଂଚଳ ସମେତ ରାଜ୍ୟ ଓ ରାଷ୍ଟ୍ରର ପ୍ରଗତିରେ ସହାୟ ହୋଇଥାଏ । ଅନ୍ୟମାନଙ୍କ ମଧ୍ୟରେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ଭୁବନେଶ୍ୱର ମହାନଗର ମେୟର ସୁଲୋଚନା ଦାସ, ଜାତୀୟ ସମ୍ପାଦକ ବବୁଲ ସିଂ ପ୍ରମୁଖ ସମ୍ମାନୀତ ଭାବେ ଯୋଗ ଦେଇଥିଲେ । ରାଜ୍ୟ କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ ପ୍ରାକ୍ ସୂଚନା ରଖିଥିବା ଉପସଭାପତି ବାସୁଦେବ ତ୍ରିପାଠୀ ଅତିଥିଙ୍କ ପରିଚୟ ରଖିଥିଲେ । ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢୀ ବିବରଣୀ ପାଠ କରିଥିବା ବେଳେ ଅନ୍ୟତମ ଉପସଭାପତି ମେହେବୁବ ମହତାବ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ସଂଗଠନର ମୁଖପତ୍ର ସଙ୍କଳ୍ପକୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମ ମୁଖ୍ୟ ସମ୍ପାଦକ ବାସୁଦେବ ତ୍ରିପାଠୀ ସଂଚାଳନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରେଷ୍ଠ ସାଂଗଠନିକ ଜିଲ୍ଲା ଭାବେ ଅନୁଗୋଳ, ଝାରସୁଗୁଡ଼ା, କଟକ, କେଉଁଝର ଓ କୋରାପୁଟ ଜିଲ୍ଲା ଶାଖାକୁ ସମ୍ମାନୀତ କରାଯାଇଥିଲା । ଶେଷରେ ବରିଷ୍ଠ ଉପସଭାପତି ସମରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କଣାସ, (ଭାସ୍କର ନ୍ୟୁଜ୍ ): କଣାସ ବ୍ଲକ ଆଳିବାଡ ପଞ୍ଚାୟତର କରମଳାଠାରେ ପ୍ରତିଷ୍ଠିତ ଶ୍ରୀ ଅଭିରାମ ନୋଡାଲ ବିଦ୍ୟାପୀଠ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶିଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ କଣାସ ଶିକ୍ଷା ଅଧିକାରୀ ଭବମ ପ୍ରଧାନ ଯୋଗଦେଇ ଥିଲାବେଳେ ମୁଖ୍ୟବକ୍ତା ଭାବରେ ବାବାଜୀ ବନବିହାରୀ ଦାସ ମହାରାଜ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଳିବାଡ ସରପଞ୍ଚ ମଞ୍ଜୁଲତା ପ୍ରଧାନ, ଆଳିବାଡ ସମିତି ସଭ୍ୟ ସୁବାଷ ଚନ୍ଦ୍ର ପ୍ରଧାନ ଏସ୍ଏମ୍ସି ଅଧ୍ୟକ୍ଷା ଇତିଶ୍ରୀ ସୁବୁଦ୍ଧି, ଶିକ୍ଷାବିତ ଭ୍ରମରବର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭା ଚୟନରେ ଏକ ବଳିଷ୍ଠ ମାଧ୍ୟମ ବୋଲି ମୁଖ୍ୟଅତିଥି ମତ ରଖିଥିଲେ। ମୁଖ୍ୟବକ୍ତା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଲାଭ କରିବା ସହିତ ଦେଶ ଗଠନରେ ନିଜ ନିଜର ଗୁରୁ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଏସ୍ଏମ୍ସିର ସଦସ୍ୟ ଓ ସଦସ୍ୟାଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲାବେଳେ ବୌଦ୍ଧିକ ଓ ଶାରିରୀକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୯୪ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ବିରିଷ୍ଠ ଶିକ୍ଷକ ଚକ୍ରଧର ମହାପାତ୍ର ମଞ୍ଚ ସଂଚାଳନ କରିଥିବାବେଳେ ଶିକ୍ଷକ ପ୍ରଫୁଲ କୁମାର ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଚଳଣିରୁ ଉଭେଇ ଗଲାଣି ଢିଙ୍କି ଓ ଢିଙ୍କିକୁଟା ଚାଉଳ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ): ଏକଦା ଗୋଟିଏ ଲୋକପ୍ରିୟ ନାରା ଥିଲା କୁଟି ଖାଅ, କାଟି ପିନ୍ଧ। ଅର୍ଥାତ ଅରଟରେ ସୂତା କାଟି ତାହାକୁ ବସ୍ତ୍ର ତିଆରି କରି ପିନ୍ଧିବା ଓ ଶସ୍ୟକୁ କୁଟି ତହିଁରୁ ପ୍ରସ୍ତୁତ ଖାଦ୍ୟକୁ ଗ୍ରହଣ କରିବା। କହିବାକୁ ଗଲେ ସମ୍ପୂର୍ଣ୍ଣ ଦେଶୀୟ ପଦାର୍ଥକୁ ଗୁରୁତ୍ୱର ସହ ବ୍ୟବହାର କରିବା। ଓଡ଼ିଆରେ ଏକ ପ୍ରବାଦ ରହିଛି ଢ଼ିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବ। ସେହି ଢ଼ିଙ୍କି ଆଜି ଦେଖିବା ସ୍ୱପ୍ନ ହୋଇଯାଇଛି। ଏବେ ମେସିନ୍‌ରେ ସବୁକିଛି ସହଜରେ ହୋଇଯାଉଛି। ଫଳରେ ଦିନେ ଆମ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଥିବା ଅନେକ ଜିନିଷ ଅଲୋଡ଼ା ହୋଇଗଲାଣି। ଯେମିତି କି ଢିଙ୍କି। ଗ୍ରାମାଞ୍ଚଳରେ ଘରେ ଘରେ ଥିଲା ଢିଙ୍କି। ତା' ପାଇଁ ଥିଲା ସ୍ୱତନ୍ତ୍ର ରହିବା ସ୍ଥାନ ଯାହାକୁ କୁହାଯାଉଥିଲା ଢିଙ୍କିଶାଳ। ଢିଙ୍କିରେ ଧାନରୁ ଚାଉଳ, ଚାଉଳରୁ ଚୂନା ସମେତ ହଳଦୀ, ମୁଗ, ବିରି ଆଦି ବିଭିନ୍ନ ସାମଗ୍ରୀ କୁଟାଯାଉଥିଲା। ଢିଙ୍କି କୁଟା ଚାଉଳ ମିଲ୍ ଚାଉଳ ଠାରୁ ସ୍ୱାସ୍ଥ୍ୟକର । ଏହି କାରଣରୁ ଏବେବି ଅନେକ ସ୍ୱାସ୍ଥ୍ୟ ସଚେତନ ଲୋକ ଢିଙ୍କି କୁଟା ଚାଉଳ ଅର୍ଡର କରି ଖାଉଛନ୍ତି। ଢିଙ୍କିକୁଟା ଧାନରୁ ଚାଉଳ ବାହାରିଲେ ମଧ୍ୟ ଧାନରେ କୁଣ୍ଡାଟି ଅତି ପତଳା ଚୋପା ଆକାରରେ ଲାଗିଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ ଏହାଦ୍ୱାରା କୁଟୁଥିବା ଲୋକଙ୍କ ଶାରୀରିକ ପରିଶ୍ରମ ବ୍ୟାୟାମ ଭଳି ଉତ୍ତମ ସ୍ୱାସ୍ଥ୍ୟରକ୍ଷାରେ ସହାୟକ ହୁଏ। ବିଶେଷ କରି ମହିଳାମାନେ ଏହି କାର୍ଯ୍ୟ କରି ଆସୁଥିଲେ। କ୍ରମଶଃ ଚାଉଳ କଳର ବହୁଳ ବ୍ୟବହାର ଯୋଗୁଁ ଢିଙ୍କିରେ ଆଉ କିଏ ପରିଶ୍ରମ କରିବାକୁ ଚାହିଁଲେନି। ତେଣୁ ଢିଙ୍କିର ବ୍ୟବହାର କମିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର କାଁ ଭାଁ କିଛି ଲୋକେ ଏବେବି ଢିଙ୍କି ବ୍ୟବହାର କରି ଅକାଣ୍ଡିଆ ଉଷୁନା ଚାଉଳ ଖାଉଥିବାରୁ ସେମାନେ ବେଶ୍ ନିରୋଗ ରହୁଥିବା କହିଛନ୍ତି । ଅପରପକ୍ଷରେ ଏବେ ରାଜ୍ୟ ସରକାର ଢିଙ୍କି କୁଟା ଚାଉଳକୁ ଲୋକାଦୃତ କରିବାକୁ କିଛି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀକୁ ଢିଙ୍କି କୁଟା ଚାଉଳ କିଲୋ ଆକାରରେ ପ୍ୟାକିଙ୍ଗ କରି ବଜାରରେ ଉପଲବ୍ଧ କରାଇବାକୁ ଯୋଜନା କରୁଥିବା ଜଣାଯାଇଛି। ଏହାଦ୍ୱାରା ରୋଜଗାର ପାଇବା ସହ ସ୍ୱାସ୍ଥ୍ୟ ଉପଯୋଗୀ ଅକାଣ୍ଡିଆ ଚାଉଳ ମିଳିପାରିବ। ଏହାର ଚାହିଦା ଥିବାରୁ ଏ କ୍ଷେତ୍ରରେ ସ୍ୱୟଂ ସହାୟକ ସଭ୍ୟମାନଙ୍କୁ ତାଲିମ ପ୍ରଦାନ ସହ ବିକ୍ରିବଟା ସୁଯୋଗ ସୃଷ୍ଟି ଉପରେ ସରକାରୀସ୍ତରରେ ଉଦ୍ୟମର ଆବଶ୍ୟକତା ରହିଛି।

## ଦିବ୍ୟାଙ୍ଗ ବିଦ୍ୟାଳୟରେ ଇ -ରିକ୍ସା ବିତରଣ କାର୍ଯ୍ୟକ୍ରମ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସାମାଜିକ ବିଭାଗ ପକ୍ଷରୁ ନୂଆପୋଲ ସ୍ଥିତ ଆଶ୍ରା ବିଦ୍ୟାଳୟ ପରିସରରେ ମହାନଦୀ କୋଲଫିଲଡ ଲିମିଟେଡ଼ର ସିଏସ୍ଆର୍ ପାଣ୍ଠିରୁ ଯୋଗ୍ୟ ଭିନ୍ନକ୍ଷମ ଚଉଦ ଜଣ ହିତାଧିକାରୀ ମାନଙ୍କୁ ଇ -ରିକ୍ସା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଶିକ୍ଷ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲ୍ଲାପାଳ ଯେ ସୋନାଲ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷ ଅର୍ଚ୍ଚନା ସିଂ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ସମାଜସେବୀ ସତ୍ୟବ୍ରତ ମହାପାତ୍ର, ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଇ-ରିକ୍ସା ବିତରଣ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହାପରେ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁଙ୍କୁ ମୋଟର ଚାଳିତ ଇ-ରିକ୍ସା ପ୍ରଦାନ କରାଯାଇଥିଲା ।

## କର୍କଟ ପୀଡିତଙ୍କୁ ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ): ଦେବୀ ବାଞ୍ଛାନିଧି ଦାସ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଣେ କର୍କଟ ପୀଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମେରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଂଯୋଜକ ପ୍ରଦିପ କୁମାର ମହାନ୍ତି ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଡେରାବିଶି ବ୍ଲକର ଗରାମପୁର ଗ୍ରାମର ବସନ୍ତ କୁମାର ବଳ ଦୀର୍ଘଦିନ ଧରି କର୍କଟ ରୋଗରେ ପିଡିତ ହୋଇ ଚିକିତ୍ସାଧିନ ଅଛନ୍ତି। ଆର୍ଥିକ ସଙ୍କଟରେ ଗତି କରୁଥିବା ଶ୍ରୀ ବଳଙ୍କ ଘରେ ପହଞ୍ଚି ଟ୍ରଷ୍ଟର ସଂଯୋଜକ ଶ୍ରୀ ମହାନ୍ତି ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ କେରଳ ଦମ୍ପତି

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍ ) : ଗଜପତି ଜିଲ୍ଲାରୁ ୬୭ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ କେରଳର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଗଜପତିର ଶିଶୁ ମଙ୍ଗଳ ସମିତି, ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା। ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ।



ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୪ ମାସ ଏବଂ ଶିଶୁଟି କନ୍ୟା ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମାଲୁଦରେ ଉର୍ସ ପର୍ବ ପାଳିତ



କୃଷ୍ଣପ୍ରଶାଦ (ଭାସ୍କର ନ୍ୟୁଜ ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ମାଲୁଦ ସତ୍ୟପୀର ବାବାଙ୍କ ବାର୍ଷିକ ଉତ୍ସବ ତଥା ଉର୍ସ ପର୍ବ ପାଳିତ ହୋଇଛି। ସକାଳୁ ସମସ୍ତ ମୁସଲିମ ଧର୍ମାବଲମ୍ବି ଭାଇ ଭଉଣୀ ମାନେ ଠାକୁରଙ୍କୁ ସ୍ନାନ କରାଇବା ପରେ ଅପରାହ୍ନ ତିନିଘଣ୍ଟା ସମୟରେ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ମସଜିଦ ଠାରୁ ଚାଦର ଯାତ୍ରା ଆରମ୍ଭ କରି ମାଲୁଦର ସମସ୍ତ ସାହି ବସ୍ତି ଓ ବଜାର ପରିକ୍ରମା କରିଥିଲେ। ଏହି ଚାଦର ଯାତ୍ରା ପର୍ବରେ ପୁରୀ ଗଞ୍ଜାମ ଖୋର୍ଦ୍ଧା ନୟାଗଡ଼ ଓ କଟକ ଅଞ୍ଚଳର ସମସ୍ତ ମୁସଲମାନ ଭାଇଭଉଣୀ ସାମିଲ ହୋଇଥିଲେ। ଏହି ପର୍ବ ହିନ୍ଦୁ ମୁସଲମାନ ଭାଇଚାରା ସମ୍ପର୍କରେ କାହିଁ କେଉଁ ଆବହମାନ କାଳରୁ ରହିଆସିଛି। ସନ୍ଧ୍ୟାରେ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ପ୍ରସାଦ ସେବନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଅଳସୁଧା ପଞ୍ଚାୟତ କୋକଳିପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ପରିଷଦ ସଭାପତି ସମାଜସେବୀ ବିଧାନ ଚନ୍ଦ୍ର ସାହାଣୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ମା ଶାରଳାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ମଞ୍ଚାସିନ୍ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ପ୍ରଶାନ୍ତ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଗଦାଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହାପରେ କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଦେବୀ ପ୍ରସାଦ ସାହାଣୀ, ଜିତେନ୍ଦ୍ର ମହାପାତ୍ର, ଲିଙ୍ଗରାଜ ଲେଙ୍କା, ଦିଲ୍ଲୀପ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଜନଜାତି ଜୀବିକା ମିଶନ ଯୋଜନାରେ ଚାଷୀଙ୍କୁ ପାଣିପମ୍ପ ବଣ୍ଟନ



କରଞ୍ଜିଆ, (ଭାସ୍କର ନ୍ୟୁଜ୍ ): କରଞ୍ଜିଆ ସ୍ୱମନିତ ଆଦିବାସୀ ଉନ୍ନୟନ ସଂସ୍ଥା କରଞ୍ଜିଆ ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ଚାଷୀଙ୍କୁ ପାଣିପମ୍ପ ସେଟ ବଣ୍ଟନ କାର୍ଯ୍ୟକ୍ରମ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଯୋଜନାରେ ପାଞ୍ଚପିଡ଼ ଉପଖଣ୍ଡର ଶୁକୁଳି, ରରୁଆଁ, ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ ବ୍ଲକର ୬୪ ଜଣ ଜନଜାତି ପୁରୁଷ ଓ ମହିଳା ଚାଷୀଙ୍କୁ ୬୪ଟି ପମ୍ପ ସେଟ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ପିୟୁଷ ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ରୂପେ କରଞ୍ଜିଆ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ଆଇଟିଡିଏ ପିଏ ପ୍ରେମାଂଶୁ ଚାନ୍ଦ ଯୋଗଦେଇ ଚାଷୀଙ୍କୁ ପମ୍ପ ବଣ୍ଟନ କରିଥିଲେ, ଏହି କାର୍ଯ୍ୟକ୍ରମରେ ଦକ୍ଷତା ବୃଦ୍ଧି ଏସ୍ଏମ୍ଏସ୍ ସ୍ମିତାଶ୍ରୀ ଜେନା, କୃଷି ଏସ୍ଏମ୍ଏସ୍ ମୋନିକା, ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନ ବିଶେଷଜ୍ଞ ଭାରତୀ ରାଜ, ପ୍ରୋମଦ ପଲେଇ, ଅରୁଣ ମହାନ୍ତ, ପରେଶ ଚନ୍ଦ୍ର ମହାନ୍ତ, ସଙ୍ଗୀତ କୁମାର ମହାନ୍ତଙ୍କ ସହିତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନରେ ପ୍ରଦତ୍ତ ଏହି ମୋଟର ପମ୍ପ ଚାଷୀଙ୍କୁ ଜଳସେଚନରେ ସହାୟକ ହେବା ସହିତ ଅଧିକ ଭିନ୍ନ କିସମର ଚାଷ କରି ସ୍ୱାବଲମ୍ବୀ ହେବାରେ ସହାୟକ ହେବ ବୋଲି ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ ପ୍ରକାଶ କରିଛନ୍ତି ଏହି କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଟ୍ରାକ୍ଟର ଓଲଟି ଦୁଇ ମୃତ, ତିନି ଗୁରୁତର

ଗୁଣପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡା ଜିଲ୍ଲା ଗୁଣୁପୁର ଥାନା ଅନ୍ତର୍ଗତ ଗୁଲୁମୁଣ୍ଡା ପାକା ନିକଟ ମୁଖ୍ୟ ରାସ୍ତା ଉପରେ ଫ୍ଲାଇଏକ୍ସ ଇଟା ବୋଝେଇ ଟ୍ରାକ୍ଟର ଓଲଟି ୨ ମୃତ୍ୟୁବରଣ କରିଥିବା ବେଳେ ୩ଜଣ ଗୁରୁତର ଆହାତ ହୋଇଛନ୍ତି। ସୂଚନାଯଗ୍ୟ ଗୁଲୁମୁଣ୍ଡା ପାକା ନିକଟସ୍ଥ ଇଟା ଫ୍ୟାକ୍ଟରିରୁ ଇଟା ବୋଝେଇ ଟ୍ରାକ୍ଟର ଗୁଣପୁର ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟରରେ ବସିଥିବା ଶ୍ରମିକ ଟ୍ରାକ୍ଟର ତଳେ ଚାପି ହୋଇ ରହିଥିଲେ। ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଂଚି ଗୁରୁତରଙ୍କୁ ଗୁଣପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତରଙ୍କ ମଧ୍ୟରୁ ଚୈତନ୍ୟ ଶବର ଓ ମମିତା ଶବର ମୃତ ନେଇ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଘୋଷଣା କରିଥିବା ବେଳେ ତିନି ମହିଳା କୁଆଁଣି ଶବର, ମମିତା ଶବର ଓ ଚନ୍ଦ୍ରମା ଶବର ଗୁରୁତର ଆହାତ ଥିବା ଜଣାପଡିଛି। ଖବରପାଇ ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି। ସମସ୍ତ ଶ୍ରମିକ ଗୁଣୁପୁର ବ୍ଲକ୍ ଅମ୍ବରା ଗ୍ରାମର ବୋଲି ସୂଚନା ମିଳିଛି। ମୃତ ଶ୍ରମିକ ସ୍ୱାମୀ ସ୍ତ୍ରୀ ବୋଲି ଜଣାପଡିଛି।

## ମାତ୍ର ୨ ଟଙ୍କାରେ ମିଳୁଛି କେଜିଏ ଟମାଟୋ

ଛତ୍ରପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମରେ ମାତ୍ର ୨ ଟଙ୍କାରେ ମିଳୁଛି ଟମାଟୋ କିଲୋ । ମାତ୍ର ୫ ଦିନରେ ଅଧା ଦର କମିଛି ଟମାଟୋର। ପାରିଶ୍ରମିକ ମିଳୁନଥିବା ଯୋଗୁଁ ହେକ୍ଟର ହେକ୍ଟର ଟମାଟୋ ସେଭଳି ଚାଷ ଜମିରେ ଛାଡ଼ି ପଳାଇଲେ ଚାଷୀ। ଅମଳ ହୋଇଥିବା ବେଳେ ୧୫ ରୁ ୨୦ ଟଙ୍କାରେ ପ୍ରଥମେ ଟମାଟୋ ବିକ୍ରି ହେଉଥିଲା । କିନ୍ତୁ ହଠାତ୍ ଗତ ୪ ରୁ ୫ ଦିନ ହେଲାଣି ଟମାଟୋର ଦର ଖସି ଆସି ୨ ଟଙ୍କାରୁ ୩ ଟଙ୍କାରେ ମିଳୁଛି। ଯାହାକୁ ନେଇ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି ଚାଷୀ କୂଳ । କାରଣ



ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଗଞ୍ଜାମ ବ୍ଲକର ଡ଼ିଆଁଡ଼େଇଁ ଗାଁରେ। ଗଞ୍ଜାମ ବ୍ଲକର ଡ଼ିଆଁଡ଼େଇଁ, ମଧୁରଚୁଆ, ସିପକୁଦା, ଶ୍ରୀରାମଚନ୍ଦ୍ରପୁର, ହରିପୁର, କଣ୍ଟପଡ଼ା ଭଳି ଅନେକ ଗାଁରେ ଚଳିତବର୍ଷ ଭଲ ପନିପରିବା ଚାଷ ହୋଇଛି। ସେହିକ୍ରମରେ ଟମାଟୋ ମଧ ଭଲ ଚାଷ ହୋଇଥିଲା । ଚାଷ ଭଲ ହୋଇଥିବା ଯୋଗୁଁ ଚଳିତବର୍ଷ ଟମାଟୋ ବିକ୍ରି ହେଲେ ଋଣ କରିଥିବା ଚାଷୀ ପରିଶୋଧ କରିବ ବୋଲି ଭାବିଥିଲେ। କିନ୍ତୁ ଗତ କିଛି ଦିନ ପୂର୍ବରୁ ଟମାଟୋ ତିନି ମାସ ଧରି ଟମାଟୋକୁ ଚାଷ କରିବା ନିମନ୍ତେ ଚାଷୀର ସପରିବାର ଲାଗିପଡ଼ିଥିଲେ । ଏହାସହିତ ଚାଷ କାର୍ଯ୍ୟ ନିମନ୍ତେ ଔଷଧ, ମୂଲିଆ ସହ ଅନ୍ୟାନ୍ୟ ଖର୍ଚ୍ଚ ମଧ ରହିଥିଲା । ପ୍ରାୟ ଗୋଟିଏ ଏକର ପିଛା ୩୦ ହଜାରରୁ ୪୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏଥିରୁ ୫ ହଜାର ଟଙ୍କା ମଧ ବର୍ତ୍ତମାନ ସୁଦ୍ଧା ମିଳିପାରୁନାହିଁ । ତେଣୁ ଏଭଳି ଚାଷ କରି କିଭଳି ନିଜ ପରିବାର ପ୍ରତିପୋଷଣ କରିବୁ ବୋଲି ବେଶ ଦୁଃଖର ସହ କହିଛନ୍ତି ଚାଷୀ ।

## ଦଧିବାମନ ଦେବଙ୍କ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ



ବୋଲଗଡ଼,(ଭାସ୍କର ନ୍ୟୁଜ୍ ) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ପାଟବନ୍ଧ ଗ୍ରାମବାସୀ ମାନଙ୍କ ଦ୍ୱାରା ତିନିଦିନ ଧରି ଦଧିବାମନ ଦେବଙ୍କ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ କଳସ ଯାତ୍ରା, କଳସ ସ୍ଥାପନ, ଅଙ୍କୁରା ରୋପଣ, ପୂଜାପାଠ କାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ଦିବସରେ ପାଟବନ୍ଧ ଗ୍ରାମବାସୀ ତଥା ବିଶ୍ୱବାସୀଙ୍କ ମଙ୍ଗଳ କାମନା ନିମନ୍ତେ ଅଖଣ୍ଡ ମହାମନ୍ତ୍ର ଜପ ହୋଇଥିଲା। ଏହି ନାମଯଜ୍ଞରେ ପାଟବନ୍ଧ, ଗଡଖଲ, ତରବାଲୁଅ, ଭୁବନେଶ୍ୱର, ଟାଙ୍ଗିସାହି ଓ ନିଳକଣ୍ଠପ୍ରସାଦ, କୁମ୍ଭାରି କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଅଖଣ୍ଡ ନାମ ପରିବେଷଣ କରିଥିଲେ । ଶେଷ ଦିବସରେ ନଗର କୀର୍ତ୍ତନ ନାମଯଜ୍ଞ ସମାପନ ହୋଇଥିଲା। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## କେନ୍ଦ୍ରାପଡା କଲେଜରେ ମେଗା ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍ ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଆସନ୍ତା ୧୦ତାରିଖ ସୋମବାର କଲେଜ ଯୁବ ରେଡକ୍ରସ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ମହାବିଦ୍ୟାଳୟର ମୁଖଶାଳାରେ ଅବସ୍ଥିତ ଗାନ୍ଧିଭବନରେ ସେହିଦିନ ସକାଳ ୯ଟାରେ ଏହି ରକ୍ତଦାନ ଶିବିର ଆରମ୍ଭ ହେବ ବୋଲି ସ୍ଥିର କରାଯାଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଭଳି ମହତ ଦାନ ନିମନ୍ତେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ/ ଅଧ୍ୟାପିକା, ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ ସଂଗଠନ ଓ ବେସରକାରୀ ସଂସ୍ଥା ଗୁଡିକ ଆଗେଇ ଆସିବାକୁ କଲେଜ ପକ୍ଷରୁ ନିବେଦନ କରାଯାଇଛି।

## ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

କୋଷାଗୁମୁଡ଼ା, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ସ୍ଥିତ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ୫ ହଜାର କୋଟି ଟଙ୍କାର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ଆଗାମୀ ୫ ବର୍ଷ ଭିତରେ କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକରଣ, ନୂତନ ଅଭିନବ ଜନ ମଙ୍ଗଳକାରି ବହୁମୁଖୀ ପ୍ରକଳ୍ପ ନିର୍ମାଣ ଓ କାର୍ଯ୍ୟ ଉନ୍ନୟନ, ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ପରିବହନ ବ୍ୟବସ୍ଥାର ସୁଦୃଢ଼ିକରଣ, ବିଶେଷ ଭାବରେ ଅନୁସୂଚିତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଅଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ କରିବା ପାଇଁ ୫ହଜାର କୋଟି ବ୍ୟୟ ବରାଦ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଗୋଷ୍ଠି ଉନ୍ନୟନ ଅଧିକାରି ଆଶିଷ ତ୍ରିପାଠୀ, କୋଷାଗୁମୁଡା ପଂଚାୟତ ସମିତି ଅଧକ୍ଷା ସର୍ବେଶ୍ୱରୀ ମାଝୀ, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୋମନାଥ ପୁଜାରି, ଡାବୁଗାଁ ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ସିଂ, ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବେନ୍ଦ୍ର ପୁଜାରି, ମୋତିଗାଁ ସମିତି ସଭ୍ୟ ତ୍ରିଲଚନ ଧାକଡ଼, କୋଷାଗୁମୁଡା ସରପଞ୍ଚ ଡାଳିମ୍ବ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୁଜାରି ମଂଚାସୀନ ରହିଥିବା ବେଳେ ୨୬ ଗୋଟି ପଂଚାୟତର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ତିନୋଟି ଅଞ୍ଚଳର ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା ସହ ଅଙ୍ଗନବାଡି କର୍ମି ଆଶା ଦିଦି, ଏମ୍‌ବିସି ଏମ୍‌ବିକେ ମହିଳାକର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୋଷାଗୁମୁଡା ପଂଚାୟତ ସମିତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ ଉପସ୍ଥିତ ଥିଲେ।

## ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଓ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ସମ୍ମିଳନୀ କକ୍ଷ ଠାରେ ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ ଯୋଜନା ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳ ଦେବ ସାହୁ, ଉପାଦକ୍ଷ ରାଜେନ୍ଦ୍ର ବିଷୋୟୀ, ବରିଷ୍ଠ ରାଜନେତା ନାରାୟଣ ପାତ୍ର, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଶତପଥୀ, ଜିଲ୍ଲା ସାମାଜିକ ସମୀକ୍ଷକ ବୈବାସୁତ ଚାଲାଣ, ଉରକ୍ଷା ସ୍ୱେଚ୍ଛାସେବୀ ସଙ୍ଗଠନ ସଭାପତି ଏଲ ସନ୍ତୋଷ ରାଓ ପ୍ରମୁଖ ମଞ୍ଚାସିନ ରହିଥିଲେ। ସର୍ବ ପ୍ରଥମେ ଅତିଥି ମାନେ ମହାତ୍ମାଗାନ୍ଧୀଙ୍କ ଫୋଟ ଚିତ୍ରରେ ଦ୍ୱୀପ ଧୂପ ଦେଇଥିଲେ । କାର୍ଯକ୍ରମ ଆରମ୍ଭରେ ଜିଲ୍ଲା ସାମାଜିକ ସମୀକ୍ଷକ ବୈବାସୁତ ଚାଲାଣ ସମୀକ୍ଷକଙ୍କ ଅନୁଯାୟୀ ବ୍ଲକର ପନ୍ଦରଟି ପଞ୍ଚାୟତର ସମୀକ୍ଷା ବିବରଣୀ ପାଠ କରିଥିଲେ । ସମୀକ୍ଷକ ମାନଙ୍କ ସମୀକ୍ଷା ଅନୁଯାୟୀ ସର୍ବ ମୋଟ ୮୧ ଗୋଟି ସମସ୍ୟା ମଧ୍ୟରୁ ୩୬ ଗୋଟି ସମସ୍ୟା କାଗଜପତ୍ର ଗୁଡିକ ଠିକ୍ ଭାବରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ନ କରିବା, ସେହିପରି ୧୯ ଗୋଟି ସମସ୍ୟା ମଧ୍ୟରୁ ଜବକାର୍ଡ ଯୋଗାଇ ଦେବାରେ ବିଫଳ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଶ୍ରମିକ ପାଉଣା ଠିକ୍ ସମୟ ପ୍ରଦାନରେ ଅବହେଳା ଏବଂ କିଛି ସ୍ଥାନରେ ସୂଚନା ଫଳକ ନ ରହିବା ଓ ୧୦ ଗୋଟି ସମସ୍ୟା କାମ ନ କରି ଲୋକଙ୍କ ନାମରେ ୯୬୫୧୧ /-ଟଙ୍କା, ୩ ଗୋଟି ମୁର୍ତ୍ତୁ ବରଣ କରିଥିବା ଲୋକଙ୍କ ନାମରେ ୩୧୨୪୨ /-ଟଙ୍କା ପ୍ରଦାନ କରାଯାଇଥିବା ସମୀକ୍ଷା ଦ୍ୱାରା ଜଣାପଡିଛି। ଏହିପରି ସରକାରୀ ଟଙ୍କା ଆତ୍ମସାତ ତଥା ଅବହେଳା ପାଇଁ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯନିର୍ବାହୀ ଅଧିକାରୀ ଯଦୁମଣି ନାୟକ ସମସ୍ତ ପିଇଓ, ଏବଂ ଜିଆର୍ଏସ୍ ମାନଙ୍କୁ ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ତାଗିତ କରିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସମୀକ୍ଷକ ପି. ସୁନୀଲ କୁମାର ପରିଚାଳନା କରିଥିଲେ।

## ନକଲି ଓ ନିମ୍ନମାନର ଔଷଧ କାରବାର ବଢୁଛି

■ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ଔଷଧ ବ୍ୟବସାୟୀ
■ ବିନା ଲାଇସେନ୍ସରେ ଚାଲିଛି ଔଷଧ ବେପାର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍ ) : ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ନିରବତା ପାଇଁ ବଜାରରେ ନକଲି ଓ ନିମ୍ନ ମାନର ଔଷଧ ବିକ୍ରି କରି ଔଷଧ ବ୍ୟବସାୟୀ ମାଲେ ମାଲ୍ ହେଉଛନ୍ତି। ତଦାରଖ କି ଚଢ଼ାଉ ହେଉନି। ଛକ ବଜାରରେ ମାଳ ମାଳ ଔଷଧ ଦୋକାନ। ନିୟମ କାନୁନ୍‌କୁ ଅଣଦେଖା କରି ଔଷଧ ଦୋକାନୀ ରୋଗୀଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ନକଲି ଓ ନିମ୍ନ ମାନର ଔଷଧ ସେବନ ଯୋଗୁଁ ଉପଶମ ମିଳୁନି। ଆରୋଗ୍ୟ ବଦଳରେ ଅର୍ଥ ଶ୍ରାଦ୍ଧ କରି ରୋଗୀ ଶୋଷିତ ହେଉଛି । ବିଶେଷ ଭାବରେ ଗ୍ରାମାଞ୍ଚଳରେ ନକଲି ଔଷଧ ବିକ୍ରି ଅଧିକ ହେଉଛି । କିଛି ଡାକ୍ତରଙ୍କୁ ହାତ କରି ନକଲି ଔଷଧ ବିକ୍ରି କରୁଥିବା ଦୋକାନୀ ମାନେ ବ୍ୟବସାୟ ଚଳାଇଛନ୍ତି। ଭେଷଜ ନିରୀକ୍ଷକଙ୍କୁ କେବେ ଔଷଧ ଦୋକାନ ତଦାରଖ କରିବା ନଜରରେ ପଡ଼େନି। ଫଳରେ ନକଲି ଔଷଧର କାରବାର ଏବେ ସୀମା ଟପିଛି। ଏହି ଔଷଧ ସେବନ କରି ଲୋକେ ଆରୋଗ୍ୟ ହେବେ କ'ଣ, କିଛିଦିନ ପରେ ସେମାନଙ୍କ ରୋଗ ଆୟତ ବାହାରକୁ ଯାଉଛି। କେତେକ କ୍ଷେତ୍ରରେ ଜୀବନ ବି ଚାଲି ଯାଉଛି। ମଧୁମେହ, ଉଚ୍ଚ ରକ୍ତ ଚାପ, କିଡନୀ, ହୃଦ ରୋଗ ଭଳି ମାରାତ୍ମକ ରୋଗର ଦାମୀ ଔଷଧ ଏଠାରେ ନକଲି ଭାବେ ମିଳୁଛି। ଅସଲି ମୂଲ୍ୟ ଦେଇ ରୋଗୀ ନକଲି ନିମ୍ନମାନର ଔଷଧ ଖାଇ ଚାଲିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଥିବା ବିଭିନ୍ନ ପଂଚାୟତ ହେଉ ଅବା ବଜାରରେ ଔଷଧ ଦୋକାନ ମଧ୍ୟରୁ ୩୦ରୁ ଅଧିକ ଔଷଧ ଦୋକାନରେ ଏଭଳି ଔଷଧ କାରବାର ହେଉଥିବା ଅଭିଯୋଗ ହେଉଛି। ଏହି ନକଲି ଔଷଧ ପଶ୍ଚିମବଙ୍ଗ, ବିହାର ବେଙ୍ଗାଲୁରୁ, ଦିଲ୍ଲୀରୁ ଆସୁଥିବାର କୁହାଯାଏ। ବୈଧ ଲାଇସେନ୍ସ ଓ ଫାର୍ମାସିଷ୍ଟ ନଥାଇ ଔଷଧ ବିକ୍ରି ଆଉ ଚିକିତ୍ସା ମଧ୍ୟ କରାଯାଉଛି। ଫାର୍ମାସିଷ୍ଟ ପ୍ରମାଣ ଆଳରେ ଲକ୍ଷ ଲକ୍ଷ ଟଙ୍କାର ନକଲି ଔଷଧ ବିକ୍ରି ହେଉଛି। ଏତେ ସବୁ ବେନିୟମ କାର୍ଯ୍ୟ ଚାଲୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ନିୟମିତ ଭାବେ ଔଷଧ ଦୋକାନ ଗୁଡ଼ିକ ଯାଞ୍ଚ କରାଗଲେ ସୁଫଳ ମିଳନ୍ତା ବୋଲି ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ବିଜୟ ବେହେରା, ଶୁଭେନ୍ଦୁ କୁମାର ମହାପାତ୍ର, ଭୀମସେନ ନାୟକ ପରୀକ୍ଷିତ ରାୟ, ବିଜୟ କୁମାର ପାତ୍ର, କ୍ଷୀରୋଦ ନାୟକ ପ୍ରମୁଖ କୁହନ୍ତି । କେବେ ପ୍ରଶାସନ ନଜର ପଡୁଛି ତାହା ହିଁ ଅପେକ୍ଷା।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଜିଲ୍ଲା ପରିଷଦ କେନ୍ଦୁଝର ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ଜଳ ଓ ପରିମଳ କମିଟି ବୈଠକ ଗୁରୁବାର ଦିନ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରତ୍ୟେକ ପରିବାର ଏବଂ ସମସ୍ତ ସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପାଇପ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବାନେଇ ତୃଣମୂଳ ସ୍ତରରେ ଜାରି ରହିଥିବା ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ ଜିଲ୍ଲାରେ ମେଗା ପାଇପ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବା ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ, ବିଜୁଳି, ବନ, ପୂର୍ତ୍ତ, ଶିକ୍ଷା, ଗୃହ ନିର୍ମାଣ, ରାଜସ୍ୱ, ଜାତୀୟ ରାଜପଥ ନିର୍ମାଣ, ଆଦି ବିଭାଗ ସମ୍ୱଳିତ ଜଳ ଯୋଗାଣ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ତୁରନ୍ତ ନିର୍ଯ୍ୟାସ ପାଇଁ ଏହି କାର୍ଯ୍ୟକାରୀ ବୈଠକରେ ନିଜ ନିଜ ମତ ପୋଷଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ସିଂହ, ଏହି କାର୍ଯ୍ୟନିର୍ବାହୀ କମିଟି ବୈଠକକୁ ପ୍ରତ୍ୟେକ ଉପଖଣ୍ଡ ଓ ବ୍ଲକସ୍ତରରେ କରାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସମସ୍ତ ବିଭାଗୀୟ, ଉପବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଜମିରୁ ପମ୍ପସେଟ୍ ଉଠାଇ ନେଲେ ଠିକାଦାର

ମାଲକାନାଗିରି (ଭାସ୍କର ନ୍ୟୁଜ୍) : ପଇସା ନମିଳିବାରୁ ବିଦ୍ୟାଳୟରେ ଲଗାଇଥିବା ପମ୍ପ ଠିକାଦାର ଜଣଙ୍କ ଉଠାଇ ନେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ମାଟେରୁ ପଞ୍ଚାୟତ ଅନ୍ତର୍ଗତ ରାମାଗୁଡା ଗ୍ରାମରେ। ପଞ୍ଚାୟତ ବୈଠକର ସହମତି କ୍ରମେ ରାମାଗୁଡା ଗ୍ରାମର ଜଣେ ଯୁବକ ପମ୍ପସେଟ୍ ବସାଇଥିଲେ। ଏହାର କିଛିଦିନ ପରେ ସେ ସେହି ସ୍ଥାନରେ ଜଣେ ଯୁବକ ଆସି ପ୍ୟାନେଲ ବୋର୍ଡ ଲଗାଇ ଦେଇ ଚାଲି ଯାଇଥିଲେ। ଏହାରି ମଧ୍ୟରେ ମାସ ମାସ ବିତି ଯାଇଥିଲେ ମଧ୍ୟ ଯୁବକ ଜଣକ ବିଲ୍ ପାଇନଥିଲେ ତେବେ ଗତ କିଛିଦିନ ପୂର୍ବେ ଏହି ବିଲ୍‌କୁ ନେଇ ଉକ୍ତ ଯୁବକ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କ ମଧ୍ୟରେ ବଚସା ହେବା ସହ ବିଲ୍ ଉଠିଥିବା ଏବଂ ଅନ୍ୟଜଣେ ପାଇଥିବା ଯୁବକ ଜଣଙ୍କ ଜାଣି ପାରିଥିଲେ । ଅନ୍ୟଜଣଙ୍କୁ କାହିଁକି ବିଲ୍ ଦେଲେ ବୋଲି ପ୍ରଶ୍ନ କରିବା ସହ ଯୁକ୍ତିତର୍କ ହୋଇଥିଲା ଓ ପରେ ପମ୍ପସେଟ୍ ଉଠାଇନେଇ ଯନ୍ତ୍ରୀଙ୍କ ଏଭଳି ଆଚରଣ ବାବଦରେ ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଇବେ ବୋଲି କହିଛନ୍ତି। ମାତ୍ର ଏବେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ବିଦ୍ୟାଳୟ ଛାତ୍ରଛାତ୍ରୀ ।



## ଗୌରଚଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଏରସମା (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ ବାମଦେଇପୁର ପଞ୍ଚାୟତର ଗୌରଚଣ୍ଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାମଦେଇପୁରର ୧୧ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ନୈତିକ ଶିକ୍ଷା ସମାଜ ବଦଳାଇବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଏରସମା ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗୋଛାୟତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ସରପଞ୍ଚ ବୈଜୟନ୍ତୀ ମହାନ୍ତି, ସମିତି ସଭ୍ୟ ବିକ୍ରମ ମହାପାତ୍ର, ପୂର୍ବତନ ସରପଞ୍ଚ ଗୋପିନାଥ ସାମନ୍ତରାୟ, ବାଲିତୁଠ ସମିତିର ସଭାପତି ହରିହର ଲିଙ୍ଗରାଜ ମହାନ୍ତି, କେଶିପୁର ସମିତିର ସଭାପତି ସମୀର ରଞ୍ଜନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ମହାପାତ୍ର, ବିଦ୍ୟାଳୟର ସଭାପତି ଆର୍ତ୍ତତ୍ରାଣ ଶତପଥୀ, ମୁଖ୍ୟ ବକ୍ତା ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଚ୍ଚିଦାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ପଙ୍କଜ କୁମାର ବେହେରା ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।



## ବ୍ୟବସାୟୀଙ୍କ ପରଲୋକ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ବଜାରର ବରିଷ୍ଠ ବ୍ୟବସାୟୀ ଅକ୍ଷୟ ମହାପାତ୍ର (୭୮)ଙ୍କ ବୁଧବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାପାତ୍ର ଚାନ୍ଦୋଳ ବଜାରରେ ଦୀର୍ଘବର୍ଷ ହେଲା ଏକ ମିଷ୍ଟାନ୍ନ ଭଣ୍ଡାର କରିଥିଲେ। ତାଙ୍କ ଦ୍ୱାରା ପ୍ରସ୍ତୁତ ଛେନାବରା ଅଞ୍ଚଳରେ ଖୁବ୍ ପ୍ରସିଦ୍ଧିଲାଭ କରିଥିଲା। ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ୀତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଗତ ସୋମବାର ସେ ଗୁରୁତର ହୋଇପଡିବାରୁ ତାଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ଗତକାଲି ରାତିରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଦାନପୁର ଗ୍ରାମକୁ ଅଣାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ବଡ଼ପୁଅ ସରୋଜ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ ଅକ୍ଷୟ ମହାପାତ୍ର ଓ ତାଙ୍କ ସାନଭାଇ ପ୍ରଭାକରଙ୍କର ନିବିଡ଼ ସମ୍ପର୍କ ଅଞ୍ଚଳରେ ଭାଇଚାରାର ଶ୍ରେଷ୍ଠ ନିଦର୍ଶନ ବୋଲି ଜଣାଶୁଣା ଥିଲା।

## ଖାଲି ପଡିଛି ବିଇଓ, ୨ଟି ଏବିଇଓ ପଦବୀ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ବିଚିତ୍ର ନୀତି ପଦାରେ ପଡିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ନାହିଁ ନାହିଁରେ ଚାଲିଛି। ବ୍ଲକ ଶିକ୍ଷା ଅଧିକାରୀଙ୍କ ପଦବୀ ଖାଲି ପଡିଛି। ଆବଶ୍ୟକ କର୍ମଚାରୀ ମଧ୍ୟ ନାହାନ୍ତି। ଏପରିସ୍ଥିତିରେ ଅସ୍ତରଙ୍ଗ ବ୍ଲକରେ ଶିକ୍ଷାବ୍ୟବସ୍ଥା କିପରି ଚାଲିଥିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୧୫ଗୋଟି ପଂଚାୟତରେ ୧୩୧ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ରହିଛି। କିନ୍ତୁ ଗତ ୩୧ମାର୍ଚ୍ଚ ୨୦୨୪ରେ ଅତିରିକ୍ତ ଶିକ୍ଷାଧିକାରିଣୀ ମମତା ମଞ୍ଜରୀ ଦେଇ ଅବସର ନେଇଥିବା ବେଳେ, ଅନ୍ୟତମ ଅତିରିକ୍ତ ଶିକ୍ଷାଅଧିକାରିଣୀ ରାଜଲକ୍ଷ୍ମୀ ପାତ୍ର ୩୧ ମେ ୨୦୨୪ରେ ଅବସର ନେଇଛନ୍ତି। କିନ୍ତୁ ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ୨ଟି ଅତିରିକ୍ତ ଶିକ୍ଷା ଅଧିକାରିଣୀ ପଦବୀ ଖାଲି ପଡିଛି। ଅନ୍ୟ ପଟେ କାର୍ଯ୍ୟରତ ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁ ବାଳା ଶତପଥୀ ଏକୁଟିଆ ହୋଇ ୧୫ଟି ପଞ୍ଚାୟତର ସମସ୍ତ ବିଦ୍ୟାଳୟର ସମଗ୍ର ଶିକ୍ଷା, ମଧ୍ୟାହ୍ନ ଭୋଜନ, ସୂଚନା ଅଧିକାର ତଥ୍ୟ ପ୍ରଦାନ, ମୋ ସ୍କୁଲ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହ ବିଭିନ୍ନ କାର୍ଯ୍ୟ ଏକାକୀ ତୁଲାଉଛନ୍ତି। ଯାହାକି କଷ୍ଟସାଧ। ଆଉ ୨ମାସ ପରେ ଚାକିରିରୁ ଅବସର ନେବେ ଶ୍ରୀମତୀ ଶତପଥୀ। ଅନ୍ୟପଟେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଭାବେ ପୂର୍ବରୁ କାର୍ଯ୍ୟରତ ଚିତ୍ତରଞ୍ଜନ ସ୍ୱାଇଁ ୩୦ ଜୁନ ୨୦୨୩ରେ ଅବସର ନେବା ପରେ ଦୀର୍ଘ ଏକ ବର୍ଷ ମଣ୍ଡଳ ଶିକ୍ଷାଧିକାରୀ ପଦବୀ ଖାଲି ପଡିଥିଲା। ଏକ ବର୍ଷ ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ପରେ ଶତ୍ରୁଘ୍ନ ବେହେରା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ ଯୋଗ ଦେଇଥିଲେ। ଶ୍ରୀ ବେହେରା ପ୍ରତ୍ୟେକ ଦିନ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ପାଠପଢା ତଦାରଖ କରୁଥିଲେ। ଶ୍ରୀଯୁକ୍ତ ବେହେରା ଏକାଧାରରେ ଥିଲେ ଛାତ୍ର ବତ୍ସଳ, ସରଳ ନିଷ୍କପଟ ମଣିଷ ତାଙ୍କର ସ୍ୱାଭିମାନ ପଣିଆ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ପଣିଆକୁ ଅଭିଭାବକ ମାନେ ପ୍ରଶଂସା କରନ୍ତି। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଭାବେ ଯୋଗଦେବା ପରେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ସହ ବିଦ୍ୟାଳୟର ପାଠପଢା, ବିଦ୍ୟାଳୟର ଉନ୍ନତିକରଣ କାମ ସମ୍ପର୍କରେ ବୁଝନ୍ତି। କିନ୍ତୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭିନ୍ନ ପକ୍ଷରୁ ଚିଠି ମେମୋ ନମ୍ବର -୩୫୭୪ ତା ୪ଫେବୃଆରୀ ୨୫ରିଖି ଦିନ ରାଜ୍ୟର ୫୫ଜଣ ଶିକ୍ଷାଅଧିକାରୀଙ୍କ ବିଭିନ୍ନ ବ୍ଲକକୁ ବଦଳି ହୋଇଥିବା ବେଳେ ସେହିକ୍ରମରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରାଙ୍କ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକକୁ ବଦଳି ହୋଇଛି। ଏବେ ବି କାର୍ଯ୍ୟାଳୟରେ ୨ଟି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କ ପଦବୀ ଖାଲି ପଡିଛି। ଅନ୍ୟପଟେ ମଣ୍ଡଳ ଶିକ୍ଷାଧିକାରୀଙ୍କ ବଦଳି ବାତିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି। ନଚେତ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଉପରେ ନଜର ରଖିବାକୁ କେହି ନାହାନ୍ତି। ଅପରପକ୍ଷରେ ଅସ୍ତରଙ୍ଗ ବ୍ଲକରେ ୧୩ଟି କ୍ଲଷ୍ଟର (ସାଧନକେନ୍ଦ୍ର )ରେ ଶିକ୍ଷାଦାନ ନିମନ୍ତେ ୮ ଶହରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି। କିନ୍ତୁ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟରେ କିରାଣୀ ଓ ଗୋଟିଏ ଆକାଉଣ୍ଟାଣ୍ଟ ପଦବୀ ଖାଲି ପଡିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ତୁରନ୍ତ ଖାଲି ପଦଗୁଡିକ ପୂରଣ ନିମନ୍ତେ ଦାବି କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।




## ମୁକୁନ୍ଦପୁର ସାଧନକେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ମୁକୁନ୍ଦପୁର ସାଧନକେନ୍ଦ୍ର ଅଧିନସ୍ଥ ମୁକୁନ୍ଦପୁର ବିଦ୍ୟାଳୟ ପରିସରରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅଧୀନ ୯ଟି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗାଇଡ଼ ଶିକ୍ଷକ ଓ ଅଭିଭାବକମାନେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ସିଆର୍‌ସିସି ଅଭିରାମ ମିଶ୍ର ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥିଭାବରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଭାଷାଜ୍ଞାନ, ସଂଖ୍ୟାଜ୍ଞାନ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ମୁକୁନ୍ଦପୁର ସରପଞ୍ଚ ମିତାରାଣୀ ମଲିକ, ଦାନପୁରର ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀ, ସହଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ ଓ ସଚିକାନ୍ତ ମିଶ୍ର, ପ୍ରଧାନଶିକ୍ଷକ ବିଶ୍ୱଜିତ ଦାସ ଯୋଗଦେଇ ମେଳାରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଯଅଁରାବାରିମୂଳ ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଆର୍‌ସିସି ବିଶ୍ୱଜିତ ମୁଦୁଲି ସଂଚାଳନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ପ୍ରମୋଦ କୁମାର ମଲ୍ଲ, ସନ୍ତୋଷ ମଲିକ, ବେଣୁଧର ପ୍ରଧାନ, ଅଜୟ କୁମାର ଦାସ, ପୂର୍ବତନ ସିଆର୍‌ସିସି ପ୍ରତାପ ଶତପଥି, ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଉତ, ମନୋରଞ୍ଜନ ଦାସ, ଦୀପକ ବାରିକ, ଭାବଗ୍ରାହୀ କର, ବିଜୟଲକ୍ଷ୍ମୀ ଦେବୀ, ରମେଶ ବଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




## ଜିଲୁଣ୍ଡିରେ ବନାଗ୍ନି ଦମନ ଏବଂ ପରିବେଶ ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ବୈଷ୍ଣବୀ ବାଳିକା ଉଚ୍ଚ ବିଦ୍ୟାଳୟ ଜିଲୁଣ୍ଡି ଠାରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ସରୋଜ ଲକ୍ଷ୍ମୀ ଦାଶ ପରିଚାଳନା ଦାୟିତ୍ୱ ନେଇ ଥିବାବେଳେ ପରିବେଶପ୍ରେମୀ ଶୁଳପାଣି ଶତପଥୀ, ଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଏବଂ ଜଙ୍ଗଲ ନିଆଁକୁ ଦମନ କରିବା, ମୁଖ୍ୟତଃ କିପରି ବଣରେ ନିଆଁ ଲାଗିବ ନାହିଁ ସେହି ବାବଦରେ ବୁଝାଇ ଥିଲେ। ଜଙ୍ଗଲରେ ନିଆଁ ଲାଗିବା ମନୁଷ୍ୟକୃତ ଏବଂ ଆମ୍ଭମାନଙ୍କ ଅସାବଧାନତା ହେତୁ ଜଙ୍ଗଲରେ ନିଆଁ ଲାଗି ସୁସ୍ଥ ପରିବେଶକୁ ନଷ୍ଟ କରିଥାଏ। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ପ୍ରଧାନ ଏବଂ ସହ ଶିକ୍ଷକ ଜ୍ୟୋତି ରଞ୍ଜନ ବିଷୋୟୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ମୁଖ୍ୟତଃ ବନ ହିଁ ଜୀବନ ବାର୍ତ୍ତାକୁ ପ୍ରେରଣ କରିଥିଲେ। ପୂର୍ବତନ ଅବ୍ୟତାନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ଗୀତ ଏବଂ ସ୍ଲୋଗାନ ମାଧ୍ୟମରେ ସଚେତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଆସନ୍ତା ଗ୍ରୀଷ୍ମଦିନରେ ନିଜ ନିଜ ଗ୍ରାମ ନିକଟ ବନରେ କିପରି ନିଆଁ ଲାଗିବ ନାହିଁ ଏବଂ ବନ ସହିତ ବନ ପଶୁପକ୍ଷୀ କିପରି ସୁରକ୍ଷିତ ରହିବେ ସଚେତନତା ବାର୍ତ୍ତା ପ୍ରେରଣ ସକାଶେ ଶପଥପାଠ କରିଥିଲେ। ଅଗାମୀ ଦିନରେ ବନ ବିଭାଗ ସହଯୋଗରେ ଆହୁରି ପରିବେଶ ସଚେତନ କାର୍ଯ୍ୟକ୍ରମ ଇକୋକ୍ଲବ ମାଧ୍ୟମରେ କରିବା ସକାଶେ ବକ୍ତବ୍ୟ ଦେବା ସାଥେ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କରଦା ହରିହାଟ ମେଳା ଓ ମହୋତ୍ସବ ଉଦ୍‌ଘାଟିତ

କୋରେଇ (ଭାସ୍କର ନ୍ୟୁଜ୍) : କୋରେଇ ବ୍ଲକ ଅନ୍ତର୍ଗତ କରଦା ଗ୍ରାମପଞ୍ଚାୟତର ସର୍ବପୁରାତନ କରଦା ହରିହାଟ ମେଳା ପାଖାପାଖି ୨୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବେ ସଂସ୍କୃତି ପରମ୍ପରାକୁ ବଜାୟ ରଖିଛି। ଏହି ମହୋତ୍ସବରେ ବିଭିନ୍ନ ପ୍ରକାର ସାଂସ୍କୃତିକ ନୃତ୍ୟ ସଙ୍ଗୀତ ସାଙ୍ଗକୁ ମୀନା ବଜାର ଭଳିକି ଭଳି ଦୋଳି ଓ ଅପେରା ମନୋରଞ୍ଜନକୁ ଖୋରାଗ ପାଇଁ ବ୍ୟବସ୍ଥା କରାଯାଇଛି। ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଆନୁଷ୍ଠାନିକ ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦ୍ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ଡ଼ ଅଭୟ କୁମାର ପତି, କୋରେଇ ବିଡ଼ିଓ ଅବନିକାନ୍ତ ସାହୁ, କରଦା ସରପଞ୍ଚ ଅନିମା ମଲିକ, ସମିତି ସଭ୍ୟା ପଙ୍କଜିନୀ ସାହୁ, କରଦା ପଞ୍ଚାୟତ ବିଜେପି ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ସୂର୍ଯ୍ୟମଣି ପଣ୍ଡା, ଗଣେଷ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ମହୋତ୍ସବ କମିଟିର ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭା ପରେ ସ୍ଥାନୀୟ କଳାକାର ଓ ରାଜ୍ୟ ସଂସ୍କୃତି ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ବିଚିତ୍ର ବର୍ଣ୍ଣାଳୀ ଓ କ୍ରିଷ୍ଣା ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଭାସ୍କର ସାହୁ, ଅରୁଣ ମହାପାତ୍ର, ନାରାୟଣ ଚନ୍ଦ୍ର ନାୟକ, ବିଜୟ ସେନାପତି, ପଦ୍ମନାଭ ଓଝା, ରବିନ୍ଦ୍ର ନାୟକ, ଶରତ ସେନାପତି, ଅନୁପ କୁମାର ବେହେରା, ରମାକାନ୍ତ ବାରିକଙ୍କ ସମେତ ମେଳା ଓ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

ତେନ୍ତୁଲିଖୁଣ୍ଟି (ଭାସ୍କର ନ୍ୟୁଜ୍) : ତେନ୍ତୁଳି ଖୁଣ୍ଟି ବ୍ଲକ ଅମଳାଭଟ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ୍ରାଠାରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୨ଟି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ/ଅଭିଭାବିକା, ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ମେଳାରେ ସମସ୍ତ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ସାକ୍ଷରତା, ସଂଖ୍ୟା ଜ୍ଞାନ ଓ ସୃଜନଶୀଳତା ବିଭାଗରେ ଆସିଥିବା ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରିଥିଲେ। ମେଳାରେ ଆମନ୍ତ୍ରିତ ଅତିଥି ଏହି ମେଳାକୁ ପରିଦର୍ଶନ କରି ମୁଗ୍ଧ ହୋଇଥିଲେ ଏବଂ ଏହିଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶିକ୍ଷା ଲାଭ କରିବାରେ ଅତ୍ୟନ୍ତ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ଅଭିଭାବକ ଅଭିଭାବିକା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏହିଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କର ଗୁଣାତ୍ମକ ଶିକ୍ଷାର ବିକାଶ ନିମନ୍ତେ ଅପରିହାର୍ଯ୍ୟ ବୋଲି ହୃଦବୋଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ପ୍ରଶଂସା କରିଥିଲେ। ଏହି ନିପୁଣ ଓଡ଼ିଶା ମେଳାରେ ମୁଖ୍ୟ ଅତିଥି ଭାବେ ପାତ୍ରପୁଟ ପଞ୍ଚାୟତର ସରପଞ୍ଚ ଶିବାନନ୍ଦ ପ୍ରଧାନୀ ଯୋଗଦାନ କରିଥିଲେ। ଏଥିସହିତ କାମତା ପଞ୍ଚାୟତର ସମିତି ସଭ୍ୟା ବସନ୍ତ ଶଗରିଆ, ନାଏବ ସରପଞ୍ଚ କପିଳାସ ମାଝୀ, ପାତ୍ରପୁଟ ନାଏବ ସରପଞ୍ଚ କମଳା ପୂଜାରୀ, ଗୁଡ୍ରା ବିଦ୍ୟାଳୟର ସଭାପତି ଗୌରଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ଲକ୍ଷ୍ମଣ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ମଧୁସୂଦନ ବାଗ ବକ୍ତବ୍ୟ ପ୍ରଦାନ କରିବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁସାରେ ଅମଳାଭଟ୍ଟା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଜୟ ହରିଜନ ଏବଂ ଗୁଡ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ବିଷୋୟୀ ସମସ୍ତ କାର୍ଯ୍ୟକୁ ଯୋଜନାବଦ୍ଧ ଭାବେ ଆୟୋଜନ କରିଥିଲେ। ଏଥିରେ ସହାୟକ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ହରେକୃଷ୍ଣ ବିଷୋୟୀ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଏହି ମେଳାର ସମାପନ ଘୋଷଣା କରିଥିଲେ।

## ବ୍ଲକସ୍ତରୀୟ ନିପୁଣ ମେଳା ପ୍ରଦର୍ଶନ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିନସ୍ଥ ବାରିହାପୁର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ନିପୁଣ ମେଳା ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ନିପୁଣ ମେଳା ଶିବିର ଆଡମ୍ବର ସହକାରେ ପାଳିତ ହୋଇଥିଲା। ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ତରଣୀ କାନ୍ତ ସିଂହ, ସ୍ଥାନୀୟ ସରପଞ୍ଚ ସସ୍ମିତା ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ଭୁତିଆ, ମଞ୍ଚାସିନ ହୋଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୧୭ଟି କ୍ଲଷ୍ଟରର ସମସ୍ତ ଏଫ୍‌ଏଲ୍‌ଏନ୍ ଶିକ୍ଷକ ଶିକ୍ଷୟତ୍ରୀ ସେମାନଙ୍କ ଟିଏଲ୍‌ଏମ୍‌ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ଷ୍ଟଲରେ ଶିକ୍ଷଣୀୟ ପ୍ରକଳ୍ପଗୁଡିକ ଅତି ସୁନ୍ଦର ଭାବରେ ସାଜସଜା କରି ଆକର୍ଷିତ କରିଥିଲେ। ନିପୁଣ ଓଡ଼ିଶା ମେଳାର ତାତ୍ପର୍ଯ୍ୟ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଏଫଏଲ୍‌ଏମ୍ କାର୍ଯ୍ୟକ୍ରମ, ଶିକ୍ଷଣ ସାମଗ୍ରୀ ଟିଏଲ୍‌ଏମ୍‌ର ବହୁଳ ବ୍ୟବହାର, ଜାତୀୟ ଶିକ୍ଷାନୀତି ୨୦୨୦ ପାଠ୍ୟ ଖସଡ଼ାର ସ୍ତର , ଆନନ୍ଦମୟ ଶିକ୍ଷା, ନାଚ, ଗୀତ, ଗଳ୍ପ, ଚିତ୍ର, ଖେଳ, ଭ୍ରମଣ ଓ ପ୍ରଦର୍ଶନୀ ମାଧ୍ୟମରେ ପିଲାଙ୍କୁ ଆକର୍ଷିତ କରାଯାଇ ପାଠ ପଢାରେ ନିୟୋଜିତ କରିବା, ପ୍ରାରମ୍ଭିକ ବୟସରୁ ପିଲାଙ୍କୁ ସ୍ୱାଧୀନ ଭାବେ ଚିନ୍ତନ କରାଇବା, ପିଲାର ଦୁର୍ବଳତାକୁ ଚିହ୍ନଟ କରି ସୁଦୃଢ଼ ଓ ସମୃଦ୍ଧ କରାଇବା ଏହାର ଏକ ମାତ୍ର ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ଶ୍ରୀ ସାହୁ ସମସ୍ତଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହାକୁ ପାଥେୟ କରି କିପରି ବ୍ଲକସ୍ତରରୁ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନରେ ଅଧିଷ୍ଠିତ ହୋଇପାରିବ ସେଥିପାଇଁ ସମସ୍ତେ ଚେଷ୍ଟିତ ରହିବା ନିତ୍ୟାନ୍ତ ଆବଶ୍ୟକ । ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିପୁଣ ଓଡ଼ିଶା ମେଳା ସମ୍ପର୍କିତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିବା ବେଳେ, ସାମ୍ପ୍ରତିକ ଶିକ୍ଷା ଉପରେ ନାଟ୍ୟ ରୂପାନ୍ତର ଭାବେ ଓପନ ନିୟୁଜ ଜରିଆରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନଙ୍କ ଦ୍ୱାରା ଏକ ମହା ତର୍କବିତର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି, ବିଆର୍‌ସି ସାମିଲ ହୋଇ ନିପୂଣ ଓଡ଼ିଶା ବିକାଶ ଧାରାକୁ ଅଗ୍ରଗତି କରିବା ଦିଗରେ ସମସ୍ତେ ଶପଥ ପାଠ କରିଥିଲା ବେଳେ, ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅତିଥି ପରିଚୟ ପ୍ରଦାନ ଏବଂ ମଞ୍ଚ ସଂଚାଳନ ଦାୟିତ୍ୱ ସିଆର୍‌ସିସି ଦୁଷ୍ମନ୍ତ କୁମାର ସାହୁ ନିର୍ବାହ କରିଥଲା ବେଳେ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



## ରାମକୃଷ୍ଣ ଆଦର୍ଶ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ବଡତ୍ରୀବିଡା ରାମକୃଷ୍ଣ ଆଦର୍ଶ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଳୁ ଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ୯ନଂ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସମିତି ସଦସ୍ୟା ମିନାକ୍ଷୀ ସାହୁ, ସମିତିର ଜିଲ୍ଲା ସମ୍ପାଦିକା ସ୍ୱପ୍ନାରାଣୀ ମିଶ୍ର, ସମାଜସେବୀ ନିର୍ମଳ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟା ମନ୍ଦିରର ପରିଚାଳନା ସମିତି ସଭାପତି ବିରଞ୍ଚି ବେହେରାଙ୍କ ସଭାପତିତ୍ୱ କରିଥିଲାବେଳେ ସମିତିର ସମ୍ପାଦକ ତଥା ସରପଞ୍ଚ ଶାନ୍ତନୁ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଲିପି ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜରେ ଜଣେ ଭଲ ମଣିଷ ହେବା ସହ ଦେଶ ମାତୃକାର ସେବାରେ ସମର୍ପିତ ହେବା, ମନଦେଇ ଭଲ ପାଠ ପଢିବାକୁ ଛାତ୍ରଛାତ୍ରୀଙ୍କୁ ଅତିଥି ଉପଦେଶ ଦେଇଥିଲେ। ସମିତିର କୋଷାଧ୍ୟକ୍ଷ ତଥା ସମିତି ସଦସ୍ୟ କିଶୋର ବେହାରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିତାମ୍ବର ବେହେରା, ପ୍ରତାପ ସାହୁ, ପିତାମ୍ବର ରାଉଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ, ଗୁରୁଜୀ/ଗୁରୁମା, ବିଦ୍ୟା ମନ୍ଦିରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



## ରାଶିଫଳ

ଶନିବାର, ୮ ଫେବୃଆରୀ ୨୦୨୫



**ମେଷ:** ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ଧାର୍ମିକ ଯାତ୍ରା ଆୟୋଜିତ ହେବ। ଆଜି ଆପଣ ଯାହା ବି ଚେଷ୍ଟା କରୁଛନ୍ତି ତାହା ଭୁଲ୍ ଦିଗରେ ଅଛି।



**ବୃଷ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ । ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ। ସମ୍ଭବତଃ ଆଧ୍ୟାତ୍ମିକତା ପାଇଁ କିଛି ସମୟ ନିଅନ୍ତୁ।



**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ । ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ । ଗଣେଶଙ୍କ କୃପା ଦିନସାରା ଆପଣଙ୍କ ଉପରେ ରହିବ।



**କର୍କଟ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।



**ସିଂହ:** ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ ।



**କନ୍ୟା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ । ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ । ମହିଳା ଏବଂ ଜଳରୁ କ୍ଷତି ହେବାର ଭୟ ରହିବ ।



**ତୁଳା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ସାଙ୍ଗମାନଙ୍କ ସହିତ ମିଳନ ହେବ, ମହିଳା ବନ୍ଧୁମାନେ ଉପକୃତ ହେବେ ।



**ବିଛା:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ ।



**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ । ଆଜି ଆପଣ କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏହି ପରାକ୍ଷାରେ ପାରଳା ବିଧାୟକ ରୁପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଗୌରବ ଗୌରଙ୍ଗ ଚନ୍ଦ୍ର ପଣ୍ଡା (ବରିଷ୍ଠ ଶିକ୍ଷାବିତ୍)ସମ୍ମାନିତ ଅତିଥି ଭାବରେ ପୁରାତନ ସଂସଦ ନିର୍ବାଚିତ ସଭାପତି ନୃସିଂହ ଚରଣ ପଟ୍ଟନାୟକ, ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ଏବଂ ବରିଷ୍ଠ ଶିକ୍ଷକ ରାମ ମୂର୍ତ୍ତି ମଞ୍ଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାଶ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟ ବେଷ୍ଟ ବିଦ୍ୟାର୍ଥୀ ଏବଂ ଗତ ବର୍ଷ ଟପର୍ ହୋଇଥିବା ଛାତ୍ରମାନଙ୍କୁ ଆଲୁମିନି ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ବେଷ୍ଟ ହାଉସ୍ ଭାବେ ବଂଶୀ ଧର (ବରିଷ୍ଠ ବିଭାଗ ),ମହାନଦୀ କନିଷ୍ଠ ବିଭାଗ ପୁରସ୍କୃତ ହୋଇଥିଲେ । ବାର୍ଷିକ କ୍ରୀଡ଼ା ରେ ୨ ଜଣ ଚମ୍ପିଆନ ମାମିଡି ଭେଙ୍କେଟ୍ (ବରିଷ୍ଠ ବିଭାଗ)ଦଶମ ଶ୍ରେଣୀ ଓ ଦିତେଶ୍ୱର ରଇତକୁ କନିଷ୍ଠ ବିଭାଗରେ ସମ୍ମାନିତ କରାଯାଇଥିଲା । ଅତିଥିମାନେ ଅଭିଭାଷଣରେ କହିଥିଲେ ଯେ ବିଦ୍ୟାଳୟର ଗୌରବ କିପରି ଜାରି ରଖିବା ସହ ଛାତ୍ରମାନେ ଭଲ ପାଠ ପଢ଼ି ଭଲ ମଣିଷ ହେବା ସହ ବିଦ୍ୟାଳୟର ଉନ୍ନତି ନିମନ୍ତେ ତାଙ୍କ ହାତ ସଦା ଖୋଲା ରହିବା ଉଚିତ ବୋଲି ସମସ୍ତ ବକ୍ତାମାନେ ପ୍ରକାଶ କରିଥିଲେ । ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜଗନ୍ନାଥ ପଟ୍ଟନାୟକ ବିବରଣୀ ପାଠ କରିଥିବା ବେଳେ, ସୁଲତାନ ଶୁଭଦର୍ଶନୀ ମଞ୍ଚ ପରିଚାଳନା କରିଥିଲେ । ସସ୍ମିତା ମିଶ୍ର ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାଯ୍ୟାକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କେରଳ ଦମ୍ପତି



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାରୁ ୬୭ତମ ଶିଶୁକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ କେରଳର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃହୀନ ଏହି ଶିଶୁକନ୍ୟାଟିକୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିଶାନ ଶାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୪ ମାସ ଏବଂ କନ୍ୟା ଶିଶୁ ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ଦମ୍ପତି ବେଶ ଖୁସିଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନୂତନ କାର୍ଯ୍ୟ ନାମରେ ଠକେଇ ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଫୁଲବାଣୀ ପୌର ପରିଷଦ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଫଳରେ ଦିନକୁ ଦିନ ଦୁର୍ନୀତି ର ସୀମା ଟପିବାରେ ଲାଗିଛି। ଶାସକ ଦଳ ସବୁ ଜାଣି କିଛି ଦୃଢ଼ ପଦକ୍ଷେପ ନ ନେଇ ନିରବ ଭାବମୂର୍ତ୍ତି ହୋଇ ବସିପଡିଛନ୍ତି। ତେଣୁ ଦିନକୁ ଦିନ ସରକାରୀ ସମ୍ପତ୍ତିର ମନମୁଖୀ ବ୍ୟୟ ସହ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି। ଯାହାକୁ ନେଇ ଏହି ଘଟଣା ଚର୍ଚ୍ଚା ଆଲୋଚନାର ବିଷୟବସ୍ତୁ ହୋଇଛି। କିଛି ଦିନ ହେବ ଦ୍ରୁତଗତିର ଯାନବାହନକୁ ଦେଖି ଉଚିତ ପଦକ୍ଷେପ ନେଇ ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗରେ ରବର ହମ୍ପସ କରାଯାଇଥିଲା। କିନ୍ତୁ ଅଳ୍ପ ଦିନ ପରେ ଏହି ରବର ହମ୍ପସ ସବୁ ଉଡ଼ିଗଲା। ଯାହାଫଳରେ ଜନସାଧାରଣ ଦୁର୍ଘଟଣାର ଶିକାର ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ପୌରପରିଷଦ ନିର୍ବାହୀ ଅଧିକାରୀ କିଛି ଦୃଢ଼ ପଦକ୍ଷେପ ନେଉନାହାନ୍ତି। ଏଥିରୁ ଜଣାପଡେ ଠିକାଦାର, ଅଧିକାରୀ, ପ୍ରଶାସନ ସମସ୍ତେ ଏକ ଚାଉଳର ଗଡ଼ା ପରି ।

## ୩ ଡଙ୍ଗରିଆଙ୍କୁ ପୋଲିସ ଅଟକ ରଖିବାକୁ ନେଇ ପ୍ରତିବାଦ

କଲ୍ୟାଣସିଂହପୁର/ରାୟଗଡା (ଭାସ୍କର ନ୍ୟୁଜ୍): ୩ ଜଣ ଡଙ୍ଗରିଆଙ୍କୁ ପୋଲିସ ଘରୁ ଉଠେଇ ନେବା ପ୍ରତିବାଦ ରେ ରାୟଗଡା ଜିଲ୍ଲା ନିୟମଗିରି ଅଞ୍ଚଳ ସୁରକ୍ଷା ସମିତିର ଆବାହକ ଲଦ ଶିକକାଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖବର ମୁତାବକ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର କୁନାକାଡୁ ଗାଁର ଶନା ମାଝୀ, ରଙ୍ଗେମାଝୀ ପାଲବେରୀ ଗାଁର ପାତ୍ର ମାଝୀଙ୍କୁ ପୋଲିସ ଗତ ଗୁରୁବାର ୩୦ ତାରିଖ ଦିନ ଘରୁ ଉଠେଇ ନେଇ ଥାନାରେ ଅଟକ ରଖିଥିବାରୁ ଏହାରି ପ୍ରତିବାଦ ରେ ଆଜି ପ୍ରାୟ ୧୨୦ ଖଣ୍ଡ ଗାଁ ର ନିୟମଗିରି ଅଞ୍ଚଳର ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ନାରାବାଜୀ ଦେବା ସହ କଲ୍ୟାଣସିଂହପୁର ବ୍ଲକ ପାରସାଲି ପଞ୍ଚାୟତର ଲାଖପଦର ଗାଁ ରେ ସାମ୍ବାଦିକ ସମ୍ମିଳନୀ ହୋଇଥିଲା। ନିୟମଗିରି ଅଞ୍ଚଳର ନିରୀହ ଡଙ୍ଗରିଆ ମାନଙ୍କୁ କୌଣସି କାରଣ ନଥାଇ ମଧ୍ୟ ପୋଲିସ ବାରମ୍ବାର ଗିରଫ କରୁଛନ୍ତି ବୋଲି ନିୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକା କହିଛନ୍ତି। ଆମେ ଗାଁ ମାଟି ପାଣି ପବନ ଗଛ ଲତା ଫଳ ମୂଳ ବଞ୍ଚେଇବା ପାଇଁ ବର୍ଷକୁ ବାର ମାସରେ ତେର ପର୍ବ ପାଳନ କରୁଛୁ, କଣ ପାଇଁ ଆମକୁ ଗିରଫ କରାଯାଉଛି,ଆଗାମୀ ଦିନରେ ଏହାର ସମାଧାନ ନହେଲେ ନିୟମଗିରି ଅଞ୍ଚଳ ର ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ନିୟମଗିରି ଅଞ୍ଚଳର ଏହି ନିରୀହ ଆଦିବାସୀମାନେ।




## ଉମରକୋଟବାସୀଙ୍କ ପାଇଁ ଭୟ ରଚାଉଛି ବ୍ଲାକ୍ ସ୍ପଟ୍ ଅଞ୍ଚଳ

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟର ବ୍ଲାକ ସ୍ପଟ୍ ଅଞ୍ଚଳ ସ୍ଥାନୀୟବାସୀଙ୍କ ମନରେ ଭୟ ସଂଚାର କରିଛି। ଏଠାରେ ଘଟୁଛି ଘନ ଘନ ଦୁର୍ଘଟଣା। ଯାଉଛି ନିରୀହ ଜୀବନ । ଦୁର୍ଘଟଣା ରୋକିବା ପାଇଁ ଅନେକ ଦାବି ପରେ ମଧ୍ୟ ପଡୁନି ପ୍ରଶାସନ ର ନଜର। ଦୁର୍ଘଟଣାର ଭୟାବହ ଚିତ୍ରଗୁଡିକ ଘୁରିବୁଲୁଛି ମୋବାଇଲରୁ ମୋବାଇଲକୁ। ହେଲେ ଭାଙ୍ଗୁନି ପ୍ରଶାସନର ନିଦ। ସୂଚନାଯୋଗ୍ୟଯେ ନବରଙ୍ଗପୁର ଜିଲ୍ଲାର ବ୍ୟବସାୟିକ ପେଣ୍ଠ ସ୍ଥଳୀ କୁହାଯାଉଥିବା ଉମରକୋଟ ଅଞ୍ଚଳରେ ଭଲ ବ୍ୟବସାୟ ପାଇଁ ଜମୁଛି ବ୍ୟବସାୟୀଙ୍କ ସହ ଗ୍ରାହକଙ୍କ ଭିଡ଼ । ବଜାର ସହ ରାସ୍ତା ଘାଟ ସର୍ବଦା ଚଳଚଞ୍ଚଳ ଓ ଜନଗହଳି ପୂର୍ଣ୍ଣ ରହୁଛି । ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ଏଭଳି ଦୁର୍ଘଟଣା ଘଟୁଛି। ପ୍ରାୟ ପ୍ରତ୍ୟେକ ଦିନ ଆଖି ସମ୍ମୁଖରେ ଲୋକଙ୍କ ମୃତ୍ୟୁ ଓ ରକ୍ତ ଜୁଡୁବୁଡୁ ଶରୀରକୁ ଦେଖି ଦେଖି ଲୋକେ ବିଚଳିତ ହୋଇପଡ଼ିଛନ୍ତି। ବ୍ୟବସାୟ ସ୍ଥଳକୁ ଯିବା ପାଇଁ ଏହା ଏକ ମୁଖ୍ୟ ମାର୍ଗ ହୋଇଥିବା ବେଳେ ଲୋକେ ବାଧ ବାଧକତାରେ ଏହି ରାସ୍ତାକୁ ବ୍ୟବହାର କରୁଛନ୍ତି ।

## ଜୁଆ ଖେଳକୁ ଅଟକାଇ ଲହୁଲୁହାଣ ହେଲା ପୋଲିସ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଜୁଆଖେଳ ଉପରେ ଚଢ଼ାଉ ବେଳେ ଆକ୍ରମଣର ଶିକାର ହେଲା ପୋଲିସ। ଜୁଆଖେଳ ଯାହାର ଅନ୍ୟନାମ ଖୁଡିଖୁଡି। ଏହା ଏମିତି ଏକ ଖେଳ ଯାହା ଆଦିବାସୀ ଅଞ୍ଚଳରେ ଏହି ଖେଳର ଚାହିଦା ଅଧିକ ଜାଣି ଯାତ୍ରା ମଣ୍ଡେଇରେ ଏହି ଖେଳ ବିଶେଷ କରି ଲାଗିଥାଏ । ଏହି ଖେଳ ଖେଳି ସର୍ବହରା ହେଉଛନ୍ତି ଲୋକେ। ତଥାପି ଏହି ଖେଳ ବନ୍ଦ ହେବାକୁ ନାମ ନେଉନି। ସୂଚନାଥାଉ କି ରାଇଘର ଅଞ୍ଚଳରେ ଦିନକୁ ଦିନ ଏହି ଜୁଆ ଖେଳ ବଢ଼ିବାରେ ଲାଗିଛି ବିଭିନ୍ନ ଜାଗାରେ ହେଉଥିବା ସାପ୍ତାହିକ ହାଟରେ ମଧ୍ୟ ଏହି ଖେଳ ଲାଗୁଛି । ପୋଲିସ ପ୍ରଶାସନ ଖେଳ ବନ୍ଦ କରିବା ସତ୍ତ୍ୱେ ଲୁଚାଛପା ଚାଲିଛି ଏହି ଖେଳ। ଗତକାଲି ରାଇଘର ବ୍ଲକ ଯୋଡ଼େଙ୍ଗା ପଂଚାୟତ ଅନ୍ତର୍ଗତ ଖାଡେଙ୍ଗା ଗ୍ରାମଠାରେ ହେଉଥିବା ମାଘ ମଣ୍ଡେଇରେ ପୋଲିସ ଖୁଡଖୁଡି ଲଗେଇବାକୁ ବାରଣ କରିବା ପରେ ମଧ ପୋଲିସକୁ ଖୁଲମଖୁଲା ଚ୍ୟାଲେଞ୍ଜ କରି ଗ୍ରାମ କମିଟି ଖୁଡଖୁଡି ବାଲାଙ୍କୁ ଡାକି ଖୁଡଖୁଡି ଲଗେଇଥିଲେ। ବିଶେଷସୂତ୍ରରୁ ରାଇଘର ପୋଲିସ ଖବର ପାଇଁ ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ସମେତ ଏଏସଆଇ ମନୋରଞ୍ଜନ ବେହେରା ଙ୍କ ସମେତ ଏକ ୬ ଜଣିଆ ଟିମ ରାତି ୧୧ ଟା ବେଳେ ଉକ୍ତ ଗ୍ରାମକୁ ଯାଇ ଜୁଆଖେଳ ଉପରେ ଚଢ଼ାଉ କରିଥିଲେ। ସେତିକିବେଳେ ପୋଲିସ ଉପରେ ଜୁଆଖେଳାଳି ଏବଂ ଗ୍ରାମବାସୀ ଆକ୍ରମଣ କରିଥିଲେ। ଫଳରେ ଥାନା ଅଧିକାରୀଙ୍କ ମୁଣ୍ଡ ଫାଟିବା ସହ ଏଏସଆଇ ବେହେରା ଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ, ବହୁତ କଷ୍ଟରେ ପୋଲିସ ଘଟଣାସ୍ଥଳରୁ ପ୍ରାଣ ବଞ୍ଚେଇ ଚାଲିଆସିଥିଲେ। ଆଜି ନବରଙ୍ଗପୁର ଏସ୍‌ପି ରାଇଘର ଥାନାରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ୧୦ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି

## ବନାଗ୍ନି ନିରାକରଣ ସଚେତନତା

କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡା ବନ୍ୟାଞ୍ଚଳର ସକ୍ରିୟ ସହାୟତାରେ କୁଟୁରାଟୁଆଁ ସରକାରୀ ନୋଡାଲ ସ୍କୁଲ ପକ୍ଷରୁ ବନାଗ୍ନି ନିରାକରଣ ଓ ପ୍ରକୃତି ସଂରକ୍ଷଣ ସଚେତନତା ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଅଧକ୍ଷ ତଥା ଅବୈତନିକ ବନ୍ୟ ପ୍ରାଣୀ ସଂରକ୍ଷକ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ବନ୍ୟ ପ୍ରାଣୀ ସଂରକ୍ଷକ ତଥା ସମାଜସେବୀ ଡକ୍ଟର ହୃଦାନନ୍ଦ ନାଏକ ମୁଖ୍ୟ ଅତିଥି, ମୋ ଜଙ୍ଗଲ କମିଟିର ସଭାପତି ପରିମଳ ପଣ୍ଡା ମୁଖ୍ୟବକ୍ତା ଓ ବନରକ୍ଷୀ ଅନିତା ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଏକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଚଳିତ ବର୍ଷ ଜିଲ୍ଲା ସ୍ତରରେ ପାଇଥିବା ବିଜୁ ପଟ୍ଟନାୟକ ସମ୍ମାନ ପାଇଁ ପ୍ରକୃତି ବନ୍ଧୁ ସୁବାସ ନାୟକଙ୍କୁ ସ୍କୁଲ ଓ ବନ ବିଭାଗ ପକ୍ଷରୁ ଉତ୍ସବରେ ଅତିଥି ଗଣ ସମ୍ବର୍ଦ୍ଧିତ କରିଥିଲେ । ଅତିଥି ଗଣ ଏହା ପୂର୍ବରୁ ଆୟୋଜିତ ପ୍ରବନ୍ଧ ପ୍ରତି ଯୋଗିତା ର କୃତି ପ୍ରତିଯୋଗୀ ସୁଶ୍ରୀ ଜୁଲି ଦୀପ, ରିତେଶ ଧିରୁଆ ଓ ଇଶାକ ବାଗଙ୍କୁ ପୁରସ୍କୃତ କରିଥିଲେ । ଏହା ପରେ ସହକାରୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ଓ ବଳରାମ ସାହୁଙ୍କ ପରିଚାଳନାରେ ବିଭିନ୍ନ ପ୍ଲା କାର୍ଡ ଧରି ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପଙ୍କଜିନି, ବଳରାମଙ୍କ ସହ ଯମୁନା ପୁରୋହିତ, କୌଶଲ୍ୟା ମିର୍ଦ୍ଧା, ସୁପ୍ରିୟା ରାଣୀ ନାୟକ,ରିତେଶ ଷଡ଼ଙ୍ଗୀ, ଭେଙ୍କଟ ସୁନାନି, ପିଣ୍ଟୁ ନନ୍ଦୀ ପ୍ରମୁଖ ପରିଚାଳନା କରିଥିଲେ। ବଳରାମ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଭାଲୁ ଆକ୍ରମଣରେ ୨ ଗୁରୁତର

ଉମରକୋଟ(ଭାସ୍କର ନ୍ୟୁଜ୍): କାଠ ଆଣିବାକୁ ଯାଇଥିଲେ, ଭାଲୁ ଆଖି ତାଡ଼ି ନେଲା । ଏଭଳି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଞ୍ଚଳରେ । ନାୟକଗୁଡ଼ା ଗାଁର ୨ ଜଣ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ୨ ଜଣଙ୍କ ମଧ୍ୟରୁ ଜଣଙ୍କର ଦୁଇଟି ଯାକ ଆଖି ତାଡ଼ି ନେଇଛି ଭାଲୁ । ସୂଚନା ଅନୁସାରେ, ନାୟକଗୁଡ଼ା ଗାଁର ସଳିନ୍ଦର ଚଲାନ ଓ ଅନ୍ୟ ଜଣେ ବ୍ୟକ୍ତି କାଠ ଆଣିବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ଜଙ୍ଗଲରେ ହଠାତ ଏକ ଭାଲୁ ସଳିନ୍ଦରକୁ ଆକ୍ରମଣ କରିଥିଲା । ଭାଲୁକୁ ଦେଖି ସାଙ୍ଗରେ ଯାଇଥିବା ବ୍ୟକ୍ତି ଜଣଙ୍କ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସଳିନ୍ଦରଙ୍କୁ ଭାଲୁ ଆକ୍ରମଣ କରୁଥିବାବେଳେ ଛଡ଼ାଇବାକୁ ଯାଇ ସେହି ସମୟରେ ବିଲକୁ ଯାଉଥିବା କମଳ ଚଲାନ ମଧ ଆକ୍ରମଣର ଶିକାର ହୋଇଥିଲେ । ସଳିନ୍ଦରଙ୍କ ଆଖି ନଷ୍ଟ ହୋଇଥିବା ବେଳେ ଗାଲକୁ ଭାଲୁ କାମୁଡ଼ି ଦେଇଛି । ଗୁରୁତର ଭାବେ ଉଭୟଙ୍କୁ ଉମରକୋଟ ପରେ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି ।



## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ରାୟଗଡା (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ତଥା ବୈଷୟିକ ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଦିନ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ ପଡିଆ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ରାୟଗଡା ବିଧାୟକ ଶ୍ରୀଯୁକ୍ତ ଆପଲାସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ରୂପେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଗୋପାଳପୁର ଆର୍ମୀ ନିଯୁକ୍ତି କେନ୍ଦ୍ରରୁ ମେଜର କଲ୍ୟାଣ ରେଡ୍ଡୀ ଓ ସୁବେଦାର ମେଜର ସଞ୍ଜୀବ ଦୀକ୍ଷିତ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ତତ୍ତ୍ୱମଶୀ ମହାପାତ୍ର ମଞ୍ଚାସୀନ ଥିଲେ । ଶ୍ରୀ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଓ ନିୟୋଜନ ଅଧିକାରୀ ସ୍ୱର୍ଣ୍ଣଲତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବେକାର ଯୁବକ ଯୁବତୀମାନଙ୍କ ପଞ୍ଜୀକରଣ ପାଇଁ ବ୍ଲକୱାରି ଷ୍ଟଲର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲା ତଥା ଜିଲ୍ଲା ଓ ରାଜ୍ୟ ବାହାରୁ ୬୫ ଗୋଟି କର୍ମ ନିୟୋଜନ ସଂସ୍ଥା ନିଜ ନିଜ ଷ୍ଟଲ୍ ରେ ବିଭିନ୍ନ ପଦବୀ ଓ ସେଥିନିମନ୍ତେ ତାଲିମ ଓ କର୍ମ ନିୟୋଜନ ପ୍ରକ୍ରିୟା ବିଷୟରେ ଯୁବପୀଢ଼ିକୁ ବୁଝେଇଥିଲେ। ୨୦୦୦ ରୁ ଉର୍ଦ୍ଧ୍ୱ ଶିକ୍ଷିତ ବେକାର ଯୁବକ ଯୁବତୀ ଯୋଗଦେଇ ବିଭିନ୍ନ ଦକ୍ଷତା ସମ୍ବଳିତ ଓ ବୈଷୟିକ ଶିକ୍ଷା ସମ୍ବଳିତ ରୋଜଗାରକ୍ଷମ ଜୀବିକା ବିଷୟରେ ତଥ୍ୟ ପ୍ରାପ୍ତ କରିଥିଲେ। ଚଳିତ ଥର ନିଯୁକ୍ତି ମେଳାରେ ଅଭିନବ ଭାବେ ବିଭିନ୍ନ ବୈଷୟିକ ପ୍ୟାନେଲର ଆୟୋଜନ କରାଯାଇଥିଲା । ବିକଶିତ ରାୟଗଡା ନିମନ୍ତେ ବୈଷୟିକ ଶିକ୍ଷାର ଭୂମିକାରେ ୟୁଜିଏମ୍‌ଆଇଟିର ଅଧକ୍ଷ ନାରାୟଣ ପଟେଲ ଅଲୋଚନା ପରିଚାଳନା କରିଥିଲେ । ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷା ବବିଲତା ଶ୍ରଫ, ସରକାରୀ ଆଇଟିଆଇର ଅଧକ୍ଷ ବିନୟ କୁମାର ବସନ୍ତରାୟ, ବିଷମକଟକ ଆଇଟିଆଇର ଅଧକ୍ଷ ଆର କେ ପ୍ରଧାନ ଓ ରାୟଗଡା ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାଶ ଆଲୋଚନା କରିଥିଲେ। ଦ୍ୱିତୀୟ ପ୍ୟାନେଲରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ପରିଚାଳକ ବିଜୟ ସାହୁ ବିକଶିତ ରାୟଗଡା ନିମନ୍ତେ କଳକାରଖାନାର ଭୂମିକା ବିଷୟରେ ଅଲୋଚନା ପରିଚାଳନା କରିଥିଲେ। ଆଲୋଚନାରେ ରାୟଗଡା ଅରମାସର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ପାତ୍ର, ବିନାୟକ ଷ୍ଟିଲ ଓ ଇଞ୍ଜିନିୟରିଂ ର ମୁଖ୍ୟ କେ. ନରିନ କୁମୁଦନ ଓ ଏମଏସଏମଇର ଜିଲ୍ଲା ଅଧିକାରୀ କୋଟି ରତ୍ନମ ଆଲୋଚନା କରିଥିଲେ । ଏହି ଅବସରରେ ଆଠଜଣ ଦୃଷ୍ଟାନ୍ତମୂଳକ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ବିଭିନ୍ନ କମ୍ପାନୀର ୨୮ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା ।




## ଗଣିଆରେ ହତ୍ୟା
### ଖଜୁରିପଡାରୁ ମୃତଦେହ ଉଦ୍ଧାର



କନ୍ଧମାଳ(ଭାସ୍କର ନ୍ୟୁଜ୍): ନୟାଗଡ଼ ଜିଲ୍ଲା ଗଣିଆ ଥାନା, ଆଡକଟା ପଞ୍ଚାୟତ ହଦପଶି ଗାଁର ଚରଣ ବେହେରା ଗତ ୩୦ ତାରିଖ ଦିନ ନିଖୋଜ ହୋଇଥିବା ବେଳେ, ପରିବାର ଲୋକ ଗଣିଆ ଥାନାରେ ଅଭିଯୋଗ କରିଥିଲେ । ଚରଣଙ୍କ ଗାଁର ପିଣ୍ଟୁ ବେହେରାଙ୍କ ସହ ଜମିଜମା ବିବାଦ ଥିବା ପରିବାର ଲୋକ ଅଭିଯୋଗ କରିଥିଲେ । ଆଜି ଗଣିଆ ପୋଲିସ ଭଞ୍ଜନଗରରୁ ପିଣ୍ଟୁଙ୍କୁ ଗିରଫ କରିବା ସହ, କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଗାଡିଆମଡା ଘାଟିତଳୁ ନିଖୋଜ ଚରଣ ବେହେରାଙ୍କ ଗଳିତ ମୃତ ଦେହକୁ ଉଦ୍ଧାର କରିଛି । ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ ହୋଇ ଏହାର ତଦନ୍ତ ଚଳାଇ ଥିଲେ । ନୟାଗଡ଼ ଏସ୍ଡିପିଓଙ୍କ ସହ ଗଣିଆ ବାନିଗୋଛା, ଖଜୁରୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟଫିକ ଟିମ୍ ସହ ତଦନ୍ତ ଆରମ୍ଭ କରିଛନ୍ତି ଏଥିସହ ମୁଖ୍ୟ ଅଭିଯୁକ୍ତ ପିଣ୍ଟୁ କୁ ଘଟଣା ସ୍ଥଳକୁ ନେଇ ଏହାର କ୍ରାଇମ୍ ସିନି ରିକ୍ରେଶନ ମଧ୍ୟ କରିଛି। ଜମିଜମା ବିବାଦକୁ ନେଇ ଚରଣଙ୍କ ସହ ଗଣ୍ଡଗୋଳ ହୋଇଥିବା ବେଳେ, ମୃତ ଚରଣ ଅନ୍ୟ ଏକ ହତ୍ୟା ଘଟଣା ରେ ଅଭିଯୁକ୍ତ ଥିଲେ ବୋଲି ସୂଚନା ମିଳିଛି ।

## ଆମ୍ବଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁକୁଡ଼ାଖଣ୍ଡି (ଭାସ୍କର ନ୍ୟୁଜ୍):କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଦକ୍ଷିଣପୁର ପଞ୍ଚାୟତର ଆମ୍ବଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସୁନୀତା ସାହୁଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଲାଞ୍ଜିଆ ସମିତି ସଭ୍ୟ ତଥା ଆମ୍ବଗଡ଼ ସେବା ସମବାୟ ସମିତିର ସଭାପତି କାହ୍ନୁ ଚରଣ ପାତ୍ର ଓ ସମ୍ମାନିତ ଅତିଥିଭାବେ ଦକ୍ଷିଣପୁର ସରପଞ୍ଚ ଦେବାଶିଷ ସେଠୀ ଏବଂ ମୁଖ୍ୟ ବକ୍ତାଭାବେ ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ଅନ୍ୟତମ ଅତିଥି ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା ଦାସ, ଗୁଣ୍ଡବନ୍ଧ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ସାହୁ ଯୋଗଦେଇ ଭଗବାନଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଅତିଥିମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତ୍ରା ମହାପାତ୍ର ଓ ଜନତା କୁମାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ ଏବଂ ଶିକ୍ଷକ ମାନସ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ତହସିଲଦାର ରତ୍ନ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅଧାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ,ଅଧାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ଅଧାପକ କିଶୋର କୁମାର ପାଲ , ବାଣିଜ୍ୟ ଅଧାପକ ଦିବାକର ଚନ୍ଦ୍ର ଦେ, ପିଇଟି ପୂର୍ଣ୍ଣଚନ୍ଦ୍ର ମିଶ୍ର,ବାଣିଜ୍ୟ ଅଧାପକ ଜଗଦୀଶ ପଟ୍ଟନାୟକ, ଅଧାପିକା ରେଣୁକା ସାମଲ, ଇତିହାସ ବିଭାଗର ଅତିଥି ଅଧାପିକା ରୁକ୍ମିଣୀ ଟାକ୍ରୀ , କିରାଣୀ ପ୍ରଲ୍ଲଭା ଭୂୟାଁ, ଗ୍ରନ୍ଥାଗାରିକ ସତ୍ୟ ନାରାୟଣ ନାୟକ ମଞ୍ଚାସୀନ ହୋଇ ଛାତ୍ର ଜୀବନରେ ଖେଳର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କିପରି ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ କରେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦିଲୀପ କୁମାର ପଦ୍ଦାର, ପିଅନ ସଦାରାମ କେଉଟ ବୁଦ୍ଧିଶ୍ୱର ମଣ୍ଡଳ, ରାତ୍ରି ଜଗୁଆଳି ବିଭୀଷଣ ଗଣ୍ଡ,ଏବଂ ମହିଳା ପିଅନ ଭବାନୀ ପନ୍ଦକା ପରିଚାଳନା କରିଥିଲେ ।

## ଗାନ୍ଧୀ ପବ୍ଲିକ ସ୍କୁଲରେ ବିଦାୟକାଳୀନ ଉତ୍ସବ



ଗୁଣପୁର(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ଗୁଣପୁର ସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟ କାଳୀନ ଉତ୍ସବ 'ଏଡିୟୁ-୨୦୨୫' ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ପୁଷ୍ପ ଚନ୍ଦନ ଦେଇ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଶିକ୍ଷକ ଏମ୍ ନାରାୟଣ ରାଓ, ଦିଲ୍ଲୀପ ବେହେରା ଓ ଅଶ୍ୱିନୀ ପାଢ଼ୀ ଆଗାମୀ ପରୀକ୍ଷା ପାଇଁ ସୁଚିନ୍ତିତ ରଣକୌଶଳ ସହ ପ୍ରସ୍ତୁତି ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠପଢି ବିଦ୍ୟାଳୟର ଟେକ ରଖିବା ସହ ଭଲ ମଣିଷଟିଏ ହେବାପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ସଙ୍ଗୀତ,ନୃତ୍ୟ, ଅଭିନୟ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଟି. ଶ୍ରୀଦେବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ର ଜୀବନର କର୍ତ୍ତବ୍ୟ ନିଷ୍ଠା ବିଷୟରେ ଅବଗତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଥିଲେ ଛାତ୍ର ଜୀବନରେ ଗଭୀର ଅଧ୍ୟୟନ ଓ ଶୃଙ୍ଖଳା ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳମୟ କରିଥାଏ । ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା କହିଥିଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ପାଇଁ ବିଦ୍ୟାଳୟ ସଦାସର୍ବଦା ସୁଚିନ୍ତିତ ପାଠ୍ୟ ଭିତ୍ତିକ ମାର୍ଗଦର୍ଶନ ଦେଇଥାଏ, ଯାହା ଦ୍ୱାରା ସେମାନେ ଜୀବନର ଭିତ୍ତିଭୂମି ପାଇଁ ପ୍ରସ୍ତୁତ ହୋଇ ପାରିବେ । ଏହି କାର୍ଯ୍ୟକ୍ରମକୁ ପ୍ରଭାରୀ ତଥା ଗଣିତ ବିଭାଗର ମୁଖ୍ୟ ବିଭୁଦତ୍ତ ଦାଶଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ହେଡବୟ ଅର୍ପିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ବିଦାୟ ନେଉଥିବା ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ପଣସପୁଟ ସରକାରୀ ଜାତି ଓ ଜନଜାତି ବିଦ୍ୟାଳୟର ବାର୍ଷିକ ଉତ୍ସବ




ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପଣସପୁଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ଯୁବ ବିଧାୟକ ମଙ୍ଗୁ ଖିଲ ମହୋଦୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲ,ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ , ପଣସପୁଟ ପଞ୍ଚାୟତ ସରପଞ୍ଚ ଅର୍ଜୁନ ହନ୍ତାଳ, ଚିତ୍ରକୋଣ୍ଡା ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଚିନ୍ମୟ କୁମାର ବେହେରା , ଚିତ୍ରକୋଣ୍ଡା ଏସ୍ଏସ୍‌ଡି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜିତ ମାଡକାମୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିଦେଶୀ ଗୌଡ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ରଥଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ମଙ୍ଗୁ ଖିଲ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କ ସହିତ କିଛି ସମୟ ଅତିବାହିତ କରିବା ପରେ ଅନ୍ୟ ଅତିଥିମାନଙ୍କ ସହ ବିଦ୍ୟାଳୟ ବୁଲି ଦେଖିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## 'କଥା ଦେଇ କଥା ରଖିଲେ ଲକ୍ଷ୍ମୀପ୍ରିୟା'

ଖଇରପୁଟ(ଭାସ୍କର ନ୍ୟୁଜ୍): ନିର୍ବାଚନରେ ମନୋନୀତ ହେଇଥିବା ପ୍ରାର୍ଥୀ ମାନେ ଭୋଟ ଗ୍ରହଣ ଆଗରୁ ବହୁତ କିଛି ପ୍ରତିଶୃତି ଦେଇଥାନ୍ତି ଏବଂ ନିର୍ବାଚନରେ ନିର୍ବାଚିତ ହେବା ପରେ ସେମାନେ ତାଙ୍କ ପ୍ରତିଶୃତି ପୂରଣ କରିବା ପାଇଁ ଭୁଲିଯାନ୍ତି । କିନ୍ତୁ ମାଲକାନଗିରି ଜିଲ୍ଲାରେ କିଛି ଅଲଗା ଦେଖିବାକୁ ମିଳିଛି, ମାଥିଲି ବ୍ଲକ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଲକ୍ଷ୍ମୀପ୍ରିୟା ନାୟକ ଯେ କି, ଗତ ୨୦୨୪ ନିର୍ବାଚନରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମନୋନୀତ କରିଥିଲେ । ହେଲେ ଦୁର୍ଭାଗ୍ୟ ବଶତଃ ତାଙ୍କୁ ନିର୍ବାଚନରେ ପରାସ୍ତକୁ ସାମ୍ନା କରିବା ପାଇଁ ପଡ଼ିଥିଲା । ପରାସ୍ତ ପରେ ବି ସେ ନିଜ ପ୍ରତିଶୃତିକୁ ଭୁଲି ନଥିଲେ, ମାଥିଲି ବ୍ଲକର ଧୁଙ୍ଗିଆ ପୁଟ ଗ୍ରାମ ପଞ୍ଚାୟତର ବନ୍ଦଗୁଡା ଛକ ଠାରୁ ଗୁମାଯୋଡି ରାସ୍ତା ଓ କିଆଙ୍ଗ ଗ୍ରାମ ପଞ୍ଚାୟତର ମାନ୍ଦା ପାଲି ଠାରୁ ଜିଗିଡି ପାଲି ରାସ୍ତା ନିର୍ମାଣ କରାଯିବା ନିମନ୍ତେ ନିର୍ବାଚନ ଆଗରୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଆଜି ତାଙ୍କ କଥା ରକ୍ଷା କରି ଉଭୟ ପଞ୍ଚାୟତର ସରପଞ୍ଚ ମଧୁସୁଦନ ନାୟକ ଓ ଲକି ପୂଜାରୀ ଓ ଉକ୍ତ ଗ୍ରାମବାସୀଙ୍କୁ ନେଇ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି । ଏଥିରେ ଗ୍ରାମବାସୀମାନେ ବହୁତ ଖୁସି ହୋଇ ଜିଲ୍ଲା ପରିଷଦ ସଭ୍ୟାଙ୍କୁ ଭୂରି ଭୂରି ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି । ଏହିପରି ଅନେକ ଗାଁରେ ଶ୍ରୀମତୀ ନାଏକ ଯଥା ସମ୍ଭବ ପ୍ରଚେଷ୍ଟା କରି ସାଧାରଣ ଲୋକଙ୍କର ପ୍ରିୟ ହେଇ ପାରିଛନ୍ତି ।





ଡେସ୍କ: ଉତ୍ତରପ୍ରଦେଶ କଂଗ୍ରେସ ମୁଖ୍ୟ ଅଜୟ ରାୟ କହିଛନ୍ତି ଯେ ଜାନୁଆରୀ ୨୯ରେ ପ୍ରୟାଗରାଜର ମହାକୁମ୍ଭରେ ହୋଇଥିବା ଦଳାଚକଟାରେ ଶହ ଶହ ଲୋକ ପ୍ରାଣ ହରାଇଛନ୍ତି ଏବଂ ଉତ୍ତରପ୍ରଦେଶ ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ସଠିକ୍ ତଥ୍ୟ ଲୁଚାଉଛନ୍ତି। ଉତ୍ତରପ୍ରଦେଶ ସରକାର ଏହି ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୩୦ ଓ ୬୦ ଜଣ ଆହତ ବୋଲି କହୁଥିବା ବେଳେ ବିରୋଧୀ ଦଳମାନେ ପ୍ରକୃତ ସଂଖ୍ୟା ଅଧିକ ବୋଲି ଦାବି କରୁଛନ୍ତି। ଅଜୟ ରାୟ କହିଛନ୍ତି, ଜାନୁଆରୀ ୨୮ ଓ ୨୯ ତାରିଖ ରାତିରେ ଅବ୍ୟବସ୍ଥା ଯୋଗୁଁ କୁମ୍ଭରେ ଘଟିଥିବା ଦଙ୍ଗାରେ ଶହ ଶହ ଲୋକ ପ୍ରାଣ ହରାଇଥିଲେ। ହଜାର ହଜାର ଲୋକ ଆହତ ହୋଇଥିବା ବେଳେ ହଜାର ହଜାର ଲୋକ ଏବେ ମଧ୍ୟ ନିଖୋଜ ଅଛନ୍ତି। ଏ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ସରକାର ନିଖୋଜ ଓ ମୃତକଙ୍କ ସଠିକ୍ ତାଲିକା ପ୍ରକାଶନ ନେଇ ତତ୍ପରତା ଦେଖାଉନାହାନ୍ତି। ଶ୍ରୀ ରାୟ ଏଭଳି କାର୍ଯ୍ୟକୁ ଅସମ୍ବେଦନଶୀଳତାର ଚରମ ସୀମା ବୋଲି କହିଛନ୍ତି।

# ଅରବିନ୍ଦ କେଜ୍ରିୱାଲଙ୍କ ଘରେ ଏସିବି ଟିମ୍

ନୂଆଦିଲ୍ଲୀ: ଦିଲ୍ଲୀ ବିଧାନସଭା ନିର୍ବାଚନ ରେଜଲ୍ଟ ଆସିବା ପୂର୍ବରୁ ଆମ୍ ଆଦମୀ ପାର୍ଟି ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ୍ ଅଭିଯୋଗ କରିଥିଲେ ଯେ ବିଜେପି ତାଙ୍କ ପ୍ରାର୍ଥୀଙ୍କୁ ଫୋନ୍ କରି କୋଟି କୋଟି ଟଙ୍କା ଅଫର୍ ଦେଉଛି। ଏହି ଅଭିଯୋଗ ଉପରେ ବିଜେପି ବି ତୀବ୍ର ପ୍ରତିକ୍ରିୟା ଦେଇଛି। ଏହାରି ଭିତରେ ଏସିବି (ଆଣ୍ଟି କରପସନ୍ ବ୍ୟୁରୋ) ଆକ୍ସନ ମୋଡକୁ ଆସିଛି। ତଦନ୍ତ ନିର୍ଦ୍ଦେଶ ପରେ ଏସିବି ଟିମ୍ କେଜ୍ରିୱାଲଙ୍କ ଘରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ ଯେ କେଜ୍ରିୱାଲଙ୍କ ଅଭିଯୋଗ ପରେ ବିଜେପି ଦିଲ୍ଲୀ ଉପରାଜ୍ୟପାଳ ଭିକେ ସକ୍ସେନାଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲା। ଉପରାଜ୍ୟପାଳ ବିଜେପିର ଅଭିଯୋଗକୁ ଗୁରୁତ୍ୱର ସହ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଦିଲ୍ଲୀ ଏଲଜି ଏହି ମାମଲାର ତଦନ୍ତ ଦାୟିତ୍ୱ ଏସିବିକୁ ଦେଇଥିଲେ। ଏବେ ମାମଲାର ତଦନ୍ତ ପାଇଁ ଏସିବି ଟିମ୍ କେଜ୍ରିୱାଲଙ୍କ ଘରେ ପହଞ୍ଚିଛି। ତେବେ ଅଧିକାରୀଙ୍କୁ କେଜ୍ରିୱାଲଙ୍କ ଘରେ ଏଣ୍ଟ୍ରି ମିଳିପାରି ନାହିଁ। ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରାଯାଉନଥିବା ଜଣାପଡ଼ିଛି। ଅନ୍ୟପଟେ ମନୀଷ ସିସୋଦିଆ କେଜ୍ରିୱାଲଙ୍କ ଘରେ ପହଞ୍ଚିଛନ୍ତି। ସୂତ୍ର ଅନୁସାରେ ଏସିବି ଆମ୍ ଆଦମୀ ପାର୍ଟି ଦ୍ୱାରା ଅଣାଯାଇଥିବା ଅଭିଯୋଗ ଉପରେ ପାର୍ଟି ସାଂସଦ ସଞ୍ଜୟ ସିଂହଙ୍କ ବୟାନ ରେକର୍ଡ କରିବ। ସଞ୍ଜୟ ସିଂ କିଛି ସମୟ ପୂର୍ବରୁ ମିଡିଆରେ ଆସି ତାଙ୍କ ଦଳର ୧୬ ପ୍ରାର୍ଥୀଙ୍କୁ ଟଙ୍କା ଅଫର୍ କରାଯାଉଥିବା ଅଭିଯୋଗ କରିଥିଲେ। କେଜ୍ରିୱାଲଙ୍କ ଓକିଲ ଋଷିକେଷ କୁମାର କହିଛନ୍ତି, 'ତଦନ୍ତ କିମ୍ବା ଯାଞ୍ଚ ଲାଗି କାହା ବାସଭବନରେ ପ୍ରବେଶ କରିବା



ପାଇଁ ଏଜେନ୍ସି ପାଇଁ ଲିଖିତ ଆଦେଶ ରହିବା ଦରକାର। ଆଇନଗତ ଆଦେଶ ବିନା କାହାରି ସମ୍ପତ୍ତିରେ ପ୍ରବେଶ କରିବା ବେଆଇନ ଏବଂ ଜବରଦଖଲ ଅଟେ।' କେଜ୍ରିୱାଲ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଥିଲେ, 'କିଛି ଏଜେନ୍ସି ଦେଖାଉଛନ୍ତି ଯେ ଗାଳିଗୁଲଜ ପାର୍ଟିକୁ ୫୫ରୁ ଅଧିକ ଆସନ ମିଳୁଛି। ଗତ ଦୁଇ ଘଣ୍ଟାରେ ଆମର ୧୬ ପ୍ରାର୍ଥୀଙ୍କୁ ଫୋନ ଆସିଛି। ଆପ୍ ଛାଡ଼ି ତାଙ୍କ ପାର୍ଟିକୁ ଆସିବା ପାଇଁ କୁହାଯାଇଛି। ମନ୍ତ୍ରୀ ପଦ ଦେବେ ଏବଂ ପ୍ରତ୍ୟେକଙ୍କୁ ୧୫-୧୫ କୋଟି ଟଙ୍କା ଦେବେ।' ଜେକ୍ରିୱାଲ ଲେଖିଥିଲେ, 'ଯଦି ସେମାନଙ୍କ ଦଳର ୫୫ରୁ ଅଧିକ ଆସନ ଆସୁଛି, ତେବେ ଆମ ପ୍ରାର୍ଥୀଙ୍କୁ ଫୋନ୍ କରିବାର ଆବଶ୍ୟକତା କ'ଣ ମିଛ ସର୍ଭେ କରାଯାଇଛି, ଏହାଦ୍ୱାରା ମାହୋଲ ସୃଷ୍ଟି କରି ପ୍ରାର୍ଥୀଙ୍କୁ ନିଜ ଆଡ଼କୁ ନେଇପାରିବେ। କିନ୍ତୁ ଗାଳିଗୁଲଜ ପାର୍ଟି, ଆମର ଜଣେ ବି ପ୍ରାର୍ଥୀ ଦଳରୁ ଅଲଗା ହେବନି।

## ୨୦୦ କୋଟି ଟଙ୍କାର ବ୍ରାଉନସୁଗର ଜବତ: ୪ ଗିରଫ

ମୁମ୍ବାଇ: ମୁମ୍ବାଇରୁ ବିପୁଳ ପରିମାଣର ବ୍ରାଉନସୁଗର ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୨୦୦ କୋଟି ଟଙ୍କା ରହିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରିଛି ଏନସିବି। ଏନସିବି ସୂଚନା ମୁତାବକ, ଜବତ ବ୍ରାଉନସୁଗାର ମଧ୍ୟରେ ରହିଛି ୧୧.୫୪୦ କିଲୋଗ୍ରାମର ହାଇ କ୍ୱାଲିଟ୍ କୋକିନ୍, ୪.୯ କିଲୋଗ୍ରାମ ହାଇବ୍ରିଡ୍ ସକ୍ଷେନ ହାଇଡ୍ରୋପୋନିକ ଚରସ ଏବଂ ୨୦୦ ପ୍ୟାକେଟ ଗଞ୍ଜେଇ। ଏନସିବି ଆହୁରି କହିଛି ଯେ, ମୁମ୍ବାଇରେ ଏକ ଅନ୍ତରାଷ୍ଟ୍ରୀୟ କୋରିୟର ଏଜେନ୍ସିରୁ ଏକ ପାର୍ସଲ ପ୍ରଥମେ ଜବତ କରାଯାଇଥିଲା। ଏହି ଜବତ ପାର୍ସଲକୁ ଅଷ୍ଟ୍ରେଲିଆକୁ ପଠାଯାଇଥାଆନ୍ତା। ଏହାପରେ ଅଧିକ ତଦନ୍ତ କରିବା ପରେ ସହରରେ ଆହୁରି ବିପୁଳ ପରିମାଣର ପାର୍ସଲ ମୁମ୍ବାଇରେ ଲୁଚାଇ ରଖାଯାଇଥିବା ଜାଣିବାକୁ ପାଇଲା ଏନସିବି। ତେବେ ଏହାର ଚେର ଆଉ କେଉଁ ଆଡେ ଲମ୍ବିଚି ତାହା ଜାଣିବାକୁ ଯାଞ୍ଚ ପ୍ରକ୍ରିୟା କୁ ବ୍ୟାପକ କରାଯାଇଛି।

# ଛତିଶଗଡର ଅନୁପମ ସୌନ୍ଦର୍ଯ୍ୟ ସମସ୍ତଙ୍କ ସ୍ମୃତିରେ ଅଙ୍କା ହୋଇ ରହିବ : ବିଷ୍ଣୁଦେବ



ରାୟପୁର: ଛତିଶଗଡ ହେଉଛି ଏକ ସୌନ୍ଦର୍ଯ୍ୟ ଭରା ତଥା ସୁନ୍ଦର ରାଜ୍ୟ। ଏହାର ନୈସର୍ଗିକ ସୁନ୍ଦରତା, ସାଂସ୍କୃତି ପରମ୍ପରା, ସମୃଦ୍ଧ ଜୈବ ବିବିଧତା ଏହାକୁ ଅଧିକ ସରସ କରିଛି। ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶୁକ୍ରବାର ଆବାସିକ କାର୍ଯ୍ୟାଳୟରେ ଜାତୀୟ ପ୍ରତିରକ୍ଷା କଲେଜରୁ ଆସିଥିବା ୧୮ ସୁରକ୍ଷାକର୍ମୀ ଏବଂ ସିଭିଲ ସର୍ଭିସ ଅଧିକାରୀଙ୍କ ଛତିଶଗଡ ଭ୍ରମଣ ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ଅନୁଭବ ପ୍ରକାଶ କରିଥିଲେ। ଶ୍ରୀ ସାଏ ଅତ୍ୟନ୍ତ ଉତ୍ସୁକତାର ସହିତ ସେମାନଙ୍କ ଅନୁଭୂତି ଶୁଣିଥିଲେ ଏବଂ ଛତିଶଗଡ ଉପରେ ଚର୍ଚ୍ଚା ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ସେମାନଙ୍କୁ ଆତ୍ମୀୟତାର ସହ ସ୍ୱାଗତ କରିବା ସହିତ ଛତିଶଗଡର ଭୌଗୋଳିକ ବିଶେଷତ୍ୱ, ସାଂସ୍କୃତିକ ପରିମ୍ପରା ଏବଂ ବିକାଶ ଯାତ୍ରାର ଅଭିଯାନ ସମୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ କେବଳ ଭୌଗୋଳିକ ଦୃଷ୍ଟିକୋଣରୁ ନୁହେଁ ସାଂସ୍କୃତି ଓ ଐତିହାସିକ ରୂପରେ ଅଦ୍ୱିତୀୟ। ପ୍ରଦେଶର ୪୦% ଜଙ୍ଗଲଭରା ସେଠାରେ ଆଦିବାସୀ ସମୁଦାୟଙ୍କ ସମୃଦ୍ଧ ସାଂସ୍କୃତିକ ପରମ୍ପରା ସମସ୍ତଙ୍କୁ ଆନନ୍ଦ ଦେଇଥାଏ। ଆପଣମାନଙ୍କ ଯାତ୍ରା ଏବଂ ଅନୁଭୂତି ଛତିଶଗଡର ପରମ୍ପରା କ୍ଷେତ୍ରରେଏକ ନୂଆ ଇତିହାସ ସୃଷ୍ଟି କରିବ ବୋଲି ବିଷ୍ଣୁଦେବ କହିଥିଲେ। ସେ ଆହୁରି କହିଥିଲେ ଯେ, ଯଦିଓ ଛତିଶଗଡ ବହୁ ସମୟରେ ନକ୍ସଲ ସମସ୍ୟାର ସମ୍ମୁଖୀନ ହେଉଛି ତେବେ ଦେଶରୁ ନକ୍ସଲବାଦ ଦୂର କରିବା ପାଇଁ ଛତିଶଗଡ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ଯୋଗାଯୋଗ କ୍ଷେତ୍ରରେ ଛତିଶଗଡ ସାରା ଦେଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ଅବସରରେ ଶ୍ରୀ ସାଏ ପ୍ରତିରକ୍ଷା ଅଧିକାରୀ ଓ ଯବାନମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ ସିଂ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ବିବେକାନନ୍ଦ ସ୍ନିହା, ମୁଖ୍ୟମନ୍ତ୍ରୀଙ୍କ ସଚିବ ରାହୁଲ ଭଗତ, ପି ଦୟାନନ୍ଦ ଏବଂ ବାସବରାଜୁ ଉପସ୍ଥିତ ରହିଥିଲେ।

# ମହାରାଷ୍ଟ୍ର ନିର୍ବାଚନକୁ ନେଇ ରାହୁଲଙ୍କ ଅଭିଯୋଗ



ନୂଆଦିଲ୍ଲୀ: ମହାରାଷ୍ଟ୍ର ବିଧାନସଭା ନିର୍ବାଚନକୁ ନେଇ ବିରୋଧୀ ଆଣୁଥିବା ଅଭିଯୋଗ ଉପରେ ରାଜନୀତି ତୀବ୍ର ହେବାରେ ଲାଗିଛି। କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ମାମଲାରେ ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ। ଏବେ ଏହା ଉପରେ ନିର୍ବାଚନ ଆୟୋଗଙ୍କ ପ୍ରତିକ୍ରିୟା ଆସିଛି। ନିର୍ବାଚନ ଆୟୋଗ କହିଛନ୍ତି ଯେ ସେ ଯେକୌଣସି ପ୍ରଶ୍ନର ଜବାବ ସେ ଲିଖିତ ଆକାରରେ ଦେବେ। ନିର୍ବାଚନ ଆୟୋଗ କହିଛନ୍ତି ଯେ ରାଜନୀତିକ ଦଳ ଦ୍ୱାରା ଉଠାଯାଉଥିବା ପ୍ରଶ୍ନ, ପରାମର୍ଶ ଏବଂ ବିଚାରକୁ ଗୁରୁତ୍ୱ ସହ ଗ୍ରହଣ କରେ। ସୋସିଆଲ୍ ମିଡିଆ ପୋଷ୍ଟ ଏକ୍ସରେ ଇସି ଲେଖିଛନ୍ତି, 'ଆୟୋଗ ରାଜନୈତିକ ଦଳଙ୍କୁ ଏକ ପ୍ରମୁଖ ଷ୍ଟେକ୍ ହୋଲ୍ଡର ଭାବେ ଦେଖେ। ଆମ ପାଇଁ ମତଦାତା ସର୍ବପ୍ରଥମ କିନ୍ତୁ ଆମେ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଦିଆଯାଇଥିବା ସମସ୍ତ ବିଚାର, ପରାମର୍ଶ ଏବଂ ପ୍ରଶ୍ନକୁ ମହତ୍ୱ ଦେଉଛି। ଆୟୋଗ ସାରା ଦେଶରେ ନିର୍ବାଚନରେ ସମାନ ରୂପେ ଆପଣାଯାଇଥିବା ତଥ୍ୟ ଆଧାରିକ ଏବଂ ପ୍ରକ୍ରିୟା ଆଧାରିକ ମାଟ୍ରିକ୍ସ ସହ ସବୁ ପ୍ରଶ୍ନର ଲିଖିତ ରୂପେ ଜବାବ ଦେବ।' ନର୍ବାଚନ ଆୟୋଗଙ୍କ ଜବାବ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ପରେ ଆସିଛି। ଶୁକ୍ରବାର କରିଥିବା ସାମ୍ବାଦିକ ସମ୍ମିଳନୀରେ ରାହୁଲ ମହାରାଷ୍ଟ୍ର ନିର୍ବାଚନରେ ତ୍ରୁଟି ନେଇ ଅଭିଯୋଗ କରିଥିଲେ। ଭୋଟର ଲିଷ୍ଟରେ ଅନେକ ଭୁଲ ମିଳିଥିବା ସେ କହିଥିଲେ। ଏହାସହ କହିଥିଲେ ଯେ ଆମେ ନିର୍ବାଚନ ଆୟୋଗଙ୍କୁ ଏହି ମାମଲାରେ ଜବାବ ମାଗିଥିଲୁ। କିନ୍ତୁ ତାଙ୍କ ତରଫରୁ ଏବେ ସୁଦ୍ଧ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଆମେରିକାରୁ ଆସିଥିବା ଭାରତୀୟଙ୍କ ଯାଞ୍ଚ ପାଇଁ ଗଠନ ହେଲା ଫ୍ୟାକ୍ଟ ଫାଇଣ୍ଡିଂ କମିଟି



ଚଣ୍ଡିଗଡ଼ : ପଞ୍ଜାବ ଡିଜିପି ଗୌରବ ଯାଦବ ଶୁକ୍ରବାର ୪ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଏସଆଇଟି ଗଠନ କରିଛନ୍ତି। ଏହି କମିଟି ଆମେରିକାରୁ ଡିପୋର୍ଟ ହୋଇଥିବା ପଞ୍ଜାବର ଯୁବକଙ୍କ ସମ୍ପର୍କରେ ମାନବ ତସ୍କରୀ ଆଙ୍ଗଲରୁ ପୁରା ମାମଲାର ଯାଞ୍ଚ କରିବ। ଯାଞ୍ଚ ରିପୋର୍ଟ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ହେବ। ଗତ ଦିନରେ ଆମେରିକା ନିଜର ବାୟୁସେନା ବିମାନରେ ସେଠାରେ ଅବୈଧ ବସବାସ କରୁଥିବା ୧୦୪ ଭାରତୀୟଙ୍କୁ ଡିପୋର୍ଟ କରି ଦେଶକୁ ପଠାଇ ଥିଲା। ଏହି ୪ ସଦସୀୟ ଟିମ୍ ଏଡିଜିପି ଏନଆରଆଇ ପରଭୀନ ସିହ୍ନାଙ୍କ ଅଧକ୍ଷତାରେ ଗଠନ କରାଯାଇଛି। ଏଥିରେ ଏଡିଜିପି (ଅନ୍ତରୀଣ ସୁରକ୍ଷା), ଆଇଜିପି ପ୍ରୋଭିଜନିଂ ଓ ଡିଆଇଜି ବର୍ଡର ରେଞ୍ଜ ଅଛନ୍ତି। ଫ୍ୟାକ୍ଟ ଫାଇଣ୍ଡିଂ କମିଟିଙ୍କୁ ଆଇନ ଓ ତଥ୍ୟ ଅନୁସାରେ ଉଚିତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ଅବୈଧ କାମ ଓ ମାନବ ତସ୍କରୀରେ ଲିପ୍ତ ଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବ। ଏହି କମିଟିର ଗଠନ ଆମେରିକାରେ ରହୁଥିବା ପଞ୍ଜାବର ନାଗରିକଙ୍କୁ ଡିପୋର୍ଟ କରାଯିବା ଯୋଗୁ ସୃଷ୍ଟି ହୋଇଥିବା ଅବୈଧ ପ୍ରବାସ ପ୍ରସଙ୍ଗର ଯାଞ୍ଚ ପାଇଁ କରାଯାଇଛି। ଭାରତୀୟ ନାଗରିକଙ୍କ ଡିପୋର୍ଟ ପ୍ରସଙ୍ଗ ସଂସଦରେ ଉଠାଯାଇଥିଲା। ବିରୋଧୀ ଦଳ ଆମେରିକା ଦ୍ୱାରା ଭାରତୀୟ ନାଗରିକଙ୍କୁ ହାତଗୋଡ ବାନ୍ଧି ପଠାଇଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅମାନବୀୟ ବ୍ୟବହାରରେ ଭାରତ ସରକାର ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିମଧ୍ୟରେ ଖବର ଆସୁଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଆମେରିକା ଗସ୍ତକାଳରେ ଅବୈଧ ପ୍ରବାସୀଙ୍କ ସହିତ ହେଉଥିବା ଦୁର୍ବ୍ୟବହାର ପ୍ରସଙ୍ଗ ମଧ୍ୟ ଉଠାଇବେ।

## ବସ୍ ଧକ୍କାରେ ୮ ଯାତ୍ରୀ ମୃତ

ପ୍ରୟାଗରାଜ: ମହାକୁମ୍ଭ ଯାଉଥିବା ଏକ କାରକୁ ବସ ଧକ୍କା ଦେବାରୁ କାରରେ ଥିବା ସମସ୍ତ ୮ ଯାତ୍ରୀ ପ୍ରାଣ ହରାଇଛନ୍ତି। ରାଜସ୍ଥାନର ଜୟପୁର ନିକଟ ଡୁଡୁ ସହରର ମୋଖମପୁରା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଡିଏସପି ଦୀପକ ଖଣ୍ଡେଲୱାଲଙ୍କ ସୂଚନା ଅନୁସାରେ, ଜୟପୁର-ଆଜମେର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ବସଟି ଯାଉଥିବାବେଳେ ଟାୟାର ଫାଟିଯିବାରୁ ଭାରସାମ୍ୟ ହରାଇ ଏକ କାରକୁ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ସମସ୍ତ ୮ ଯାତ୍ରୀ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲେ। ମୃତକମାନେ ଭିଲୱାରା ଜିଲାର ବାସିନ୍ଦା। ସମସ୍ତେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭକୁ ଯାଉଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ : ସୋନାଳିକା ଟ୍ରାକ୍ଟର୍ସ ଗତ ଜାନୁଆରୀ ମାସରେ ସର୍ବାଧିକ ୧୦୩୫୦ଟି ଟ୍ରାକ୍ଟର ବିକ୍ରି ସହ ନବବର୍ଷ ୨୦୨୫ର ଆରମ୍ଭ କରିଛି। ଏହାପୂର୍ବରୁ କମ୍ପାନୀ ୨୦୨୪ ଜାନୁଆରୀରେ ମୋଟ ୯୭୬୯ଟି ଟ୍ରାକ୍ଟର ବିକ୍ରି କରିଥିଲା। ସୋନାଳିକା ନିରନ୍ତର ଭାବେ ଟ୍ରାକ୍ଟର ଶିଳ୍ପରେ ନୂଆ ବେଂଚମାର୍କ ସ୍ଥାପନ କରିଆସିଛି ଏବଂ ପ୍ରତ୍ୟେକ କୃଷକଙ୍କ ନିକଟରେ ଯେପରି ନିଜର କୃଷି ଅନୁଭୂତିକୁ ନୂଆ ଉଚ୍ଚତାକୁ ନେବା ପାଇଁ ଶକ୍ତିଶାଳୀ, ଦକ୍ଷ ଓ ନିର୍ଭରଯୋଗ୍ୟ କୃଷି ଯନ୍ତ୍ରପାତି ପାଇଁ ପହଂଚ ରହିବ ତାହାକୁ ସୁନିଶ୍ଚିତ କରୁଛି। ୧୫୦ରୁ ଅଧିକ ଦେଶରେ ଏକ ବିଶ୍ୱସନୀୟ ବ୍ରାଣ୍ଡ ଭାବେ ସୋନାଳିକା ଗ୍ରାହକ ସଂତୁଷ୍ଟିକରଣ ନିଶ୍ଚିତ କରିବା ପାଇଁ ଏହାର ପ୍ରତିବଦ୍ଧତାରେ ଅଟଳ ରହିଛି ଯାହା ଏହାକୁ ଅଧିକ ସଫଳତା ପାଇଁ ପ୍ରେରିତ କରୁଛି। ଏହି ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, 'ଆମେ ସବୁବେଳେ ଆମର ବିଶ୍ୱାସ ଏବଂ ୩ଟି ମୂଳ ସିଦ୍ଧାନ୍ତ- ସର୍ବୋତମ ଉତ୍ପାଦ ଓ ସେବା ପ୍ରଦାନ କରିବା, ଆମର ହିତାଧିକାରୀଙ୍କ ହିତକୁ ଗୁରୁତ୍ୱ ଦେବା ଓ ନୈତିକତାର ସହ ବ୍ୟବସାୟ କରିବା ଆଦିକୁ ଅନୁସରଣ କରିଆସିଛୁ। ଜାନୁଆରୀର ସର୍ବୋଚ୍ଚ ୧୦୩୫୦ଟି ଟ୍ରାକ୍ଟର ବିକ୍ରି ସହ ଆମର ୨୦୨୫ ଯାତ୍ରା ଆରମ୍ଭ କରିବାକୁ ସକ୍ଷମ କରିଛି। ଆମେ ଘରୋଇ ବଜାରରେ ବିକ୍ରି ବୃଦ୍ଧି ଏବଂ ବଜାର ଅଂଶ ହାସଲ କରିବା ଜାରି ରଖିଛୁ ଏବଂ ଜାନୁଆରୀ ୨୦୨୫ରେ ଶିଳ୍ପ ବିକାଶକୁ ପଛରେ ପକାଇଛୁ।

# 'ଫିଦରଲାଇଟ୍'ର ନୂଆ ଶୋରୁମ୍ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଫର୍ଣ୍ଣିଚର କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା, ଫିଦରଲାଇଟ୍, ଏହାର ନୂତନ ଶୋରୁମ ଉଦଘାଟନ କରିଛି, ଯାହା ସ୍ୱତନ୍ତ୍ର କାର୍ଯ୍ୟକ୍ଷେତ୍ରରେ ବ୍ୟବହୃତ ଫର୍ଣ୍ଣିଚରରେ ଅତ୍ୟାଧୁନିକ ଡିଜାଇନ୍ ପ୍ରଦର୍ଶନ ପାଇଁ ଏହି ସଂସ୍ଥା ଉତ୍ସର୍ଗୀକୃତ। ବରମୁଣ୍ଡାର ଫାୟାର ଷ୍ଟେସନ୍ ସ୍କୋୟାରର ପିଜିଏଲ ହୋଣ୍ଡା ବିଲଡିଂର ତୃତୀୟ ମହଲାରେ ଅବସ୍ଥିତ, ୧୦,୦୦୦ ବର୍ଗଫୁଟ ଏରିଆରେ ଏହି ଅତ୍ୟାଧୁନିକ ଫର୍ଣ୍ଣିଚର ଯାହା କର୍ମକ୍ଷେତ୍ର, ଶିକ୍ଷାନୁଷ୍ଠାନ ଏବଂ ସ୍ୱାସ୍ଥ୍ୟସେବା ନିମନ୍ତେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଫର୍ଣ୍ଣିଚର ଉତ୍ପାଦ ପ୍ରଦାନ କରେ। ଏହି ଶୋରୁମରେ ଉତ୍ପାଦକଗୁଡିକ ଡିଜାଇନ୍ ମଧ୍ୟ କରାଯାଉଛି, ଯେଉଁଥିରେ କଷ୍ଟମାଇଜଡ ଫର୍ଣ୍ଣିଚର ଉତ୍ପାଦ, ଶବ୍ଦ ନିରୋଧୀ ଫର୍ଣ୍ଣିଚର ପ୍ରଡକ୍ଟ, ଷ୍ଟାଇଲିସ୍ ଚେୟାର ଏବଂ ଆରାମଦାୟକ ନରମ ଆସନ ଅନ୍ତର୍ଭୁକ୍ତ। ଫିଦରଲାଇଟ୍ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ମନୋହର ଗୋପାଳ ଏବଂ ପିଜିଏଲ ଗ୍ରୁପର ଅଧକ୍ଷା ପୁଷ୍ପା ଦେବୀ ଅଗ୍ରୱାଲଙ୍କ ସମେତ ପ୍ରମୁଖ କାର୍ଯ୍ୟନିର୍ବାହୀମାନେ ଏହି ଶୋ'ରୁମ୍ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଦରଲାଇଟ୍‌ର ସହଯୋଗୀ ନିର୍ଦ୍ଦେଶକ କିରଣ ଚେଲାରାମ, ପିଜିଏଲ ଫର୍ଣ୍ଣିଚର ନିର୍ଦ୍ଦେଶକ ପୃଥା ଅଗ୍ରୱାଲ, ପିଜିଏଲ ଫର୍ଣ୍ଣିଚର ନିର୍ଦ୍ଦେଶକ କମଲ ଅଗ୍ରୱାଲ ଏବଂ ବ୍ୟବସାୟ ମୁଖ୍ୟ ଡିଲର ପରିଚାଳନା ଜ୍ଞାନେନ୍ଦ୍ର ସିଂହ ପରିହାର ଉପସ୍ଥିତ ଥିଲେ। ଗୋପାଳ ଓଡ଼ିଶାର ଗତିଶୀଳ ବଜାର ପାଇଁ ସେବା ବୃଦ୍ଧି କରିବାରେ ଏହି କେନ୍ଦ୍ରର ଭୂମିକାକୁ ଗୁରୁତ୍ୱାରୋପ କରି ବ୍ୟବସାୟ ଏବଂ ସରକାରୀ କ୍ଷେତ୍ରଗୁଡ଼ିକୁ ନୂତନତା ଦେବାରେ ଏହା ସହାୟକ ହେବା କଥା କହିଥିଲେ। ପୂର୍ବ ଭାରତରେ ଭୁବନେଶ୍ୱର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପ ଏବଂ ଶିକ୍ଷା କେନ୍ଦ୍ର ଭାବରେ ସ୍ୱୀକୃତି ପ୍ରାପ୍ତ, ବିଭିନ୍ନ କ୍ଷେତ୍ରରେ ନିବେଶକୁ ଆକର୍ଷିତ କରୁଛି ଏବଂ ଆଇଆଇଟି ଭୁବନେଶ୍ୱର ଭଳି ପ୍ରତିଷ୍ଠିତ ପ୍ରତିଷ୍ଠାନଗୁଡ଼ିକୁ ଏଠାରେ ଅବସ୍ଥିତ। ଫିଦରଲାଇଟ୍ ପୂର୍ବରୁ ଟାଟା ଷ୍ଟିଲ୍ ଏବଂ ଆରବିଆଇ ପରି ଶିଳ୍ପ ସହିତ ସହଭାଗୀତା କରିଛି, ଏବଂ ଏହି ଅଞ୍ଚଳର ଅନେକ କ୍ଷୁଦ୍ର ଏବଂ ମଧ୍ୟମ ଆକାରର ଉଦ୍ୟୋଗ ସହିତ ମଧ୍ୟଭାଗୀ ହୋଇଛି। ଏହା ସହିତ, ଫିଦରଲାଇଟ୍‌ର ସହଯୋଗୀ ନିର୍ଦ୍ଦେଶକ କିରଣ ଚେଲାରାମ ବାଙ୍ଗାଲୋରରେ ଏକ ନୂତନ ୯୦,୦୦୦ ବର୍ଗଫୁଟ ଉତ୍ପାଦନ ୟୁନିଟ୍ ଘୋଷଣା କରିଛନ୍ତି, ଯାହା ଏପ୍ରିଲ ୨୦୨୫ ରେ ଖୋଲିବାକୁ ଯାଉଛି। ଏହି ଫିଦରଲାଇଟ୍‌ର ଅଭିନବ ଏବଂ ଗୁଣାତ୍ମକ ଫର୍ଣ୍ଣିଚର ସମାଧାନ ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରେ। ଅଭିନବ ଏବଂ ଗୁଣାତ୍ମକ ଫର୍ଣ୍ଣିଚରର ସମାଧାନ ପ୍ରଦାନ କରୁଛି।

## ଏପ୍ରିଲରୁ ପ୍ରତି ମାସ ଜାରି ହେବ ବେରୋଜଗାରୀଙ୍କ ସଂଖ୍ୟା

ନୂଆଦିଲ୍ଲୀ: ଦେଶର ନୀତି ନିର୍ଦ୍ଧାରଣ ପାଇଁ ନିୟମିତ ତଥ୍ୟର ଆବଶ୍ୟକତା ପଡୁଥିବାରୁ ବଡ଼ ନିଷ୍ପତ୍ତି ନେଇଛନ୍ତି କେନ୍ଦ୍ର ସରକାର। ଏବେ ପ୍ରତି ମାସ ଦେଶର ବେରୋଜଗାରୀଙ୍କ ସଂଖ୍ୟା ବିଷୟରେ ତଥ୍ୟ ଜାରି କରାଯିବ। ଭାରତ ସରକାର ଏପ୍ରିଲ ମାସରୁ ମାସିକ ବେକାରୀ ସଂଖ୍ୟା ପ୍ରକାଶ କରିବା ଆରମ୍ଭ କରିବେ ବୋଲି ଶୁକ୍ରବାର ଜଣେ ବରିଷ୍ଠ ଅଧିକାରୀ ସଚନା ଦେଇଛନ୍ତି। ଏପର୍ଯ୍ୟନ୍ତ, ସରକାର କେବଳ ସହରାଞ୍ଚଳ ପାଇଁ ତ୍ରୈମାସିକ ବେକାରୀ ସଂଖ୍ୟା ଏବଂ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପାଇଁ ବାର୍ଷିକ ତଥ୍ୟ ପ୍ରକାଶ କରୁଥିଲେ। ହେଲେ ମୁମ୍ବାଇ ସ୍ଥିତ ଏକ ଘରୋଇ ଥିଙ୍କ ଟ୍ୟାଙ୍କ, ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି, ଦେଶ ପାଇଁ ମାସିକ ଆକଳନ ପ୍ରକାଶ କରୁଥିଲା। ଏନେଇ ତଥ୍ୟ ସଂଗ୍ରହର ତଦାରଖ କରୁଥିବା ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟର ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି।

# ସବୁଜ ଶକ୍ତି କ୍ଷେତ୍ରରେ ଯୁବପିଢ଼ିଙ୍କୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ସବୁଜ ଶକ୍ତି ଏବଂ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ 'ହାଉସହୋଲ୍ଡ ସୋଲାର ଚାମ୍ପିଅନ' ଶୀର୍ଷକ ସାର୍ଟିଫିକେଟ କୋର୍ସ ଆରମ୍ଭ କରିଛି। ଏଥିରେ ଯୁବପିଢ଼ିଙ୍କୁ ସୌର ଶକ୍ତି ସମ୍ବନ୍ଧୀୟ ଦକ୍ଷତା ପ୍ରଦାନ କରାଯିବ। ଗାମ ଜିଲ୍ଲାର ଆସିକା ସ୍ଥିତ ନଳବନ୍ତ ପୁରୁଣା ପଞ୍ଚାୟତ ଭବନରେ ଉଦଘାଟନୀ ସେସନ୍ ଅନୁଷ୍ଠିତ ହୋଇଛି। ଏହି ପଦକ୍ଷେପରେ ଟିପିଏସ୍‌ଓଡିଏଲର ପ୍ରୋଜେକ୍ଟ ପାର୍ଟନର 'ପ୍ରଥମ' ଦ୍ୱାରା ସୋଲାର ସିଷ୍ଟମର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ତାଲିମ ଦିଆଯାଉଛି। ଯାହା ଫଳରେ ଯୁବପିଢ଼ି ଦକ୍ଷ ହେବା ସହ ତୃଣମୂଳ ସ୍ତରରେ ଅକ୍ଷୟ ଶକ୍ତି ଆପଣାଇବାରେ ସହାୟକ ହୋଇପାରିବେ। ପ୍ରଥମ ବ୍ୟାଚରେ ୨୦ ଜଣ ଛାତ୍ରଛାତ୍ରୀ ଘରୋଇ ସୋଲାର ସିଷ୍ଟମ ସଂସ୍ଥାପନ ଏବଂ ରକ୍ଷଣାବେକ୍ଷଣ ସମ୍ପର୍କରେ ତାଲିମ ନେବେ। ସ୍ୱଚ୍ଛ ଶକ୍ତି ଦିଗରେ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ଆଧାରରେ ଏହି ପଦକ୍ଷେପ ସୌର ଶକ୍ତିକୁ ପ୍ରୋତ୍ସାହିତ କରୁଅଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଆସିକା ଡିଭିଜନ -୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପ୍ରଧାନ, ନଳବନ୍ତ ସରପଞ୍ଚ କେସି ପ୍ରଧାନ ଏବଂ ଟିପିଏସ୍‌ଓଡିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସିଏସଆର୍ ଟିମ୍ ଉପସ୍ଥିତ ଥିଲେ। ଏଭଳି ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ସବୁଜ ଶକ୍ତି ଦିଗରେ ପ୍ରତିବଦ୍ଧତା ଦର୍ଶାଇବା ସହ ଦକ୍ଷିଣ ଓଡ଼ିଶାର ଯୁବପିଢ଼ିଙ୍କୁ ସଶକ୍ତ କରୁଅଛି।

# କିମ୍ସରେ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଆସୋସିଏସନ ଅଫ ଫୋନୋ ସର୍ଜନ୍ସ ଅଫ ଇଣ୍ଡିଆ (ଏପିଏସ୍‌ଆଇ)ର ୨୦ତମ ଜାତୀୟ ଫୋନୋ ସର୍ଜନ ସମ୍ମିଳନୀ 'ଫୋନୋକନ-୨୦୨୫' ଶୁକ୍ରବାର କିମସରେ ଉଦଘାଟିତ ହୋଇଯାଇଛି। ୩ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୪ଶହରୁ ଊର୍ଦ୍ଧ୍ୱ ସ୍ୱର ବିଶେଷଜ୍ଞ, ସର୍ଜନ, ସ୍ପିଚ ଥେରାପିଷ୍ଟ ଯୋଗ ଦେଇଛନ୍ତି। ଏ ନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରି ଏପିଏସ୍‌ଆଇର ସଭାପତି ତଥା କିମସ କର୍ଣ୍ଣ, ନାସା ଓ ଗଳା ବିଭାଗ ମୁଖ୍ୟ ପ୍ରଫେସର ଡା. କବିକାନ୍ତ ସାମନ୍ତରାୟ କହିଲେ ତୃତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀରେ ସ୍ୱରଯନ୍ତ୍ର ଜନିତ ସମସ୍ୟା ଓ ତାହାର ନିରାକରଣ ବିଷୟରେ ତିନିଧରି ଆଲୋଚନା, କର୍ମଶାଳା ଅନୁଷ୍ଠିତ ହେବା ସହ କର୍ଣ୍ଣ, ନାସା ଓ ଗଳା ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରଙ୍କ ପାଇଁ ଲାଇଭ ସର୍ଜରୀ କରାଯିବ। ଅତ୍ୟଧିକ କଥା କହିବା ଆମ ଶରୀରର ସ୍ୱରଯନ୍ତ୍ର ଉପରେ ପ୍ରଭାବ ପକାଇଥାଏ ବୋଲି ସେ କହିଥିଲେ। ଫଳରେ ଆମ ସ୍ୱରରେ ପରିବର୍ତ୍ତନ ଘଟିଥାଏ। ତେଣୁ ଆବଶ୍ୟକତା ଠାରୁ ଅଧିକ ସମୟ କଥା ନ କହିବା ଓ ସୁସ୍ଥ ଗଳା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଦିନରେ ଓ ରାତିରେ ଦୁଇଥର ଦାନ୍ତ ଘଷିବା ସହ ଉଷୁମ ପାଣିରେ ଗର୍ଗଲିଂ କରିବା ପାଇଁ ପ୍ରଫେସର ସାମନ୍ତରାୟ ପରାମର୍ଶ ଦେଇଥିଲେ। ସମ୍ମିଳନୀ ଆୟୋଜନ କମିଟିର ସମ୍ପାଦକ ଡା. ଖଗେଶ୍ୱର ରାଉତ କହିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତ୍ୟେକ ମଣିଷର ସ୍ୱର ଜନ୍ମଗତ ବୋଲି ସାଧାରଣରେ ଏକ ଧାରଣା ରହିଛି। କିନ୍ତୁ ଶରୀରରେ ଥିବା ସ୍ୱର ଯନ୍ତ୍ରର ଅସ୍ତ୍ରୋପଚାର କରାଯାଇ ସ୍ୱରକୁ ଠିକ କରାଯାଇପାରିବ ବୋଲି ସେ କହିଥିଲେ। ପାନ, ଗୁଟଖା ଆଦି ଟବାକୋ ଖାଇବା ଓ ଧୂମପାନ ଆମର ସ୍ୱର ଯନ୍ତ୍ର ଓ ଗଳା ଉପରେ ପ୍ରଭାବ ପକାଇଥାଏ।

# ଚାନ୍ଦି ଭଣ୍ଡାର ପକ୍ଷରୁ ଭିନସ୍ କଲେକ୍ସନ ୨.୦




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଚାନ୍ଦି ଭଣ୍ଡାର ପକ୍ଷରୁ 'ଭିନସ୍ କଲେକ୍ସନ-୨.୦'ର ଶୁଭାରମ୍ଭ ଘୋଷଣା କରିଛି। ୯୨.୫ ଷ୍ଟର୍ଲିଂ ସିଲଭରରେ ପ୍ରସ୍ତୁତ 'ଭିନସ୍' କଲେକ୍ସନ ସୁନ୍ଦରତା ଏବଂ ଅର୍ଥର ଏକ ସୁନ୍ଦର ମିଶ୍ରଣ। ଏହି କଲେକ୍ସନରେ ଥିବା ଡିଜାଇନଗୁଡ଼ିକରେ ନୀଳ, ଲାଲ, ଧଳା, କଳା ଏବଂ ମାଜେଣ୍ଟା ଗୋଲାପୀ ରଙ୍ଗର ସେଡ୍‌ରେ ଉଜ୍ଜଳ ଜିର୍କନ୍ ଏଥର ରହିଛି। ଏହି ସମ୍ଭାରରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଡିଜାଇନ୍‌ଗୁଡ଼ିକ ରହିଛି। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କୁହନ୍ତି, ରୋମାନ୍ସ ଏବଂ ସଂଯୋଗ ସହ ସମକକ୍ଷ ଫେବୃଆରୀ 'ଭିନସ୍' କଲେକ୍ସନ ପାଇଁ ଏକ ପୃଷ୍ଠଭୂମି ଭାବେ କାର୍ଯ୍ୟ କରେ। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ସମ୍ଭାର ରହିଛି। ଏହି ସେଲିବ୍ରେଶନ୍‌କୁ ବଡ଼ କରିବାକୁ ଯାଇ ଚାନ୍ଦି ଭଣ୍ଡାର ଦୁଇଟି ନୂଆ ଷ୍ଟୋର ଯୋଡ଼ିବାକୁ ଯାଉଛି। ନୟାଗଡ଼ରେ ୧୮ତମ ଷ୍ଟୋର ଫେବୃଆରୀ ୯ରେ ଏବଂ ଫେବୃଆରୀ ୧୦ ୧୦ରେ ଝାରସୁଗୁଡ଼ାରେ ୧୯ତମ ଷ୍ଟୋର ଖୋଲିବ। ଏହି ମାଇଲଖୁଣ୍ଟଗୁଡ଼ିକ ସାରା ଓଡ଼ିଶାରେ ରୁପା ଗହଣାପ୍ରେମୀଙ୍କୁ ଉତ୍କୃଷ୍ଟ କାରିଗରୀ ଏବଂ ଅତୁଳନୀୟ ସେବା ପ୍ରଦାନ କରିବାରେ ଚାନ୍ଦି ଭଣ୍ଡାରର ଯାତ୍ରାରେ ଆଉ ଏକ ସଫଳତା ଯୋଡ଼ିଛି। ସୂଚନାଯୋଗ୍ୟ, ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର। ୨୦୧୩ରେ ଏକ ସ୍ୱତନ୍ତ୍ର ସିଲଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ରାଜ୍ୟରେ ୧୯ରେ ପହଞ୍ଚିଛି। ଭୁବନେଶ୍ୱରର ସହିଦ ନଗର, ପଟିଆ, ଜନପଥ, ସୌଭାଗ୍ୟନଗର, ରସୁଲଗଡ଼ ଓ ନୟାପଲ୍ଲୀ, କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଏବଂ ସିଡିଏ, ରାଉରକେଲା, ଅନୁଗୁଳ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ଭଦ୍ରକ, ବାରିପଦା, ନୟାଗଡ ଏବଂ ଝାର୍‌ସୁଗୁଡ଼ାରେ ଏହାର ଷ୍ଟୋର ରହିଛି।

# 'ଅବସର ସମୟରେ ଯତ୍ନଶୀଳ ଯୋଜନା ଆବଶ୍ୟକ'



ନୂଆଦିଲ୍ଲୀ: ଅବସର ସମୟରେ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ଯତ୍ନଶୀଳ ଯୋଜନା ଓ ଶୃଙ୍ଖଳିତ କାର୍ଯ୍ୟକାରିତା ଆବଶ୍ୟକ। ଏହି ପ୍ରକ୍ରିୟା ଏକ ଦୀର୍ଘାବଧି ଯାତ୍ରା ଅଟେ ଯେଉଁଥିରେ ଏକାଧିକ ପର୍ଯ୍ୟାୟ ଓ ସ୍ଥିର ନିୟନ୍ତ୍ରଣ ସାମିଲ ରହିଛି। ଜଣେ ବ୍ୟକ୍ତିଙ୍କ ବର୍ତ୍ତମାନର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ପଷ୍ଟ ଲକ୍ଷ୍ୟ ସ୍ଥିର କରିବା ଓ ଏକ ମଜବୁତ ସଂଚୟ ଯୋଜନା ପ୍ରସ୍ତୁତ କରିବା, ଆପଣଙ୍କ ଅବସର ପରବର୍ତୀ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ। ଏ ସମ୍ପର୍କରେ ମତବ୍ୟକ୍ତ କରି ବନ୍ଧନ ଏଏମ୍‌ସିର ସେଲ୍‌ସ ଓ ମାର୍କେଟିଂ ମୁଖ୍ୟ ଗୌରବ ପରିଜା କହିଛନ୍ତି, ସଂଚୟ ପାଇଁ ଏକ ସୁ-ପରିଭାଷିତ ଯୋଜନା, କେବଳ ଆର୍ଥିକ ଆବଶ୍ୟକତା ନୁହେଁ ବରଂ ବ୍ୟକ୍ତିଗତ ଇଚ୍ଛା ଉପରେ ଆଧାରିତ ନିଷ୍ପତି ନେବାରେ ସକ୍ଷମ ପରେ। ଆପଣଙ୍କର ପରିକଳ୍ପିତ ଅବସର ପାଣ୍ଠି ମଧ୍ୟ ସ୍ୱାସ୍ଥ୍ୟର ଯତ୍ନ ଓ ଜୀବନଯାପନ ଖର୍ଚ୍ଚ ଭଳି ଅବସର ପରବର୍ତୀ ସମୟର ସାଧାରଣ ଖର୍ଚ୍ଚଗୁଡିକୁ ଧ୍ୟାନରେ ରଖିବା ଉଚିତ। ଏହି ପ୍ରମୁଖ କାରକଗୁଡିକୁ ଧ୍ୟାନରେ ରଖିବା ଦ୍ୱାରା ଏହା ଅବସର ସମୟରେ ଆପଣଙ୍କ ଇଚ୍ଛା ଅନୁରୂପ ଜୀବନ ବଂଚିବା ନିଶ୍ଚିତ କରିବା ପାଇଁ ଏକ ବାସ୍ତବ ଆର୍ଥିକ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ ବୋଲି ସେ କହିଛନ୍ତି। ଶେଷରେ ଶ୍ରୀ ପରିଜା କହିଛନ୍ତି, 'ଅବସରକାଳିନ ଯୋଜନା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଯାହା କ୍ରମାଗତ ଧ୍ୟାନ ଓ ପରିବର୍ତନର ଆବଶ୍ୟକ କରିଥାଏ। ଏଭଳି କରିବା ଦ୍ୱାରା ତାହା ଆପଣଙ୍କୁ ସମୟକାଳିନ ସମୀକ୍ଷା ଓ ଅପଡେଟିଂ ମାଧ୍ୟମରେ ନିଜର ଅବସର ଯୋଜନାରେ ଧାର୍ଯ୍ୟ କରିଥିବା ଲକ୍ଷ୍ୟଗୁଡିକ ଦିଗରେ ଟ୍ରାକ୍‌ରେ ରଖିବ।



ପେଟରେ ହେଉଥିବା ଷ୍ଟୋନକୁ କେବଳ ଅପରେସନ ଦ୍ୱାରା ବାହାର କରାଯାଇଥାଏ। ଏହି ଷ୍ଟୋନ ଖାଦ୍ୟ-ପେୟ ସଠିକ୍ ସମୟରେ ନ ହେବା ଯୋଗୁଁ ହୋଇଥାଏ। କିଛି ଜିନିଷର ସେବନ କରିବାରେ ଷ୍ଟୋନର ବିପଦ ଅଧିକ ରହିଥାଏ। ତେବେ ଆସନ୍ତୁ ଜାଣିବା ଏହି ବିଷୟରେ। ଫ୍ୟାଟି ଫୁଡ୍ସ୍: ଅଧିକ ମାତ୍ରାରେ ଫ୍ୟାଟି ଫୁଡ୍ସ୍ ଖାଇବା ଦ୍ୱାରା ପେଟରେ ପଥର ସୃଷ୍ଟି ହୋଇଥାଏ। ଏଥିରେ ତେଲିଆ ଜଳଖିଆ, ଫାଷ୍ଟ ଫୁଡ, ଜଙ୍କ ଫୁଡ ଏବଂ ହେଭି କ୍ରିମ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ହୋଇଥାଏ। ରିଫାଇଣ୍ଡ କାର୍ବସ: ଏଥିରେ ହ୍ୱାଇଟ ବ୍ରେଡ, ପାସ୍ତା, ମ୍ୟାଗି ଆଦି ଖାଦ୍ୟ ଅନ୍ତର୍ଭୁକ୍ତ। ରିଫାଇଣ୍ଡ କାର୍ବୋହାଇଡେଟ୍ସର ସେବନ କରିବାରେ ପେଟରେ ପଥର ହୋଇଥାଏ। ରିଫାଇଣ୍ଡ କାର୍ବସକୁ ଅଧିକ ଖାଇବା ଦ୍ୱାରା ପେଟରେ ଷ୍ଟୋନ ବଢିବାର ବିପଦ ଅଧିକ ରହିଥାଏ। ରେଡ୍ ମିଟ: ରେଡ୍ ମିଟ କାରଣରୁ ଶରୀରରେ କୋଲେଷ୍ଟ୍ରଲର ମାତ୍ରା ବଢିଯାଇଥାଏ। ଏହା ପେଟରେ ଷ୍ଟୋନ ହେବାର ବିପଦକୁ ବଢିଥାଏ। କୋଲ୍ଡ ଡ୍ରିଙ୍କସ୍: ଅଧିକ ମାତ୍ରାରେ ସୁଗାର ଡ୍ରିଙ୍କ ବା କୋଲ୍ଡ ଡ୍ରିଙ୍କସ୍‌ର ସେବନରେ ମଧ୍ୟ ପେଟରେ ଷ୍ଟୋନ ହୋଇଥାଏ। ଅଧିକ ମାତ୍ରାର ମିଠା କୋଲ୍ଡ ଡ୍ରିଙ୍କସ ପିଇବା ଦ୍ୱାରା ଶରୀରରେ ଇନସୁଲିନର ପରିମାଣ ବଢିଥାଏ। କ୍ଷୀରରୁ ପ୍ରସ୍ତୁତ ଖାଦ୍ୟ: ଏହି ଦୁଗ୍ଧ ଜାତୀୟ ଖାଦ୍ୟରେ ଅଧିକ ମାତ୍ରାରେ ଚର୍ବି ରହିଥାଏ। ଯେମିତିକି ଆଇସକ୍ରିମ, ବଟର, ଫୁଲ୍ ଫ୍ୟାଟର କ୍ଷୀର ଖାଇବା ଦ୍ୱାରା ପେଟରେ ଷ୍ଟୋନ ହେବାର ସମ୍ଭାବନା ରହିଥାଏ। ତେବେ ଏହି ଖାଦ୍ୟଠାରୁ ଦୂରେଇ ରହିବା ନିହାତି ଆବଶ୍ୟକ।



# କାହିଁକି ଏତେ ପବିତ୍ର ଗଙ୍ଗାଜଳ ?



## ରହିଛି ଧାର୍ମିକ ଏବଂ ବୈଜ୍ଞାନିକ ମାନ୍ୟତା

ଚାଲିଛି ମହାକୁମ୍ଭ । ଏନେଇ ଗଙ୍ଗାରେ ବୁଡ଼ ମାରିବା ପାଇଁ ପହଞ୍ଚିଛନ୍ତି ଲକ୍ଷାଧିକ ଭକ୍ତ । ସଠିକ୍ ସ୍ୱାସ୍ଥ୍ୟ ଏବଂ ନିଜର ପବିତ୍ରତା ବଜାୟ ରଖିବା ପାଇଁ ଶ୍ରଦ୍ଧାଳୁ ଗଙ୍ଗାଜଳରେ ସ୍ନାନ କରିଥାନ୍ତି । ଆମ ଦେଶରେ ଗଙ୍ଗା ଜଳକୁ ଖୁବ ପବିତ୍ର ଏବଂ ଶୁଦ୍ଧ ବୋଲି କୁହାଯାଇଥାଏ । ଏପରିକି ଏହାର ତୁଳନା ଅମୃତ ସହ କରାଯାଇଥାଏ । ଏଭଳି ବି ମାନ୍ୟତା ରହିଛି ଗଙ୍ଗା ଜଳରେ ଅନେକ ରୋଗକୁ ଦୂର କରିବାର ସାମର୍ଥ୍ୟ ରହିଛି । ଗଙ୍ଗା ଜଳ ବିଷୟରେ ଆଉ ଏକ ପ୍ରଚଳିତ କଥା ମଧ୍ୟ ରହିଛି । କୁହାଯାଏ ଏହାର ପାଣି କେବେ ବି ଅଶୁଦ୍ଧ ହୁଏ ନାହିଁ । ଉଦାହରଣ ସ୍ୱରୁପ ଯଦି ଆପଣ କୌଣସି ବି ପାଣିକୁ ଏକ ବୋତଲରେ ରଖିଦେଉଛନ୍ତି ତେବେ କିଛି ଦିନ ପରେ ଏହା ଖରାପ ହୋଇଯାଇଥାଏ ଆଉ ସେଥିରୁ ଦୁର୍ଗନ୍ଧ ବାହାରେ । କିନ୍ତୁ ଗଙ୍ଗା ଜଳ ସହ ଏଭଳି ହୋଇନଥାଏ । ଗଙ୍ଗା ଜଳ ଯେତେଦିନ ଯାଏଁ ରହିଲେ ବି ଏହା ନଷ୍ଟ ହୁଏ ନାହିଁ । କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି କି ଗଙ୍ଗଜଳରେ ଏଭଳି କ'ଣ ଅଛି ଯାହାଦ୍ୱାରା ଏହା ଏତେ ଶୁଦ୍ଧ ଏବଂ ପବିତ୍ର। ଗଙ୍ଗାଜଳରେ ଏମିତି କ'ଣ ଅଛି ଯାହା ଏହି ପାଣିକୁ ସବୁବେଳେ ସତେଜ ରଖୁଛି ! ତେବେ ଆସନ୍ତୁ ଏହା ବିଷୟରେ ବିସ୍ତୃତ ଭାବରେ ଜାଣିବା ।

ହିନ୍ଦୁ ଧର୍ମ ପୂଜା ପାଠ କିମ୍ବା କୌଣସି ବି ଧାର୍ମିକ କାମରେ ଗଙ୍ଗାଜଳର ବିଶେଷ ମହତ୍ତ୍ୱ ରହିଛି । ଏଥିପାଇଁ ଲୋକମାନେ କିଛି ପବିତ୍ର ଦିନ ଗୁଡିକରେ ଗଙ୍ଗା ନଦୀରେ ସ୍ନାନ କରନ୍ତି । ମାନ୍ୟତା ରହିଛି ଯେ ଏହାଦ୍ୱାରା ଜୀବନରେ ଅନେକ ସମସ୍ୟା ଦୂର ହୋଇ ମୋକ୍ଷ ପ୍ରାପ୍ତି ହୋଇଥାଏ । ତେବେ ଗଙ୍ଗାଜଳର ଶୁଦ୍ଧତା ପଛରେ ଅନେକ ବୈଜ୍ଞାନିକ କାରଣ ଲୁଚିରହିଛି । ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ ଗଙ୍ଗାଜଳ ହିମାଳୟରୁ ଆସିଛି । ତେଣୁ ଏହା ପର୍ବତରେ ଥିବା ବିଭିନ୍ନ ଔଷଧୀୟ ଗଛ ଦେଇଆସିଥାଏ । ଯାହା ଫଳରେ ତାହାର ଔଷଧୀୟ ଗୁଣ ଏଥିରେ ସାମିଲ ରହିଥାଏ ।

ସେଥିପାଇଁ ଏହି ପାଣି କେବେ ଖରାପ ହୋଇନଥାଏ । ରାଷ୍ଟ୍ରୀୟ ଅନୁସନ୍ଧାନ କେନ୍ଦ୍ରର ଜଣେ ବୈଜ୍ଞାନିକଙ୍କ ଦ୍ୱାରା କରାଯାଇଥିବା ରିସର୍ଚ୍ଚରୁ ଜଣାପଡ଼ିଛି, ଗଙ୍ଗାଜଳରେ ୮ରୁ ଅଧିକ ପ୍ରକାରର ରୋଗକୁ ଦୂର କରିବାର ସାମର୍ଥ୍ୟ ରହିଛି । ଏହା ନିମୋନିଆ, ଜ୍ୱର ଆଦି ରୋଗକୁ ଠିକ କରିବାରେ ବେଶ ସହାୟକ ହୋଇଥାଏ । ଏହି ପାଣିକୁ ବର୍ଷ ବର୍ଷ ଧରି ଖରାପ ନକରିବାର ମୁଖ୍ୟ ତତ୍ତ୍ୱ ହେଉଛି ବେକ୍ଟିରିୟୋଫେଜ୍ । ଏହା ଏକ ବିଶେଷ ପ୍ରକାରର ଭାଇରସ୍ ଯାହା ପାଣିରେ ଥିବା ହାନିକାରକ ବ୍ୟାକ୍ଟେରିଆକୁ ବିନାଶ କରିଥାଏ । ଅର୍ଥାତ ଏହା ଏକ ପ୍ରାକୃତିକ ଫିଲ୍ଟର ଭଳି କାମ କରେ ।

ଯାହା ଦ୍ୱାରା ଗଙ୍ଗାଜଳ ସର୍ବଦା ଶୁଦ୍ଧ ଏବଂ ସୁରକ୍ଷିତ ରହିଥାଏ । ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ଗଙ୍ଗାନଦୀର ପାଣିରେ ଅନ୍ୟ ନଦୀ ପାଣି ତୁଳନାରେ ଅଧିକ ମାତ୍ରାରେ ଅକ୍ସିଜେନ୍ ମିଳିଥାଏ । ପାଣିରେ ଅକ୍ସିଜେନ୍‌ର ଅଧିକ ମାତ୍ରା ଯୋଗୁଁ ଏହାର ଗୁଣବତ୍ତା ମଧ୍ୟ ଅଧିକ ହୋଇଥାଏ । ତେଣୁ ଗଙ୍ଗାଜଳକୁ ଦୀର୍ଘ ବର୍ଷ ଧରି ବୋତଲରେ ରଖିଲେ ବି ଏହା ଖରାପ ହୋଇନଥାଏ । ଖାସ୍ କରି ହରିଦ୍ୱାର ଏବଂ ଋଷିକେଷ୍ ଭଳି ସ୍ଥାନରେ ଏହା ଅଧିକ ମାତ୍ରାରେ ଥାଏ । ସେଥିପାଇଁ ଏହି ସ୍ଥାନଗୁଡିକୁ ତୀର୍ଥସ୍ଥଳୀ ଏବଂ ଏଠାକାର ପାଣିକୁ ପବିତ୍ରର ମାନ୍ୟତା ଦିଆଯାଇଛି ।

ପୁରୁଣା ଯୁଗରେ ଗଙ୍ଗାଜଳକୁ ଔଷଧ ଭଳି ବ୍ୟବହାର କରାଯାଉଥିଲା । କେହି କେହି ଚର୍ମରୋଗ ପାଇଁ ଗଙ୍ଗାଜଳକୁ ମହୌଷଧୀ ବୋଲି ମଧ୍ୟ କୁହନ୍ତି । ଧାର୍ମିକ ମାନ୍ୟତା ଅନୁଯାୟୀ ଗଙ୍ଗାଜଳକୁ ଘରେ ରଖିଲେ ଘରେ ନକାରାତ୍ମକ ଉର୍ଜା ରହିପାରେନାହିଁ । ତେଣୁ ଘରେ ପବିତ୍ର ଏବଂ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ । କେବଳ ଯେ ଧାର୍ମିକ ଦୃଷ୍ଟିକୋଣ ତା ନୁହେଁ ବୈଜ୍ଞାନିକ ମାନେ ମଧ୍ୟ ଗଙ୍ଗାଜଳକୁ ଲାଭ ବିଷୟରେ କହିଛନ୍ତି । ସେଥିପାଇଁ ଗଙ୍ଗାଜଳକୁ ଏତେ ପବିତ୍ର ଏବଂ ଶୁଦ୍ଧ ବୋଲି କୁହାଯାଇଥାଏ ।

## ଆଜି ପ୍ରପୋଜ ଡେ

ଫେବୃଆରୀ ୭ ତାରିଖ ଠାରୁ ଆରମ୍ଭ ହୋଇଛି ଭାଲେଣ୍ଟାଇନ ୱିକ୍। ଏହି ସପ୍ତାହଟି ବିଶେଷ କରି ପ୍ରେମୀ ଯୁଗଳଙ୍କ ପାଇଁ ଖାସ୍ ହୋଇଥାଏ। ୭ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତିଟି ଦିନକୁ ନିଆରା ଢ଼ଙ୍ଗରେ ପାଳନ କରିଥାନ୍ତି ପ୍ରେମୀ ଯୁଗଳ। ଆଜି ପ୍ରେମ ସପ୍ତାହର ଦ୍ୱିତୀୟ ଦିନ। ଯାହାକୁ କୁହାଯାଏ ପ୍ରପୋଜ ଡେ'। ପ୍ରତ୍ୟେକ ପ୍ରେମିକ ଏହି ଦିନକୁ ଉତ୍ସାହର ସହ ଅପେକ୍ଷା କରିଥାଏ। ସେ ପ୍ରପୋଜ୍ ଡେ ପାଳନ କରି ତାର ପ୍ରେମକା ଆଗରେ ପ୍ରେମ ପ୍ରକାଶ କରିଥାଏ। ହଁ କି ନାଁର ସଠିକ୍ ଉତ୍ତର ପାଇଥାଏ। ସମୟ ଥିଲା ଗ୍ରୀଟିଙ୍ଗ୍ କାର୍ଡ ଦେଇ ପ୍ରେମ ପ୍ରକାଶ କରୁଥିଲେ। କିନ୍ତୁ ଏବେ ଇଣ୍ଟରନେଟ ଯୁଗ। ହ୍ୱାଟସପ୍‌ରେ ପ୍ରେମ ଶାୟରୀ ଦେଇ ପ୍ରେମକୁ ପ୍ରକାଶ କରୁଛନ୍ତି ଯୁବପିଢ଼ି।



# ଦାନ୍ତ ଚମକାଇବ ଲେମ୍ବୁ ରସ

## ଜାଣନ୍ତୁ କିପରି କରିବେ ବ୍ୟବହାର ?



*ହସ ହସ ଚେହେରା ସମସ୍ତଙ୍କ ପସନ୍ଦ । ହେଲେ ଏହି ହସ ମୁହଁରେ ହଳଦିଆ ଦାନ୍ତ ଦେଖାଗଲେ କେମିତି ଲାଗିବ ଭାବିଲେ । ଯେଉଁ ମାନେ ଦାନ୍ତକୁ ଠିକ୍ ଭାବେ ସଫା ନକରନ୍ତି, ସେମାନଙ୍କ ଦାନ୍ତ ଧୀରେ ଧୀରେ ମଇଳା ହୋଇଯାଇଥାଏ । ଅଧିକାଂଶ ସମୟରେ ଯେଉଁମାନଙ୍କର ହଳଦିଆ ଦାନ୍ତ ଥାଏ ସେମାନେ ଖୋଲାଖୋଲି ହସି ପାରନ୍ତି ନାହିଁ । ମଇଳା ଏବଂ ହଳଦିଆ ଦାନ୍ତ କେବଳ ଚେହେରାର ସୌନ୍ଦର୍ଯ୍ୟକୁ ନଷ୍ଟ କରେ ନାହିଁ ବରଂ ଆପଣଙ୍କ ଦାନ୍ତକୁ ଦୁର୍ବଳ ମଧ୍ୟ କରିଥାଏ । କଫି, ଚା ଏବଂ ତମାଖୁରେ ଥିବା ଟ୍ୟାନିନ୍ ଯୋଗୁଁ ଦାନ୍ତର ଇନେମଲ ଉପରେ ଦାଗ ଜମା ହୋଇ ଏହା ହଳଦିଆ ହେବାକୁ ଆରମ୍ଭ କରେ । ଆହୁରି ମଧ୍ୟ ବ୍ରସ୍ ଏବଂ ପାଟିର ସ୍ୱଚ୍ଛତା ପ୍ରତି ସଠିକ୍ ଯତ୍ନ ନନେବା କାରଣରୁ ଦାନ୍ତ ହଳଦିଆ ହେବା ଆରମ୍ଭ କରେ । ତେଣୁ ଦାନ୍ତ ସଫା କରିବା ପାଇଁ ଡାକ୍ତରମାନେ ଦିନକୁ ଦୁଇଥର ବ୍ରସ୍ କରିବା ପାଇଁ ପରାମର୍ଶ ଦିଅନ୍ତି । ଦାନ୍ତ ହଳଦିଆ ହେତୁ ପାଟିରୁ ଗନ୍ଧ ବାହାରିବା ଆରମ୍ଭ କରେ । ଏପରି ପରିସ୍ଥିତିରୁ ବାହାରିବା ପାଇଁ କିଛି ଘରୋଇ ଟିପ୍ସ ଆପଣଙ୍କ ପାଇଁ ସହାୟକ ହୋଇପାରେ । ଯଦି ଦାନ୍ତ ହଳଦିଆ ପଡୁଥାଏ ତେବେ ଚିନ୍ତା କରିବାର କିଛି କାରଣ ନାହିଁ । ମଇଳା ହୋଇଯାଇଥିବା ଦାନ୍ତକୁ ପୁଣି ଥରେ ସଫା କରିବାର ବିଭିନ୍ନ ଉପାୟ ଅଛି। ତାହେଲେ ଆସନ୍ତୁ ଦାନ୍ତ ସଫା କରିବା କିଛି ଟିପ୍ସ ବିଷୟରେ ଜାଣିବା ।*

### ଲେମ୍ବୁ ରସ ଏବଂ ଅଦା ବ୍ୟବହାର କରିପାରିବେ

ଲେମ୍ବୁ ରସ ଏବଂ ଅଦାରେ ମିଳୁଥିବା ସମସ୍ତ ଉପାଦାନ ଦାନ୍ତ ଧଳା କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ । ଏକ ଛୋଟ ପାତ୍ରରେ ଲେମ୍ବୁ ରସ ବାହାର କରନ୍ତୁ । ଏବେ ସେହି ପାତ୍ରରେ ଅଦା ରସ ବାହାର କରନ୍ତୁ ଏବଂ ତା'ପରେ ଏହି ଦୁଇଟି ଜିନିଷକୁ ଭଲ ଭାବରେ ମିଶାନ୍ତୁ । ଏହା ପରେ, ଏହି ମିଶ୍ରଣକୁ ଆପଣଙ୍କ ଦାନ୍ତରେ ଲଗାନ୍ତୁ ଏବଂ କିଛି ସମୟ ପରେ ଦାନ୍ତ ସଫା କରନ୍ତୁ । ଆପଣଙ୍କ ଦାନ୍ତରେ ଜମା ହୋଇଥିବା ମଇଳା ଏବଂ ହଳଦିଆ ସ୍ତରକୁ ଦୂର କରିବା ପାଇଁ, ଆପଣ ଲେମ୍ବୁ ଏବଂ ଅଦାକୁ ଏକାଠି ବ୍ୟବହାର କରିପାରିବେ ।

### ଲେମ୍ବୁ ଚୋପା ଓ ରସ ବ୍ୟବହାର କରିପାରିବେ

ଆପଣ ଦାନ୍ତ ସଫା କରିବା ପାଇଁ ଲେମ୍ବୁ ଚୋପା ଏବଂ ରସ ମଧ୍ୟ ବ୍ୟବହାର କରିପାରିବେ । ପ୍ରଥମେ ଏକ ଛୋଟ ପାତ୍ରରେ ଲେମ୍ବୁ ରସ ବାହାର କରନ୍ତୁ । ଏବେ ଲେମ୍ବୁ ଚୋପା ଉପରେ ଲେମ୍ବୁ ରସ ଢାଳନ୍ତୁ ଏବଂ ତା'ପରେ ଏହାକୁ ଆପଣଙ୍କ ଦାନ୍ତରେ ଭଲ ଭାବରେ ଘଷନ୍ତୁ । ଲେମ୍ବୁ ଚୋପା ଏବଂ ରସ ଏକାଠି ଆପଣଙ୍କ ଦାନ୍ତରେ ଜମା ହୋଇଥିବା ମଇଳା ଦୂର କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ ।



# ବନ୍ଧା ହେଲେ ଅଭିନେତ୍ରୀ

ବାଂଲାଦେଶର ଅଭିନେତ୍ରୀ ମେହେର ଆଫରୋଜ ଶନ୍‌ଙ୍କ ବଢିଛି ଅଡୁଆ । ତାଙ୍କୁ ଢାକାରୁ ଗିରଫ କରାଯାଇଛି। ତାଙ୍କ ଉପରେ ଦେଶଦ୍ରୋହ ଏବଂ ଦେଶ ବିରୁଦ୍ଧରେ ଷଡ଼ଯନ୍ତ୍ରର ଅଭିଯୋଗ ଅଛି। ମେହେର ଆଫରୋଜ ଶନ୍ ଜଣେ ଲୋକପ୍ରିୟ ବାଂଲାଦେଶୀ ଅଭିନେତ୍ରୀ, ଗାୟିକା, ନୃତ୍ୟଶିଳ୍ପୀ ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ। ସେ ଶିଶୁ କଳାକାର ଭାବରେ ଅଭିନୟ ଜଗତରେ ପ୍ରବେଶ କରିଥିଲେ। ତା'ପରେ ସେ ଅନେକ ଟିଭି ନାଟକ ଏବଂ ଚଳଚ୍ଚିତ୍ରରେ କାମ କରିଛନ୍ତି। ମେହର ଆଫରୋଜ ୩୭ ବର୍ଷ ପୂର୍ବେ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ। ସେ ଅମର ଆଚେ ଜୋଲ୍ (୨୦୦୮), ଶ୍ୟାମଲ ଛାୟା (୨୦୦୪), ଚନ୍ଦ୍ରକୋଠା (୨୦୦୩), ଆଜି ରବିବର (୧୯୯୬) ଭଳି ଟିଭି ଶୋ ଏବଂ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି।





# ସୋନୁ ସୁଦ୍‌ଙ୍କ ଅଡୁଆ ବଢିଲା

ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ଅଡୁଆ ବଢ଼ିଲା। ଗିରଫ ହୋଇପାରନ୍ତି ଅଭିନେତା। ସୋନୁଙ୍କ ନାଁରେ ଆରେଷ୍ଟ ୱାରେଣ୍ଟ୍। ୧୦ ଲକ୍ଷ ଟଙ୍କାର ହେରଫେର୍ ମାମଲାରେ ଆରେଷ୍ଟ ୱାରେଣ୍ଟ ଜାରି ହୋଇଛି। ରାଜେଶ ଖନ୍ନା ନାମକ ଜଣେ ଓକିଲଙ୍କ ଦ୍ୱାରା ଦାୟର କରାଯାଇଥିବା ମାମଲାରେ ଲୁଧିଆନାର ଏକ କୋର୍ଟ ଗିରଫ ପରୱାନା ଜାରି କରିଛନ୍ତି। ଠକେଇ ଅଭିଯୋଗରେ ପଞ୍ଜାବ ଲୁଧିଆନା କୋର୍ଟ ଏହି ଗିରଫ ପରୱାନା ଜାରି କରିଛନ୍ତି ।

୧୦ ଲକ୍ଷ ଟଙ୍କାର ହେରଫେର ମାମଲାରେ ସାକ୍ଷୀ ଦେବା ପାଇଁ ଅଭିନେତାଙ୍କୁ ବାରମ୍ବାର ସମନ ପଠାଯାଇଥିଲା। ହେଲେ ସୋନୁ ହାଜର ହୋଇନଥିଲେ। ଯାହାଫଳରେ ଲୁଧିଆନା କୋର୍ଟର ମାଜିଷ୍ଟ୍ରେଟ୍ ରମନପ୍ରୀତ କୌର ସୋନୁଙ୍କ ନାଁରେ ଆରେଷ୍ଟ ୱାରେଣ୍ଟ ଜାରି କରିଛନ୍ତି। ମୁମ୍ବାଇର ଅନ୍ଧେରୀର ଓସିୱାରା ଥାନାକୁ ଏହି ୱାରେଣ୍ଟ ପଠାଯାଇଛି। ଅଭିନେତାଙ୍କୁ ଗିରଫ କରି ତାଙ୍କୁ ଅଦାଲତରେ ହାଜର କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରୀ ୧୦ ତାରିଖରେ ହେବ। ତେବେ ଏପର୍ଯ୍ୟନ୍ତ ଅଭିନେତା କିମ୍ବା ତାଙ୍କ ଟିମ୍ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ରୋମାଣ୍ଟିକ ଫିଲ୍ମ କରିବାକୁ ଚାହୁଁଛନ୍ତି ଜୟଦୀପ

ଅଭିନେତା ଜୟଦୀପ ଅହଲାୱତ୍‌ଙ୍କୁ ନେଇ ଏବେ ଖୁବ୍ ଚର୍ଚ୍ଚା ଲାଗିରହିଛି। ବର୍ତ୍ତମାନ ସୁଦ୍ଧା ସେ କୌଣସି ରୋମାଣ୍ଟିକ ଫିଲ୍ମ କିମ୍ବା ରୋମାଣ୍ଟିକ ଚରିତ୍ରରେ କାର୍ଯ୍ୟ କରିନାହାନ୍ତି। ରୋମାଣ୍ଟିକ ଫିଲ୍ମ କରିବାକୁ ଚାହାନ୍ତି ନାହିଁ କି ବୋଲି ରବିବାର ଏକ ସାକ୍ଷାତ୍କାରରେ ଜୟଦୀପଙ୍କୁ ପଚରାଯାଇଥିଲା। ଏହାର ଉତ୍ତରରେ ସେ କହିଛନ୍ତି, ରୋମାଣ୍ଟିକ ଫିଲ୍ମ କରିବାକୁ ତାଙ୍କର ଇଚ୍ଛା ରହିଛି। ବର୍ତ୍ତମାନ ସୁଦ୍ଧା କୌଣସି ରୋମାଣ୍ଟିକ ଚରିତ୍ର କରି ନ ଥିଲେ ମଧ୍ୟ ଭବିଷ୍ୟତରେ ସୁଯୋଗ ମିଳିଲେ ଏପରି ଚରିତ୍ରକୁ ସେ ଠିକ୍ ଭାବେ କରି ଦର୍ଶକଙ୍କ ହୃଦୟ ଜିତିପାରିବେ। ଏହି ବିଶ୍ୱାସ ତାଙ୍କର ରହିଛି ବୋଲି ଜୟଦୀପ କହିଛନ୍ତି। ତେବେ ବୋଧହୁଏ କୌଣସି ଫିଲ୍ମ ନିର୍ମାତା ତାଙ୍କୁ ରୋମାଣ୍ଟିକ ଫିଲ୍ମରେ କାଷ୍ଟ କରିବାକୁ ଚାହାନ୍ତି ନାହିଁ। ସେ ରୋମାଣ୍ଟିକ ଚରିତ୍ର ମଧ୍ୟ କରିପାରିବେ, ଯେପର୍ଯ୍ୟନ୍ତ ଏନେଇ ଫିଲ୍ମନିର୍ମାତାମାନଙ୍କୁ ବିଶ୍ୱାସ ଆସିନାହିଁ ସେଯାଏ ତାଙ୍କୁ ରୋମାଣ୍ଟିକ ଚରିତ୍ରରେ ଅଭିନୟ କରିବାକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଜୟଦୀପ କହିଛନ୍ତି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପୁରୀ (ଭାସ୍କର ନ୍ୟୁଜ) : ରଥଯାତ୍ରା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ,ଏସପି ଓ ଦଇତାପତି ସେବାୟତ । ଷ୍ଟ୍ରିମ୍ ଲାଇନ୍ ହେବ ଦର୍ଶନ ବ୍ୟବସ୍ଥା । ।ଗତ ଥରର ତ୍ରୁଟି ସୁଧାରିବାକୁ ଦଇତାପତିଙ୍କ ସହ ହୋଇଛି ଆଲୋଚନା । ଠାକୁର ପହଣ୍ଡିରେ ଯିବା ଆସିବା ସମୟରେ କିଭଳି ଶୃଙ୍ଖଳା ଅଣାଯାଇ ପାରିବ ସେନେଇ ସେବାୟତଙ୍କ ସହ ଆଲୋଚନା ସହ ଦିଆଯାଇଛି ବିଭିନ୍ନ ପ୍ରସ୍ତାବ ।ଦର୍ଶନ ପାଇଁ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ କୁ ଷ୍ଟ୍ରିମ୍ ଲାଇନ କରିବାକୁ ହୋଇଛି ଯୋଜନା । ଦର୍ଶନ ବ୍ୟବସ୍ଥାରେ ସୁଧାର ପାଇଁ ଏକାଧିକ ପ୍ରସ୍ତାବ ଦେଇଛନ୍ତି ଦଇତାପତି ସେବାୟତ ।ଗର୍ଭ ଗୃହରେ ଶୃଙ୍ଖଳିତ ଦର୍ଶନ ସହ ଟିକେଟ ଭିଡକୁ ଆଉଏଡ କରିବାକୁ ଦିଆଯାଇଛି ପ୍ରସ୍ତାବ ।ଆଗୁଆ ଟିକେଟ ବିକ୍ରି ସହ ତିନି ଚାରି ଜାଗାରେ କାଉଣ୍ଟର ବଦଳରେ ଗୋଟିଏ ଜାଗାରେ ଟିକେଟ କାଉଣ୍ଟର କରିବାକୁ ପ୍ରସ୍ତାବ ଦିଆଯାଇଛି ।ଏନେଇ ମଧ ଆଗୁଆ ସୂଚନା ଦିଆଯିବା ସହ କିଭଳି ଟିକେଟ ଦର୍ଶନ ଓ ସାଧାରଣ ଦର୍ଶନ ଲାଇନ୍ କୁ ଅଲଗା କରାଯାଇ ପାରିବ ସେନେଇ କରାଯାଇଛି ସମୀକ୍ଷା ।

### ଅସ୍ତରଙ୍ଗରେ ଇକୋ ମଡେଲ ମେଳା

## ଛାତ୍ରଛାତ୍ରୀଙ୍କ ପାରମ୍ପରିକ ଖାଦ୍ୟଶସ୍ୟ ପ୍ରଦର୍ଶନୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପାରମ୍ପରିକ ଖାଦ୍ୟ ପଦାର୍ଥ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଦିନ ଇକୋ କ୍ଲବ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ପ୍ରାଣୀ ଜଗତ, ଉଦ୍ଭିଦ ତଥା ଜୈବ ମଣ୍ଡଳ ସହ ଜଡିତ ବିଭିନ୍ନ ଲୁପ୍ତପ୍ରାୟ ଗୁଳ୍ମଲତା, ଔଷଧୀୟ ବୃକ୍ଷ ଓ ଖାଦ୍ୟ ସାମଗ୍ରୀକୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଏହି ପ୍ରଦର୍ଶନୀ ମେଳାକୁ ଅସ୍ତରଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ମଣ୍ଡଳ ଶିକ୍ଷାଅଧିକାରୀ ଶତ୍ରୁଘ୍ନ ବେହେରା, ମୁଖ୍ୟବକ୍ତା ସହ ଶିକ୍ଷାଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ସମ୍ମାନିତ ଅତିଥି ଅଧାପିକା ସ୍ୱାଗତିକା ପରିଡା, ରଶ୍ମିରେଖା ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଇକୋ କ୍ଲବ ପ୍ରଦର୍ଶନୀରେ ବ୍ଲକର ୧୭ ବିଦ୍ୟାଳୟର ୩୪ ପ୍ରକଳ୍ପରେ ୫୫ଜଣ ପ୍ରକଳ୍ପଧାରୀ ଅଂଶଗ୍ରହଣ କରିଥିଲେ। ଆୟୋଜିତ ପ୍ରଦର୍ଶନୀରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ଓ ଜଙ୍ଗଲୀ ଫଳଫୁଲ ପ୍ରଦର୍ଶନ କରାଯାଇଥିଲା। ଜଙ୍ଗଲରେ ଏଭଳି ଅନେକ ଫୁଲ ଫଳ ରହିଛି ଯାହା ମାନବ ଶରୀର ପାଇଁ ଯଥେଷ୍ଟ ଆବଶ୍ୟକତା ରହିଛି। ପୂର୍ବ ସମୟରେ ଆୟୁର୍ବେଦ ଓ ଘରୋଇ ଚିକିତ୍ସାରେ ଏହାର ବହୁଳ ଉପଯୋଗ ହେଉଥିବା ବେଳେ ବର୍ତ୍ତମାନ ଏ ସବୁ ଔଷଧୀୟ ବୃକ୍ଷଲତା ମାନବ ସମାଜ ପାଇଁ ଅଲୋଡ଼ା ହୋଇଯାଇଛି ବୋଲି ଅତିଥି ମତ ଦେଇଥିଲେ। ଜୈବ ମଣ୍ଡଳରେ ସହନୀୟ ବିକାଶକୁ ନେଇ ଏହି ପ୍ରଦର୍ଶନୀରେ ମୁଖ୍ୟ ଆକର୍ଷଣ ରହିଥିଲା ମଣିଷ ସମାଜର ସର୍ବପ୍ରାଚୀନ ଖାଦ୍ୟ ଶସ୍ୟ । ପ୍ରଦର୍ଶନୀର ଅନ୍ୟ ମୁଖ୍ୟ ଆକର୍ଷଣ ପାଲଟିଥିଲା ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଖାଦ୍ୟ । ମାଣ୍ଡିଆରୁ ପ୍ରସ୍ତୁତ ଲଡୁ, କେକ, କାକରା, ଆରିସା ଭଳି ଅନେକ ସୁସ୍ୱାଦୁ ପାରମ୍ପରିକ ଖାଦ୍ୟ ସମସ୍ତଙ୍କୁ ବେଶ ପସନ୍ଦ ଆସିଥିଲା ।।ଏହା ସହ ଅନ୍ୟ ଥିମ ଗୁଡିକ ମଧ୍ୟରେ ଶକ୍ତି ସଂରକ୍ଷଣ, ଜଳ ସଂରକ୍ଷଣ, ସମ୍ବରଣ ଆଦି ପ୍ରକଳ୍ପ ଗୁଡିକ ସ୍ଥାନ ପାଇଥିଲା। ବ୍ଲକସ୍ତରୀୟ କୃତି ପ୍ରତିଯୋଗୀଙ୍କୁ ଜିଲ୍ଲାସ୍ତରୀୟ ପାଇଁ ମନୋନୀତ କରାଯାଇଥିଲା। ଅସ୍ତରଙ୍ଗ ବ୍ଲକରେ ଇକୋ କ୍ଲବ ପକ୍ଷରୁ ଜୈବମଣ୍ଡଳ ସହିତ ଜଡିତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ଭଳି ଅଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବାରୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

### ବିକଶିତ ଗାଁ ବିକଶିତ ଓଡ଼ିଶାର ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ ଉତ୍ସବ

## 'ଗାଁ ବିନା ବିକାଶ ରଥ ଗଡ଼ିବା ଅସମ୍ଭବ'



ଭଦ୍ରକ(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ନୂତନ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆଭାସି ଜରିଆରେ ପ୍ରଦର୍ଶନ ପୂର୍ବକ ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋପାଳଜୀଉ ମଠ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ରଜ୍ୱଳନ ପୂର୍ବକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଭାସ୍କର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ। ୫ ହଜାର କୋଟି ଟଙ୍କାର ବ୍ୟୟବରାଦ ନେଇ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଆଭିମୁଖ୍ୟ, କାର୍ଯ୍ୟାନ୍ୱୟନ, ବିକାଶରେ ଜନ ଭାଗିଦାରୀତା ଆଦି ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରିଥିଲେ। ଗାଁର ବିକାଶ ବିନା ରାଜ୍ୟ, ଦେଶର ବିକାଶ ସମ୍ଭବ ନୁହେଁ ଏବଂ ଜନଭାଗିଦାରୀ ବିନା ବିକାଶ ମଧ ସମ୍ଭବ ନୁହେଁ ବୋଲି ମୁଖ୍ୟଅତିଥି ମନ୍ତ୍ରୀ ପ୍ରକାଶ କରିଥିଲେ। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଏହି ଯୋଜନାରେ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆଭ୍ୟନ୍ତରୀଣ ଓ ଆନ୍ତଃଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖାଯାଇଥିବା ଉଲ୍ଲେଖ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ, ଜନ ପ୍ରତିନିଧି, ଗଣମାଧମ ପ୍ରତିନିଧି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭଦ୍ରକ ବି.ଡି.ଓ. ରଶ୍ମି ରଞ୍ଜନ ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ।

## ମାଲକାନଗିରି ଜିଲ୍ଲା ଜଳଛାୟା ପ୍ରକଳ୍ପ ଉପନିର୍ଦ୍ଦେଶକଙ୍କ ସହ ୫ ଜଣଙ୍କୁ ଗିରଫ କଲା ଭିଜିଲାନ୍ସ ଟିମ୍

ମାଲକାନଗିରି(ଭାସ୍କର ନ୍ୟୁଜ): ଭିଜିଲାନ୍ସ ଚଢାଉ ବେଳେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସହ ବହୁ ସମ୍ପତି ଜବତ ପରେ ମାଲକାନଗିରି ଜିଲ୍ଲା ଜଳଛାୟା ପ୍ରକଳ୍ପ ଉପନିର୍ଦ୍ଦେଶକଙ୍କ ସହ ମୋଟ ୫ ଜଣ ଗିରଫ ହୋଇଛନ୍ତି । ୨ ଦିନର ଲଗାତାର ତଦନ୍ତ ବେଳେ ଭିଜିଲାନ୍ସ ବିଭାଗ ଜଳଛାୟା ପ୍ରକଳ୍ପ ଉପନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ରଙ୍କ ଠାରୁ ୨ କୋଟି ନଗଦ ଟଙ୍କା ସହ ସହଯୋଗୀଙ୍କଠାରୁ ୬ ଲକ୍ଷରୁ ଅଧିକ ଟଙ୍କା ଜବତ କରିଥିଲେ। ଶାନ୍ତନୁଙ୍କ ୭ଟି ଠିକଣାରେ ଭିଜିଲାନ୍ସ ଚଢ଼ାଉ କରିଥିବା ବେଳେ ମୋଟ ୪ ଟି ଦାମୀ ପ୍ଲଟ୍ ସହ ୪୨୨ ଗ୍ରାମ ସୁନା, ୯୧ ଲକ୍ଷର ବ୍ୟାଙ୍କ ଡିପୋଜିଟ, ଗୋଟିଏ ଚାରି ଚକିଆ ଗାଡ଼ି, ୨ଟି ଦୁଇଚକିଆ ଗାଡ଼ି, ୨୯ ଲକ୍ଷରୁ ଅଧିକ ଟଙ୍କାର ଘର କରଣା ସାମଗ୍ରୀ ଠାବ କରିଛି ଭିଜିଲାନ୍ସ। ମାମଲାରେ ଶାନ୍ତନୁଙ୍କ ସହ ମାଲକାନଗିରି କୃଷି ବିଭାଗର ସହକାରୀ ଯନ୍ତ୍ରୀ ମୋହନ ମଣ୍ଡଳ, ଡାଟା ଏଣ୍ଟ୍ରି ଅପରେଟର ବିଶ୍ୱଜିତ ମଣ୍ଡଳ, ଚୁକ୍ତି ଭିତିକ କର୍ମଚାରୀ ଅମୀୟ କାନ୍ତ ସାହୁ ଏବଂ ଜନସେବା କେନ୍ଦ୍ର କର୍ମଚାରୀ ଅଲେଖ ଚନ୍ଦ୍ର ପ୍ରଧାନଙ୍କୁ ଭିଜିଲାନ୍ସ ଗିରଫ କରିଛି। ତେବେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଗ୍ରାମର ଅଲେଖ ଚନ୍ଦ୍ର ପ୍ରଧାନ ଙ୍କ ଏକ ଜନସେବା କେନ୍ଦ୍ର ଥିବା ବେଳେ ସେ ଶାନ୍ତନୁ ଙ୍କ ପାଇଁ ମଧ୍ୟସ୍ଥତା ଭାବେ କାର୍ଯ୍ୟ କରି ଅର୍ଥ କାରବାର କରାଉଥିବାରୁ ତାଙ୍କୁ ଗିରଫ କରାଯାଇଛି। ଡିଇଓ ବିଶ୍ୱଜିତ ମଣ୍ଡଳ ଓ କଣ୍ଟ୍ରାକ୍ଟୁଆଲ ଷ୍ଟାଫ୍ ଅମୀୟକାନ୍ତ ସାହୁଙ୍କ ଘରୁ ଶତାଧିକ ବ୍ୟାଙ୍କ ପାସବୁକ୍ ଜବତ ହୋଇଥିବା ବେଳେ ଏସବୁ କିଛି ଶ୍ରମିକଙ୍କ ନାମରେ ରହିଛି। ଏହା ସହ ଭିଜିଲାନ୍ସ ବିଭାଗ ଜିଲ୍ଲା ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟରୁ କିଛି ଫାଇଲ ମଧ ସିଜ କରିଥିବା ଜଣାପଡିଛି। ସମସ୍ତ ୫ ଜଣଙ୍କୁ ଗିରଫ ପରେ ଭିଜିଲାନ୍ସ ବିଭାଗ ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

## ଖାଲରେ ପଡ଼ି ମାଈହାତୀର ମୃତ

ଭଂଜନଗର(ଭାସ୍କର ନ୍ୟୁଜ): ଜଙ୍ଗଲ ଭିତରେ ମାଟିଖାଲକୁ ଖସିପଡ଼ି ଏକ ମାଈ ହାତୀ ମୃତ୍ୟୁବରଣ କରିଛି । ସୂଚନାଯୋଗ୍ୟ ଯେ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଜଗନ୍ନାଥପ୍ରସାଦ ସେକ୍ସନର ବନ୍ତା ବିଟ୍ ଅନ୍ତର୍ଗତ ଜଙ୍ଗଲରେ ଘଟିଛି ଏଭଳି ଘଟଣା । ହାତୀଟିର ବୟସ ଅଧିକ ହୋଇଥିବାରୁ ମାଟି ଖାଲରେ ଖସି ପଡ଼ି ସେଥିରୁ ବାହାରି ନପାରି ତାହାର ମୃତ୍ୟୁ ହୋଇଥିବା ଅନୁମାନ କରୁଛି ବନବିଭାଗ । ଅନ୍ୟପକ୍ଷରେ ନୟାଗଡ଼ ବନଖଣ୍ଡ ଏବଂ ଭଂଜନଗର ଉତ୍ତର ଘୁମୁସର ବନଖଣ୍ଡ ସୀମାନ୍ତ ଅଞ୍ଚଳରେ ଏହି ଘଟଣା ହୋଇଥିବାରୁ ହାତୀଟି ଅନ୍ୟ ବନଖଣ୍ଡରୁ ଆସିଥିବା ପ୍ରାଥମିକ ପର୍ଯ୍ୟାୟରେ ଅନୁମାନ କରିଛି ବନ ବିଭାଗ । ତେବେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ଅନୁଧାନ କରିଛନ୍ତି । ଶନିବାର ଦିନ ମୃତ ହାତୀର ବ୍ୟବଚ୍ଛେଦ କରାଯିବ ବୋଲି ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି ।

## ବିବାଦ ଘେରରେ ଗରଦପୁର ବ୍ଲକ୍ ବିଡିଓ



ଗରଦପୁର(ଭାସ୍କର ନ୍ୟୁଜ୍): ଗରଦପୁର ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଆଲୋକ କୁମାର ସେଠୀ ଏବେ ବିବାଦ ଘେରରେ। ଘରେ ନ ପସୁଣୁ ଚାଳ ବାଜିବା ପରି ସାମ୍ବିଧାନିକ ବ୍ୟବସ୍ଥାକୁ ଅବମାନନା କରି ପବିତ୍ର ପଞ୍ଚାୟତ ସମିତିର ସମ୍ମିଳନି କକ୍ଷରେ ଆଜି ବିଜେପି ଦଳୀୟ କର୍ମୀ ମାନଙ୍କୁ ନେଇ ଏକ ବୈଠକ କରିବା ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗରଦପୁର ବିଡିଓ ଆଲୋକ ସେଠୀଙ୍କ ଏତାଦୃଶ କାର୍ଯ୍ୟଙ୍କୁ ସ୍ଥାନୀୟ ବୁଦ୍ଧିଜୀବି, ରାଜନୈତିକ ସମିକ୍ଷକ ମାନେ ନାପସନ୍ଦ କରିଥିବା ବେଳେ ଏହା ସରକାରୀ କାର୍ଯ୍ୟାଳୟ ନା ଭାଜପାର ଦଳୀୟ କାର୍ଯ୍ୟାଳୟ ବୋଲି ପ୍ରଶ୍ନ କରିଛନ୍ତି। ବିଡିଓ ମହୋଦୟ ଗରଦପୁର ବ୍ଲକ୍‌କୁ ଆସିବାର ମାତ୍ର ଏକ ସପ୍ତାହ ନ ପୁରୁଣୁ ଆଜିର ଘଟଣାକୁ ନେଇ ଖୋଦ ବିବାଦ ମଧ୍ୟକୁ ଟାଣି ହୋଇଯିବା ଆଗାମୀ ଦିନରେ ଗରଦପୁର ବ୍ଲକ୍‌ରେ ରାଜନୈତିକ ଉଷ୍ମତା ଯେ ବୃଦ୍ଧି ହେବାକୁ ଯାଉଛି ଏହା ସ୍ପଷ୍ଟ ଭାବେ ଜଣାପଡୁଛି।

## ସୀମାନ୍ତରେ ସରପଞ୍ଚ ପ୍ରାର୍ଥୀଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ମାଓବାଦୀ ମାନେ ଜଣେ ସରପଞ୍ଚ ପ୍ରାର୍ଥୀଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ଛତିଶଗଡରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଥିବା ବେଳେ ମାଓବାଦୀ ମାନେ ଏହି ନିର୍ବାଚନକୁ ବିରୋଧ କରି ତୁମୂଳକାଣ୍ଡ ଭିଆଇବାରେ ଲାଗିଛନ୍ତି। ଏହି କ୍ରମରେ ଗତ କିଛିଦିନ ମଧ୍ୟରେ ମାଓବାଦୀ ମାନେ ୪ ଜଣଙ୍କୁ ହତ୍ୟା କରିଥିବା ବେଳେ ଆଜି ପୁଣି ଜଣଙ୍କୁ ହତ୍ୟା କରିଛନ୍ତି। ଛତିଶଗଡର ଅରନପୁର ଥାନା ଅଞ୍ଚଳରେ ସରପଞ୍ଚ ପ୍ରାର୍ଥୀ ଭାବେ ଯୋଗା ବାରକ୍ଷେ ନାମକ ବ୍ୟକ୍ତି ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ତାଙ୍କୁ ଧାରୁଆ ଅସ୍ତ୍ରରେ ଗଳା କାଟି ହତ୍ୟା କରିଛନ୍ତି ମାଓବାଦୀ। ଯୋଗାଙ୍କୁ ଘରୁ ଟାଣି ଆଣି ଗାଁ ଦାଣ୍ଡରେ ହତ୍ୟା କରିଥିବା ବେଳେ ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଏହି ଘଟଣା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରି ଅପରେସନକୁ ଜୋରଦାର କରାଯାଇଛି।

## ଟ୍ରଷ୍ଟ ପରିଚାଳନା ଓ ପୋଲିସ୍ ସହାୟତାରେ ନବଗ୍ରହ ଯଜ୍ଞ ଶେଷ

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ କୋହ୍ଲ ସ୍ଥିତ ଶ୍ରୀନବଗ୍ରହ ଠାକୁର ବିଶ୍ୱଶାନ୍ତି ମହାଯଜ୍ଞ ଓଡ଼ିଶା ସରକାର ହିନ୍ଦୁ ଦେବୋତ୍ତର ବିଭାଗ ପରିଚାଳିତ ଶ୍ରୀ ନବଗ୍ରହ ଠାକୁର ଟ୍ରଷ୍ଟ ପରିଚାଳନା ଓ ପୁଲିସ ସହାୟତାରେ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଛି। ଚଳିତବର୍ଷ ପ୍ରଥମ କରି ଟ୍ରଷ୍ଟ ପରିଚାଳନାରେ ଯଜ୍ଞ କାର୍ଯ୍ୟ ସମାପନ ହୋଇଛି। ମାଘ ସପ୍ତମୀରୁ ଯଜ୍ଞ ଆରମ୍ଭ ହୋଇ ନବମୀରେ ପୂର୍ଣ୍ଣାହୂତି ହୋଇଥିଲା। ସପ୍ତମୀ ଦିନ କଳସ ବୁଡ଼ା କାର୍ଯ୍ୟ ସମାପନ ପରେ ଅଷ୍ଟମୀରେ ଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାର ନବମୀରେ ପୂର୍ଣ୍ଣାହୂତି ହୋଇଥିଲା। ଏହି ପୂର୍ଣ୍ଣାହୂତି ପାଇଁ ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାତି ୧୦ଟାରେ ପୂର୍ଣ୍ଣାହୂତି କାର୍ଯ୍ୟ ଶେଷ ହୋଇଥିଲା। ମନ୍ଦିର ପରିସର ମଧ୍ୟରେ ବିଭିନ୍ନ ଦୋକାନ ବଜାର ଲାଗିଥିଲା। ଟ୍ରଷ୍ଟ ପକ୍ଷରୁ ଭକ୍ତମାନଙ୍କ ପାଇଁ ପାନୀୟଜଳ, ସ୍ୱାସ୍ଥ୍ୟସେବା, ଦମକଳ ବାହିନୀ ଇତ୍ୟାଦିର ସୁବ୍ୟବସ୍ଥା କରାଯାଇଥିଲ। ପଣ୍ଡିତ ଗଙ୍ଗାଧର ନାୟକ, ଲକ୍ଷ୍ମୀଧର ନାୟକ, ନୀଳାମ୍ବର ନାୟକ, ଶ୍ରୀଧର ନାୟକ, ମାନସ ଗ୍ରହାଚାର୍ଯ୍ୟ ଯଜ୍ଞକାର୍ଯ୍ୟ ତୁଲାଇଥିବା ବେଳେ ମନ୍ଦିରର ପୂଜକ ବିଷ୍ଣୁମୋହନ ଗ୍ରହାଚାର୍ଯ୍ୟ, ନୃସିଂହ ଗ୍ରହାଚାର୍ଯ୍ୟ, ଭାଗିରଥି ଗ୍ରହାଚାର୍ଯ୍ୟ, ପ୍ରମୁଖ ସହଯୋଗ କରିଥିଲେ। ମୁଖ୍ୟ ଟ୍ରଷ୍ଟୀ ପ୍ରଭାତ କୁମାର ରାଉଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟ୍ରଷ୍ଟୀ ବସନ୍ତ କୁମାର ଦାସ, ଜୟପ୍ରକାଶ ପତି, ପୀତାମ୍ବର ସେଠୀ, ଅଭିମନ୍ୟୁ ବହଳୀ, ସନ୍ଧ୍ୟାରାଣୀ ମହାପାତ୍ର, ସୀତାରାମ ଓଁକାରନାଥ ମିଶ୍ର ଓ ଗୌରୀଶଙ୍କର ଗ୍ରହାଚାର୍ଯ୍ୟଙ୍କ ସମେତ ଶିବ ପ୍ରସାଦ ଗ୍ରହାଚାର୍ଯ୍ୟ, କୋହ୍ଲର ବିପଦବନ୍ଧୁ ସେବା ସଂଗଠନର ସମସ୍ତ ସଦସ୍ୟ ଓ ଟ୍ରଷ୍ଟର ସାଧାରଣ ସଦସ୍ୟମାନେ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ। ଏହି ଯଜ୍ଞ ଶାନ୍ତିଶୃଙ୍ଖଳା ସହ ହେବା ପାଇଁ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲା ଏସପି ମଡ଼କର ସନ୍ଦୀପ ସମ୍ପତ, ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ଥାନା ଆଇଆଇସି ଇନ୍‌ଚାର୍ଜ ଅରୁନ୍ଧତୀ ବେହେରା ପ୍ରମୁଖଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ପ୍ରବୀଣ ଗିରି, ପାର୍ଥ ବେହେରା, ଏଏସଆଇ କୁମୁଦିନୀ ବେହେରା, ଚାନ୍ଦିନୀ ସ୍ୱାଇଁ, ପ୍ରକାଶ ନାୟକ, ହାବିଲଦାର ନକୁଳ ସେନାପତି ପ୍ରମୁଖଙ୍କ ସମେତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପୁଲିସ ପ୍ରଶାସନର ସହଯୋଗ ପାଇଁ ଟ୍ରଷ୍ଟ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




କେନ୍ଦୁଝର(ଭାସ୍କର ନ୍ୟୁଜ): ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ କୁମାର ଧଳଙ୍କ ସଭାପତିତ୍ୱରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ପାଠପଢାରେ ମନୋନିବେଶ କରି ନିଜକୁ ସମାଜରେ ପ୍ରତିଷ୍ଠା କରିବା ସହ ଦେଶ ପାଇଁ କାମ କରିବାକୁ କହିଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ତେଣୁ ବର୍ତ୍ତମାନର ଛାତ୍ରଛାତ୍ରୀ କର୍ତ୍ତବ୍ୟନିଷ୍ଠ ହୋଇ ପାଠ ପଢିଲେ ଭଲ ମଣିଷ ହୋଇପାରିବେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ମୁଖ୍ୟାଳୟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ ସାମନ୍ତ ସିଂହାର ଉତ୍ତମ ଛାତ୍ର ଗଠନରେ ଏକ ଆଦର୍ଶ ବିଦ୍ୟାଳୟ ଶ୍ରେଷ୍ଠ କାରଖାନା ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ। ସମ୍ମାନିତ ଅତିଥି ଭାବେ କାଦକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ଆଇଚ, ଶୁଆକାଟୀ ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ଦାସ, ଶୁଆକାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ସାମଲ, ଗୋନାସିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତୀର୍ଥାନନ୍ଦ ସେଠୀ, ବାଂଶପାଳ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଅନୁରାଗ ବରାଳ ଓ ବାଂଶପାଳ ବ୍ଲକ ଆସ୍ୱାୟାର ଶିକ୍ଷଣ ସଂଯୋଜକ ଦେବାଙ୍ଗ ବିଭାର ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ହିଁ ସଫଳତାର ଚାବି କାଠି ତଥା ପିତାମାତାଙ୍କୁ ଭକ୍ତି, ମାତୃଭୂମି ଓ ମାତୃଭାଷା ପ୍ରତି ଆଦର ଦ୍ୱାରା ଜଣେ ସୁନାଗରିକ ହୋଇପାରିବ ବୋଲି ମୂଲ୍ୟବାନ ଉପଦେଶ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଦେଶର ସ୍ୱର୍ଣ୍ଣାଭ ଭବିଷ୍ୟତ ଭାବେ ଅବିହିତ କରି ପାଠପଢା ସମୟରେ ଗଭିର ଅଧବସାୟ, ନିଷ୍ଠା ଓ ପ୍ରଚେଷ୍ଟା ଜାରି ରଖିଲେ ଛାତ୍ରୀମାନେ ଭବିଷ୍ୟତରେ ସଫଳ ମଣିଷ ହୋଇପାରିବେ ଅତିଥିମାନେ କହିଥିଲେ। ଶୁଆକାଟୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକାଶ ଶତପଥି ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷୟିତ୍ରୀ ସବିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କାର ବିତରଣ କରାଯାଇଥିଲା। ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନଙ୍କୁ ଛାତ୍ରଛାତ୍ରୀ ଆଦିବାସୀ ନୃତ୍ୟ ସହ ସ୍ୱାଗତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁଜାତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ଶିକ୍ଷକ ଶ୍ରୀକାନ୍ତ ବିଶ୍ୱାଳ, ଶକ୍ତିରଞ୍ଜନ ଜେନା, ଶୁଆକାଟୀ ବାଳିକା ଉଚ୍ଚବିଦ୍ୟାଳୟ ନୃତ୍ୟ ଶିକ୍ଷୟିତ୍ରୀ ସୁନିତା ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଧାନସଭା ଅନୁସୂଚିତ ଜାତି ଓ ଜନଜାତି ଷ୍ଟାଣ୍ଡିଂ କମିଟିର କୋଷାଗୁମୁଡ଼ା ଗସ୍ତ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ): ଶୁକ୍ରବାର ଦିନ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତିର ଏକ ପାଞ୍ଚ ଜଣିଆ ଷ୍ଟାଣ୍ଡିଙ୍ଗ କମିଟି ଆଜି କୋଷାଗୁମୁଡ଼ା ବ୍ଲକର ବଡ଼ ଆମ୍ବଡା ଏସ.ଏସ.ଡି. ବିଦ୍ୟାଳୟ ଓ କେରାଣ୍ଡିମାଳ ଏସଏସଡି ବିଦ୍ୟାଳୟକୁ ଗସ୍ତ କରିଥିଲେ । ଏହି କମିଟିର ଅଦକ୍ଷ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କ ସମେତ ମାଲକାନଗିରି ଓ କୋରାପୁଟ ବିଧାୟକ ମିଶି ପ୍ରଥମେ ବଡ଼ ଆମ୍ବଡା ଏସଏସଡି ବିଦ୍ୟାଳୟକୁ ଯାଇଥିଲେ ଓ ପରେ କେରାଣ୍ଡିମାଳ ଏସ ଏସଡି ବିଦ୍ୟାଳୟକୁ ଯାଇ ପାଠପଢା, ଖାଦ୍ୟ ପାନୀୟ, ଅନ୍ତେବାସୀଙ୍କ ସହ କଥାବାର୍ତ୍ତା ସହ ଦୁଇଟି ବିଦ୍ୟାଳୟର ପାଚେରୀ, ଶ୍ରେଣୀ ଗୃହକୁ ନେଇ ବିରକ୍ତ ହେବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗଣିତ ଓ ଇଂରାଜୀ ପାଠ୍ୟ ଉପରେ ପ୍ରଶ୍ନ ପଚାରିଥିଲେ । ଛାତ୍ରଛାତ୍ରୀ ଅତି ସରଳ ପ୍ରଶ୍ନର ଉତ୍ତର ନ ଦେବା କୁନେଇ ଗଣିତ ଶିକ୍ଷକ ଓ ଇଂରାଜୀ ଶିକ୍ଷକମାନଙ୍କୁ ସୋକୋଜ ନୋଟିସ ସହ ଦରମା ବନ୍ଦ କରିବା ପାଇଁ କହିଛନ୍ତି ଷ୍ଟାଣ୍ଡିଙ୍ଗ କମିଟି । ଏହିପରିପ୍ରେକ୍ଷୀରେ ସ୍ଥାନୀୟ ବିଡିଓ ଆଶିଷ ତ୍ରିପାଠୀ, ବିଇଓ ସୁପ୍ରିୟା ନାୟକ, ଏବିଇଓ ଦିଗାମ୍ବର ହରିଜନ,ଡବ୍ଲୁଓ- ରଞ୍ଜନ ମହାନନ୍ଦଙ୍କ ସହ ଡି.ଡବ୍ଲୁଓ-ନବରଙ୍ଗପୁର, ଡିଏଲ ଓ ନବରଙ୍ଗପୁର, ସିଡିଏ-ନବରଙ୍ଗପୁର, ପିଏ-ଆଇଟିଡିଏ-ନବରଙ୍ଗପୁରଙ୍କ ସହ ଭୁବନେଶ୍ୱରରୁ ଷ୍ଟାଣ୍ଡିଙ୍ଗ କମିଟି ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଗାନ୍ଧିଛକ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ 'ଆରଙ୍ଗମ୍'

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଗାନ୍ଧିଛକ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ 'ଆରଙ୍ଗମ୍' ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟକ ଭାବେ କଟକ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ସଭାପତି ଓ ଆଥଲେଟିକ୍ ଫେଡେରେସନ୍ ଅଫ ଇଣ୍ଡିଆର ଯୁଗ୍ମ ସମ୍ପାଦକ ତଥା ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲ୍ସର ଚେୟାରମ୍ୟାନ୍ କମ୍ ମ୍ୟାନେଜିଙ୍ଗ ଡାଇରେକ୍ଟର ଡଃ. ଜି.ଶ୍ରୀନିବାସ ପଟ୍ଟନାୟକ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଚୌଦ୍ୱାର ପୌରଉପାଧକ୍ଷ ତଥା ଓଡ଼ିଶା ମ୍ୟୁନିସିପାଲ କାଉନ୍‌ସିଲ ଫେଡେରେସନ୍‌ର ସାଙ୍ଗଠନିକ ସମ୍ପାଦକ ଶୁଭେନ୍ଦୁ ସାମଲ, ଚୌଦ୍ୱାରର ବରିଷ୍ଠ ସମାଜସେବୀ ବୈକୁଣ୍ଠନାଥ ପୃଷ୍ଟି, ଚାନ୍ଦବାଲି ବିଡ଼ିଓ ସଞ୍ଜୀବ କୁମାର ମହାପାତ୍ର, ସ୍କୁଲର ମ୍ୟାନେଜର ତଥା ଚୌଦ୍ୱାରର ବରିଷ୍ଠ କାଉନ୍‌ସିଲର ସୁବ୍ରତ କୁମାର ସାମଲ, ସେଣ୍ଟ ଜାଭିୟର ବାରବାଟୀର ପ୍ରିନ୍ସିପାଲ ଡଃ ପ୍ରିୟଦର୍ଶୀ ନାୟକ, କ୍ରିଷ୍ଣାମୂର୍ତ୍ତି ୱାଲର୍ଡ ସ୍କୁଲ ବାରବାଟୀର ପ୍ରିନ୍ସିପାଲ ମନୋଜ ମେନନ ପ୍ରମୁଖ ଉପସ୍ଥିତ ରହି ସ୍କୁଲର ମୁଖପତ୍ର ଦର୍ପଣକୁ ଲୋକାର୍ପିତ କରିଥିଲେ । ବିଦ୍ୟାଳୟର ଏକାଡେମିକ୍ କୋଅର୍ଡ଼ିନେଟର ଅପରାଜିତା ମହାପାତ୍ର ଓ ଆଡମିନିଷ୍ଟ୍ରେଟର ଦିଗ୍‌ବିଜୟ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନେକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା । ପ୍ଲେ ଶ୍ରେଣୀର ଛୋଟ ଛୋଟ ଶିଶୁ ଓ ସେମାନଙ୍କ ମା'ମାନଙ୍କ ଦ୍ୱାରା ଆୟୋଜିତ ଏକ ନୃତ୍ୟ କାର୍ଯ୍ୟକ୍ରମ ବେଶ୍ ମନୋମୁଗ୍ଧକର ଥିଲା । ଶ୍ରେଣୀରେ ଇଂରାଜୀ ପାଠ୍ୟକ୍ରମ ବ୍ୟତୀତ ମାତୃଭାଷାକୁ ଗୁରୁତ୍ୱ ଦେବା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଫିସ୍ କର୍ମଚାରୀମାନେ ବିଦ୍ୟାଳୟ ପରିସର ମଧ୍ୟରେ ଇଂରାଜୀରେ କଥାବାର୍ତ୍ତା ହେବା ପାଇଁ ଉଦ୍‌ଘାଟକ




ଡଃ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ପିତାମାତା ମଧ ଘରେ ପିଲାଙ୍କ ସହ ଇଂରାଜୀରେ କଥାବାର୍ତ୍ତା କଲେ ସେମାନଙ୍କ ଦକ୍ଷତା ବିକାଶ ହେବ ବୋଲି ପ୍ରକାଶ କରିଥିଲେ । ଆଗାମୀ ଦିନରେ ଚୌଦ୍ୱାରରେ ନିଜସ୍ୱ ଜମିରେ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ସହିତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ମଧ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପଢୁଥିବା ୪୦୦ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଭିଭାବକ, ଜାଭିୟର କର୍ପୋରେଟ୍ ଅଫିସ୍‌ର ସର୍ବେଶ୍ୱର ପାସା, ସୁବ୍ରତ ଜେନା, ସୁଶାନ୍ତ ସାମଲ, ସ୍ନେହା ବେବର୍ତ୍ତା, ଗୋପାଳ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଲାଇ ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରୀନା ବେହେରା ଧନ୍ୟବାଦ ଅର୍ପଣ କରିବା ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଠାକୁରଙ୍କ ଜମିରେ ଘର ନିର୍ମାଣ: ତଦନ୍ତ ଆଦେଶ ଦେଲେ ଉପ ଜିଲ୍ଲାପାଳ

କେନ୍ଦୁଝର(ଭାସ୍କର ନ୍ୟୁଜ): ସଦର ତହସିଲ ଅନ୍ତର୍ଗତ ସାତସିଙ୍ଗା ମୌଜାରେ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ବେଆଇନ ଘର ନିର୍ମାଣ ହେଉଥିବା ନେଇ ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସାତସିଙ୍ଗା ମୌଜାର ଖାତା ନମ୍ବର ୮୬/୧ ପ୍ଲଟ ନମ୍ବର ୩୪୬ରେ ଥିବା ଠାକୁଚରଙ୍କ ଜମିରେ ବେଆଇନ ଘର ନିର୍ମାଣ ହେଉଛି। ଏ ନେଇ ଅଭିଯୋଗ ହେବା ପରେ ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ତଥା ସଦର ଉପ ଜିଲ୍ଲାପାଳ ଉମାଶଙ୍କର ଦଳେଇ ତଦନ୍ତ ଆଦେଶ କରିଛନ୍ତି। ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଦଳେଇ ସୂଚନା ଦେଇଛନ୍ତି। କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ କୋଟି କୋଟି ଟଙ୍କା ମୂଲ୍ୟର ମୂଲ୍ୟବାନ ଜମି ଜବର ଦଖଲ ହେଉଛି। ଦେବୋତ୍ତର ବିଭାଗ ଜାଣି ନ ଜାଣିଲା ପରି ଚୁପ୍ ବସୁଥିବାରୁ ବଡବଡିଆମାନେ ନିଜ କବ୍‌ଜାକୁ ଠାକୁରଙ୍କ ଜମି ଅକ୍ତିଆର କରି ଘର, ମାର୍କେଟ କଂପ୍ଲେକ୍ସ ନିର୍ମାଣ କରୁଛନ୍ତି। ଦେବୋତ୍ତର ଜମିରେ ଘର କରିବା ପରେ ବିଦ୍ୟୁତ୍ ବିଭାଗ ଲାଇନ ସଂଯୋଗ ଏବଂ ପିଏଚ୍‌ଡି ବିଭାଗ ପାଣି ସଂଯୋଗ କିପରି ଦେଉଛି ତାହା ତଦନ୍ତ ସାପେକ୍ଷ। ଉକ୍ତ ମୌଜାରେ ବିଭାଗୀୟ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଏହି ଜବର ଦଖଲକାରୀମାନେ ପାଚେରୀ ବୁଲାଇ ଦେବୋତ୍ତର ଜମି ନିଜ ଅକ୍ତିଆରରେ ରଖିଛନ୍ତି। ସହରରେ ଅଧିକାଂଶ ଜାଗାର ସରକାରୀ ମୂଲ୍ୟ ଡ଼େସିମିଲ ପିଛା ୪ଲକ୍ଷରୁ ଉର୍ଦ୍ଧ୍ୱ ଟପିଥିବା ବେଳେ ଦେବୋତ୍ତର ବିଭାଗର ଜବର ଦଖଲକାରୀଙ୍କ ଉପରେ କୌଣସି ଅଙ୍କୁଶ ନାହିଁ। ବିଶେଷ କରି ସାତସିଙ୍ଗା ମୌଜାରେ ଥିବା ମୂଲ୍ୟବାନ ଜାଗା ଗୁଡ଼ିକୁ ଜବର ଦଖଲ କରି ମୌଖିକ ଜବାବରେ ମୂଲଚାଲ କରି ମାଫିଆମାନେ ବିକ୍ରୀବଟା କରିବାକୁ ପଛାଉନାହାନ୍ତି। ନିକଟ ଅତୀତରେ ବଣିଆପାଟ ଛକ ନିକଟ ସାତଶିଙ୍ଗା ମୌଜାରେ ଏକ ମୂଲ୍ୟବାନ ଦେବୋତ୍ତର ଜାଗାରେ ଜଣେ ବ୍ୟକ୍ତି ଘର ତିଆରି କରିବା ପରେ ଉପଜିଲ୍ଲାପାଳ ନିକଟରେ ଗତ ବର୍ଷ ଜୁଲାଇ ମାସରେ ଅଭିଯୋଗ ହୋଇଥିଲା। ତେବେ ବେଆଇନ ଦଖଲକୁ ଉଚ୍ଛେଦ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିବାର ମାସାଧିକ କାଳ ବିତିଯାଇଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଜବୀଦଖଲକାରୀଙ୍କୁ ପ୍ରୋତ୍ସାହନ ମିଳୁଛି। ଦିନ ଥିଲା ଈଶ୍ୱରଙ୍କ ନାମରେ ସମର୍ପିତ କୌଣସି ଦ୍ରବ୍ୟ ଛୁଇଁବାକୁ କେହି ସାହସ କରୁନଥିଲେ। କିନ୍ତୁ ଦିନକୁଦିନ ସମୟ ବଦଳୁଛି । ଏବେ ଦିଅଁଙ୍କ ଦାନ ହୁଣ୍ଡିରୁ ଚୋରି କରିବାକୁ ପଛଉ ନଥିବା ଲୋକେ ଦିଅଁଙ୍କ ଜମି ଜବରଦଖଲ କରି ଏବେ ସହରର ବଡଲୋକି ଦେଖାଉଛନ୍ତି । ଏମିତିକି ସହରର ଅନେକ ଲୋକ ଏହି ବଳଦେବଜୀଉଙ୍କ ଜମିରେ ଘର କରି ଘରଭଡାକୁ ବ୍ୟବସାୟ କରିଛନ୍ତି। ବିନା ଅନୁମତିରେ ଦେବୋତ୍ତର ଜମିରେ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ପ୍ରକାଶ ଯେ, କେନ୍ଦୁଝର ସହର ବଣିଆପାଟ-ଖୁଣ୍ଟାପଡା ମୌଜାରେ ଦେବୋତ୍ତର ଜମିରେ ଜବର ଦଖଲ କରି ବହୁ ବେଆଇନ ଘର ନିର୍ମାଣ ହୋଇଛି। ପ୍ରଶାସନ ପକ୍ଷରୁ ଉକ୍ତ ଜମି ଉଚ୍ଛେଦ କରାଯାଉ ନଥିବାରୁ ଦେବୋତ୍ତର ବିଭାଗର ବ୍ୟାପକ କ୍ଷତି ହେଉଛି। ଏଣୁ ସେ ସବୁ ଠାକୁରଙ୍କ ଜମି ଜବରଦଖଲ ଉଚ୍ଛେଦ କରିବାକୁ ଦାବୀ ହୋଇ ଆସୁଛି। ତେବେ ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରି ମୂଲ୍ୟବାନ ଠାକୁରଙ୍କ ଜମିକୁ ଜବରଦଖଲ ମୁକ୍ତ କରିବା ପରିବର୍ତ୍ତେ ପୌରପାଳିକା ପକ୍ଷରୁ ହୋଲ୍ଡିଂ ନମ୍ବର ଦେଇ ରାସ୍ତା, ଘାଟ, ଡ୍ରେନ, ପାଣି, ବିଦ୍ୟୁତ୍ ଆଦି ସୁବିଧା କରାଯାଇଥିବାରୁ ଜବରଦଖଲ ବଢୁଛି। ଏ ନେଇ ପୂର୍ବରୁ ଦେବୋତ୍ତର ବିଭାଗ ପକ୍ଷରୁ ପୌରପାଳିକାକୁ ତାଗିଦ୍ କରାଯାଇଥିଲେ ମଧ୍ୟ ରାସ୍ତାଘାଟ ନିର୍ମାଣ କରାଯାଉଥିବାରୁ ଅସନ୍ତୋଷ ବଢୁଛି।



ରଘୁନାଥପୁର (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରଣ ଗ୍ରାମରେ ଅଧିଷ୍ଠିତ ପ୍ରସିଦ୍ଧ ଦକ୍ଷୀଣେଶ୍ୱରୀ ପୀଠରେ ମା'ଙ୍କର ପାଞ୍ଚ ଦିନ ବ୍ୟାପୀ ପ୍ରଥମ ଜନ୍ମବାର୍ଷିକୀ ମହାଯଜ୍ଞ ଶୁକ୍ରବାର ମହାସମାରୋହରେ ସମାପିତ ହୋଇଯାଇଛି। ଏହି ଯଜ୍ଞରେ ପ୍ରତାପ ପଟ୍ଟନାୟକ କର୍ତ୍ତା ଓ ନମିତା ପଟ୍ଟନାୟକଙ୍କୁ କର୍ତ୍ତୀଭାବେ କାର୍ଯ୍ୟ କରୁଥିବା ବେଳେ ଅଭିଜ୍ଞ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ଅସମ୍ଭବ ଜନ ସମାଗମକୁ ଦୃଷ୍ଟିରେ ରଖି ଯଜ୍ଞ କମିଟି ପକ୍ଷରୁ ସଭାପତି ଖଗେଶ୍ୱର ଦାଶ, ଗୁରୁ ନାରାୟଣ ମହାନ୍ତି, ରୁନୁ କିଶୋର ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, ଗୌତମ ପାଲିତ, କାର୍ଯ୍ୟନିର୍ବାହୀ ଅଧିକାରୀ ବ୍ରଜକିଶୋର ପଟ୍ଟନାୟକ,ତ୍ରିଲୋଚନ ମହାପାତ୍ର, ଜଗଦୀଶ ପଟ୍ଟନାୟକ ପ୍ରମୁଖ ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ନେଇଥିଲେ। ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ଯଜ୍ଞରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ଉଦଯାପନୀରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଗୁଆଲିପୁର ସରପଂଚ ମନୋଜିନୀ ସାହୁ, ଅଭିନୟ ସାହୁ,ପୁରଣ ଓଡ଼ପଡ଼ା ସରପଂଚ ଶିବରାମ ସାହୁ,ରାଖାଲ ରାଉତ,ଭଗବାନ ସ୍ୱାଇଁ ପ୍ରମୁଖ ତିନି ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁମାନେ ଯୋଗ ଦେଇ ମା'ଙ୍କର ଆଶିର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ବିଦ୍ୟାଧର ମହାନ୍ତି, ପ୍ରତାପ ମହାନ୍ତି,ସଂଜୟ ମହାରଣା, ରତିକାନ୍ତ ମହାପାତ୍ର,ଶ୍ରୀଧର ସାହୁ, ନାରାୟଣ ବେହେରା, ଜଗନ୍ନାଥ ମହାନ୍ତି,ଉମେଶ ସ୍ୱାଇଁ,ସୂର୍ଯ୍ୟକାନ୍ତ ପଟ୍ଟନାୟକ, ଦୁର୍ଗା ପ୍ରସାଦ ଦାସ, ସଂଜୟ ବାରିକ,ତ୍ରିଲୋକରାଜ ଦାଶ, ସୋମେସ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ: ଜରାସିଙ୍ଗା ଚାମ୍ପିଅନ

ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜ଼ିଲ୍ଲା ମୁରିବାହାଲ ୟୁଥଓ ସ୍ପର୍ଟ୍ସ କ୍ଲବ ଆନୁକୂଲ୍ୟରେ ୧୧ ତମ ଜ଼ିଲ୍ଲା ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇ ଏଥିରେ ନକଟାସରକୁ ହରାଇ ଜରାସିଂଗା ଦଳ ଚମ୍ପିୟାନ ହୋଇଛି । ମୁରିବାହାଲ ପଂଚାୟତ ହାଇସ୍କୁଲ ଖେଳ ପଡିଆ ଠାରେ ଅନୁଷ୍ଠିତ ଦ ଫାଇନାଲ ଖେଳ ନକଟାସାର ଓ ଜରାଶିଙ୍ଗା ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଜରସିଙ୍ଗା ଦଳ ଓ ନକଟାସର ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଜର଼ାସିଙ୍ଗା ୩/ ୨ ଗୋଲରେ ବିଜୟୀ ହୋଇ ଚମ୍ପିୟାନ ହୋଇଛି। ଉଦଯାପନୀ ସମାରୋହରେ ୟୁଥ ଓ ସ୍ପର୍ଟ କ୍ଲବର ସଭାପତି ପଦ୍ମ ଲୋଚନ ବାଗଙ୍କର ସଭାପତିତ୍ୱରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟ ଅତିଥି ରୂପ ଉପସ୍ଥିତ ରହି ଥିବା ବେଳେ, ସମ୍ମାନନିୟ ଅଥିତି ଭାବରେ ବଲାଙ୍ଗୀର ଜ଼ିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ଓଷ୍ଟା ସଂଘର ଜ଼ିଲ୍ଲା କାର୍ଯ୍ୟକାରି ସଭାପତି ପ୍ରଦୀପ କୁମାର ପୁଟେଲ, ମଣ୍ଡଳ ସଭାପତି ରାମୁ କୁମ୍ଭାର, ପ୍ରଦୀପ ବଛା, ସୁବାସ ପୋଢ଼, ଭାଜପା ନେତା ନାରାୟଣ ସାହୁ, ସୁରେଶ କୁମାର ଭୋଇ, ରାଜୀବ କୁମାର ମହାନ୍ତି, ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରି ସଭାପତି ରାଜୀବ




କୁଆଁର, ବିଧାୟକ କଂର ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ବରିଷ୍ଠ କ୍ରୀଡ଼ାବିତ ରାମରଞ୍ଜନ ପାତ୍ର, ଲଖନା ସମିତି ସଭ୍ୟ ଭୀମସେନ ବାଗ, ହରେକୃଷ୍ଣ ସାହୁ ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳ ଟ୍ରଫି ସହ ନଗଦ ୧୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ପୁରସ୍କାର ରାଶି ପ୍ରଦାନ କାରି ଥିବା ବେଳେ, ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଶାନ୍ତନୁ ଭୋଇ, ଶ୍ରେଷ୍ଠ ଗୋଲ କିପରି ରୋହିତ ଭିତିରିଆ, ଶ୍ରେଷ୍ଠ ଡିଫେନ୍ସ ଡାକ୍ତର ଭାଟି, ପେୟାର ଅପ ଦ ମ୍ୟାଚ କରଣ ଦଣ୍ଡସେନା, ଏହାଶହ ବିଶିଷ୍ଟ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିଲା । ଉକ୍ତ ମ୍ୟାଚ ଶ୍ରୀବତ୍ସ ବେହେରା, ଯୁବରାଜ ଭୋଇ, ଭୁଜରାଜ ଭୋଇ, ଶରତ ପଧାନ, ପରିଚାଳନା କାରି ଥିଲେ, ଟୁର୍ନାମେଣ୍ଟକୁ ସଫଳ କରିବାରେ ସଭାପତି ଭୋଳା ଭୋଇ, ସମ୍ପାଦକ ପ୍ରଦୀପ କୁମାର ବଘାର, ଦିବ୍ୟସୁନ୍ଦର ସାହୁ, ବିକି ମହାରଣା, ସୁଧାସୁ ଶେଖର ପୋଢ଼ ଯାଦବ, ପିଣ୍ଟୁ ଭୋଇ, ସେମନ୍ତ ବାଗ ଗୋପୀନାଥ ମାଝୀ, ପ୍ରଫୁଲ୍ଲ କୁମାର ବଘାର, ଅଜିତ କୁମାର ତରିଆ, କେଦାର ବଡ଼ଜେନା, ଜଦୁପତି ଅଗସ୍ତି,ପ୍ରମୁଖ ସହ ଯୋଗ କରି ଥିଲେ, ମୋହନ ବଗର୍ତୀ ପ୍ରଭୁଦାସ କୁମ୍ଭାର ଧାରବିବରଣି ପ୍ରଧାନ କାରି ଥିଲେ।

# ସରିଲା ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରିଡ଼ା

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଆନୁକୁଲ୍ୟରେ ୩୬ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାର ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼କ୍ଟର ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ମ୍ୟୁନିସିପାଲଟି ଅଧକ୍ଷା ନିକୁ ସାହୁ, ସମ୍ମାନିତ ଅତିଥି ଭାବେ ଆର ଏଣ୍ଡ ଡି କେନ୍ଦୁଝର ଡିଭିଜନର୍ ଇଂଜିନିୟର ସମ୍ବିତ ମହାନ୍ତି, ମୁଖ୍ୟବକ୍ତା ଭଦ୍ରକ ନାଭାଲ ଏନ୍ ସି ସି କମାଣ୍ଡର ସୁଦିପ ସାହୁ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଗଭର୍ଣିଂ ବୋଡି ପ୍ରେସିଡେଣ୍ଟ ବନବିହାରୀ ମିଶ୍ର, ମହାବିଦ୍ୟାଳୟର ଅନ୍ୟତମ ଅର୍ଥନୀତି ଅଧ୍ୟାପିକା ତଥା ଯୁକ୍ତ ତିନି କ୍ରୀଡ଼ା ସଂଘର ଉପ ସଭାପତି ପ୍ରଫେସର୍ ଗୀତାଞ୍ଜଳି ନାଏକ, ଯୁକ୍ତ ଦୁଇର କ୍ରିଡ଼ା ସଙ୍ଘର ଉପ ସଭାପତି ତଥା ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରଫେସର୍ ଦେବାନନ୍ଦ ମଲ୍ଲିକପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । କ୍ରୀଡ଼ା ଦ୍ୱାରା ଶାରୀରିକ ଓ ମାନସିକ ଦିଗରେ ବିକାଶ ହେବା ସହ ସୁସ୍ଥ ସୁନ୍ଦର ଜୀବନ ଯାପନ କରିବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ପାଠ ପଢା ସହ ନାଚ,




ଖେଳକୁଦ ପ୍ରତ୍ୟେକ ପିଲାଙ୍କ ପାଇଁ ସାଂପ୍ରତିକ ସମୟରେ ଆବଶ୍ୟକ ହୋଇପଡିଛି ବୋଲି ରୋଟାରୀ କ୍ଲବ୍ ଗ୍ରିନର ସଭାପତି ଅନିରୁଦ୍ଧ ଶା କହିଥିଲେ । ଜୀବନରେ ଶୃଙ୍ଖଳିତ, ଉଚ୍ଚାଭିଳାସି, କର୍ମତତ୍ପରତା ହେବା ସହ ନିଜ ଉପରେ ଦୃଢ଼ ବିଶ୍ୱାସ ରଖିଲେ ନିଶ୍ଚିତ ଦିନେ ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ମୁଖ୍ୟବକ୍ତା କମାଣ୍ଡର ଶ୍ରୀ ସାହୁ ମହୋଦୟ ପିଲାମାନଙ୍କୁ କହିଥିଲେ ଏବଂ ଜଣେ କେନ୍ଦୁଝରଆ ପିଲା ଭାବେ ମୋ ଅଭିଜ୍ଞତାରୁ ତୁମମାନଙ୍କୁ କହିଲି ଏବଂ ଏହା ତୁମମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଭାବୁଛି, ଆଜିର ଉତ୍ସାହ ଦେଖିଲେ ଲାଗୁଛି ଯେ ତୁମେମାନେ ମଧ୍ୟ ସଫଳତାକୁ ନିଶ୍ଚିତ ଦିନେ ନା ଦିନ ଛୁଇଁବ ବୋଲି ଆଶା ଓ ବିଶ୍ୱାସ ବୋଲି କହିଥିଲେ । ଯୁକ୍ତ ଦୁଇ ତରଫରୁ ଲକ୍ଷ୍ମୀପ୍ରିୟା ବାରିକ ଚାମ୍ପିଅନ ହୋଇଥିବା ବେଳେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀ କୌଶଲ୍ୟା ନାଏକକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ଅନ୍ୟ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଶତାଧିକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଶେଷରେ ଅଧ୍ୟାପକ ଦେବାନନ୍ଦ ମଲ୍ଲିକଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୀମ ଭୋଇ ସାମର୍ଥ୍ୟ ଶିବିରରେ ୭୧୦ ଜଣ ପଞ୍ଜିକୃତ



ଧର୍ମଶାଳା (ଭାସ୍କର ନ୍ୟୁଜ) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ସକାଳ ସାଢ଼େ ୮ଟା ବେଳେ ଚଳିତ ବର୍ଷର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭୧୦ ଜଣ ପଞ୍ଜିକୃତ କରିଥିଲେ । ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଭିନ୍ନ ବିଭାଗରେ ଚିକିତ୍ସକମାନେ ଯୋଗ ଦେଇ ୭୧୦ ଜଣ ପଞ୍ଜିକୃତ ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ । ଶିବିରକୁ ପରୀକ୍ଷା କରିବା ପାଇଁ ଆସିଥିବା ଭିନ୍ନକ୍ଷମ ମଧ୍ୟରୁ ୫ଜଣ ଭିନ୍ନକ୍ଷମଙ୍କୁ ବସ ଓ ଟ୍ରେନ୍ ପାସ୍, ୪ଜଣଙ୍କୁ ଭର୍ତ୍ତା, ୨ ଜଣଙ୍କୁ ବାଣୀଶ୍ରୀ ସ୍କୋଲାରସିପ୍, ୧୦ ଜଣଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ୍, ୭ଜଣ ବୃଦ୍ଧଙ୍କୁ ଟ୍ରାଇସାଇକେଲ, ୨୩ ଜଣ ବୃଦ୍ଧଙ୍କୁ ହୁଇଲ୍ ଚେୟାର, ୧୩ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୧୧ ଜଣଙ୍କୁ ବ୍ଲାଇ ଷ୍ଟିକ୍, ୨ଜଣଙ୍କୁ ଓ୍ୱାକର୍, ୬ଜଣଙ୍କୁ ଓ୍ୱାକିଂଷ୍ଟିକ୍ ପ୍ରଦାନ କରାଯିବା ପାଇଁ ପଞ୍ଜିକୃତ ହୋଇଛି ବୋଲି ବିଡ଼ିଓ ଶ୍ରୀ ବଳ ସୂଚନା ଦେଇଛନ୍ତି। ଅନୁଷ୍ଠିତ ଶିବିରରେ ଏବିଡ଼ିଓ ଅସିତ୍ ପାତ୍ର, ଡ଼ିଏସ୍‌ଏସ୍‌ଓ ରବିନ୍ଦ୍ର ବେହେରା, ବିଏସ୍‌ଏସ୍‌ଓ ଜ୍ଞାନରଞ୍ଜନ ବେହେରା, ଜିଆର୍‌ଏ ରାଜଲକ୍ଷ୍ମୀ ମହାପାତ୍ର, ପିଏ ତାପସ୍ କୁମାର ବେହେରା, ସଲଗ୍ନା ନାୟକ, ଦୁଷ୍ମନ୍ତ କୁମାର ଗୋଚ୍ଛାୟତ ଓ କଲେଜ୍‌ର ଛାତ୍ରୀଛାତ୍ରମାନେ ଭିନ୍ନକ୍ଷମଙ୍କୁ ସହଯୋଗ କରିଥିଲେ । ଆସନ୍ତା ୧୨ତାରିଖ ଦିନ ଏହି ବ୍ଲକ ବାଲିସାହିସ୍ଥିତ ବାଘୁଆ ବ୍ରହ୍ମଣୀ ଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହେବ ବୋଲି ବିଡ଼ିଓ ଶ୍ରୀ ବଳ ସୂଚନା ଦେଇନ୍ତି।

## ବାରବାଟୀ ମ୍ୟାଚ୍ ପାଇଁ ମୁତୟନ ହେବେ ୫୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାରବାଟୀରେ ଆୟୋଜିତ ହେବାକୁ ଥିବା ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଖେଳାଳିମାନେ ଆସିବାଠାରୁ ହୋଟେଲରେ ରହିବା ଓ ମ୍ୟାଚ୍ ପାଇଁ ସୁରକ୍ଷା ବ୍ୟବସ୍ଥା କରା ଯାଇଛି। ସେହିପରି ଟ୍ରାଫିକ ପାଇଁ ଆଡଭାଇଜରି ଜାରି କରାଯାଇଛି । ଖେଳାଳି ଓ ଦର୍ଶକଙ୍କୁ ଷ୍ଟାଡିୟମ ପହଂଚିବାରେ ଯେଭଳି ଅସୁବିଧା ନ ହୁଏ ଗୁରୁତ୍ୱ ଦିଆଯାଇଛି । ଷ୍ଟାଡିୟମ ଭିତରକୁ ପାଣି ବୋତଲ ନେଇପାରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି ।

## ଶ୍ମଶାନ ପୁନରୁଦ୍ଧାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡୁମଡୁମା ଶ୍ମଶାନର ପୁନରୁଦ୍ଧାର ଏବଂ ପଟିଆ କାନନବିହାର ଶ୍ମଶାନ ପାଇଁ ଭିତିପ୍ରସ୍ତର ସ୍ଥାପନା କରାଯାଇଛି। ଭିତିପ୍ରସ୍ତର ସ୍ଥାପନା କରିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର। ଭୁବନେଶ୍ୱରରେ ଲୋକ ସଂଖ୍ୟା ବଢୁଛନ୍ତି। ତାକୁ ଦୃଷ୍ଟିରେ ରଖି, ଏଭଳି ଏକ ପଦକ୍ଷେପ ନିଆଯାଇଛି। ୧୨ ଲକ୍ଷ ଲୋକଙ୍କ ଜନବସତି ସୃଷ୍ଟି ହୋଇଛି ଭୁବନେଶ୍ୱରରେ । ଭୁବନେଶ୍ୱରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ୨ଟି ଶ୍ମଶାନର ଭିତି ପ୍ରସ୍ତର ସ୍ଥାପନା ହୋଇଛି। ଡୁମଡୁମା ୪କୋଟି ୬୦ ଲକ୍ଷ, ପଟିଆ କାନନବିହାରରେ ୬ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ୯ ମାସ ଭିତରେ ସମ୍ପୂର୍ଣ୍ଣ କାର୍ଯ୍ୟ ସରିବ। ଏ ସ୍ଥାନରେ ସବୁ ସୁବିଧା ରହିବ। ପରିମଳ, ପାଣି ସହ ଇଲେକ୍ଟ୍ରିକ ଓ ଗ୍ୟାସ ବ୍ୟବସ୍ଥା ରହିବ । ଲୋକଙ୍କ ସରକାର ତେଣୁ ଲୋକଙ୍କ ପାଇଁ କାମ କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି।

# ବନ ବିଭାଗ ପକ୍ଷରୁ ଚଢ଼ଉ: ବାଘ ଛାଲ ଜବତ, ୬ ଅଟକ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନେତୃତ୍ୱରେ ବନବିଭାଗର ଏକ ଦଳ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରି ଏକ କଲରାପତରିଆ ବାଘ ଛାଲ ସହ ୬ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ବିଶେଷ ସୂତ୍ରରୁ ବାଘ ଛାଲ ଡିଲ ହେବା ଖବର ବନ ବିଭାଗକୁ ମିଳିଥିଲା। ତେଣୁ ବନ ବିଭାଗ ସକ୍ରିୟ ହୋଇ ଏହି ଡିଲ ସମୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ଜାଲ ବିଛେଇଥିଲା। ଆଜି ଦିବା ପ୍ରାୟ ୧୨ ଘଟିକା ସମୟରେ କରଞ୍ଜିଆ ବ୍ଲକ ରସମତଳା ପଞ୍ଚାୟତ ମଣ୍ଡୁଆ ଗ୍ରାମର ନାଏକ ସାହୀରେ ଚଢ଼ାଉ କରି ଜଣକ ଠାରୁ କଲରାପତରିଆ ବାଘ ଛାଲ ଜବତ ପରେ କୁଦରସାହୀ ରୁ ୨ ଜଣ, ଚମ୍ପରେଇରୁ ଜଣେ, ଠାକୁରମୁଣ୍ଡାରୁ ୨ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖିଛି ବନବିଭାଗ। କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାଏକଙ୍କ ନେତୃତ୍ୱରେ ହେଇଥିବା ଚଢ଼ାଉରେ ସହକାରୀ ବନ ସଂରକ୍ଷକ ମଦନମୋହନ ମହାନ୍ତ, ପ୍ରଭାତ କୁଅଁର, ଉତ୍ତର ବନଖଣ୍ଡ ସହକାରୀ ବନ ସଂରକ୍ଷକ ଫାଲଗୁନୀ ବେହେରା, କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ବନପାଳ ସୁରମୋହନ ବେହେରାଙ୍କ ସହିତ ସମସ୍ତ ବନ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ।

# ଭୂଇଁପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଆଳି (ଭାସ୍କର ନ୍ୟୁଜ୍) : ଭୂଇଁପୁର ବିପିଏଲ କ୍ରିକେଟ ବୋର୍ଡ ଆନୁକୂଲ୍ୟରେ ସ୍ଥାନୀୟ ଭୂଇଁପୁର ସ୍କୁଲ ପଡିଆରେ ଆୟୋଜିତ ହୋଇଥିବା ଭୂଇଁପୁର ପ୍ରିମିୟର ଲିଗ କ୍ରିକେଟ ମହାକୁମ୍ଭ ପ୍ରତିଯୋଗିତାର ଏକାଦଶତମ ସଂସ୍କରଣ ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି। ଏହି ମେଗା ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଭୂଇଁପୁର ପଞ୍ଚାୟତର ସରପଞ୍ଚ ରେଶ୍ମାରାଣୀ ମଲ୍ଲିକ ଓ ସମିତିସଭ୍ୟା ମିନତୀ ସାମଲ ଉଦଘାଟନ କରିଥିଲା ବେଳେ ସମ୍ମାନନୀୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ତଥା ଜିଲ୍ଲା ଯୋଜନାବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ସମାଜସେବୀ ଦିଗାମ୍ବର ବିଶ୍ୱାଳ, ଆଶାସାଥି ମଞ୍ଜୁଲତା ସାମଲ ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଟେନିସବଲ କ୍ରିକେଟ ଟୁର୍ନାମେଣ୍ଟରେ ଜେନା ଓ୍ୱାରୀୟର୍ସ, ଡ୍ରିମ ଇଲେଭେନ, ସୁକନ୍ୟା ଚ୍ୟାଲେଞ୍ଜର, ଆରାଧନା ସୁପରକିନଗ୍ସ, ମିଶା ରୟାଲ ଚ୍ୟାଲେଞ୍ଜର୍ସ, ଡ଼େୟାରଡେଭିଲସ ପ୍ରମୁଖ ୬ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦଘାଟନ ଦିବସରେ ମୋଟ ୩ଟି ମ୍ୟାଚ ଖେଳାଯାଇଥିବା ବେଳେ ସନ୍ଧ୍ୟାରେ ଅତିଥି ଭାବେ କଳସପୁର ପଞ୍ଚାୟତର ସରପଞ୍ଚ ସୁଧୀର ଚନ୍ଦ୍ର ମଲ୍ଲିକ ଯୋଗଦେଇ ଖେଳାଳୀ ମାନଙ୍କୁ ମ୍ୟାନଅଫ ଦ ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଭୂଇଁପୁର ପ୍ରିମିୟର ଲିଗର ଉଦଯାପନୀ ଫାଇନାଲ ଦିବସ ରଙ୍ଗାରଙ୍ଗ ପରିବେଶରେ ମଧ୍ୟରେ ଧୁମଧାମରେ ପାଳନ କରାଯିବ ବୋଲି ବିପିଏଲ୍ ବୋର୍ଡର କାର୍ଯ୍ୟକର୍ତ୍ତା ମାନେ ସୂଚନା ଦେଇଛନ୍ତି।

# ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ରାଜ୍ୟ ସହ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖରିଫ ଫସଲର ମୂଲ୍ୟ ତଥା ବିକ୍ରୟଭିତ୍ତିକ ନିୟାମକ ଗଠନ ନିମନ୍ତେ ସିଏସିପିର ପୂର୍ବାଞ୍ଚଳ ରାଜ୍ୟମାନଙ୍କ ସହ ଏକ ବୈଠକ କରିଛନ୍ତି । ସିଏସିପି ଚେୟାରମ୍ୟାନ ପ୍ରଫେସର ବିଜୟ ପାଲ ଶର୍ମା ଚଳିତ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ କହିଥିଲେ, ଆମେ ହେଉଛୁ ଦୁନିଆର ସବୁଠାରୁ ବଡ଼ ମାର୍କେଟ । ଧାନ, ଗହମରେ ଆମେ ବଳକା ଦେଶ ଅଟୁ । ସେହିଭଳି ଶ୍ରୀ ଅନ୍ନ ପୂର୍ବରୁ ଆମ ଖାଦ୍ୟର ଅଂଶ ଥିଲା । ଏବେ ଲୋକେ ଏହାକୁ ହୃଦୟଙ୍ଗମ କରି ପୁନଃଶ୍ଚ ଥାଳିରେ ଆଣିବାକୁ ପ୍ରଚେଷ୍ଟା କରାଯାଉଛି । ଆଜିର ସମୟରେ ଆମକୁ ମଞ୍ଜିର ଗୁଣବତ୍ତା ଉପରେ ଧ୍ୟାନ ଦେବାକୁ ହେବ। ଯାହାଦ୍ୱାରା ଉତ୍କୃଷ୍ଟ ମାନର ଫସଲ ଫଳିବ ଏବଂ ବଳକା ଫସଲକୁ ଆମେ ବିଦେଶକୁ ରପ୍ତାନୀ କରିହେବ । ତା' ଛଡ଼ା ଟ୍ରେଡ଼ ପଲିସିରେ ପରିବର୍ତ୍ତନ କରିବା ଆବଶ୍ୟକ । ଏହା ଚାଷୀଙ୍କୁ ବିଶେଷ ଭାବେ ଲାଭ ପ୍ରଦାନ କରିବ । ମୃତ୍ତିକା ସ୍ୱାସ୍ଥ୍ୟ, ଫସଲ ବିବିଧିକରଣ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୈଠକକୁ ଉଦଘାଟନ କରି କହିଛନ୍ତି, ଓଡ଼ିଶାରେ ଉତ୍ପାଦିତ ହେଉଥିବା ଜିନିଷର ବିଦେଶରେ ବହୁତ ଚାହିଦା ରହିଛି । ବିଦେଶ ରପ୍ତାନୀ ପାଇଁ ଉତ୍ସର୍ଗୀକୃତ କାର୍ଗ ସେବା ଓ ଫ୍ରାଇଟ ପ୍ରଣୟନ କରାଯାଉ। ଚଳିତବର୍ଷ ଓଡ଼ିଶାରେ ଉତ୍କୃଷ୍ଟ ମାନର ଷ୍ଟ୍ରବେରୀ ଫଳିଛି । ଏତଦବ୍ୟତୀତ, ଚାଷିଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ ପୂର୍ବକ କହିଥିଲେ ଯେ, ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଗତି କରିଛି। ବିଶେଷ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅଧିକ ୮୦୦ଟଙ୍କା ଇନପୁଟ ସହାୟତା ଚାଷୀଙ୍କୁ ପ୍ରୋତ୍ସାହିତ କରିଛି । କ୍ଷୁଦ୍ର ମିଲେଟ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିଛି। ଏହି ବୈଠକରେ ଓଡ଼ିଶା ସମେତ ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ କୃଷି ବିଭାଗର ଅଧିକାରୀମାନେ ପ୍ରତ୍ୟକ୍ଷ ରୂପେ ଯୋଗଦେଇଥିବାବେଳେ ବିହାରର ଅଧିକାରୀମାନେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓଡ଼ିଶା ବିଷୟରେ ଉପସ୍ଥାପନା ପ୍ରଦର୍ଶନ କରିଥିଲେ । ଅତିରିକ୍ତ ନିର୍ଦ୍ଦେଶକ ଡ଼ ରାଜେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ରାଜ୍ୟରୁ ଗଞ୍ଜେଇ ଚାଷ ମୂଳପୋଛ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱରଠାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏକ ସମୀକ୍ଷା ବୈଠକରେ ଡିଜିପି ଶ୍ରୀ ଖୁରାନିଆ ଗଞ୍ଜେଇ ମାଫିଆ ମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଏସପି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ଶ୍ରୀ ଖୁରାନିଆ ବରିଷ୍ଠ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଭିଯାନ ଗତବର୍ଷ ନଭେମ୍ବର ମାସ ୦୧ ତାରିଖରୁ ଆରମ୍ଭ ହୋଇଥିଲାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୫୯୧ଟି ମାମଲା ରୁଜୁ କରାଯାଇ ପ୍ରାୟ ୨୫ ହଜାର ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟର ବିଭିନ୍ନ ଥାନାରେ ୨୧୩ ଟି ମାମଲା ରୁଜୁ କରାଯାଇଥିବାବେଳେ ୮୨୬୯ ଏକରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରାଯାଇଛି। ହଜାର ହଜାର ଏକର ଗଞ୍ଜେଇ ଚାଷ ନଷ୍ଟ କରିବା ପୋଲିସ ପାଇଁ ବଡ଼ ସଫଳତା ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆଇଜିପି (ଅପରେସନ) ଜୟନାରାୟଣ ପଙ୍କଜ, ଡିଆଇଜି (ଅପରେସନ) ଅଖିଳେଶ୍ୱର ସିଂ, ଡିଆଇଜି (ଏସଆଇଡବ୍ଲୁ) ଡଃ କନୱର ବିଶାଳ ସିଂଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ଏବଂ ଜିଲ୍ଲା ଏସପି ମାନେ ଉପସ୍ଥିତ ଥିଲେ।




ବସ୍ତି ମିତ୍ରଙ୍କୁ ସ୍ପୋର୍ଟସ କିଟ୍ସ ବିତରଣ କରୁଛନ୍ତି ପୋଲିସ କମିଶନର ଡ. ଦେବଦତ୍ତ ସିଂ। ନିକଟରେ ଉପସ୍ଥିତ ଅଛନ୍ତି ଅତିରିକ୍ତ ପୋଲିସ କମିଶନର ଡ. ଉମାଶଙ୍କର ଦାସ।

# ଷୋଡଶ ଅର୍ଥ ଆୟୋଗଙ୍କୁ ବିଜେଡିର ଦାବିପତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲଗାତାର ଭାବେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଓଡିଶା ଓ ଏହାର ଜନସଂଖ୍ୟାର ଚାଳିଶ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ହୋଇଥିବାରୁ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା କିମ୍ବା ସ୍ୱତନ୍ତ୍ର ଫୋକସ ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ ବିଜୁ ଜନତା ଦଳ ଷୋଡଶ ଅର୍ଥ ଆୟୋଗ ସମ୍ମୁଖରେ ଦୃଢ଼ ଦାବି ରଖିଛି । ଏହି ସମ୍ବନ୍ଧରେ, ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଗତକାଲି ଷୋଡଶ ଅର୍ଥ ଆୟୋଗକୁ ଭେଟି ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ପ୍ରଦାନ କରିଥିବା ବେଳେ ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ତରଫରୁ ଦିଆଯାଇଥିବା ସ୍ମାରକପତ୍ର ବିଷୟରେ ସୂଚନା ଦେଇଥିଲେ । ବିଜେଡିର ବିଧାନସଭାରେ ଉପନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, କେନ୍ଦ୍ର ସରକାରଙ୍କ ତରଫରୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ବା ଫୋକସ ରାଜ୍ୟର ମାନ୍ୟତା ପ୍ରଦାନ ଆବଶ୍ୟକତା ରହିଛି ବୋଲି କୁହାଯାଇଛି । ପୂର୍ବତନ ରାଜ୍ୟସଭା ସାଂସଦ ତଥା ଦଳର ଜାତୀୟ ମୁଖପାତ୍ର ଡ. ଅମର ପଟ୍ଟନାୟକ କହିଥିଲେ, ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡିଶା ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ, ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି । ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ଶଶୀ ଭୂଷଣ ବେହେରା କହିଥିଲେ, କେନ୍ଦ୍ରୀୟ ଅବହେଳା ସତ୍ତ୍ୱେ, ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଉତ୍ତମ ଆର୍ଥୀକ ପରିଚାଳନା ଯୋଗୁ ରାଜ୍ୟ ଉତ୍କଟ ଆର୍ଥିକ ସମସ୍ୟାରୁ ବାହାରି ଏକ ଆର୍ଥୀକ କ୍ଷେତ୍ରରେ ବଳକା ରାଜ୍ୟ ହୋଇଥିଲା ।

## ଓଡ଼ିଶା ପୋଲିସ ହାଉସିଂ କର୍ପୋରେସନ ଏବଂ ଗୃହ ବିଭାଗ ମଧ୍ୟରେ ବୁଝାମଣାପତ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୪-୨୫ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଏବଂ କଲ୍ୟାଣ ନିଗମ ଲିମିଟେଡ୍ (ଓପିଏଚଡବ୍ଲୁସି) ଏବଂ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ସିଏମଡି, ଓପିଏଚଡବ୍ଲୁସି ଏବଂ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ରର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ହେଉଛି: ଓପିଏଚଡବ୍ଲୁସିକୁ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୫% ଅଭିବୃଦ୍ଧି ସହିତ ୧୨୫୦ କୋଟି ଟଙ୍କାର କାରବାର ଲକ୍ଷ୍ୟ ଦିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଓପିଏଚଡବ୍ଲୁସିକୁ ୧୬% ଅଭିବୃଦ୍ଧି ସହିତ ୬୨.୫୦ କୋଟି ଟଙ୍କାର ଲାଭର ଲକ୍ଷ୍ୟ ଦିଆଯାଇଛି। ଓପିଏଚଡବ୍ଲୁସି ଟଙ୍କା ଲାଭ ବଂଟନ କରିବାକୁ ପ୍ରତିଶ୍ରୁତିବଦ୍ଧ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୮.୭୫ କୋଟି ଟଙ୍କାର ଡିଭିଡେଣ୍ଡ ପ୍ରଦାନର ଲକ୍ଷ୍ୟ ରଖିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୬% ଅଧିକ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ, ଓପିଏଚଡବ୍ଲୁସି ୭୦୦ ପ୍ରକଳ୍ପ ସମାପ୍ତ କରିବାକୁ ରାଜି ହୋଇଛି, ଯେଉଁଥିରୁ ୨୦୦ ପ୍ରକଳ୍ପ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଂଚଳରେ କାର୍ଯ୍ୟକାରୀ ହେବ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗ ବ୍ୟତୀତ ଅନ୍ୟ ବିଭାଗଗୁଡ଼ିକରୁ କାରବାର ଲକ୍ଷ୍ୟ ୫୦% ହେବ। ୭୦୦ ସମ୍ପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ଓପିଏଚଡବ୍ଲୁସିକୁ ମଧ୍ୟ ଲକ୍ଷ୍ୟ ଦିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରଯୁଜ୍ୟ ବୈଧାନିକ ଆବଶ୍ୟକତା ପାଳନ କରିବାକୁ ଓପିଏଚଡବ୍ଲୁସିକୁ ପରାମର୍ଶ ଦିଆଯାଇଛି।

## ସୁଶାନ୍ତ ସିଂଙ୍କୁ ସାକ୍ଷାତ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହସ୍ପିଟାଲରେ ସୁଶାନ୍ତ ସିଂଙ୍କୁ ସାକ୍ଷାତ କଲେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ଏକ୍ସ ହ୍ୟାଣ୍ଡେଲରେ ମନ୍ତ୍ରୀ କହିଛନ୍ତି ଯେ, ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ସାକ୍ଷାତ କରି ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଲି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ଆଲୋଚନା କରିବା ସହ ତାଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛି। ପୂର୍ବ ଅପେକ୍ଷା ଶ୍ରୀ ସିଂଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଛି। ତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯିବ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଆଶୁଆରୋଗ୍ୟ କାମନା କରୁଛି।

# ରାଜ୍ୟରେ ଆରମ୍ଭ ହେଲା ସୁଗମ୍ୟ ଯାତ୍ରା କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମେଡିକାଲ ସହ ସରକାରୀ କାର୍ଯ୍ୟାଳୟରେ କିଭଳି ସୁରୁଖୁରୁରେ ପହଁଚିବେ ଦିବ୍ୟାଙ୍ଗ ଏଥିପାଇଁ ରାଜ୍ୟରେ ଆରମ୍ଭ ହେଲା ସୁଗମ୍ୟ ଯାତ୍ରା କାର୍ଯ୍ୟକ୍ରମ । ରାଜ୍ୟ ତୋଷାଳୀ ଭବନରେ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଛନ୍ତି ଭିନ୍ନକ୍ଷମ ଓ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଭୁବନେଶ୍ୱରରେ ତିନୋଟି ଜୋନ ପାଇଁ ତିନୋଟି ଟିମ ଗଠନ କରାଯାଇଛି । ଏହି ଟିମ ଗୁଡିକ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବୁଲି ଭିନ୍ନକ୍ଷମଙ୍କ ପାଇଁ କେଉଁଠି କଣ ବ୍ୟବସ୍ଥା ରହିଛି ତାହା ଅନୁଧ୍ୟାନ କରିବ । ଟିମ ରିପୋର୍ଟ ଦେବା ପରେ ଆବଶ୍ୟକ ସ୍ଥଳେ ଭିନ୍ନକ୍ଷମଙ୍କ ପାଇଁ ସରକାରୀ କାର୍ଯ୍ୟାଳୟରେ ଉଚିତ ବ୍ୟବସ୍ଥା କରାଯିବ । ଜିଲ୍ଲା ଗୁଡିକରେ ଜିଲ୍ଲାପାଳ ମାନେ ଏହି କାର୍ଯ୍ୟକ୍ରମ ତଦାରଖ କରିବେ ବୋଲି କହିଛନ୍ତି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ।

# ବିରଜାଶଙ୍କର ସିଂହଦେଓଙ୍କୁ ଅର୍ନ୍ତଜାତୀୟ ସମ୍ମାନ



ଢେଙ୍କାନାଳ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ରାଜ ପରିବାରରେ ଜନ୍ମିତ ୧୯୮୮ର ବାୟୁସେନା ପଦକଧାରୀ ଅବସରପ୍ରାପ୍ତ ଉଇଙ୍ଗ୍ କମାଣ୍ଡର ବିରଜା ଶଙ୍କର ସିଂହଦେଓଙ୍କୁ ଆମେରିକା ଭର୍ଜିନିଆ ରାଜ୍ୟ ଆଲେକ୍‌ଜାଣ୍ଡ୍ରିଆ ସହରସ୍ଥିତ 'ଭର୍ଟିକାଲ୍ ଆଭିଏସନ୍ ଇଂଟରନ୍ୟାସନାଲ୍' ତରଫରୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ୨୦୨୫ବର୍ଷର 'ଲାଇଫ୍ ଟାଇମ୍ ଆଚିଭ୍‌ମେଂଟ୍' ସମ୍ମାନରେ ସମ୍ମାନିତ ହେବା ପାଇଁ ମନୋନୀତ ହୋଇଛନ୍ତି । ଶ୍ରୀ ସିଂହଦେଓ ୧୯୬୮ରେ ଜାତୀୟ ପ୍ରତିରକ୍ଷା ଏକାଡେମୀ ପୁନାରୁ କୃତୀତ୍ୱର ସହ ଉତୀର୍ଣ୍ଣ ହୋଇଥିଲେ । ସେ ସ୍ଥାନୀୟ ବ୍ରଜନାଥ ବଡଜେନା ହାଇସ୍କୁଲ୍‌ର ଜଣେ ପୂରାତନ ବିଦ୍ୟାର୍ଥୀ । ଦୀର୍ଘ ୫୫ବର୍ଷ ଧରି ଯୁଦ୍ଧ ବିମାନ ଓ ହେଲିକ୍ୟାପ୍‌ଟର ଉଡାଣ ସହ ଏହାର ପରିଚାଳନା ଓ ତାଲିମ୍ ପ୍ରଦାନ କ୍ଷେତ୍ରରେ ତାଙ୍କର ଅବଦାନ ବେଶ୍ ଉଲ୍ଲେଖନୀୟ । ସେ ୧୯ ପ୍ରକାରର ବାୟୁଯାନ ଉଡାଣରେ ନିଜର ଦକ୍ଷତା ପ୍ରତିପାଦନ କରିଆସିଛନ୍ତି ।



ତିହିଡ଼ି(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ତାଳପଦାସ୍ଥିତ ମାଣିକଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ବେହେରାଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସମାଜସେବୀ ତାରାକାନ୍ତ ରାୟମହାପାତ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁରଭି ବଳ ଯୋଗଦେଇ ନାରୀମାନଙ୍କ ଶିକ୍ଷାର ଅଗ୍ରଗତି ହେଲେ ସମାଜର ସୁଧାର ଆସିପାରିବ ବୋଲି କହିଥିଲେ। ବରିଷ୍ଠ ଅଧ୍ୟାପକ ଗିରିଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଅଞ୍ଜଳି ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ମଧୁସ୍ମିତା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବରିଷ୍ଠ ଅଧ୍ୟାପିକା ସୁଜାତା ମହାପାତ୍ର, ବିଜୟ କୁମାର ଦାସ, ସଞ୍ଜିତା ଦ୍ୱିବେଦୀ, ସୁଜାତା କୁମାରୀ ପାଢ଼ୀ, ଅନସୂୟା ଶତପଥୀ, କ୍ରୀଡ଼ା ଶିକ୍ଷକ ଅମରନାଥ ନାୟକ, ବ୍ରଜକିଶୋର ମଲ୍ଲିକ, ନାରାୟଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଗ୍ରନ୍ଥାଗାରିକ ଅଞ୍ଜନ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ସଫା କରିବା ଆଳରେ ସୁନା ଲୁଟ୍, ୨ ଗିରଫ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ସୁନା ଓ ରୂପ ଅଳଙ୍କାର ସଫେଇ କରିବା ଆଳରେ ଲୁଟ୍ କରୁଥିବା ବିହାର ଓ ଛତିଶଗଡ଼ ଅଞ୍ଚଳର ୨ଜଣଙ୍କୁ ଗିରଫ କରିଛି ମାଲକାନଗିରି ପୁଲିସ । ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କ ସୂଚନା ଅନୁଯାୟୀ ମାଲକାନଗିରି ବ୍ଲକ ଚାଲାଣଗୁଡା ପଞ୍ଚାୟତ ଏମଭି ୧ଗ୍ରାମକୁ ଗତ ୨୯ ତାରିଖରେ ସୁଶୀଲ ସରକାର (୬୨) ଙ୍କ ଘରେ ୨ଜଣ ପହଞ୍ଚି ପୁରୁଣା ସୁନା, ରୁପା ଅଳଙ୍କାର ମରାମତି ଓ ସଫା କରିବାକୁ କହିଥିଲେ। ୮ ଗ୍ରାମର ସୁନା ଚେନ ସଫା କରିବାକୁ ସେ ଦେଇଥିଲେ। ଏହି ସମୟରେ ଠକମାନେ ଚେନ୍‌ଟିକୁ ଏକ ଡ଼ବାରେ ରଖି କିଛି ତରଳ ଦ୍ରବ୍ୟ ପକାଇଥିଲେ। ଫଳରେ ହଠାତ ଘର ଧୂଆଁ ହୋଇ କିଛି ଦେଖାଯାଇନଥିଲା। ଏହାର ସୁଯୋଗ ନେଇ ସେମାନେ ଚେନ ବଦଳରେ ଏକ କାଗଜକୁ ଗୁଡାଇ ସେଥିରେ ଚେନ୍ ଅଛି ଏବଂ ଏହାକୁ ଅଧଘଣ୍ଟା ପରେ ଖୋଲିବ କହି ପଳାଇଥିଲେ। କିଛି ସମୟ ପରେ ସୁଶୀଲ ଓ ତାଙ୍କ ପରିବାର ଉକ୍ତ କାଗଜ ପୁଡିଆ ଖୋଲି ହଳଦୀ ଗୁଣ୍ଡ ଓ କିଛି ଧଳା ପାଉଡ଼ର ଥିବା ଦେଖୁଥିଲେ। ସୁଶୀଲ ମାଲକାନଗିରି ଥାନାରେ ଏତଲା ଦେବାପରେ ପୋଲିସ ତଦନ୍ତ ଆରମ୍ଭକରିଥିଲା। ଗତ ୪ତାରିଖ ଦିନ ଉକ୍ତ ଦୁଇ ଠକ କାଲିମେଳା ଥାନା ଅନ୍ତର୍ଗତ ଏମପିଭି ୧୧ ଗ୍ରାମରେ ଥିବା ଏକ ଦୋକାନରେ ଜଳଖିଆ ଖାଉଥିବାର ଖବର ପାଇ ମାଲକାନଗିରି ଥାନା ପୋଲିସ ଗିରଫ କରିଥିଲା ଓ ଉଭୟଙ୍କ ନିଜ ଘର ବିହାର ରାଜ୍ୟ ସାପୁଲ ଜିଲ୍ଲାରେ ହୋଇଥିବା ବେଳେ ସେମାନେ ହେଲେ ବିଜୟ ସା (୩୮) ଓ ଚନ୍ଦମ ଦନ କୁମାର ସା (୪୬) । ଉଭୟ ଚୋରି ସୁନକୁ ତରଲାଇ ଜୟପୁରରେ ବିକ୍ରି କରିଥିବାବେଳେ ପୋଲିସ ସୁନାକୁ ଉଦ୍ଧାର କରିବା ସହ ଦୁଇ ଠକଙ୍କୁ କୁ କୋର୍ଟ ଚାଲାଣ କରିଛି।

# ଆମ ଗାଁ ମହୋତ୍ସବ ପ୍ରସ୍ତୁତି ବୈଠକ

ବୋଲଗଡ(ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକ ଅନ୍ତର୍ଗତ ମଲିପଦର ଗ୍ରାମରେ ଆମ ଗାଁ ମହୋତ୍ସବ ପ୍ରସ୍ତୁତି ବୈଠକ କଣ୍ଟାବାଡ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଛି । ଏଥିରେ ଆମ ଗାଁ ମହୋତ୍ସବର ଉପଦେଷ୍ଟା ରାଜ କିଶୋର ପାଣିଗ୍ରାହୀଙ୍କ ଅଧକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ପଂଚାୟତର ଉନ୍ନତି କାମନା କରିବା ସହ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ଆମ ଗାଁ ମହୋତ୍ସବ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଆମ ଗାଁ ମହୋତ୍ସବର ଉପଦେଷ୍ଟା ସୁବାସ ମହାନ୍ତି, ସମ୍ପାଦକ ଡ଼ଃ ଶିଶିର କୁମାର ଆଚାର୍ଯ୍ୟ, ବସନ୍ତ ପଞ୍ଚମୀ ମହୋତ୍ସବର ଉପଦେଷ୍ଟା ପ୍ରଶାନ୍ତ କୁମାର ବେହେରା ଓ ସଭାପତି କୁଞ୍ଜ ବିହାରୀ ମହାପାତ୍ର, ସମ୍ପାଦକ ଦିବାକର ପଣ୍ଡାଙ୍କ ସମେତ ଉଭୟ ମହୋତ୍ସବର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ । ପରେ ନୂତନ ଭାବେ ଆମ ଗାଁ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ,ଯୁଗ୍ମ କାର୍ଯ୍ୟକାରୀ ସଭାପତି ଡଃ ବିଦ୍ୟାଧର ମହାରଣା, କୁଞ୍ଜ ବିହାରୀ ମହାପାତ୍ର, ସମ୍ପାଦକ ଡ଼ଃ ଶିଶିର କୁମାର ଆଚାର୍ଯ୍ୟ,ସହ ସମ୍ପାଦକ ସ୍ୱାଧିନ ପଣ୍ଡା,ଯୁଗ୍ମ କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଓ ଅମୀୟ ଭୂଷଣ ପଣ୍ଡା ମନୋନୀତ ହୋଇଛନ୍ତି । ଆସନ୍ତା ମାର୍ଚ୍ଚ ମାସ ୫ ରିଖରୁ ଆରମ୍ଭ ହୋଇ ୯ ରିଖରେ ଉଦ୍‌ଯାପିତ ହେବ ବୋଲି ସ୍ଥିର କରାଯାଇଥିଲା।



# ନିଆଳି ବ୍ଲକ୍‌ରେ ସମୀକ୍ଷା ବୈଠକ ପାଇଁ କଣ୍ଟାପଡା ବ୍ଲକରେ ତାଲା



କଣ୍ଟାପଡା (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସତେ ଯେମିତି ଲାଗୁଥିଲା ଗୁରୁବାର ଦିନ ଛୁଟି ବୋଲି। ଯେଉଁ ବିଭାଗକୁ ଯିବ ଝୁଲୁଥିଲା ତାଲା। ବିଡିଓ, ସହକାରୀ ଯନ୍ତ୍ରୀ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ, ପଞ୍ଚାୟତ ବିଭାଗ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ, ଜେଇ ଓ ବିଭିନ୍ନ ବିଭାଗର ଅଧିକାରୀମାନେ କଣ୍ଟାପଡା କାର୍ଯ୍ୟାଳୟ ତାଲା ପକାଇ ନିଆଳି ବ୍ଲକ ୨୦ କିଲୋମିଟର ଦୂରକୁ ଯାତ୍ରା କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି କଣ୍ଟାପଡା ବ୍ଲକ ରେ ବିଜେପି ଅଧକ୍ଷ ପଦ ଥିବାବେଳେ କାହିଁକି ବିଧାୟକ ନିଆଳି ବ୍ଲକରେ ସମୀକ୍ଷା ବୈଠକ କଲେ। ବିଧାୟକଙ୍କ ଏଭଳି ନିର୍ଦ୍ଦେଶନାମା ପୂର୍ବରୁ ଜାରି କରିଥିଲେ ନା ଆଉ କାହାର ହାତ ରହିଛି। ଯାହାଫଳରେ କଣ୍ଟାପଡା ବ୍ଲକ କୁ ବିଭିନ୍ନ କାମ ପାଇଁ ଆସୁଥିବା ସାଧାରଣ ଲୋକେ ଦିନ ତମାମ ବ୍ଲକ ରେ ଆପେକ୍ଷା କରି ନିରାଶ ହୋଇ ଫେରିଛନ୍ତି। ଏମିତିକି ନିଜ ଦଳର ଅନେକ ସରପଞ୍ଚ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ସରକାରୀ କର୍ମଚାରୀମାନେ ନିଆଳି ବୈଠକକୁ ଯାଇଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି କାର୍ଯ୍ୟ ପାଇଁ ବହୁ ଲୋକଙ୍କର ଅର୍ଥ ହାନି ହେବାସହ ସରକାରୀ ଅର୍ଥ ଅପବ୍ୟବହାର କରାଯାଇଛି।

# ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକ୍ରମ

ଆଳି(ଭାସ୍କର ନ୍ୟୁଜ୍): ଆଳି ବ୍ଲକ ଆନୁକୂଲ୍ୟରେ ବ୍ଲକ ପରିସର ମଧ୍ୟରେ ଆଜି ଦିବା ୧୦ ଘଟିକାରେ ଆଳି ବ୍ଲକ ପ୍ରଶାସନ ତରଫରୁ 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନା ଲୋକାର୍ପଣ ର ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଡ଼ିଓ ମିନତୀ ଜଗଦେବ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଏକ ନମ୍ବର ଜିଲ୍ଲା ପରିଷଦ ସଭ୍ୟା କନକଲତା ବେହେରା, ଦୁଇ ନମ୍ବର ସଭ୍ୟ ଭୀଷ୍ମ ମହାନ୍ତି, ତିନି ନମ୍ବର ସଭ୍ୟା ସ୍ୱାଗତିକା ରାଉତ , ଚାରି ନମ୍ବର ସଭ୍ୟ ଜୟୀରାମ ସାହୁ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଆଳି ଅଗ୍ନିଶମ ର ଅଧିକାରୀ, ଶତାଧିକ ମିଶନ ଶକ୍ତି ର ମହିଳା, ଏମବିକେ, ବ୍ୟାଙ୍କ ମିତ୍ର, ସିଆରପି, ଇସି ଓ ଅନ୍ୟ ପୁରୁଷ ମହିଳା ମାନେ ଉପସ୍ଥିତ ରହି ଯୋଜନାର ଉଦ୍ଦେଶ୍ୟ ଓ ଅଭିପ୍ରାୟ ଯଥା ସମୃଦ୍ଧ ଓଡିଶାର ନୂତନ ପରିଭାଷା ୫ବର୍ଷରେ ୫ହଜାର କୋଟି ଟଙ୍କା ବ୍ୟୟ ବରାଦ ରେ ଏହି ଯୋଜନା କାର୍ଯ୍ୟକାରୀ ହେବା ବିଷୟରେ ବୁଝିଥିଲେ । ଏହି ସଭାର ସିଧା ପ୍ରସାରଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥା ର ସୁଦୃଢ଼ୀକରଣ, ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଅଭ୍ୟନ୍ତରୀଣ ଓ ଆନ୍ତଃ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀ ର ବିକାଶ ଓ ଉନ୍ନତିକରଣ, ଶିକ୍ଷା ଓ କ୍ରୀଡା ଭିତ୍ତିଭୂମି ର ସମ୍ପ୍ରସାରଣ ଓ ଆଧୁନିକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପ ର ନିର୍ମାଣ ଓ କାର୍ଯ୍ୟନ୍ୱୟନ ବିଷୟରେ ପରିବ୍ୟକ୍ତ କରିଥିଲେ କ୍ଷ ଉପସ୍ଥିତ ମହିଳାମାନେ ହୁଳହୁଳି ଓ ପୁରୁଷମାନେ କରତାଳି ମାଧ୍ୟମରେ ଏହି ଯୋଜନାକୁ ସ୍ୱାଗତ କରିଥିଲେ। ଏହି ଯୋଜନାକୁ ଆଳି ପ୍ରଶାସନର ସମସ୍ତ ବିଭାଗର ସମସ୍ତ କର୍ମକର୍ତ୍ତା ଯଥା ବ୍ଲକ, ତହସିଲ, ସ୍ୱାସ୍ଥ୍ୟକେନ୍ଦ୍ର, ଥାନା ଓ ଅଗ୍ନିଶମ ଅଧିକାରୀ ମାନେ ସୁପରିଚାଳନା କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ବିଡିଓଙ୍କୁ କଂଗ୍ରେସ ନେତାଙ୍କ ସମାଲୋଚନା

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ, ବିକଶିତ ଓଡିଶା' ଯୋଜନାର ଉଦ୍‌ଘାଟନର ଆଭାସି ଉତ୍ସବକୁ ବିଡିଓ ଦେବଦତ୍ତ ଦାଶ ବିଜେପି ଦଳୀୟ ଉତ୍ସବରେ ରୂପାନ୍ତରିତ କରିଥିବା ପ୍ରାକ୍ତନ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସ ଅଭିଯୋଗ ଆଣି ନିନ୍ଦା କରିଛନ୍ତି। ପୂର୍ବ ସରକାର ସମୟରେ ବିଡିଓ ଶ୍ରୀ ଦାଶ ବିଜେଡି ସଙ୍ଗଠନ ପାଇଁ କାର୍ଯ୍ୟ କରି ଅନେକ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ଏବେ ନିଜର ସୁରକ୍ଷା ପାଇଁ ବିଜେପି ଦଳ ନିକଟରେ ବନ୍ଧା ପଡିବା କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି କଂଗ୍ରେସ ନେତା ଶ୍ରୀ ଦାସ ଏକ ପ୍ରେସ ବିଜ୍ଞପ୍ତି ଯୋଗେ ସମାଲୋଚନା କରିଛନ୍ତି। ପଦମର୍ଯ୍ୟାଦାକୁ ଉଲଘଂନ କରି ବିଡିଓ ବ୍ଲକ ପରିସରରେ ଉଦ୍ଦିଷ୍ଟ ମଞ୍ଚରେ ବିଜେପି ଦଳୀୟ ନେତାଙ୍କୁ ବସାଇ ସମ୍ବର୍ଦ୍ଧିତ କରିବା ଓ ବକ୍ତବ୍ୟ ପ୍ରଦାନ ପାଇଁ ସୁଯୋଗ ଦେବା ଲଜ୍ୟାଜନକ ବୋଲି ସେ କହିଛନ୍ତି। ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ହେରଫେର କରିବା, ହିତାଧିକାରୀ ଚୟନରେ ତ୍ରୁଟି, ସୀମାତିକ୍ରମ କରିଥିବା ପିସି କାରବାର ଭଳି କୁକର୍ମରୁ ବର୍ତ୍ତିବା ପାଇଁ ବିଡିଓ ଜନପ୍ରତିନିଧିଙ୍କୁ ଉପେକ୍ଷା କରି ବିଜେପି ଦଳୀୟ ନେତାଙ୍କୁ ମଞ୍ଚାସୀନ ସହ ପ୍ରାଧାନ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଦାସ ବିଡିଓଙ୍କୁ ଚେତାଇ ଦେଇଛନ୍ତି। ବିଡିଓ ଏଭଳି କୁକାର୍ଯ୍ୟରୁ କ୍ଷାନ୍ତ ନରହିଲେ କଂଗ୍ରେସ ଦଳ ନୀରବଦ୍ରଷ୍ଟା ହୋଇ ରହିବ ନାହିଁ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ବିଡିଓଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ପ୍ରଶାସନ ପକ୍ଷରୁ କୌଣସି ଦଳୀୟ ନେତାଙ୍କୁ ମଞ୍ଚାସୀନ ହେବାକୁ ନିମନ୍ତ୍ରଣ କରାଯାଇ ନଥିଲା। ଗହଳି ମଧ୍ୟରେ କ'ଣ ହୋଇଥିବା ତାହାକୁ ଅଯଥା ରଙ୍ଗ ଦିଆଯାଉଛି ବୋଲି ବିଡିଓ ଶ୍ରୀ ଦାଶ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# 'ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ନିପୁଣ ଭାରତ ମେଳା'

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ଅନ୍ତର୍ଗତ କେଶରୀବେଡ଼ା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ନିପୁଣ ଭାରତ କାର୍ଯ୍ୟକ୍ରମ ସ୍ଥାନୀୟ ଲେଂଗଡାଗୁଡ଼ା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୋତିରାମ ଗଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ବି ଆର ସି ସି ସୁଶୀଳା ଜୋରଦାର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପ୍ରଧାନ ଶିକ୍ଷକ ଅରୁଣ ବେହେରା , ଏସ ଆର ଜି ଧନେଶ୍ୱର ପୁହାଣ , କୋପେନା ସରପଞ୍ଚ କିଆବତୀ ଗଣ୍ଡ, ପ୍ରଧାନ ଶିକ୍ଷକ ଲକ୍ଷ୍ମଣ ସରକାର, ସନୋଜ ମଣ୍ଡଳ ଓ ପରିଚାଳନା କମିଟି ସଭାପତି ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ବୁର୍ଜା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆର ଧନୁର୍ଜ୍ଜୟ ରାଓ ଯୋଗଦେଇ କୁନି କୁନି ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷା ଦାନ ନିମନ୍ତେ ସରଳ ,ସହଜ ଓ ବୋଧଗମ୍ୟ ପାଠ୍ୟ ପୁସ୍ତକର ଆବଶ୍ୟକ ଯେପରି ଗୁରୁତ୍ୱପୂର୍ଣ୍ଣ ସେଇଭଳି ଭାବେ ରଙ୍ଗୀନ, ସୁନ୍ଦର ଓ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ମଧ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ୧୫ ଟି ବିଦ୍ୟାଳୟ ପକ୍ଷରୁ ମୌଳିକ ଭାଷା ସାକ୍ଷରତା ସମ୍ପର୍କିତ ୧୧୦ ଟି, ମୌଳିକ ସଂଖ୍ୟାଜ୍ଞାନ ସମ୍ପର୍କିତ ୯୦ ଟି ଓ ସୃଜନଶୀଳ କାର୍ଯ୍ୟାତ୍ମକ ୫୦ ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଏଥିସହିତ ଏକ ଅଭିନବ ପ୍ରୟାସ ସ୍ୱରୂପ ଆସିଥିବା ଅଭିଭାବକ ଓ ନିମନ୍ତ୍ରିତ ଅତିଥିଙ୍କ ନିମନ୍ତେ ଏକ ମତାମତ କେନ୍ଦ୍ର ଖୋଲାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଅନନ୍ତ୍ରୀ ଓ ଶ୍ରେଷ୍ଠ ଭାଷା ସାକ୍ଷରତା ଶିକ୍ଷଣ ସାମଗ୍ରୀ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜାମପାରାକୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସନ୍ତୋଷ ବାରିକ, ବିଶାରଦ ବିଶ୍ୱାଳ, ଚତୁର ଭାତ୍ରା,ପଞ୍ଚୁରାମ ଗଣ୍ଡ, ଗୋବର୍ଦ୍ଧନ ଭତ୍ରା ,ସନ୍ତୋଷ କୁମାର ପ୍ରଧାନ,ରଶ୍ମିତା ମିସ୍ତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।ସହକାରୀ ଶିକ୍ଷକ ବିରସିଂ ପରଜା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୨୦୦ ଛାତ୍ର ଛାତ୍ରୀ ଓ ୧୫୦ ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦେଇଥିଲେ ।



# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ୍ ଅନ୍ତର୍ଗତ କାରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ବାର୍ଷିକୋତ୍ସବ ପାଳନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସୁଶୀଳା ମାଝୀ ବିଦ୍ୟାଳୟ ପାଇଁ ଉଚ୍ଚମାନର ଶିକ୍ଷଣ ପରିବେଶ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ରୂପେ ଶିକ୍ଷାବିତ୍ ଓ ସୁସାହିତ୍ୟିକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ରାଉତ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାର ଆବଶ୍ୟକତା ତଥା ବିନିଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ସାଂସଦ ପ୍ରତିନିଧି ବାସନ୍ତୀ ମାଝୀ ବିଦ୍ୟାଳୟ ପାଇଁ ଆବଶ୍ୟକ ପାଚେରୀ ପାଇଁ ସାଂସଦ ପାଣ୍ଠିରୁ ଅନୁଦାନ ଘୋଷଣା କରିଥିଲେ । ସମ୍ମାନିତ ଅତିଥି ଶ୍ରୀଯୁକ୍ତ କୈଳାସ ବେହେରା ଏହି ଅନୁନ୍ନତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ନିରନ୍ତର ବିକାଶ ଜରୁରୀ ବୋଲି କହିଥିଲେ। ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ପୁରୁଷୋତ୍ତମ ମାଝୀ ପ୍ରଶାସନ ପକ୍ଷରୁ ବିଭିନ୍ନ ଉପାଦେୟ ଯୋଜନା ଆଞ୍ଚଳିକ ଗୀତ ଛଳରେ ଉପସ୍ଥାପନ କରିଥଲେ। ସ୍ଥାନୀୟ ସରପଞ୍ଚ ଶ୍ୟାମଳୀ ଭତ୍ରା, କାରାଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଷ୍ଣୁ ଚନ୍ଦ୍ର ପଟ୍ଟନାୟକ,ସମିତି ସଭ୍ୟ ଶ୍ରୀଯୁକ୍ତ ବିକ୍ରମ ସିଂ, ବରିଷ୍ଠ ସମାଜ ସେବୀ ଉଦୟ ସିଂହ ଭତ୍ରା, ବିଦ୍ୟାଳୟ ସଭାପତି ଶ୍ରୀଯୁକ୍ତ ଲଖି ମାଝୀ, ସିଆରସିସି ଶ୍ରୀଯୁକ୍ତ ମଧୁସୂଦନ ଜେନା ଓ ହେମନ୍ତ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।ସମାରୋହ ଆରମ୍ଭରେ ଶିକ୍ଷକ ଶ୍ରୀ ବଙ୍କିମ ବେହେରା ସ୍ୱାଗତ ଭାଷଣ ଦେବା ସହ ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ଓ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସର୍ବେଶ୍ୱର ମଲ୍ଲିକ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମଧୁସୂଦନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ତ୍ରିପତି ପଟ୍ଟନାୟକ। ଏହାପରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ଥାନୀୟ ବନ୍ଧଗୁଡା ପ୍ରାଥମିକ ବିଦ୍ୟାଳୟର କୁନି କୁନି ପିଲାଙ୍କ ଦ୍ୱାରା ଘୋଡ଼ା ନାଚ ଉପସ୍ଥାପନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଚଇତନ ଭତ୍ରା ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନସୀ ଦାସ, ବିଷ୍ଣୁପ୍ରିୟା ବେଜ, ଅନିତା ପାଢ଼ୀ, ଟୁନୀ ସୁବୁଦ୍ଧି, ଶ୍ରୀ ଅଭିଷେକ ବାରିକ, ତୁଳସୀ ସାଁ, ତେଜ ସାଁ, ଶଶାଙ୍କ ସାର ସନ୍ତୋଷ ସାହୁ ତଥା କ୍ଲଷ୍ଟରର ସମସ୍ତ ଶିକ୍ଷକ ଏଥିରେ ସହଯୋଗ କରିଥିଲେ ।



# ଶ୍ରୀବଳଦେବଜିଉଙ୍କ ମନ୍ଦିର ସୁରକ୍ଷା ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): ବଳଦେବ ସେନା ପକ୍ଷରୁ କେନ୍ଦ୍ରାପଡ଼ାର ନୂତନ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରର ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଏକ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ପ୍ରସଙ୍ଗ ଗୁଡିକରୁ ମୁଖ୍ୟତଃ ଶ୍ରୀଜୀଉଙ୍କ ଦେଉଳରେ ମୋବାଇଲ ଓ କ୍ୟାମେରା ନିଷେଧ କରାଯିବା ସହ ମନ୍ଦିରରେ ବିକାଶ ମୂଳକ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଇ ତ୍ୱରାନ୍ୱିତ କରାଯିବାକୁ ଦାବି ହୋଇଛି । ସୂଚନା ଥାଉକି ରାଜ୍ୟର ସମସ୍ତ ପ୍ରସିଦ୍ଧ ତୀର୍ଥସ୍ଥଳୀ ଓ ମନ୍ଦିର ମାନଙ୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି। କିନ୍ତୁ ରାଜ୍ୟର ପ୍ରମୁଖ ତୀର୍ଥସ୍ଥଳୀ ତଥା ତୁଳସୀକ୍ଷେତ୍ରର ଅଧିପତିଙ୍କ ମନ୍ଦିରରେ କୌଣସି ପ୍ରକାର ଉନ୍ନତି ମୂଳକ କାର୍ଯ୍ୟ କରାଯାଇ ନଥିବା ଅଭିଯୋଗ ହୋଇଛି। ଯାହାକୁ ସାଧାରଣରେ ନିନ୍ଦା କରାଯାଇଛି। ଅନ୍ୟ ଏକ ପ୍ରସଙ୍ଗ ଯଥା ମନ୍ଦିରର ସୁରକ୍ଷା ଏବଂ ପବିତ୍ରତାକୁ ଗୁରୁତ୍ୱ ପ୍ରଦାନ କରି ମନ୍ଦିର ପରିସରରେ ମୋବାଇଲ ଓ କ୍ୟାମେରାକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିବାକୁ ସେନା ଦାବି କରିଛି । ଏସମ୍ପର୍କରେ ବହୁବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ମନ୍ଦିର ବେଢାରେ ଅନେକ ଲୋକେ ରିଲ୍ସ କରିବା ସହ ଶ୍ରୀଜୀଉଙ୍କ ଫଟୋ ଉତ୍ତୋଳନ କରି ବିଭିନ୍ନ ସାମାଜିକ ଗଣ ମାଧ୍ୟମରେ ପ୍ରକାଶ କରୁଛନ୍ତି । ଯାହାଦ୍ୱାରା ମନ୍ଦିରର ପବିତ୍ରତା କ୍ଷୁର୍ଣ୍ଣ ହେଉଛି । ସେହିପରି ଭାବେ ମନ୍ଦିରର ସୁରକ୍ଷା ପାଇଁ ଆବଶ୍ୟକୀୟ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିବା ସହ ମନ୍ଦିର ବେଢାରେ ଲାଗିଥିବା ସିସିଟିଭି ଗୁଡ଼ିକର ମରାମତି କରିବାକୁ ମଧ ସେନା ଦାବି କରିଛି । ସିଂହ ଦ୍ୱାରରେ ଆବଶ୍ୟକୀୟ ଆରକ୍ଷୀ ବାହିନୀ ନଥିବାରୁ ଅନେକ ସମୟରେ ଅଣ ହିନ୍ଦୁମାନେ ମନ୍ଦିର ପରିସରକୁ ପ୍ରବେଶ କରିବା ସହ ଅନେକ ବ୍ୟକ୍ତି ମନ୍ଦିର ମଧ୍ୟକୁ ନିଶା ଦ୍ରବ୍ୟ ନେବାର ଘଟଣା ନଜରକୁ ଆସିଛି ବୋଲି ସେନା ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଉପଜିଲ୍ଲାପାଳ ଶ୍ରୀ ନାୟକ ମନ୍ଦିରର ଉନ୍ନତି ମୂଳକ କାର୍ଯ୍ୟ ଖୁବ୍ ଶୀଘ୍ର ତ୍ୱରାନ୍ୱିତ କରାଯିବା ସହ ବେଢ଼ା ପରିସରରେ ମୋବାଇଲ୍ ଓ କ୍ୟାମେରା ବନ୍ଦ କରିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ସେନା ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଆଶୁତୋଷ ପଣ୍ଡା, ଲଲାଟେନ୍ଦୁ ବେହେରା, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗ୍ରାମ ସମିତି ପକ୍ଷରୁ ବିଭିନ୍ନ ସମସ୍ୟାର ସମାଧାନ ନେଇ ଦାବି

ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମସ୍ଥିତ ଶ୍ରୀମଦ୍ ବାବା ବଳିଆଙ୍କର ଆଶ୍ରମ ପରିସରରେ ସଂଗ୍ରାମ ସମିତି କଟକର ବାର୍ଷିକୋତ୍ସବ-୨୦୨୫ ସଭାପତି ଅଧିବକ୍ତା ଉମାକାନ୍ତ ନନ୍ଦଙ୍କ ପୌରହିତ୍ୟରେ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ, ପୂଜ୍ୟ ନେତାଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କଲାପରେ ସାଧାରଣ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅବିଭକ୍ତ କଟକ ସଦର ଥାନା ଅଂଚଳର ସାମଗ୍ରିକ ଉନ୍ନତି ଓ ବିକାଶ ପଥରେ ସୃଷ୍ଟି ହୋଇଥିବା ସମସ୍ୟାମାନଙ୍କ ସମ୍ପର୍କରେ କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର କର ଓ ପୀତବାସ ମହାପାତ୍ର ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ମଧ୍ୟରେ ସର୍ବ ଲଳିତ କୁମାର ଦାଶ, ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରଭାତ କୁମାର ସ୍ୱାଇଁ, ଇଂ ଅଶୋକ କୁମାର ବିଶ୍ୱାଳ, ଡ଼କ୍ଟର ଶରତ କୁମାର ରଥ,ପ୍ରମୋଦ କୁମାର ମହାପାତ୍ର , ନଳିନୀକାନ୍ତ ପଟ୍ଟନାୟକ, ଅଶୋକ କୁମାର ରଥ, ଗଗନ ବିହାରୀ ଜେନା, ଗଣେଶ ବେହେରା, ଡାକ୍ତର ଅରବିନ୍ଦ ନନ୍ଦ, ପ୍ରଦ୍ୟୁମ୍ନ କୁମାର ପତି, ବଟକୃଷ୍ଣ ସ୍ୱାଇଁ, ଅଜୟ କୁମାର ବେଉରା, ରୁଦ୍ର ନାରାୟଣ ଦାସ, ଅମୂଲ୍ୟ କୁମାର ବାରିକ, ଦେବରଞ୍ଜନ ବୈଠାଲୁ, ବିଶ୍ୱ ରଞ୍ଜନ ଦାସ, ଶାଶ୍ୱତ କର, ସତ୍ୟରଞ୍ଜନ ଦାସ ମହାପାତ୍ର,ଅମିତ କୁମାର ପରିଜା, ଧୀରେନ୍ଦ୍ର ସାହୁ, ଚିନ୍ମୟ ମହାରଣା, ପ୍ରତାପ ଚନ୍ଦ୍ରାବାହୀ, ତନ୍ମୟ ପରିଜା, ପ୍ରତାପ କେଶରୀ ପାତ୍ର, ନିରଞ୍ଜନ ପରିଜା, ସୋମନାଥ ଦାସ ଓ ମହାସଚିବ ନିମାଇଁଚରଣ ଲେଙ୍କା ପ୍ରଭୃତି ଆଲୋଚନା କରି ସୁଚିନ୍ତିତ ମତ ଦେଇ ଏଗୁଡ଼ିକୁ ନୂତନ ଭାବେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ କାର୍ଯ୍ୟ କରୁଥିବା ଓଡିଶା ସରକାରଙ୍କ ନିକଟରେ ଦାବିଗୁଡିକ ଉପସ୍ଥାପନା କରିଥିଲେ। ବର୍ଷାଋତୁ ପରେପରେ ମୁଣ୍ଡଳୀ ଆନିକଟରୁ କାଠଯୋଡ଼ି ନଦୀକୁ ଜଳ ନିଷ୍କାସନ ଦ୍ୱାର ଦୀର୍ଘ ଚାରି ଦଶନ୍ଧି ଧରି ବନ୍ଦ କରାଯାଉଥିବାରୁ ନିରନ୍ତର ଜଳପ୍ରବାହ ବିନା କାଠଯୋଡ଼ି ଓ ପ୍ରମୁଖ ଶାଖାନଦୀ ସିତୁଆ ମୃତ ଅବସ୍ଥାକୁ ଆସିଗଲାଣି । କୁଆଖାଇ ନଦୀରେ ମଧ୍ୟ ଜଳପ୍ରବାହ ହେଉନାହିଁ । ନଦୀମାନଙ୍କର ଜଳପ୍ରବାହ ହେଉନଥିବାରୁ ଭୂତଳ ଜଳସ୍ତର ତଳକୁ ଚାଲିଯାଉଅଛି, କୂପ, ପୁଷ୍କରିଣୀ ଶୁଖିଯାଉଅଛି । ବିସ୍ତୀର୍ଣ୍ଣ ଇଲାକାରେ ଜଳ ବିନା ହାହାକାର ଅବସ୍ଥା ଦେଖାଯାଉଅଛି । ଏତଦବ୍ୟତୀତ ଝରିଝରି ଆସୁଥିବା ସ୍ୱଚ୍ଛ ଜଳଧାରାରେ କଟକ ସହର ନାଳନର୍ଦ୍ଦମା ପାଣିକୁ ନିଷ୍କାସନ କରାଯାଉଥିବାରୁ ଜଳଧାର ପ୍ରଦୂଷିତ ହୋଇଯାଉଛି । ଏହି ପ୍ରଦୂଷିତ ଜଳକୁ ବ୍ୟବହାରକରି ପ୍ରତିବର୍ଷ ଶତ ଶତ ସଂଖ୍ୟାରେ ମନୁଷ୍ୟ, ଗୋ ସମ୍ପଦ ପ୍ରାଣୀ ଓ ପକ୍ଷୀମାନେ ରୋଗଗ୍ରସ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ନଦୀଜଳ ପ୍ରବାହିତ ହେଉନଥିବାରୁ ଶୁଦ୍ଧ ଶୌଚକାର୍ଯ୍ୟ ଅନ୍ତେଷ୍ଟିକ୍ରିୟା ଇତ୍ୟାଦି କରାଯାଇପାରୁନାହିଁ । ପୂଜା ଉତ୍ସବ ସମୟରେ ନଦୀରେ ସ୍ନାନ କରିବା, ନଦୀ ଜଳକୁ ବ୍ୟବହାର କରିବା ଓ ବୁଡ଼ ପକାଇବା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଉଅଛି । ନଦୀ ଜଳ ବିନା ଚାଷ କାର୍ଯ୍ୟରେ ନାହିଁ ନଥିବା ବାଧା ସୃଷ୍ଟି ହେଉଛି । ତେଣୁ ନଦୀରେ ପ୍ରଦୂଷିତ ବିହୀନ ଜଳପ୍ରବାହ ସୃଷ୍ଟି କରିବାକୁ ଦାବି କରାଯାଇଅଛି। ନଦୀକୂଳ ବାସିନ୍ଦାଙ୍କର ବ୍ୟବହାର ପାଇଁ କାଠଯୋଡ଼ି ନଦୀ ଓ ସିଡୁଆ ନଦୀର ତଳଭାଗରେ ମଧ୍ୟମଧରଣର ଆନିକଟ ନିର୍ମାଣ କରି ଜଳଗଚ୍ଛିତ କରିବାକୁ ଦାବି କରାଯାଇଅଛି। କଟକ ସହରକୁ ସଂଯୁକ୍ତ କରୁଥିବା ଝିଙ୍କିରିଆରେ କାଠଯୋଡ଼ି ନଦୀର ସେତୁ ନିକଟରେ ଦ୍ୱିତୀୟ ସେତୁ ଓ କାଜିପାଟଣାଠାରେ ତ୍ରିଶୁଳିଆକୁ ସଂଯୋଗ କରୁଥିବା କୁଆଖାଇ ନଦୀ ଉପରେ ନିର୍ମିତ ହୋଇଥିବା ସେତୁ ନିକଟରେ ଦ୍ୱିତୀୟ ସେତୁ ନିର୍ମାଣ କରିବାକୁ ଦାବି କରାଯାଇଅଛି। ଚାଷୀ ଓ କୃଷକମାନଙ୍କର ଉତ୍ପାଦିତ ଶସ୍ୟକୁ ଗଚ୍ଛିତ କରି ରଖିବାକୁ ଅତୀତରେ ସମବାୟ ଭିତ୍ତିରେ ୪୨ ମୌଜାର ତାଡପଡାଠାରେ ଓ ବ୍ରାହ୍ମଣଝରିଲୋ ଠାରେ ଯେଉଁ ଶୀତଳଭଣ୍ଡାର ଦ୍ୱୟ କାର୍ଯ୍ୟ କରୁଥିବା ଦୀର୍ଘ ତିନି ଦଶନ୍ଧି ଧରି ଏହା ବନ୍ଦ ହୋଇଯାଇଅଛି। ଏହି ଦୁଇ ଗୋଟି ବ୍ଲକ ର ଶୀତଳ ଭଣ୍ଡାର ଚାଲୁ କରିବା ସକାଶେ ବୈଠକରେ ରାଜ୍ୟ ସରକାରଙ୍କ ପାଖରେ ଦାବି କରାଯାଇଥିଲା । ବାରଙ୍ଗ ତହସିଲ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଶୀତଳ ଭଣ୍ଡାର ସମ୍ମୁଖ ପଡିଆ ଓ ଅରିଲୋ ଆର.ଆଇ ସର୍କଲ ଅରଡିଆପଡା ବାଲିଆମାଳ ପଡିଆଠାରେ ଶିଳ୍ପ ଅନୁଷ୍ଠାନ ବା କଳକାରଖାନା ନିର୍ମାଣ କରାଯାଇ ୫୦ ଗୋଟି ପଂଚାୟତର ବେକାର ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବାକୁ ବୈଠକରେ ସରକାରଙ୍କ ପାଖରେ ଦାବି କରାଯାଇଛି । ନୂଆଗଡ ଗ୍ରାମର ଦୀର୍ଘ ବର୍ଷ ଧରି ରହିଆସୁଥିବା ପରିବାରବର୍ଗଙ୍କୁ ରାଜସ୍ୱ ବିଭାଗ ତରଫରୁ ଢିଅ ପଟ୍ଟା ଯୋଗାଇ ଦେବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ପଟ୍ଟା ଯୋଗାଇ ଦିଆଯାଇନାହିଁ,ଏହା ସଭାରେ ଉଦବେଗ ପ୍ରକାଶ ପାଇଥିଲା। ତୁରନ୍ତ ଏମାନଙ୍କୁ ପଟ୍ଟା ଯୋଗାଇ ଦେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ଜାତୀୟ ରାଜପଥର ବାଲିକୁଦାଠାରେ ଥିବା ଟ୍ରାଫିକ ପୋଲିସ ଷ୍ଟେସନ ନିକଟ ପାଦ ଚଲା ରାସ୍ତା ନିର୍ମାଣ ନ ହୋଇଥିବାରୁ ବହୁବାର ଦୁର୍ଘଟଣା ମାନ ଘଟିବାର ଲାଗିଛି, ତୁରନ୍ତ ଏକ ପାଦ ଚଲା ରାସ୍ତା ନିର୍ମାଣ କରାଯିବାକୁ ସର୍ବସମ୍ମତିକ୍ରମେ ବୈଠକରେ ମତପ୍ରକାଶ ପାଇଥିଲା । ସେହିପରି ମହୀଧରପଡା ଓ ବେଣ୍ଟକାର ଦୁଇ ଗୋଟି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକତା ଅନୁଯାୟୀ ଡାକ୍ତର, ଫାର୍ମାସିଷ୍ଟ,ଷ୍ଟାଫ ନର୍ସ ବହୁ ପଦବୀ ଖାଲି ପଡ଼ିଥିବାରୁ ସେବା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି, ତୁରନ୍ତ ଏହି ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ବୈଠକରେ ଦାବି କରାଯାଇଥିଲା ।ଏହିସବୁ ସମସ୍ୟା ଉପରେ ତୁରନ୍ତ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କଟକ ସଦର ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି।



ଆମ କଳାହାଣ୍ଡି



ପୃଷ୍ଠା-୧୨
Page-12
ଶନିବାର, ୮ ଫେବୃଆରୀ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର

# ଡମି ଶିକ୍ଷକଙ୍କ ଭରସାରେ ଥିଲା ପିଲାଙ୍କ ଭବିଷ୍ୟତ

- ଚାକିରିରେ ଅବହେଳା ପଡିଲା ମହଙ୍ଗା
- ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ, ସହକାରୀଙ୍କ ଦରମା ବନ୍ଦ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ସମୟରେ ବହୁ ଚମକପ୍ରଦ ଅଭୂତପୂର୍ବ ଘଟଣା ଦେଖିବାକୁ ମିଳେ। ଏଥିପାଇଁ ଏହି ଜିଲ୍ଲା ବେଶ୍ ଚର୍ଚ୍ଚିତ ହୋଇଥାଏ। ସରକାରୀ ଡାକ୍ତରଖାନାରେ ନକଲି ମେଡ଼ିକାଲ ଅଫିସର ହୋଇ ମାସ ମାସ ଧରି କାମ କରି ଦରମା ନେବା, ସରକାରୀ ହାଇସ୍କୁଲରେ ନକଲି ପ୍ରଧାନ ଶିକ୍ଷକ ହୋଇ କାମ କରିବା, ନକଲି ଶିକ୍ଷାଗତ ଯୋଗ୍ୟତା ବା ନକଲି ଜାତି ପ୍ରମାଣ ପତ୍ର ଦେଇ ସରକାରୀ ଚାକିରୀ ହାତେଇବା ଭଳି ବହୁ ନିଆରା ନଜିର ଏହି ଜିଲ୍ଲାରେ ଦେଖିବାକୁ ମିଳିଥାଏ। ଏବେ ଏଭଳି ଆଉ ଏକ ବିସ୍ମୟକର ଘଟଣା ଜିଲ୍ଲାରେ ଘଟି ଯାଇଛି ଶିକ୍ଷା ବିଭାଗରେ। ତାହା ପୁଣି ଖୋଦ୍ ଜିଲ୍ଲା ପ୍ରଶାସନର ନାକତଳେ ଥିବା ସଦର ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଜାଣତରେ। ଭବାନୀପାଟଣା ବ୍ଲକ ଓ ଲାଞ୍ଜିଗଡ ବ୍ଲକର ସୀମାନ୍ତରେ ଥିବା ଯୁଗସାଇପାଟଣା ଗ୍ରାମ ପଞ୍ଚାୟତର କଟଲଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଆସିଛି ଏକ ଅବିଶ୍ୱାସନୀୟ ଖବର। ଏହି ବିଦ୍ୟାଳୟରେ ଅଛି ପ୍ରଥମରୁ ପଞ୍ଚମ ଯାଏଁ ପାଞ୍ଚଟି ଶ୍ରେଣୀ। ମୋଟ ୪୩ ଜଣ ଛାତ୍ରଛାତ୍ରୀ ଏଠି ପାଠ ପଢନ୍ତି। ପ୍ରଧାନ ଶିକ୍ଷକଙ୍କ ସହ ଜଣେ ସହକାରୀ ଶିକ୍ଷକଙ୍କ ଉପରେ ଥାଏ ପିଲାଙ୍କ ପାଠପଢା ଦାୟିତ୍ୱ। ହେଲେ ନିଜ କର୍ତ୍ତବ୍ୟ ପରାୟଣତାକୁ ଜଳାଞ୍ଜଳି ଦେଇ ଉଭୟ ଶିକ୍ଷକ ମାସକୁ ମାତ୍ର ଦିନେ ଦୁଇଦିନ ସ୍କୁଲକୁ ଆସୁଥିଲେ ଓ ପିଲାମାନଙ୍କୁ ପାଠ ନ ପଢାଇ ମାସକୁ ମାସ ଦରମା ନେଉଥିଲେ। କାଳେ ପିଲାମାନେ କି ଅବିଭାବକମାନେ ଅଭିଯୋଗ କରିବେ ସେଥିପାଇଁ ଚାଲାକ ଶିକ୍ଷକ ଦୁହେଁ ସେଇ ଗାଆଁର ମେଟ୍ରିକ ପଢିଥିବା ଜଣେ ଝିଅକୁ ମାସିକ ୪ ହଜାର ୫୦୦ ଟଙ୍କା ଦେଇ ଡମି ଶିକ୍ଷକ ଭାବେ ପାଠ ପଢାଇବା ପାଇଁ ଦାୟିତ୍ୱ ଦେଇଥିଲେ। ମାତ୍ର ସତ କେବେ ଲୁଚି ରହେନା କିଛିଦିନ ପୂର୍ବେ ଏହି ଘଟଣା ଲୋକଲୋଚନକୁ ଆସିଲା। ଅବିଭାବକମାନଙ୍କ ଅଭିଯୋଗ ତଥା ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହଯୋଗରେ ଘଟଣା ବିଭାଗୀୟ ଅଧିକାରୀ, ଏମିତି କି ଜିଲ୍ଲାପାଳଙ୍କ ନିକଟରେ ମଧ ପହଞ୍ଚିଲା। ଏହି ଘଟଣା ସମ୍ପର୍କରେ ଭବାନୀପାଟଣା ବିଇଓ ଆଚାରୀ ଶବର ନୂଆ ହୋଇ ଆସି ଥିବାରୁ କୌଣସି ସୂଚନା ପାଇ ନଥିଲେ। ତେବେ ଅଭିଯୋଗ ପାଇବା ପରେ ସେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷକ ଚକ୍ରଧର ପାଲିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲା ବେଳେ ସହ ଶିକ୍ଷକ ଭଗବାନ ଶିଖାଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବିଇଓ ଶ୍ରୀ ଶବର। ଘଟଣାଟି ବେଶ୍ ସମ୍ବେଦନଶୀଳ ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟ ଦାୟିତ୍ୱରେ ଥିଲା ବିଆର୍ ସି କିମ୍ବା ସିଆର୍ ସିସି କିଭଳି ବିଦ୍ୟାଳୟରେ ଥିବା ଶିକ୍ଷକଦ୍ୱୟଙ୍କ ଅନୁପସ୍ଥିତି ବା ଚାକିରୀର ଅନିୟମିତତା କଥା ଜାଣିପାରିଲେ ନାହିଁ ସେ ନେଇ ଏବେ ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି।

# ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ମ. ରାମପୁର ବ୍ଲକ ମଦନପୁର ସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ମେହେରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ୨୦୨୫ ପାଳିତ ହୋଇଯାଇଛି । ଏଥିର ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ମୁଖ୍ୟବକ୍ତା ଭାବେ ବାଲିଭଟା ପ୍ରଧାନ ଶିକ୍ଷକ ସଞ୍ଜିତ କୁମାର ମହାନ୍ତି, ସମ୍ମାନିତ ଅତିଥି ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯାମି କଂହର, ମଣ୍ଡଳ ଶିକ୍ଷା ନିରୀକ୍ଷକ କୈଳାସ ମହାରଣା, ଅଧମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶତ୍ରୁଜିତ କୁମାର ପତି, ଜନ୍ମେଜୟ ଶବର, ସଂଜୀବ କୁମାର ପଣ୍ଡା, ସ୍କୁଲ ସଭାପତି ରାୟସିଂ ପାତ୍ର, ସମାଜସେବୀ ତଥା ସାମ୍ବାଦିକ ପ୍ରଦିପ କୁମାର ସାହୁ ଉପସ୍ଥିତ ଶିକ୍ଷାର ମହତ୍ତ୍ୱ, ବିଦ୍ୟାଳୟର ଉନ୍ନତି ଉପରେ କହି କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ମେହେର ବାର୍ଷିକ ବିବରଣୀ ପଠନ କରି ଥିବାବେଳେ ମଞ୍ଚ ପରିଚାଳନା ଶିକ୍ଷକ ମୀନକେତନ ସୁନା ଓ ଧନ୍ୟବାଦ ଅର୍ପଣ ସୁକେଶ ନାୟକ କରିଥିଲେ। ଏଥିରେ ଶିକ୍ଷକ ପ୍ରତ୍ୟୁଷ କୁମାର ଭୋଇ, ବଗରୁ ବାହାନ ଭୋଇ, ଭଗବାନ ଧରୁଆ, ପ୍ରଶାନ୍ତ କୁମାର ସାହୁ, କିଶୋର ଚନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ଅନୁରାଧା ପାଣ୍ଡେ, ଶୁଶ୍ରୀତା ପଟେଲ, ପ୍ରିୟଙ୍କା ଭୋଇ ଏବଂ ସମସ୍ତ ଚତୁର୍ଥଶ୍ରେଣୀ କର୍ମଚାରୀ ସାହାଯ୍ୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ର କର୍ତ୍ତା, ପୂରାତନ ଛାତ୍ର, ଯୁବଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ଜିଲ୍ଲା ଭିନ୍ନକ୍ଷମ ପ୍ରମାଣପତ୍ର ବୋର୍ଡ କ୍ୟାମ୍ପ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ବ୍ଲକ ପରିସର ମଧ୍ୟରେ ଜିଲ୍ଲା ଭିନ୍ନକ୍ଷମ ପ୍ରମାଣପତ୍ର ବୋର୍ଡ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ତତ୍ତ୍ୱାବଧାନରେ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ୟାମ୍ପରେ ଅସ୍ଥି ସଲ୍ୟ ବିଭାଗରୁ ଡା. ସୁନୀଲ କୁମାର ପାଢୀ, ବାଣୀ ଓ ଶ୍ରବଣ ବିଭାଗରୁ ଡା. ପ୍ରଦ୍ୟୁମ୍ନ କିଶୋର ପଣ୍ଡା, ଚକ୍ଷୁ ବିଭାଗରୁ ଡା.ନିବେଦିତା ସାହୁ ଓ ମାନସିକ ଅନଗ୍ରସର ବିଭାଗରୁ ଡା. ପ୍ରବୀଣ କୁମାର ସାହୁ ଯୋଗ ଦେଇଥିଲେ। ଏହି କ୍ୟାମ୍ପରେ ମୋଟ ୨୪୨ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିଲାବେଳେ ସେମାନଙ୍କ ମଧ୍ୟରୁ ୧୨୪ ଜଣ ଅସ୍ଥିଶଲ୍ୟ ବିଭାଗ, ୩୮ ଜଣ ଦୃଷ୍ଟି ବାଧିତ, ୫୮ ଜଣ ବାଣୀ ଓ ଶ୍ରବଣ ବିଭାଗ ଏବଂ ୨୨ ଜଣ ମାନସିକ ଅନଗ୍ରସର ବିଭାଗରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଡାକ୍ତରଙ୍କ ଠାରେ ପରୀକ୍ଷା ହୋଇଥିଲେ ଓ ପରାମର୍ଶ ନେଇଥିଲେ। ଉପସ୍ଥିତ ଚିକିତ୍ସକମାନେ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉପରେ ଆଲୋକପାତ କରିଥିଲେ।

# ଲାଇଭ୍ ଭିଡିଓ ପ୍ରସାରଣ ମାଧ୍ୟମରେ ଯୋଡ଼ି ହେଲେ ଗୋଲାମୁଣ୍ଡାବାସୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ ) : ସ୍ଥାନେ ସ୍ଥାନେ ଓଡ଼ିଶାର ନୂଆ ସରକାରଙ୍କର ଅଭିନବ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କର କମଳରେ ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ପରିସରରେ ଉଦ୍ଘାଟନର ସିଧା ପ୍ରସାରଣ ଓ୍ୱେବ୍‌ସାଇଟ ଜରିଆରେ ଏବଂ ଲାଇଭ ଟିଭି ଚ୍ୟାନେଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ସାଂସଦଙ୍କ ପ୍ରତିନିଧି ପବିତ୍ର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନି ରାଉତ, ସରିତା ମାଝୀ, ଜୟସେନ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ତହସିଲଦାର ଚନ୍ଦନ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଜୟଦ୍ରଥ ମହାନନ୍ଦ, ବିଜେପି ବ୍ଲକ ସଭାପତି ପ୍ରଦୀପ ପଣ୍ଡା, ଗୋଲାମୁଣ୍ଡା ବିଡ଼ିଓ ଶ୍ରୀଧର ପଣ୍ଡା, ଜିପିଡିଓ ରମିତ ପଧାନ, ଏଇଇ ପର୍ଶୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ନୂତନ ଯୋଜନା ମାଧ୍ୟମରେ ୫ ବର୍ଷ ପାଇଁ ୫ କୋଟି ଖର୍ଚ୍ଚ କରାଯିବାପାଇଁ ଲକ୍ଷ୍ୟ ରଖା ଯାଇଛି। ପ୍ରତି ବର୍ଷ ୧ କୋଟି ଟଙ୍କା ଗ୍ରାମର ଉନ୍ନତିକରଣ ପାଇଁ ଖର୍ଚ୍ଚ କରାଯିବା ପାଇଁ ଲକ୍ଷ ରଖାଯାଇଛି। ଗୋଲାମୁଣ୍ଡା ବ୍ଲକରେ ଏହି କାର୍ଯ୍ୟକ୍ରମର ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା। ବ୍ଲକ ପରିସରରେ ଲୋକଙ୍କର ସମାଗମ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ସେମାନଙ୍କ ଖାଦ୍ୟ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ବ୍ଲକ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକର ୨୮ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ସମିତି ମାନେ ଯୋଗୋ ଦେଇଥିଲେ।

# ଉତ୍କଟ ହେଉଛି ପାଣି ସମସ୍ୟା

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ବକଟପୁର ଗାଁରେ ଦୁଇ ଦିନ ଧରି ପିଇବା ପାଣି ନ ପାଇ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ପୋଖରୀବନ୍ଧରୁ ଲାଞ୍ଜିଗଡ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ବକଟପୁର ଗ୍ରାମବାସୀ। ସୂଚନାନୁସାରେ ଲାଞ୍ଜିଗଡ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ବକଟପୁର ଗାଁରେ ଦୁଇ ଦିନ ଧରି ପିଇବା ପାଣି ସମସ୍ୟା ଦେଖା ଦେଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ ଦାୟୀତ୍ୱରେ ଥିବା କର୍ମଚାରୀ କର୍ଣ୍ଣପାତ ନ କରିବାରୁ ପୋଖରୀବନ୍ଧରୁ ଲାଞ୍ଜିଗଡ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ଗରା, ମାଠିଆ, ବାଲ୍‌ଟି ଧରି ବକଟପୁର ଗାଁର ପୁରୁଷ ଓ ମହିଳା ମାନେ ରାସ୍ତା ଅବରୋଧ କରିଥିଲେ। ଯାହା ଫଳରେ ଶହ ଶହ ଗାଡି ଅଟକ ରଖିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର, ସହକାରୀ ଯନ୍ତ୍ରୀ ଦଶମନ୍ତ ମାଝୀ ଘଟଣା ସ୍ଥଳେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରି ପ୍ରତିଶ୍ରୁତି ଦେବାପରେ ଲୋକେ ଧାରଣାରୁ ଓହରି ଥିଲେ।

# ବନ୍ଦ ହେଲା ବେଆଇନ ପିଚୁ ପ୍ଲାଣ୍ଟ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ତହସିଲଦାର ଶୁଭସ୍ମିତା ମିଶ୍ରଙ୍କ ହସ୍ତକ୍ଷେପ ପରେ ବନ୍ଦ ହୋଇଛି ସରକାରୀ ଜମିରେ ଚାଲିଥିଲା ପିଚୁ ପ୍ଲାଣ୍ଟ। ଭବାନୀପାଟଣା ତହସିଲ ଅଧୀନ ଛତିକୁଡ଼ାରେ ଗତ ଦେଢବର୍ଷ ଧରି ଚାଲିଥିବା ଏକ ପିଚୁ ପ୍ଲାଣ୍ଟ ଉପରେ ଚଢାଉ କରିଥିଲେ। ଚଢାଉ ବେଳେ ପ୍ଲାଣ୍ଟଟି ବେଆଇନ ଭାବେ ଚାଲୁଥିବା ଜଣାପଡିଥିଲା। ପରେ ତହସିଲଦାଙ୍କ ନିର୍ଦ୍ଦେଶରେ ପ୍ଲାଣ୍ଟକୁ ସିଲ୍ କରି ଦିଆଯାଇଛି। ଭବାନୀପାଟଣା ତହସିଲ ଅନ୍ତର୍ଗତ ମୌଜା ୨୯୧, ଖାତା ନଂ ୧୯୯ର ଗ୍ରାମ୍ୟ ଜଙ୍ଗଲ ରକ୍ଷିତ ଜମି ଉପରେ ପ୍ଲାଣ୍ଟଟି ରହିଥିଲା। ପ୍ଲାଣ୍ଟରୁ ନିର୍ଗତ ବର୍ଜ୍ୟ ଯୋଗୁଁ ସ୍ଥାନୀୟ ଚାଷୀଙ୍କ ଚାଷ ଜମିରେ ଫସଲ ନଷ୍ଟ ହେବା ସହ ଡଷ୍ଟ ଉଡି ଲୋକେ ଶ୍ୱାସକ୍ରିୟାରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତି କରି ତହସିଲଦାର ମିଶ୍ର ଥରେ ପ୍ଲାଣ୍ଟ ପରିସରକୁ ଆସିଥିଲେ। ସମସ୍ତ ପରିସ୍ଥିତିକୁ ଅନୁଧ୍ୟାନ କରିବାପରେ ପୁଣିଥରେ ସ୍ଥାନୀୟ ଲୋକଙ୍କ ସହ ପୋଲିସ ଫୋର୍ସ ସହାୟତାରେ ଆସି ପ୍ଲାଣ୍ଟରେ ଚଢାଉ କରିଛନ୍ତି ଓ ପ୍ଲାଣ୍ଟକୁ ସିଲ୍ କରିଛନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଧର୍ମଗଡ଼, (ଭାସ୍କର ନ୍ୟୁଜ) : ଧର୍ମଗଡ଼ ବ୍ଲକ ବେହେରା -ସରଧାପୁର ଗ୍ରାମର ଆଦର୍ଶ ଅବସର ପ୍ରାପ୍ତ ଶିକ୍ଷକ କାମେଶ୍ୱର ସିଂ (୭୩)ଙ୍କ ପରଲୋକ ଘଟିଛି। ନିଜ ବାସ ଭବନରେ ସକାଳ ସମୟରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ପାଖରେ ବଡ଼ ପୁଅ ବୋହୂ ନାତି ନାତୁଣୀ ରହିଥିଲେ। ଖବର ପ୍ରସାର ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜ ହାତରେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢି ତୋଳିଛନ୍ତି। ବେହେରା ସ୍ଥିତ ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଓ ଅନୁଷ୍ଠାନ ପରିଚାଳନାରେ ତାଙ୍କର ବିଶେଷ ଅବଦାନ ରହିଛି। ଶିକ୍ଷକତା ଜୀବନରେ ବିଦ୍ୟାଳୟରେ ଉପସ୍ଥିତି ତାଙ୍କର ବଡ଼ ଉପଲବ୍ଧି ଥିବାବେଳେ ଜଣେ ଆଦର୍ଶ ଶିକ୍ଷକ ହିସାବରେ ସେ ଅନେକ ସମ୍ମାନ ପ୍ରାପ୍ତ କରିଥିଲେ। କେବଳ ଶିକ୍ଷକ ହିସାବରେ ନୁହେଁ ସେ ଜଣେ ମିଷ୍ଟଭାଷି, ପରୋପକାରୀ, ସମାଜସେବୀ ଭାବେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କର ମୃତ୍ୟୁରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ବିଧାୟକ ମୌସୁଧିବାଗ, ପୁଷ୍ପେନ୍ଦ୍ର ସିଂ ଦେଓ, ପୂର୍ବତନ ଅଧକ୍ଷ ବଳ ପୁଝାରି ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ସଫାସୁତୁରା ରଖିବା ନେଇ ଡଷ୍ଟବିନ୍ ବଣ୍ଟନ



କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : ଏସବିଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନ ତରଫରୁ ସମାଜକୁ ସଫା ସୁତୁରା ରଖିବା ପାଇଁ ନିରନ୍ତର ଉଦ୍ୟମ କଳାହାଣ୍ଡି ଜିଲ୍ଲାରେ ଜାରି ରଖିଛି। ଏହି ସଂସ୍ଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା କରି ଆସୁଛି। ପ୍ରଥମତଃ ଭବାନୀପାଟଣା ବ୍ଲକ ସ୍ଥିତ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ସଫେଇ ଅଭିଯାନ ଆରମ୍ଭ ହୋଇଛି। ଅଙ୍ଗନବାଡ଼ି କେନ୍ଦ୍ର ଓ ଉଚ୍ଚ ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନକୁ ଦୃଷ୍ଟିରେ ରଖି ଅଙ୍ଗନବାଡି ସହଯୋଗୀଙ୍କ ଏବଂ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ରାମକି ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡଙ୍ଗୀ ଭେଷଜ ବିତରକ ଜ୍ୟୋଷ୍ଟାମୟୀ ବେହେରା, ଷ୍ଟାଫ ନର୍ସ ପଙ୍କଜିନି ରଣ. ଏଲ ଟି ନିତୁ ନାୟକ, ପାଇଲଟ ନିରଂଜନ ହାତୀ, ଲିଙ୍ଗରାଜ ସ୍ୱାଇଁଙ୍କ ଦ୍ୱାରା ସେହି ଅଂଚଳ ଲାଗି ଆଜି ୨ ଟା (ଓଦା ଏବଂ ଶୁଖିଲା) ଆବର୍ଜନା କୁଣ୍ଡ ପ୍ରଦାନ କରିଛନ୍ତି। ଆବର୍ଜନା କୁଣ୍ଡ ପାଇବା ପରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଆଉ କେନ୍ଦ୍ରରେ ଥିବା ମହିଳା ମାନେ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଏସ୍‌ବିଆଇ ଫାଉଣ୍ଡେସନ ଏବଂ ରାମକି ଫାଉଣ୍ଡେସନକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ





ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସାବୁନଭାଡି ଏବଂ ବାଞ୍ଜିପଦର ନାଳ ଉପରେ ସୁଉଚ୍ଚ ସେତୁର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ। କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକର ଟିପିଗୁଡା ଏବଂ ଡୁମେରଗୁଡାକୁ ସଂଯୋଗୀକରଣ କରୁଥିବା ଏକ ବିଶାଳ ନାଳ ଉପରେ ଏକ ସୁଉଚ୍ଚ ପୋଲ ସହ ୨କିମି ରାସ୍ତା ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଧର୍ମଗଡ ବିଧାୟକ ସୁଧୀର ରଂଜନ ପଟ୍ଟଯୋଷୀ। ସରକାରଙ୍କ ତରଫରୁ ଏଥିପାଇଁ ୨କୋଟି୭୪ଲକ୍ଷ ଟଙ୍କା ମଂଜୁର ହୋଇ ଟେଣ୍ଡର ପ୍ରକ୍ରିୟା ସରିଛି । ସୁଉଚ୍ଚ ପୋଲ ଦୁଇପାଖରେ ଏହା ସହିତ ୨କିମି ପିଚୁରାସ୍ତା ମଧ ନିର୍ମାଣ କରାଯିବ । ଏହି କାର୍ଯ୍ୟ ସରିଲେ ଆଖପାଖର ସମସ୍ତ ପଂଚାୟତର ୪୦ଖଣ୍ଡ ଗ୍ରାମବାସୀ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ କପିଳେଶ୍ୱର ସିଂ, ସହକାରୀ ଯନ୍ତ୍ରୀ ଅନିରୁଦ୍ଧ ଦୋରା, କନିଷ୍ଠ ଯନ୍ତ୍ରୀ ରାଜେଶ ମଣ୍ଡଳ ସମେତ ହିମାଂଶୁ ପଣ୍ଡା, ଅପ୍ରେସ ସ୍ୱାଇଁ, ଚତୁର୍ଭୁଜ ତାଣ୍ଡି, ସ୍ଥାନୀୟ ପଞ୍ଚାୟତ ମାନଙ୍କ ସରପଞ୍ଚ ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ରାଶିଫଳ

ଶନିବାର, ୮ ଫେବୃଆରୀ ୨୦୨୫



**ମେଷ:** ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ । ଶରୀରରେ ଥକାପଣ ଏବଂ ଅଳସୁଆ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ । ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ । ଧାର୍ମିକ ଯାତ୍ରା ଆୟୋଜିତ ହେବ । ଆଜି ଆପଣ ଯାହା ବି ଚେଷ୍ଟା କରୁଛନ୍ତି ତାହା ଭୁଲ୍ ଦିଗରେ ଅଛି।



**ବୃଷ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ । ଅଫିସରେ କାର୍ଯ୍ୟଭାର ହେତୁ ଆପଣ ଅଧିକ ଥକ୍କା ଅନୁଭବ କରିବେ। ସମ୍ଭବତଃ ଆଧ୍ୟାତ୍ମିକତା ପାଇଁ କିଛି ସମୟ ନିଅନ୍ତୁ।



**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ । ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ । ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ । ଗଣେଶଙ୍କ କୃପା ଦିନସାରା ଆପଣଙ୍କ ଉପରେ ରହିବ।



**କର୍କଟ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ । ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ । ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ ।



**ସିଂହ:** ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ । ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ । ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ ।



**କନ୍ୟା:** ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ । ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ । ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ । ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ । ଜମି ଓ ଘରର ଦଲିଲ ସୁବିଧାରେ ରଖନ୍ତୁ । ମହିଳା ଏବଂ ଜଳରୁ କ୍ଷତି ହେବାର ଭୟ ରହିବ ।



**ତୁଳା:** ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ । ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ସାଙ୍ଗମାନଙ୍କ ସହିତ ମିଳନ ହେବ, ମହିଳା ବନ୍ଧୁମାନେ ଉପକୃତ ହେବେ ।



**ବିଛା:** ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ । ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ ।



**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ । ଆଜି ଆପଣ କଠିନ ପରିଶ୍ରମ କରିବା ପରେ ହିଁ ସଫଳତା ପାଇବେ ।



**କୁମ୍ଭ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି । ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ । ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି । ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯